Split by PDF Splitter



କେବଳ ସାଢେ ଆଠଲକ୍ଷ ଟଙ୍କା ଆଦାୟ ହେଲା ମାତ୍ର ତହିଁ ଆଗବର୍ଷ କେବଳ ପାଞ୍ଚଲକ୍ଷଟଙ୍କା ଆଦାୟ ହୋଇଥିଲା । ପକ୍ଷାନ୍ତରେ କାର୍ଯ୍ୟ ଚଳାଇବାର ବ୍ୟୟ ପ୍ରାୟ ଆଠଲକ୍ଷ ହୋଇଥିଲା ସୁତରାଂ ଆୟରୁ ବ୍ୟୟ ଯାଇ କେବଳ ଅଧଲକ୍ଷ ଟଙ୍କା ଲାଭ ଦେଖାଗଲା । ଏଥିପୂର୍ବବର୍ଷମାନଙ୍କରେ କାର୍ଯ୍ୟ ଚଳାଇବାର ବ୍ୟୟକୁ ଆୟ ନିଅଣ୍ଟ ଥିଲା ଓ ପ୍ରତିବର୍ଷ ଆୟ ବୃଦ୍ଧି ହେବାର ଦେଖାଯାଏ ।

ବଙ୍ଗପ୍ରଦେଶରେ ଶୃଙ୍ଖଳାଗାରେ ନାଲ ନିର୍ମାଣ ହୋଇଅଛି । ଯଥା;— ସୋନ ମେଦିନୀପୁର ହିଜଲି ଏବଂ ଓଡିଶା ।

ସୋନନାଲ— ଏ ନାଲଦ୍ୱାରା ବଙ୍କାପଣୀବର୍ଷ ମା ୧୯୭୦୧୮ ଣ ଜମି ଜଳ ପାଇଥିଲା । ଉକ୍ତବର୍ଷ ଆମଦାନୀ ଜଳକର ଟ ୩୭୩୩୧୬୯ ଙ୍କା ନୌକା ମାସୁଲ ଟ ୬୯୩୩୬୯ ଙ୍କା ଏବଂ ବାକେ ଟ ୩୪୯୮୬୯ ଙ୍କା ଗାଏ ଟ ୪୩୭୭୬୭୯ ଙ୍କା ହୋଇଥିଲା । ଏଠାରେ ରବି ଓ ଆଖୁଫସଲ ସକାଶେ ବସ୍ତୁର ଜଳ ନିୟୁକ୍ତ ଓ ଆଖୁଜମିର ଜଳକର ମାଣକୁ ଟ ୫୯ ଙ୍କା ଲେଖାଁଏ ଧାର୍ଯ୍ୟ ଥିବାରୁ ଜଳକରରେ ଆୟ ଅଧିକ ହୁଅଇ । ଗତବର୍ଷଠାରୁ ତହିଁ ପୂର୍ବବର୍ଷରେ ବର୍ଷା ଊଣା ଥିବାରୁ ମା ୬୪୧୬୯୦ ଣ ଜମି ସକାଶ ଜଳ ନିଆଯାଇଥିଲା ମାତ୍ର ଅନେକ ଶସ୍ତ ଦଆଯିବାରୁ ସେ ବର୍ଷର ଆମଦାନୀ ଊଣା ଥିଲା ।

ମେଦିନୀପୁର— ଏ ନାଲଦ୍ୱାରା ବଙ୍କାପଣୀବର୍ଷ ମା ୫୮୬୩୧ ଣ ଓ ତହିଁ ପୂର୍ବବର୍ଷ ମା ୧୯୮୧୯ ଣ ଜମି ଜଳ ପାଇଥିଲା । ଏଥିରେ ଉକ୍ତବର୍ଷର ଆମଦାନୀ ଜଳକର ଟ ୮୫୦୧୪୯ ଙ୍କା ନୌକାମାସୁଲ ଟ ୭୭୩୪୦୯ ଙ୍କା ଏବଂ ବାକେ ଟ ୮୩୫୭୯ ଙ୍କା ଗାଏ ଟ ୧,୭୦,୭୧୦୯ ଙ୍କା ହୋଇଥିଲା । ଏଠାରେ ଜଳକର ବୃଦ୍ଧି ହେବାର ଏହି କାରଣ ନିର୍ଦ୍ଦେଶ ହୋଇଅଛି କି ଖରିଫ ଫସଲର ପ୍ରଥମାବସ୍ଥାରେ ବୃଷ୍ଟିର ପରିମାଣ ଊଣା ଥିବାରୁ ଲୋକେ ନାଲଜଳ ଅଧିକ ନେଲେ ଓ ମଧ୍ୟ ନାଲଜଳର ଆଦର କ୍ରମଶଃ ବଢୁଅଛି ।

ହିଜଲିନାଲ— ଏଠାରେ ଜଳକର ନାହିଁ ଅର୍ଥାତ୍ ଏ ନାଲ ପାଶ୍ୱରେ କ୍ଷେତ ହୁଅଇ ନାହିଁ ଏହା କେବଳ ନୌକା ଗମନାଗମନ ସକାଶେ ହୋଇଅଛି । ବଙ୍କାପଣୀବର୍ଷରେ ଏ ନାଲରୁ ନୌକାମାସୁଲ ଟ ୫୯,୭୬୩୯ ଙ୍କା ଏବଂ ବାକେ ଟ ୧୦୭୦୯ ଙ୍କା ଗାଏ ଟ ୬୦୭୯୩୯ ଙ୍କା ହୋଇଥିଲା ।

ଓଡିଶାନାଲ— ବଙ୍କାପଣୀବର୍ଷରେ ମା ୧୧୭୫୦ ଣ ଓ ତହିଁ ପୂର୍ବବର୍ଷ ମା ୯୮୪୯୫ ଣ ଜମି ଜଳ ପାଇଥିଲା । ଏଥିରୁ ଉକ୍ତବର୍ଷ ଆମଦାନୀ ଜଳକର ଟ ୧୧୬୪୧୬୯ ଙ୍କା ନୌକାମାସୁଲ ଟ ୫୭୦୪୬୯ ଙ୍କା ଏବଂ ବାକେ ଟ ୮୫୪୬୯ ଙ୍କା ଗାଏ ଟ ୧୮୬୦୦୪ ଙ୍କା ହୋଇଥିଲା ।

ଉପରଲିଖିତ ବିବରଣରୁ ଜଣାଯାଏ ଯେ ନାଲକାର୍ଯ୍ୟ ଓଡିଶାରେ ସର୍ବାଗ୍ରେ ଏବଂ ସୋନରେ ସବୁପଛେ ହୋଇଥିଲେହେଁ ସୋନର ରାଜସ୍ୱ ଓଡିଶାଠାରୁ ଅଧିକ ହୋଇଅଛି ଏବଂ ଯେଉଁମାନେ ବରାବର ଅନୁମାନ କରି ଆସୁଅଛନ୍ତି ଯେ ଓଡିଶାପରି ନିମ୍ନଭୂମିଠାରୁ ପଶ୍ଚିମର ଉଚ୍ଚଭୂମି ସକାଶେ ନାଲ ଅଧିକ ପ୍ରୟୋଜନୀୟ ସୁତରାଂ ଆୟ କର ସେମାନଙ୍କ କଥା ଏହାଦ୍ୱାରା ସପ୍ରମାଣ ହେଉଅଛି । ସୋନନାଲମାନ ସେଦିନ ଫିଟିଲା ଜନ୍ତୁ ଏଥିମଧ୍ୟରେ ଏତେ ଆୟବାନ ହୋଇଅଛି । ସୋନର ଆୟ ଆହୁରି ଅଧିକ ହୋଇଥାନ୍ତା ଯେବେ କି ବକାୟାସବୁ ବର୍ଷମଧ୍ୟରେ ଉସୁଲ ହୋଇଥାନ୍ତା । ଏହିପରି ବକାୟା ଓଡିଶା ଓ ମେଦିନୀପୁରରେ ମଧ୍ୟ ପଡିଅଛି କିନ୍ତୁ ତାହା ହେସାବରେ ଆଣିଲେ ମଧ୍ୟ ସୋନର ଫଳ ଊଣା ହୋଇବ ନାହିଁ ।

ପ୍ରତ୍ୟେକ ନାଲର ସନ ୧୮୭୮।୭୯ ସାଲର ମୋଟଜମା ଧରି ତହିଁମଧ୍ୟରୁ ଉକ୍ତବର୍ଷର କାର୍ଯ୍ୟ ଚଳାଇବାର ବ୍ୟୟ କାଟିଦେବାରେ ତଳଲିଖିତ ଫଳ ପ୍ରାପ୍ତ ହୋଇଅଛି ଯଥା—

| | |
|---|---|
| ଓଡିଶା ନାଲର ନିଟ ଆୟ | ଟ ୪୭୮୩ |
| ମେଦିନୀପୁର | ଟ ୫୧୩୪ |
| ହିଜଲି | ଟ ୩୬୮୦ |
| ସୋନ | ଟ ୨୧୯୯୬୧ |
| ଉଠ | ଟ ୨,୭୨,୭୫୮ |

ଅତଏବ ଯଦ୍ୟପି ସମସ୍ତ ଟଙ୍କା ଆଦାୟ ହୋଇଥାନ୍ତା ତେବେ ସୁଧ ତରଣାକୁ ଉପରଲିଖିତ ଟ ୨୭୭୮୫୯ ଙ୍କା ଆଦାୟ ହୋଇପାରନ୍ତା । ଏହା ମୋଟ ସୁଧର ଦଶଭାଗର ଏକଭାଗମାତ୍ର ସୁତରାଂ ନାଲମାନ ଆୟବାନ ହେବାକୁ ଅନେକ ବିଳମ୍ବ ଅଛି ମାତ୍ର ପୂର୍ବବର୍ଷମାନଙ୍କ ତୁଳନାରେ ଫଳ ଉତ୍ସାହଜନକ ଅଟଇ ଶ୍ରୀଯୁକ୍ତ ମାକମିଲନ ସାହେବ ପରୀକ୍ଷାକରି ଦେଖିଅଛନ୍ତି ଯେ ନାଲଜଳ ବ୍ୟବହାର ହେବା ଜମିରେ ମାଣପ୍ରତି ମ ୩୦ ଦଣ ଓ ଜଳ ମଡା ନ ହେବା ଜମିରେ ମାଣପ୍ରତି ମ ୨୦।୨୦ ଧାନ ଫଳଇ ଓ ଛଣ ମଧ୍ୟ ଅଧିକ ହୁଅଇ ଟଙ୍କାକୁ ସେ ୪୦ ର ହିସାବରେ ଧାନ ଓ ଛଣର ମୂଲ୍ୟ ମିଶି ଟ ୧୧୫ ହେବ ତହିଁରୁ ଜଳକର ଟ ୧୫ କାଟିଦେଲେ ନାଲଜଳ ମଡା ଜମି ମାଣପ୍ରତି ଅଧିକା ଟ ୧୦୯ ଙ୍କା ଉତ୍ପନ୍ନ ହୁଅଇ କିନ୍ତୁ ବ୍ରାହ୍ମଣୀତବଜନରେ ଯେ ପରୀକ୍ଷା ହୋଇଥିଲା ତହିଁର ଫଳ ସେପରି ନ ହୋଇ ଅନେକ ଊଣା ଅଛି । ଓଡିଶାର ବିଶେଷ ବିବରଣ ସ୍ଥାନାଭାବରୁ ଆଗାମୀ ସପ୍ତାହକୁ ରହିଲା ।

---

# ସାପ୍ତାହିକସଂବାଦ ।

ଏ ବର୍ଷ ରଥ ଯାତ୍ରାର ଯାତ୍ରୀ ସଂଖ୍ୟା ଅତ୍ୟନ୍ତ ଊଣା ଅଛି କଥିତ ହୁଅଇ ଯେ କାଳାଶୁଚ ହେତୁ ବଙ୍ଗାଳୀ ଯାତ୍ରୀ ଆସି ନାହାନ୍ତି ।

କାଙ୍କୀ ତହସିଲଦାରଙ୍କ ବିରୁଦ୍ଧରେ ଅବଧି ନାଲିଶ ହେବାର ବନ୍ଦ ନାହିଁ । ଅଧିକାଂଶ ମୋକଦ୍ଦମା ଉଠାଇ ନେବା ବିଷୟରେ ଅଟଇ ! ପ୍ରକାଶ୍ୟରେ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ସେ ସମସ୍ତ ଅଭିଯୋଗ ସୁପରିଣ୍ଟେଣ୍ଡେଣ୍ଟଙ୍କ ସୁପର୍ଦ୍ଦ କରି ସ୍ୱୟଂ ଅଟଳ ରହି ଅଛନ୍ତି ଏବଂ ଲୋକମାନେ ତହିଁର ଗୂଢ଼ ରହସ୍ୟ ବୁଝିବାକୁ ବ୍ୟସ୍ତ ହେଉ ଅଛନ୍ତି । ତାହାଙ୍କରେ ଏତେ ମଠ ହେବାର କାରଣ କି ?

ଏଥର ବାଲେଶ୍ୱରର ପୌଷର ମିସଲ ଦୀର୍ଘକାଳ ବ୍ୟାପୀ ହେଲା ଶ୍ରୀଯୁକ୍ତ ଜଜ ସାହେବ ଗତ ମାସ ତା ୧୨ ରିଖରେ ସେଠାକୁ ଯାଇ ଥିଲେ ଗତ କାଲି ଫେରି ଆସିଲେ ।

ରାଜା ୨ ୟ ଚାର୍ଲସଙ୍କ ସମୟରେ ହେନରି ଜେନକିନ୍ସ୍ ନାମରେ ଲଣ୍ଡନରେ ଏକ ବ୍ୟକ୍ତି ଥିଲେ । ଯେତେବେଳେ ତାହାଙ୍କର ବୟସ କି ୧୭୦ ର୍ଷ ହୋଇଥିଲା ତେତେବେଳେ ସେ ଲଣ୍ଡନ ପର୍ଯ୍ୟନ୍ତ ଚାଲି ଆସି ରାଜାଙ୍କ ସଙ୍ଗେ ସାକ୍ଷାତ କରି ଥିଲେ । କି ୧୦୦ ର୍ଷରୁ ଉର୍ଦ୍ଧ୍ୱ ବୟସ ପର୍ଯ୍ୟନ୍ତ ତାହାଙ୍କର ସନ୍ତାନ ସନ୍ତତି ହେଉଥିଲେ । ତାହାଙ୍କର ଦୀର୍ଘାୟୁର କାରଣ ରାଜା ପଚାରିବାରେ ସେ କହିଲେ କି ଶାରୀରିକ ପରିମିତାଶ୍ରମ ଏବଂ ମଦ୍ୟାଦି ସେବନ ପରିହାରଦ୍ୱାରା ଜୀବନଯାତ୍ରା ନିର୍ବାହ କରିବାରୁ ଈଶ୍ୱରଙ୍କ ଅନୁଗ୍ରହରୁ ସେ ଏତେକାଳ ବଞ୍ଚି ଅଛନ୍ତି । ଏହାଙ୍କର କି ୧୬୯ ର୍ଷ ବୟସରେ ମୃତ୍ୟୁ ହେଲା । ଏଥିରୁ ପାଠକମାନେ ଅନୁମାନ କରିପାରନ୍ତି ଯେ ପୂର୍ବକାଳର ଲୋକମାନେ ପରିମିତାଶ୍ରୟ ଯୋଗୁଁ ଦୀର୍ଘାୟୁ ହେଉଥିଲେ ଓ ବର୍ତ୍ତମାନ ଲୋକମାନେ ଅଧିକ ସ୍ୱେଚ୍ଛାଚାରୀ ହେବାରୁ ସ୍ୱଳ୍ପାୟୁ ହେଉଅଛନ୍ତି ।

ଲର୍ଡ ଲିଟନଙ୍କ ବିଦାୟ ଉପଲକ୍ଷରେ ଏପର୍ଯ୍ୟନ୍ତ କେବଳ କଲିକତାର ମୁସଲମାନଙ୍କ ସାହିତ୍ୟ ସଭାରୁ ଗୋଟି ଏ ଅଭିନନ୍ଦନ ପତ୍ର ପ୍ରଦତ୍ତ ହୋଇଅଛି । ନବାବ ଅବଦୁଲ ଲତିଫଖାନ ବାହାଦୁର ଏ ସଭାର ସମ୍ପାଦକ ଅଟନ୍ତି । ଲର୍ଡ ଲିଟନ ଏସଭାର ମୁରବିଗିରି କରି ଥିଲେ ଏବଂ ଏହାଙ୍କ ଅନୁଗ୍ରହରୁ ମୌଲବି ଅବଦୁଲ ଲତିଫଖାନ ନବାବ ପଦ ପାଇ ଅଛନ୍ତି ।

ଲର୍ଡ ଲିଟନ ଗତ କାଲି ବମ୍ବେଇରେ ପହଞ୍ଚି ଅଦ୍ୟ ସେଠାରୁ ହିମାଲୟ ନାମକ ଜାହାଜରେ ବିଲାତକୁ ଯାତ୍ରା କରିଥିବେ ଅନ୍ତତଃ ଏହିପରି ଦିନ ଧାର୍ଯ୍ୟ ହୋଇ ଥିଲା ।

ସିମଲାରେ ଏ ସମୟରେ ଏକ ପ୍ରକାର ଉଦର ରୋଗ ଉଦୟ ହୋଇ ବହୁତ ଲୋକଙ୍କୁ କଷ୍ଟ ଦେଉଅଛି । ସିମଲାର ଜଳବାୟୁରେ ଯେବେ ରୋଗ ଜାତ ହେଲା ତେବେ ମହାମାନ୍ୟ ଗବର୍ଣ୍ଣର ଜେନେରଲ୍ ସାହେବ କେଉଁଠାରେ ରହିବେ?

— ମାନ୍ଦ୍ରାଜ ମେଲରେ ପାଠ କଲୁଁ ଯେ ତ୍ରିବାଙ୍କୁରର ମୃତ

Digitized by srujanika@gmail.com

Split by PDF Splitter



ମହାରାଜା ସମସ୍ତ ଶ୍ରେଣୀର ଲୋକଙ୍କର ଆଦରଣୀୟ ହୋଇ ଥିଲେ । ତାହାଙ୍କ ପୀଡ଼ାବସ୍ଥାରେ ଖ୍ରୀଷ୍ଟିୟାନମାନେ ସୁଦ୍ଧା ତାହାଙ୍କ ଆରୋଗ୍ୟ ଉଦ୍ଦେଶ୍ୟରେ ବିଶେଷ ଗିର୍ଜା କରି ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରିଥିଲେ । ମହାରାଜାଙ୍କର ଆପଣା ସ୍ତ୍ରୀ ସଙ୍ଗେ ଉତ୍ତରକାଳରୁ ବିବାଦ ଥିଲା । କିନ୍ତୁ ଯେତେବେଳେ ପୀଡ଼ା ଅଧିକ ହେଲା ତେତେବେଳେ ସେ ଆପଣା ପତ୍ନୀଙ୍କୁ ଡାକି ତାହାଙ୍କ ସଙ୍ଗେ ମିଳିଲେ ସେହି ଦିନଠାରୁ ଦୁଇ ଜଣଙ୍କ ମଧ୍ୟରେ ବହୁ ସ୍ନେହ ଏମନ୍ତ ବଢ଼ିଲା ଯେ ରାଣୀ ଆଉ ଘର ହେଲେ ନାହିଁ ଓ ମୃତ୍ୟୁକାଳ ପର୍ଯ୍ୟନ୍ତ ରାଜାଙ୍କର ସେବାରେ ତାହାଙ୍କ ପାଖ ନିଯୁକ୍ତ ରହିଲେ ।

ବୋମ୍ବଇସ୍ୱାର ଡାକ ଘରରେ ଏକ ଭୟଙ୍କର ଚୋରି ହୋଇ ଯାଇଅଛି । ଗତ ମାସ ତା ୧୬ ରଖ ସନ୍ଧ୍ୟାରେ ଚୋରମାନେ ଏକ କାଠର ସିନ୍ଦୁକ ଭାଙ୍ଗି ୬୫୦୦୦ଙ୍କା ନଗଦ ବାହାର କରି ନେଇ ଗଲେ । ସମ୍ପ୍ରତି ଇନ୍‌ସ୍ପେକ୍‌ଟରଙ୍କଦ୍ୱାରା ସଙ୍ଗତ ତଦାରଖ ହେଉଅଛି । ଡାକ ଘରରେ ପ୍ରାୟ ବନ୍ଦବସ୍ତ ମନୁଷ୍ୟ ଜଗି ଥାନ୍ତି ତେବେ କିପରି ଚୋରି ହେଲା ?

ବର୍ତ୍ତମାନର ମହାରାଜା ଆପଣା ଶଶୁରଙ୍କ ଉପକାର ନିମିତ୍ତ କଟକରେ ଭ୍ରମଣ କରୁଅଛନ୍ତି ଏବଂ ଡାକ୍ତର ମୋହେନ୍ଦ୍ର ଲାଲ ଗୁପ୍ତ ତାହାଙ୍କ ସଙ୍ଗରେ ଅଛନ୍ତି ।

ଉତ୍ତର ପଶ୍ଚିମ ପ୍ରଦେଶର ୧୨ ଜିଲା ମଧ୍ୟରୁ ୭ ଜିଲାରେ ଓଳଉଠା ରୋଗ ଆରମ୍ଭ ହେବାର ସମ୍ବାଦ ଆସିଅଛି । ଅନ୍ୟାନ୍ୟ ପ୍ରଦେଶରେ ଏ ରୋଗ ଦେଖା ନାହିଁ ବଡ ସୁଖର ବିଷୟ ଅଟଇ ।

ଗତ ମାସ ତା ୨୨ ରଖରେ ଶ୍ରୀଯୁକ୍ତ ପିଲର୍ ସାହେବ ହାଇକୋର୍ଟର ବେଞ୍ଚରେ ମାନ୍ୟବର କାକ୍‌ସନ୍ ସାହେବଙ୍କ ସ୍ଥାନରେ ବସିଲେ ।

---

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଆପଣଙ୍କର ବିଖ୍ୟାତ ପତ୍ରିକାରେ ଆମ୍ଭର ଏହି ପତ୍ରଖଣ୍ଡକୁ ସ୍ଥାନଦାନ କଲେ ଅତ୍ୟନ୍ତ ବାଧିତ ହେବୁଁ ।

ଆପଣଙ୍କର ଗତ ତା ୧୯ ରଖ ଦୀପିକାର ପୃ ୯୮ ସ୍ତମ୍ଭ ଲିଖିତ ଶ୍ୟାମବଜାର ଚୌକସ୍ଥ ଗଞ୍ଜ ବିଷୟ ପାଠ କରି ଯେ ପରମାଣରେ ଆଶ୍ଚର୍ଯ୍ୟ ହେଲୁଁ ସେହି ପରମାଣରେ ଦୁଃଖିତ ମଧ୍ୟ ହେଲୁଁ, ବିଷୟଟି ପାଠ କଲା ଦିନରୁ ସ୍ପଷ୍ଟ ଜଣା ଯାଉ-ଅଛି ଆପଣ ସେଥିର ସମସ୍ତ କାଗଜପତ୍ରରୁ ଅବଗତ ହୋଇ ନାହାନ୍ତି କେବଳ ଶୁଣିଅଛନ୍ତି ।

ଶ୍ୟାମବଜାରରେ ପୂର୍ବବତ୍ ଗଞ୍ଜ ପିଟାଇବା ବିଷୟର ଦରଖାସ୍ତ କେବଳ ଯେ କେତେକ ବଣିଆମାନେ କରିଅଛନ୍ତି ଏପରି ନୁହେ ଯେଉଁ ପ୍ରଜାମାନଙ୍କ ହାଟ ଅନେକ ଦୂର ଓ ଯେଉଁମାନଙ୍କ ହାଟକୁ ଚାଉଳ ବିକି କଟେଶ୍ୱର, ସ୍ଥାଲ ଓ ଆପଣା ଆପଣା ଧନ୍ଦାରେ ଯିବାକୁ କଷ୍ଟ ହୁଏ ସେମାନେ ମଧ୍ୟ ସେଥିରେ ଅଛନ୍ତି । ଚଉଧୁରୀ ବଜାର ହାଟରେ ସରକାର ବାହାଦୁରଙ୍କର ଅନେକ ଅର୍ଥ ନଷ୍ଟ ହୋଇଅଛି ଓ ଶ୍ରୀଯୁତ ବ-ମସ୍ ସାହେବ ପ୍ରଜାମାନଙ୍କୁ କଷ୍ଟ ଦେଇ ସେ ହାଟକୁ ଜାରି କରିଅଛନ୍ତି ସତ୍ୟ କିନ୍ତୁ ସେ ହାଟ-ଦ୍ୱାରା ନଗରର କେତେକ ଜଣ ଲୋକଙ୍କର ଉପକାର ହେଉଅଛି । ଆଉ ସେ ହାଟ ଯେଉଁ ଉଦ୍ଦେଶ୍ୟରେ ଜାରି ହୋଇଥିଲା ତାହା ସଫଳ ହେଉଅଛି ? କେବଳ ଶ୍ରୀଯୁତ ବମସ୍ ସା-ହେବଙ୍କର ଧମକ ଭୟରେ ଅନ୍ୟାଏ ଯଥା କଥା କରି କାର୍ଯ୍ୟ ଚଳିଯାଉଅଛି, ସେ ହାଟରେ ଦଣ୍ଡିଦାରମାନେ ଆପଣା ଇଚ୍ଛା ମତେ କେତେ-ବେଳେ ଟଙ୍କା ଭାଉ କେତେବେଳେ ଭଣା ଭାଉରେ ବିକ୍ରୀ କରୁଅଛନ୍ତି କେହି ଦେଖିବାକୁ ନାହିଁ, ଗଞ୍ଜଠାରେ ପ୍ରତିଦିନ ଥାନାଦ୍ୱାରା ତଦନ୍ତ ହେଉଥିଲା ଓ ମହଙ୍ଗା ହେଲେ ପୁଲିସ ତହିଁର କାରଣ ତଦନ୍ତ କରୁଥିଲା । ଏ ଗଞ୍ଜ ଉଠି ଯିବାରୁ ଆଉକାଲି ନାନାଜାଗାରେ ଗଞ୍ଜ ହୋଇ ଅଛି, ତେଲଙ୍ଗାବଜାରେ ଦଣ୍ଡିଆମାନେ ଇଚ୍ଛା ମତେ ଏକଗଞ୍ଜ କରିଅଛନ୍ତି ପୁଣି ଦଣ୍ଡିଆମାନେ ଘରେ ମଧ୍ୟ ଚାଉଳ ବିକ୍ରୀ କରୁଅଛନ୍ତି ଦେଖୁଁ ଦେଖୁଁ । ନୂତନ ହାଟରେ ସରକାର ବାହା-ଦୁରଙ୍କର ଅନେକ ଖର୍ଚ୍ଚ ହୋଇଅଛି ବୋଲି ଯେ ଗଞ୍ଜ ପିଟିବ ନାହିଁ ଏଥିର କାରଣ କଣ ? ଗଞ୍ଜରେ କି ସରକାରଙ୍କର ଖର୍ଚ୍ଚ ହୋଇ ନାହିଁ ? ଏହି ହାଟରେ ଅଳ୍ପଦିନ ହେଲା ଖର୍ଚ୍ଚ ହୋଇଥିବା ଯୋଗୁଁ ସେହିଟା ମନେ ଅଛି ଗଞ୍ଜଖର୍ଚ୍ଚ ବିସ୍ମୃତ ହୋଇଗଲା ବୋଲି ମନରୁ ପାସୋର ହୋଇ ଗଲା । କେ ଦେବ ଏ କଥା କାହାକୁ କହିବା !!! ଏହି ଗଞ୍ଜକୁ ପୂର୍ବେ ଯେଉଁ ହାକମମାନେ ସ୍ଥା-ପନ କରିଥିଲେ ଓ ଆଜିପର୍ଯ୍ୟନ୍ତ ଯେତେ ମେଜଷ୍ଟରମାନେ ଏ ଜିଲାକୁ ଆସିଅଛନ୍ତି ସେ-ମାନେ ଉକ୍ତ ଗଞ୍ଜକୁ ଉଦନୁସାରେ ସ୍ଥାୟୀ କରି ଆସିଥିଲେ ସେମାନେ କି ଅମନୁଷ୍ୟ ଓ ଅବିବେକ ଥିଲେ । କେବଳ ଶ୍ରୀଯୁତ ବମସ୍ ସାହେବଙ୍କ କଣ୍ଠର କି କଣ୍ଠର ? ବମସ୍ ସାହେବ ଆପଣା ନାମକୁ ଚିରସ୍ଥାୟୀ କରିବା ଆଶାରେ ଅଧିକାଂଶ ପ୍ରଜାମାନଙ୍କୁ କଷ୍ଟଦେଇ ଯବରଦସ୍ତି ଏ କୀ-ର୍ତ୍ତିଟି କରିଯାଇଅଛନ୍ତି ।

ଆମ୍ଭେମାନେ ନିରପେକ୍ଷ ଭାବେ କହୁଅଛୁଁ ଯେ ନୂଆ ହାଟଦ୍ୱାରା ନଗରର ଅଳ୍ପାଂଶ ପ୍ରଜାଙ୍କର ହାଟ ବଜାର କରିବା ନିମନ୍ତେ ବହୁ କଷ୍ଟ ହେଉଅଛି ବିଶେଷତଃ ଶ୍ୟାମବଜାର, ବାଲୁବଜାର, ମମଦିଆ ବଜାର, ଡଗରପଡ଼ା, ଅଲିସା ବଜାର, ହସନାବାଦ, ମାଳସାହି ପଠାଣ ଭୁଲଣୀପୁର ଓ କଡ଼ନାଶିର ପ୍ରଜାମାନେ ଅଧିକ କଷ୍ଟ ପାଉଅଛନ୍ତି । ମନେ କରନ୍ତୁ ଭୁଲଣୀପୁର କି ବଡ଼ନାଶିର ଜଣେ ଦୁଃଖୀ ପ୍ରଜା ମୂଲରୁ ଆସି ରାତିରେ ହାଟକୁ ଆସି ହାଟରୁ ଚାଉଳ ନେଇ ରୋଷାଇ କରି ଖାଇ ପୁଣି ଆଉଥରେ ଆପଣା ଦୁଃଖକୁ ଯାଇ ପାରିବଟି ? କଦାଚ ସମ୍ଭବ ହେବ ନାହିଁ ଦେଖନ୍ତୁ ଯେବେ ଗରିବ ଓଳିଏ ଦୁଃଖ ମାଗି କରିବ ତେବେସିନା ସେ ହାଟରୁ ଚାଉଳ କିଣିବାକୁ ଆସିବ । କେଡେ କଷ୍ଟ !! ଏଥି ସକାଶେ ଯେ ନୂଆ ହାଟକୁ ଏକାବେଳକେ ଉଠାଇ ଦେବାର ମାନସ ତାହା ନୁହେ କି ଗଞ୍ଜ ପିଟିଲେ ନଗରର ସମସ୍ତ ଅଂଶର ଲୋକମାନଙ୍କର ଉପକାର ହେବ ତାହା ମଧ୍ୟ ନୁହେ ନଗରର ଉଭୟ ପାର୍ଶ୍ୱରେ ଦୁଇଗୋଟି ହାଟ ହେବାର ଅତ୍ୟନ୍ତ ଆବଶ୍ୟକ ଓ ଏହି ଦୁଇ ହାଟଦ୍ୱାରା ନଗରର ଚତୁଃସୀମା ଲୋକ-ମାନଙ୍କର ଅନେକ ସୁବିଧା ହେବ ।

ପୁଣି ଗଞ୍ଜରେ ବହୁ କାଳରୁ ଆମ୍ଭମାନଙ୍କ ହିନ୍ଦୁଧର୍ମର ଠାକୁର ଶ୍ରୀ ଶ୍ରୀ ଜଗନ୍ନାଥ ବିଜେ କରି ଥିଲେ ବର୍ତ୍ତମାନ ଜଗନ୍ନାଥଙ୍କୁ ପଦାରେ ପକାଇ ଦେଇ ସେଠାରେ ମିଉନିସିପାଲିଟୀର ନିଶାଣ ଘଘାଇ କରିଖାନା ହୋଇଅଛି ଓ କଏଦୀ ମେହନ୍ତରମାନେ ବାସ କରୁଅଛନ୍ତି । ଚତୁର୍ଦ୍ଦି-ଗରେ ହିନ୍ଦୁ ମଝିରେ ମେହନ୍ତର ପଦାରେ ଶ୍ରୀ ଜଗନ୍ନାଥ ଏକଷ୍ଟି କୃଷ୍ଣ କଷ୍ଟରୁ ବଳିଅଛି । ଏଣୁ ଶ୍ରୀମାନ ଏତେ କାଳରେ ସୌଭାଗ୍ୟ ବଳରୁ ଦଣ୍ଡ ଫେଇବାର ଆଶା ଦେଖା ଗଲା-ମାନଙ୍କେ ମଝିରେ ଟେଣ୍ଟା ପକାଇ ଦେବାର କଦାଚ ଉଚିତ ନୁହେ ଅଥବା ଗଡ଼ବଙ୍କ ପକ୍ଷ ହୋଇ ଦୁଇକଥା ଲେଖିବାର ଆବଶ୍ୟକ ଏ-ଥିରେ କାହାର ଅନଷ୍ଟ ହେବ ନାହିଁ ବରଂ ଅନେକ ଲୋକଙ୍କର ଉପକାର ହେବ ।

ଉପସଂହାର ସ୍ଥଳେ ଆମ୍ଭମାନଙ୍କର ସୁଯୋଗ୍ୟ ମାଜିଷ୍ଟ୍ରେଟ ଶ୍ରୀଯୁତ ପଷି ସାହେବଙ୍କୁ ବିନୟ ପୂର୍ବକ ଏହିକା ପ୍ରାର୍ଥନା ଯେ ପୂର୍ବବତ୍ ଶ୍ୟାମବ-ଜାରର ପତିତ ଗଞ୍ଜକୁ ପୁନଃ ସ୍ଥାପନ କରା-କାହାରି ଦୁଃଖିପ୍ରଜାମାନଙ୍କର କଷ୍ଟ ଦୂର କରି ଗୋଟିଏ କୀର୍ତ୍ତିସ୍ତମ୍ଭ ସ୍ଥାପନ କରନ୍ତୁ । ଇତି ।

କଟକ } ନିବେଦନ
୨୮।୬।୮୦ } କେତେକ ଜଣ ଦୁଃଖିପ୍ରଜା ।

---

ଏହି ଉତ୍କଳଦୀପିକା ସହର କଟକ ତଉସୀଲଦାର ବଜାର ଡିସିଂହମାନଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



ଅତିରକ୍ତ ଉତ୍କଳଦୀପିକା ତା ୭ ରଖ ମାହେ ଜୁଲାଇ ସନ ୧୮୮୦ ମସିହା ।

# NOTICE.

A new shop, specially for the repair of Mechanical instruments and things (such as Watch, Clock, Time piece, Sewing machine &c.) and gold and silver guilt of all sorts of metals, also needle work of different sorts of lace and thread, also silk and also Quicksilvering to looking glass, has been established at Bukshi Bazar. The undersigned begs to respectable Ladies and Gentlemen of this place for kindly sending articles if they have any for repairs or guilt without any doubt. The work will be of a quality superior to a any work of the kind yet done in the station, in every respect, resembling with that of a European make. The charges for the above work will be according to the expenditure and labor all under the lowest rate.

ABDOOL SAMUD
*Son of Moulavi Mahomed Sultan*
*BUKSHI BAZAR*
*CUTTACK.*

# ବିଜ୍ଞାପନ ।

କଳ ଇତ୍ୟାଦି ମରାମତି କର୍ମ ଯଥା ; ଘଡ଼ୀ, ଓ୍ୱାଚ୍, ଟାଇମ୍ ପୀସ୍, ଓ ସିଇଁବା ଯନ୍ତ୍ର ଏବଂ ସୁନା ରୁପା ଇତ୍ୟାଦି ଧାତୁର ଗିଲ୍‌ଟୀ ଓ ଭିନ୍ନ ୨ ରକମର ଲେସ୍ ସୂତା ଓ ରେସମ ସିଲାଇ କରିବା ଓ ଅଇନାରେ ପାରା ଦେବା କର୍ମମାନଙ୍କର ଏକ ନୂତନ ଦୋକାନ ବକ୍ସୀ ବଜାରରେ ଆମ୍ଭେ କରିଅଛୁଁ । ଆମ୍ଭେ ଏଠାର ଭଦ୍ର ଲୋକ ଏବଂ ମହାରାଜା ଓ ରାଜା, ଜମିଦାର ଓ ଲେଡୀ ଓ ବାବୁମାନଙ୍କୁ ଏତଦ୍ୱାରା ଜଣାଉଅଛୁଁ ଯେ ଯେବେ ସେମାନଙ୍କ ଅମରାମତି କମ୍ବା ଗିଲ୍‌ଟୀ କର୍ମ ଥାଏ ତାହା ଆମ୍ଭ ନିକଟକୁ ପଠାଇ ଦେଲେ ସେ ସବୁ ଆମ୍ଭେ ଉତ୍ତମରୂପେ କରିଦେବୁଁ ଓ ସେ କର୍ମ ଠିକ ବିଲାତି କର୍ମର ତୁଲ୍ୟ ହେବ ଏବଂ ତାହାର ଖର୍ଚ୍ଚା ପରିଶ୍ରମ ଓ ଖର୍ଚ୍ଚ ଅନୁଯାୟୀ ଅନ୍ୟ କାରିଗରଙ୍କ ମରମତି ପ୍ରତି କମତି ହେବ ।

ଅବଦୁଲ୍ ସମଦ
ମୌଲବୀ ମହମ୍ମଦ ସୁଲତାନଙ୍କ ପୁତ୍ର
ବକ୍ସୀ ବଜାର
କଟକ

☞ ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

122

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୫ ଗ
ସଂ ୨୮ ଖ୍ୟା

ତା ୧୦ ଇଂ ମାହେ ଜୁଲାଇ ସନ ୧୮୮୦ ମସିହା । ମୂ । ଅଷାଢ ଦ ୨୧ ନ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬
ମଫସଲପାଇଁ ଡାକମାସୁଲ ଟ ୧।୵

ଏ ସପ୍ତାହରେ ଋତୁର ଅବସ୍ଥା ବଦଳ ହୋଇଅଛି । ସବୁ ଦିନ ମେଘାଚ୍ଛନ୍ନ ଓ ସମୟ ସମୟରେ ବୃଷ୍ଟି ହୋଇ ଦୁଇଦିନହେଲା ସୂର୍ଯ୍ୟଙ୍କ ସହିତ ସାକ୍ଷାତ ହୋଇଅଛି । ନଦୀ ବଡ ପ୍ରବଳ ହୋଇଥିଲା ଯହିଁରେ କାଟେ ହରିହରପୁର ସାଇଆର ଓ କୋଦଣ୍ଡା ପ୍ରଗନା-ମାନଙ୍କରେ ବନ୍ଧମାନ ଭଙ୍ଗି ଯାଉଅଛି । ପ୍ରଥ-ମୋକ୍ତ ପ୍ରଗନାରେ ଅନେକ ବନ୍ଧ ଭାଙ୍ଗିଅଛି ଓ କ୍ଷେତ ହାଟବାଟ ପାଣିରେ କତିଦିନ ବୁଡି ରହିବାରୁ ଲୋକମାନଙ୍କର ବଡ କଷ୍ଟ ହୋଇ ଥିଲା । କେଉଁଠାରେ କେଉଁ ମାଣରେ କ୍ଷତି ହୋଇଅଛି ଜଣା ପଡ଼ି ନାହିଁ । ଯାହା ହେଉ ଗତ ମଙ୍ଗଳବାରଠାରୁ ନଦୀ ଅନେକ ଛାଡ଼ି ଯାଇଅଛି ଏବଂ ଯେଉଁଠାରେ ଫସଲ ନଷ୍ଟ ହୋଇଥିବ ସେଠାରେ ଏଣିକି ଆଉ ଦୁର୍ଘଟଣା ନ ହେଲେ ଏକପ୍ରକାର ଆବାଦ କରିବାର ସମୟ ଅଛି ।

—*—

ଯେଉଁ ଦୁଇଜଣ ମୋହରରଙ୍କ ନିଯୋଗ ପକ୍ଷରେ କମିଶନର ଆପତ୍ତି କରିବାର ଆମ୍ଭେ-ମାନେ ଗତ ସପ୍ତାହରେ ଲେଖିଥିଲୁଁ ଯହିଁ ମଧ୍ୟରୁ ଜଣଙ୍କର ମୁକରରୀ ସାହେବ ପ୍ରଶଂସିତ ମଞ୍ଜୁର କରି ଆଦେଶ କରିଅଛନ୍ତି ଯେ ଭବି ଷ୍ୟତରେ ସୁଶିକ୍ଷିତ ବ୍ୟକ୍ତି ବିନା ଅନ୍ୟ କାହାରକୁ ନିଯୁକ୍ତ କରା ନ ଯିବ । ସେ ବୋଲନ୍ତି ଅବିଦ୍ୱାନ୍ ତାଇଦନବିସ ଅପେକ୍ଷା ବିଦ୍ୱାନ୍ ବ୍ୟକ୍ତିଙ୍କ ଦ୍ୱାରା

ଅଗ୍ରଗଣ୍ୟ ଯଦିଓ ଶେଷୋକ୍ତ ବ୍ୟକ୍ତି ନୂତନ କର୍ମରୁ ଅନଭିଜ୍ଞ ଥାନ୍ତି ତଥାପି ସେମାନେ ଅଳ୍ପ ଦିନ ମଧ୍ୟରେ କର୍ମ ଶିଖି ଅତି ଉତ୍ତମରୂପେ କର୍ମ ଚଳାନ୍ତି ଓ ଅବିଦ୍ୱାନ୍ ତାଇଦନବିସ୍ ଅପେକ୍ଷା ଅନେକ ପରିମାଣରେ ଉତ୍କୃଷ୍ଟ ହୁଅନ୍ତି । କେହି ତାଇଦନବିସ୍ ହେଲା ବୋଲି ଯେ କର୍ମ ପାଇବ ଏମନ୍ତ କିଛି ନିୟମ ନୁହେ । ଉତ୍ତମ । ଆମ୍ଭେମାନେ କହୁଁ ତାଇଦନବିସରେ ଉପଯୁକ୍ତ ଲୋକ ଦେଖି ନିଯୁକ୍ତ କଲେ ସବୁ ନଷ୍ଟ ଯିବ ।

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ଶୁନ୍ଦବାଲିଠାରୁ ଚନ୍ଦ୍ରଖ ପର୍ଯ୍ୟନ୍ତ ଯେଉଁ ସଡ଼କ ଅଛି ତାହାକୁ ଜଗନ୍ନାଥସଡ଼କ ପରି ଉତ୍ତମ କରିବା ବିଷୟରେ ଗବର୍ଣ୍ଣମେଣ୍ଟ ବାଲେଶ୍ୱରର ରୋଡ଼ସେସ ସଭାକୁ ଅନୁରୋଧ କରିଥିଲେ ଏବଂ ଯହିଁରେ ପଞ୍ଚାଶହଜାର ଟଙ୍କା ବ୍ୟୟ ହେବାର ଅନୁମାନ କରି ତହିଁ ମଧ୍ୟରୁ ଟ ୨୦,୦୦୦ ଟଙ୍କା ଦେବାକୁ ଅଙ୍ଗୀକାର କରିଥିଲେ । ଅବଶିଷ୍ଟ ଟ ୩୦,୦୦୦ ଟଙ୍କା ରୋଡସେସ କମିଟୀ ଦିଅନ୍ତେ ମାତ୍ର କମିଟୀ ସେ ସଡ଼କରେ ଆଉ ଟଙ୍କା ବ୍ୟୟ କରିବାର ଯୁକ୍ତିଯୁକ୍ତ ଜ୍ଞାନ କଲେ ନାହିଁ କାରଣ ଯେଉଁ ସଡ଼କ ଅଛି ତଦ୍ଦ୍ୱାରା ଉତ୍ତମରୂପେ ସର୍ବ-ସାଧାରଣଙ୍କ ପ୍ରୟୋଜନ ସାଧନ ହେଉଅଛି । କମିଟୀକୁ ସ୍ୱାଧୀନ ବକ୍ତୃତା ନିମିତ୍ତ ଆମ୍ଭେମାନେ ମଧ୍ୟ ଧନ୍ୟବାଦ ଦେଉ ଅଛୁଁ ।

ବାଲେଶ୍ୱରର ଗତ ସେସନରେ ଗୋଟିଏ ଭୟାନକ ହତ୍ୟା ଅପରାଧର ବିଚାର ହୋଇ ଥିଲା । ସୋରୋ ଏଲାକା କୋଡାଇର ପହରାଜ ଙ୍କର ଗୋକୁଳମହାନ୍ତି ନାମରେ ଜଣେ ଗୁମାସ୍ତା ଥିଲା ସେ ପ୍ରଜାଙ୍କଠାରୁ ବଳ ଛଡାଛଡି କରି ଏହା ବଳ ତାହାକୁ ଦେଇ ଯଣେ ଉପାର୍ଜନ କରୁଥିଲା ଓ ଆସାମିମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଜମିଦାରଠାରେ ଜରିମାନା ଦିଆଇ ଥିଲା । ବୋଧ ହୁଅଇ ପ୍ରଜାମାନେ ତାହାକୁ ସାଧାରଣ ଶତ୍ରୁ ମନେ କରୁଥିବେ । ଏଥିପାଇଁ କେତେଜଣ ପ୍ରଜାମିଶି ତାହାକୁ କୌଶଳରେ ଜଙ୍ଗଲ ଆଡ଼କୁ ଡାକନେଇ ତାହା ଗଳାରେ ବାଉଁଶ ଚିପି ଓ ଅନ୍ୟାନ୍ୟ ନିର୍ଦ୍ଦୟ ବ୍ୟବହାର କରି ତାହାର ପ୍ରାଣ ନେଲେ । ଛଅଜଣ ଆସାମି ଉପରେ ଅପରାଧ ପ୍ରମାଣ ହେବାରୁ ଜଜସାହେବ ଚାରି-ଜଣ ପ୍ରତି ଫାଶି ଏବଂ ଦୁଇଜଣ ପ୍ରତି ଯାବଜ୍ଜୀ-ବନ କାରାବାସଦଣ୍ଡ ବିଧାନ କରି ଅଛନ୍ତି । ଦୁଷ୍ଟମତି ଗୁମାସ୍ତା ଓ ଜମିଦାରଙ୍କୁ ଏଥିରୁ ଶିକ୍ଷା ଲାଭ କରିବାର ଉଚିତ ।

କେଉଁଝରର ମହାରାଜା ପାଳନହଡାର ସ୍ୱଜାଙ୍କ ଉପରେ କରଣୀ ବୃଦ୍ଧି କରିବାହେତୁରେ ଏଠା ସୁପରିଣ୍ଟେଣ୍ଡେଣ୍ଟ ମହଲୁମାନେ ନାଲିଶ କରିଥିଲେ । ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ସ୍ମିଥସା-ହେବ ଉଭୟପକ୍ଷର ବର୍ଣ୍ଣନା ଓ ଉକିଲଙ୍କର ବାଦାନୁବାଦ ଶୁଣି ଆପଣାର ମନ୍ତବ୍ୟ ସହିତ

Digitized by srujanika@gmail.com

Split by PDF Splitter



ଗବର୍ଣ୍ଣମେଣ୍ଟଙ୍କର ବନ୍ଦୋବସ୍ତନିମିତ୍ତ ରପୋର୍ଟ ପଠାଇ ଅଛନ୍ତି କାରଣ ଏଥିରେ ବନ୍ଦୋବସ୍ତ କରିବାକୁ ତାଙ୍କର ଅଧିକାର ନାହିଁ । ସାହେବପ୍ରଶଂସିତ ମକଦ୍ଦମା ଶୁଣିବାଦିନଠାରୁ ଯେଉଁ ଭାବ ପ୍ରକାଶ କଲେ ତହିଁରୁ ଜଣାଯାଏ ଖଡଗା ବୃଦ୍ଧି ସଙ୍ଗେ ସେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିନାହାନ୍ତି ଗବର୍ଣ୍ଣମେଣ୍ଟ ତ ବନ୍ଦୋବସ୍ତ କରିବେ ତାହା ଯଥାସମୟରେ ପ୍ରକାଶ ହେବ କିନ୍ତୁ ଅମ୍ଭେମାନେ ଦମ୍ଭର କରୁଁ ଯେ ମହାରାଜା ପାଲଲହଡାଙ୍କୁ ଯେପରି ନୂତନ ମନେ କରନ୍ତି ଗବର୍ଣ୍ଣମେଣ୍ଟ ପ୍ରାୟ ତହିଁରେ ଐକ୍ୟ ହେବେ ନାହିଁ ଆଉ ମହାରାଜାଙ୍କ ପକ୍ଷରେ ସେମନ୍ତ ଚେଷ୍ଟା ଶୋଭନୀୟ ନୁହଇ । ଆପଣାର ସାକ୍ଷାତ ଅଧିକାରରେ ଯେତେ ରାଜ୍ୟ ଅଛି ତହିଁର ଉନ୍ନତି କରିପାରନ୍ତି ପଛକୁ ବୃଥା କାର୍ଯ୍ୟରେ ମନ ଦେବେ ।

---

କାନ୍ଦାହାର ସହରରେ ଜନରବ ଉଠିଅଛି ଯେ ସର୍ଦ୍ଦାର ଆୟୁବଖାନ ସୈନ୍ୟ ହିରାତରୁ ଯାତ୍ରା କରିଅଛନ୍ତି ଏହାଙ୍କ ସଙ୍ଗେ ୧୧ ପଲଟନ ପଦାତିକ ଓ ୩୬ଟା ତୋପ ଏବଂ ଅନେକ ଅଶ୍ୱାରୋହୀ ଅଛନ୍ତି । ସରଦାର ସେନାଙ୍କୁ ବୁଝାଇ ଦେଇ ଅଛନ୍ତି କି ଇଂରାଜ ମାନଙ୍କୁ କନ୍ଦାହାରରୁ ତଡ଼ି ଦେଲେ ଅନେକ ଧନ ସେମାନଙ୍କ ହସ୍ତଗତ ହେବ । ଅବଦୁର ରହମାନଙ୍କ ମନ ଅବଧି ଇଂରାଜମାନେ ପାଇନାହାନ୍ତି । ଇଂରାଜମାନେ କନ୍ଦାହାର ଓ କୁରମ ଛଡ଼ା ବାକି ରାଜ୍ୟ ତାହାଙ୍କୁ ଦେବାକୁ ଚାହାନ୍ତି ମାତ୍ର ଅବଦୁର ରହମାନ ତାହା ନିଶ୍ଚୟ କରି ଜାଣିଥିଲେ ସୁଦ୍ଧା ପ୍ରକାଶ୍ୟରେ ସମସ୍ତଙ୍କୁ ଲେଖି ଅଛନ୍ତି ଦୋସ୍ତ ମହମ୍ମଦଙ୍କ ଅଧୀନରେ ଯେପରି ରାଜ୍ୟ ଥିଲା ସେହିପରି ଇଂରାଜମାନେ ତାଙ୍କୁ ଦେଇଅଛନ୍ତି । ଏଥିରୁ ଜଣାଯାଏ ଯେ କାନ୍ଦାହାର ଓ କୁରମ ନ ପାଇଲେ ସରଦାର ବୋଧହୁଏ ରାଜି ହେବେ ନାହିଁ ଓ ତାହା ନେବାକୁ ଚେଷ୍ଟା କରିବେ ।

---

ପ୍ରେସ କମିସ୍ନର ସମ୍ବାଦ ଦେଇଅଛନ୍ତି ଯେ ଏକଦଳ ଋଷୀୟ ସୈନ୍ୟ ଖୋକନଠାରୁ ସୁଲ୍ତାନ କାଟେ କାସଗରକୁ ଯାଉଥିଲେ ମାତ୍ର ଚୀନର ସେନା ତାହାଙ୍କୁ ଉରୁକ ଘାଟ ଠାରେ ପରାସ୍ତ କଲେ । ଚୀନ ମାନେ ଜମ୍ବୁଲର କରିବା ସଙ୍ଗେ ୨ ଋଷିୟାର ଅଧିକୃତ ରାଜ୍ୟ ମଧ୍ୟରେ ପ୍ରବେଶ କଲେ ଏବଂ ଖଡଲକୁରଗାନ ସ୍ଥାନରେ ଋଷିୟଙ୍କ ସଙ୍ଗେ ଯୁଦ୍ଧ କରିବାରେ ଋଷିୟମାନେ ଅସ୍ତ୍ରବ୍ୟସ୍ତ ହୋଇ ରସଦ ସାମଗ୍ରୀ ଗୁଡ଼ି ଅନ୍ୟସ୍ଥାନକୁ ହଟିଗଲେ । ଏବଦ୍ଧଲ ଖୋକନୀ ଭ୍ରମଣକାରୀ ଏହା ଦେଖି ଅସି କାବୁଲରେ ପ୍ରଚାର କରିଅଛନ୍ତି । ଅନ୍ୟ ଏକ ସୂତ୍ରରୁ ମଧ୍ୟ ଏହି ସମ୍ବାଦର ପୋଷକତା ହୋଇଅଛି । ଖୋକନରେ ରୁଷ ଯୋଦ୍ଧା କ୍ୟାଢମାନେ ଅଛନ୍ତି ଏବଂ ଏମାନେ ଋଷୀୟଙ୍କୁ ସୁଖ ପାନ୍ତିନାହିଁ । ଚୀନ ଏମାନଙ୍କୁ ଯୁଦ୍ଧର ଉପକରଣଦ୍ୱାରା ସାହାଯ୍ୟ କଲେ ଋଷିୟାଙ୍କୁ ଭାରି ଯୁଦ୍ଧରେ ପ୍ରବୃତ୍ତ ହେବାକୁ ହେବ । ଆଶ୍ଚର୍ଯ୍ୟର ବିଷୟ ଯେ ଏପର୍ଯ୍ୟନ୍ତ ଋଷିୟା ସକଥାନରୁ ଚୀନସଙ୍ଗେ ଯୁଦ୍ଧ କରିବାର ଘୋଷଣାପତ୍ର ବାହାର ନାହିଁ ।

---

ଅମ୍ଭେମାନେ ଶୁଣିଲୁଁ ମେଜଷ୍ଟର ସାହେବ ଠିକା ଜେହେଲମାନଙ୍କୁ ପୂର୍ବବତ୍ ମାସିକ ୫୦ । ନିରିଖରେ ନଦୀ ପାର ଉଦ୍ଧାର କରିବା କାରଣ କାଠଯୋଡ଼ି ଇଜାରଦାର ପ୍ରତି ଆଜ୍ଞା ଦେଇଅଛନ୍ତି । ଏ ଆଜ୍ଞା କେବଳ ସେହିମାନଙ୍କ ପକ୍ଷରେ ହୋଇଅଛି ଓ ସେମାନଙ୍କ ସଂଖ୍ୟା ୫୦ ଣ ଅଟଇ । ଆମ୍ଭମାନଙ୍କ ବିବେଚନାରେ ସକଳ ଦୁଃଖୀ ସର୍ବ୍ୟଉପାସୀ ପଙ୍କାସ୍ତି ଇତ୍ୟାଦିଙ୍କ ପକ୍ଷରେ ଓ ସକଳ ଘାଟରେ ଏପରି ନିୟମ ହେବାର ଆବଶ୍ୟକ । ପଙ୍କାସ୍ତି ଇତ୍ୟାଦିମାନେ ଆବେଦନ କରି ନ ଥିଲେ ବୋଲି ସେ ଏ ଅନୁଗ୍ରହରୁ ବଞ୍ଚିତ ହେବେ ଏମନ୍ତ ନୁହେ । ସମସ୍ତଙ୍କ ପକ୍ଷରେ ଏପରି ନିୟମ ହେଲେ ଅନେକ କ୍ଷତି ହେବ ବୋଲି ମାଜିଷ୍ଟ୍ରେଟ ବିବେଚନା କରିଅଛନ୍ତି । ଅମ୍ଭେମାନେ କହୁଁ [illegible] ହେଲା ଯାହା ଲାଭଜନକ ବୋଲି ଧର୍ମ ମାତ୍ର ନ ଥିଲା ଅଳ୍ପ ମେଜଷ୍ଟର ସାହେବ ତାହା କ୍ଷତି ବୋଲି ଧରିଲେ କାହିଁକି ? ଏ ବର୍ଷର ବିଜ୍ଞାପନରେ ହିଁ ନିରିଖ ନ ଥିଲା ସତ୍ୟ, ମାତ୍ର ସେ ବିଜ୍ଞାପନ ଓ ଏ ବର୍ଷର ନିଲାମ ଉଠିଲ ହୋଇ ପୂର୍ବ ବର୍ଷର କ୍ରମରେ ମହାନଦୀ ଓ କାଠଯୋଡ଼ି ଘାଟମାନ ଏ ବର୍ଷ ଇଜାର ଦିଆ ଯାଇଅଛି ଓ ପୂର୍ବ ବର୍ଷ ସେ ନିରିଖ ପ୍ରଚଳିତ ଥିଲା । ତେବେ ଏ ବର୍ଷ କାହିଁକି ତାହା ପ୍ରଚଳ ନ ହେବ ? ଓ ପ୍ରଚଳ ହେଲେ ଇଜାରଦାରର କିପରି କ୍ଷତି ହେବ ? ଅତଏବ ମେଜଷ୍ଟର ସାହେବଙ୍କର ଆଦେଶ ଉଚ୍ଛେଦ କରିବାର କିଛି କାରଣ ନ ଥିଲା ଉପରୁ ସେ କାହିଁକି ବୁଝିଲ ହେଲେ ତାହା ବୁଝା ଯାଉ ନାହିଁ । ଅମ୍ଭେମାନେ ଆଶାକରୁ ଅଛୁଁ ସମସ୍ତ ଦୁଃଖୀ ସର୍ବ୍ୟଉପାସୀଙ୍କ ପକ୍ଷରେ ଓ ସକଳ ଘାଟରେ ସେ ନିରିଖ ପ୍ରଚଳ କରିବାର ଉଚିତ ।

---

ନୀଳଗିରି ପୋଷ୍ୟପୁତ୍ର ମୋକଦ୍ଦମା ।

ନୀଳଗିର ରାଜା ଆପଣା ଭାଇର ପୁଅଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରିବା ଅଥବା ନ କରିବା ମୋକଦ୍ଦମା ବର୍ତ୍ତମାନପର ନିଷ୍ପତ୍ତି ହୋଇ ଗଲା । ଅନେକ ତର୍କ ବିତର୍କ ଏବଂ କ୍ରୋଡ଼ଥାପଡ଼ି ଇତ୍ୟାଦି ପର୍ବତ ମୂଷା ପ୍ରସବ କରିବା ନ୍ୟାୟ ଫଳ ହେଲା । ଶ୍ରୀଯୁକ୍ତ ସ୍ମିଥ ସାହେବ ଏ ମୋକଦ୍ଦମାରେ ଅଗତ ହୋଇଥିବା ପ୍ରମାଣ ଉପରେ ଆପଣାର ମତାମତ ପ୍ରକାଶ କଲା ଉତ୍ତାରୁ ଏତକ କହି କାଗଜମାନ ସିରସ୍ତାରେ ରହିବାର ହୁକୁମ ଦେଲେ ଯେ ପୋଷ୍ୟପୁତ୍ର ହୋଇଅଛି କି ନା ଏବଂ ହୋଇ ଥିଲେ ତାହା ସିଦ୍ଧ କି ନା ଏ ବିଷୟରେ ବର୍ତ୍ତମାନ କୌଣସି ମତ ପ୍ରକାଶ କଲେ କାର୍ଯ୍ୟତଃ ଉପକାର କିଛି ଲାଭ ନାହିଁ ଯେବେ ପ୍ରଜାଙ୍କ ଉପରୁ ପିଲାଟି ବଡ଼ ଥିବ ଏବଂ ରାଜାଙ୍କର ଔରସ ଜାତ ପୁତ୍ର ନ ଥିବ ତେବେ ଏ ପ୍ରସଙ୍ଗରେ ବିଚାର କରାଯିବାର ସମୟ ହେବ ଏବଂ ଆଶ୍ଚର୍ଯ୍ୟ ନୁହେଁ ଯେ ସେତେବେଳେ ଏମନ୍ତ ପ୍ରବଳ ପ୍ରମାଣ ଉପସ୍ଥିତ ହୋଇ ପାରିବ ଯାହା ବର୍ତ୍ତମାନ ହସ୍ତଗତ ହେବା ସମ୍ଭବ ନୁହଇ । ସୁତରାଂ କବାଦଃ ଯେପରି ଥିଲା ସେହିପରି ରହିଲା ଏବଂ କାହାରି କିଛି ବିଶେଷ ଉପକାର ହେଲା ନାହିଁ । ଆମ୍ଭମାନଙ୍କ ବିବେଚନାରେ ସ୍ମିଥ ସାହେବ ବର୍ତ୍ତମାନ ମତ ନ ଦେବାରେ ଯଥାର୍ଥ କରି ଅଛନ୍ତି ଅଗତ ହୋଇ ଥିବା ପ୍ରମାଣରୁ ଯାହା ସେ ଅନୁମାନ କରିଅଛନ୍ତି ତ ପୋଷ୍ୟପୁତ୍ର ଗ୍ରହଣ କରିବା ଏତେବେଳେ ପ୍ରମାଣ ହେଉ ନ ଥିଲେହେଁ ସେ ସମୟରେ ତାହା ଏକପ୍ରକାର ହୋଇଥିଲା ଅଥବା ହେବାର କଥା ଥିଲା ତାହା ଅସଙ୍ଗତ ନୁହଇ । ଯାହା ହେଉ ନୀଳଗିରି ରାଜାଙ୍କ କାର୍ଯ୍ୟକୁ ଅମ୍ଭେମାନେ ଅନୁମୋଦନ କରୁନାହୁଁ ଏବଂ ସାଧାରଣ ସକନୁହି ତାଙ୍କ ବିରୁଦ୍ଧରେ ଅଛନ୍ତି । ରାଜ୍ୟ ତାହାଙ୍କର ସ୍ୱୋପାର୍ଜିତ ନୁହଇ ଯେ ମନଇଚ୍ଛାରେ ଯାହା ତାହାଙ୍କୁ ଦେଇ ପାରିବେ ତେବେ ଦେଖ ପଡ଼ୁ ନାହିଁ । ଯେଉଁ ବଂଶରେ କଲ୍ୟାଣ କରିବାକୁ ସେ ସୁନ୍ଦର ପାଇଲେ ସେ ବଂଶର ଅପର ଲୋକ ତ ଆଉଁ । ତାହାଙ୍କଠାରୁ ରାଜ୍ୟ ଛଡ଼ାଇ ଅନ୍ୟକୁ ଦେବାର ଚେଷ୍ଟା ଆପଣା ପୂର୍ବ ପୁରୁଷଙ୍କୁ ବଞ୍ଚିତ କରିବା ଭିନ୍ନ ଆଉ କିଛି

Digitized by srujanika@gmail.com

ନୁହଇ। ସ୍ତଜା ଯେବେ ବାସ୍ତବରେ ଏହା କରନ୍ତି ତେବେ ତାହାଙ୍କ କର୍ଯ୍ୟ ମର୍ଣ୍ଣମାରିବା ପ୍ରକାଶ ପର୍ ଯେତବା ଭୁଲ୍ୟ ହେବ ।

---

## କଟକ ଖାସମାହାଲବନ୍ଦୋବସ୍ତର ସୌନ୍ଦର୍ଯ୍ୟତା ।

ଏ ନଗରର ଟେଲିଗ୍ରାଫଅଫିସ ତଳଜମି ସମ୍ପର୍କରେ ରେବନ୍ୟୁ ହାକିମମାନେ ଯେମନ୍ତ ହରବର ହୋଇ ଖାସମହାଲର ନୂତନ ବନ୍ଦୋବସ୍ତ ରହିତ କରି ପୂର୍ବର ବନ୍ଦୋବସ୍ତକୁ ସ୍ଥିର ରଖିଲେ ତାହା ଆମ୍ଭେମାନେ ଏଥି ପୂର୍ବେ ପାଠକମାନଙ୍କୁ ଜଣାଇଁ ଅଛୁଁ ବର୍ତ୍ତମାନ ଆଉ ଗୋଟିଏ ସେହିପରି ମାମଲା ବାହାର ଅଛି । ଏ ନଗରର ବିଖ୍ୟାତ ମହାଜନ ହାଜି ଅବଦୁର୍ ରହିମାନ ମୁଣ୍ଡା ଯେଉଁ ଠାରେ କୋଠି କରି ଅଛନ୍ତି ସେ ଜମି ପ୍ରଥମେ ଏକବ୍ୟକ୍ତିର ଲାଖରାଜବାସିନ୍ଦାପ୍ତି ଜମି ଥିଲା ଓ ଗବର୍ଣ୍ଣମେଣ୍ଟ ତହିଁର ବାର୍ଷିକ ରାଜସ୍ୱ ଉନାଟଙ୍କା କେତେଅଣା ଧାର୍ଯ୍ୟ କରି ଥିଲେ । ଅନନ୍ତର ଓ ଚିକିତ୍ସାଳୟ ପ୍ରକାଶେ ସେ ଭୂମି ପ୍ରୟୋଜନ ହେବାରୁ ଗବର୍ଣ୍ଣମେଣ୍ଟ ଲାଖରାଜଦାରଠାରୁ ବାର୍ଷିକ ଟ ୬୭୯ଙ୍କା ଖଜଣାରେ ପଟ୍ଟା ନେଲେ। ଯେତେବେଳେ ଅନନ୍ତର ସେଠାରୁ ଉଠି ଗଲା ତେତେବେଳେ ହାଜିସାହେବ ସେହି ସରିମାନ ନିଲାମରେ କିଣିବାରୁ ସରକାରଙ୍କ ପକ୍ଷରୁ ଶ୍ରୀଯୁକ୍ତ କାମ୍ପ୍ସାହେବ କଲେକ୍ଟର କି ଯାହାଙ୍କ ହେତୁ ଖାସମାହାଲର ବର୍ତ୍ତମାନ ବନ୍ଦୋବସ୍ତ ଉଦୟ ଓ ଏତେ ଦୃଶ୍ୟମାନ ହେଲା ବାର୍ଷିକ ଟ ୬୭୯ଙ୍କା ଜମାରେ ସେହି ଜମି ଉକ୍ତ ହାଜିଙ୍କୁ ଚିରକାଳ ସକାଶେ ପଟ୍ଟା ଦେଲେ । ତହିଁ ଉତ୍ତାରୁ ଖାସମହାଲର ନୂତନ ବନ୍ଦୋବସ୍ତ ହେବାରେ ଡେପୁଟୀ କଲେକ୍ଟର ଚୌଧୁରୀ ନିରଖ ଅନୁସାରେ ସେ ଜମିର ଖଜଣା ଟ ୫୪୯ ଙ୍କା ଧାର୍ଯ୍ୟ କଲେ ଓ ସେହି ଜମାରେ ଲାଖରାଜଦାରଙ୍କୁ ପଟ୍ଟା ଦେଲେ । ଲାଖରାଜଦାର ପଟ୍ଟା ପାଇଲା ଉତ୍ତାରୁ ହାଜିଠାରୁ ବାର୍ଷିକ ଟ ୧୦୯୯ଙ୍କା ଲେଖାଏ ଖଜଣା ନେବା ସକାଶ ଛୋଟ ଅଦାଲତରେ ନାଲିଶ କଲା ମାତ୍ର ହାଜିଙ୍କ ପଟ୍ଟା ଦୃଷ୍ଟିରେ ଉକ୍ତ ଅଦାଲତ ଯଥାର୍ଥ ରୂପେ ସେ ଦାବି ଡିସମିସ କଲେ । ତହୁଁ ଲାଖରାଜଦାର କଲେକ୍ଟରୀରେ ସେହି ଦାବି କଲା କଲେକ୍ଟର ସାହେବ ଏକ ଆଡେ ଜମା ବୃଦ୍ଧି ଓ ଅନ୍ୟ ଆଡେ ଅଳ୍ପ ଜମାରେ ଚିରସ୍ଥାୟୀ ପଟ୍ଟା ଦେଖି ବଡ ହରବରରେ ପଡ ଶେଷ ନିଷ୍ପତ୍ତି କଲେ ଯେ ଉକ୍ତ ଜମିର ସାବକ ଜମା ବାହାଲ ରହିବା ଉଚିତ ଓ ଏଥି ପାଇଁ ସେ ଜମି ସମ୍ପର୍କରେ ନୂତନ ବନ୍ଦୋବସ୍ତ ରହିତ କରି ପୂର୍ବର ରାଜସ୍ୱ ଉନାଟଙ୍କା କେତେଅଣା ସ୍ଥିର ରଖିବା କାରଣ ବୋର୍ଡକୁ ଲେଖି ଅଛନ୍ତି ଖାସମହାଲ ବନ୍ଦୋବସ୍ତ କେମନ୍ତ ସୁନ୍ଦର ହୋଇ ଅଛି ଆମ୍ଭେମାନେ ଭରସା କରୁଁ ପାଠକମାନେ ଏଥିରୁ ଅନାୟାସରେ ବୁଝି ପାରିବେ । ବନ୍ଦୋବସ୍ତର ଆଇନରେ ସ୍ପଷ୍ଟ ଆଜ୍ଞା ଅଛି ଯେ ବନ୍ଦୋବସ୍ତ କରିବା ପୂର୍ବ ବନ୍ଦୋବସ୍ତ କର୍ତ୍ତା ପ୍ରତ୍ୟେକ ଶ୍ରେଣୀର ପ୍ରଜାର ସ୍ୱତ୍ୱ ଓ ଦଖଲିର ନିର୍ଣ୍ଣୟ କରିବେ । ଯେବେ ସେ ଆଜ୍ଞା ପ୍ରତିପାଳନ କରିବାକୁ ବନ୍ଦୋବସ୍ତ କର୍ତ୍ତା କିଞ୍ଚିନ୍ମାତ୍ର ଚେଷ୍ଟା କରିଥାନ୍ତେ ତେବେ ହାଜିଙ୍କ ପଟ୍ଟା କଥା ଏତେକାଳ ଅପ୍ରକାଶ ନ ରହି ସେହି ସମୟରେ ତହିଁର ବିଚାର ହୋଇଥାନ୍ତା ଏବଂ ତାହାଙ୍କୁ କେତେ ଖଜଣା ଦେବାକୁ ହେବ ତାହା ମଧ୍ୟ ନିର୍ଣ୍ଣୟ ହୋଇଥାନ୍ତା । ବାସ୍ତବରେ ବନ୍ଦୋବସ୍ତ ସମୟରେ ତାହା ନିର୍ଣ୍ଣୟ କରିବା ବନ୍ଦୋବସ୍ତ କର୍ତ୍ତାଙ୍କର ନିତାନ୍ତ କର୍ତ୍ତବ୍ୟ ଥିଲା କିନ୍ତୁ ବନ୍ଦୋବସ୍ତ ନିତାନ୍ତ ବେଆଇନ ଓ ସ୍ୱେଚ୍ଛାଚାର ପ୍ରକାରରେ ହୋଇ ଥିବାରୁ ତାହା ହୋଇ ପାରି ନାହିଁ । ପଶ୍ଚାତ୍‌ରେ ଏତେବେଳେ କଲେକ୍ଟର ସାହେବ ଯେଉଁ ବିଚାର କଲେ ତାହା ଯେବେ ଯଥାର୍ଥ ହେଲା ତେବେ ଯେତେ ସ୍ଥଳରେ ଇସ୍ତମରାର ପଟ୍ଟା ହୋଇଅଛି ତେତେ ସ୍ଥଳରେ କଲେକ୍ଟର ସାହେବ ପୂର୍ବଜମା ବାହାଲ ରଖିବେ ନିଶ୍ଚୟ ଏବଂ ଆମ୍ଭେମାନେ ବିବେଚନା କରୁଁ ଯେ ବ ୨୦ ବର୍ଷରୁ ଊର୍ଦ୍ଧ୍ୱ କାଳ ଏକା ଦରରେ ଯେଉଁ ବ୍ୟକ୍ତି ଖଜଣା ଦେଇ ଆସୁଅଛି ତାହାର ଜମି ସମ୍ପର୍କରେ ଏହି ନ୍ୟାୟ କଲେକ୍ଟର ସାହେବ ଖଟାଇବେ । ସୁତରାଂ ଏ ସମସ୍ତ ବିଚାର ବଳା ଯେ ଖାସମାହାଲ ଜମିର ଜମା ସର୍ବତ୍ରରେ ବୃଦ୍ଧି ହୋଇଅଛି ତାହା ଅବଶ୍ୟ ଅନ୍ୟାୟ ବୋଲିବାକୁ ହେବ । ଆହୁରି ଦେଖାଯାଏ ଯେ ଲାଖରାଜ ବାସିନ୍ଦାପ୍ତି ଦଖଲସୂତ୍ରକୁ ବର୍ତ୍ତମାନ ବନ୍ଦୋବସ୍ତରେ ବନ୍ଦୋବସ୍ତ କର୍ତ୍ତା ଏକାବେଳକେ ଲୋପକରି ଲାଖରାଜଦାରଙ୍କୁ ପ୍ରଜା ଭୁଲ୍ୟ କରିଅଛନ୍ତି ମାତ୍ର ଯେଉଁସ୍ଥଳେ ସେହି ଲାଖରାଜଦାରକୁ ଚିରସ୍ଥାୟୀ ପଟ୍ଟା ଦେବାର ଅଧିକାର ଥିବାର ସ୍ୱୀକାର କରୁ ଅଛନ୍ତି ସେ ସ୍ଥଳେ ତାହାଙ୍କ ବିଶେଷସ୍ୱତ୍ୱ ନ ଥିବାର କପରି ବୋଲା ଯିବ । ଲାଖରାଜ ବାଜୟାପ୍ତିଦାରର ବିଶେଷ ସ୍ୱତ୍ୱ ଏହି ଯେ ସେ ଅର୍ଦ୍ଧ ଜମା ଦେବ ସୁତରାଂ ସମସ୍ତ ଲାଖରାଜ ବାଜୟାପ୍ତି ଜମି ଅର୍ଦ୍ଧଜମାରେ ବନ୍ଦୋବସ୍ତ ହେବାର ଉଚିତ । କଲେକ୍ଟର ସାହେବ ଯେବେ ଏ ସମସ୍ତ କରିବାକୁ ପ୍ରସ୍ତୁତ ନୁହନ୍ତି ତେବେ କେବଳ ଜଣକ ଉପରେ ଅନୁଗ୍ରହ କରି ତାହା ପ୍ରତି ନୂତନ ବନ୍ଦୋବସ୍ତ ରହିତ କରିବା ଉଚିତ ନୁହଇ । ଆମ୍ଭେମାନେ ବିବେଚନା କରୁଁ କି ଯେବେ କଲେକ୍ଟର ସାହେବ ହାଜିଠାରୁ ଟ ୫୪୯ ଙ୍କା ଜମାରେ ଖଜଣା ସାବକ ଲାଖରାଜଦାରଠାରୁ ଟ ୬୭୯ ଜମାରେ କବୁଲିୟତ ନିଅନ୍ତେ ତେବେ ଯଥାର୍ଥ ବିଚାର ହୁଅନ୍ତା ଏବଂ ଗବର୍ଣ୍ଣମେଣ୍ଟଙ୍କର କ୍ଷତି ହୁଅନ୍ତା ନାହିଁ । ଯାହା ହେଉ ଏହାଦ୍ୱାରା ଲାଖରାଜଦାରଙ୍କୁ ଅଦାଲତ କରିବାର ବାଟ ମିଳିଲା ବଡ଼ ସୁଖର ବିଷୟ ଅଟଇ ।

---

# ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ କମିଶ୍ନର ସ୍ମିଥ ସାହେବ ଗତ ବୁଧବାର ପ୍ରାତଃକାଳରେ ଜାହାଜଦ୍ୱାରା ଏଠାରୁ ଗନ୍ତବ୍ୟକୁ ଯାତ୍ରା କଲେ ସେଠାରୁ ଜାହାଜରେ କଲିକତାକୁ ଯିବେ ସେହି ସ୍ଥାନରେ ନୂତନ କମିଶ୍ନର ମେଟକାଫ୍ ସାହେବଙ୍କୁ ଚାର୍ଯ୍ୟ ଦେବେ । ମେଟକାଫ୍ ସାହେବ ଏ ମାସ ତା ୨୦ ରିଖ ସୁଦ୍ଧା ଏଠାରେ ପହୁଞ୍ଚିବେ ବୋଲି ଅନୁମିତ ହେଉଅଛି ।

ଶୁଣାଯାଏ ଯେ କାଲି ତହସିଲଦାରଙ୍କ ଦଖଲରେ ହୋଇଥିବା ମକଦ୍ଦମାର କାଗଜପତ୍ର ଶ୍ରୀଯୁକ୍ତ କମିଶ୍ନର ସାହେବ ଆପଣା ସଙ୍ଗରେ ନେଇ ଯାଇଅଛନ୍ତି ସେ ତହିଁର ବିଚାର କରିବେ କି ମେଟକାଫ୍ ସାହେବଙ୍କୁ ଦେଇ ଯିବେ ତାହା ଜଣାଯାଇ ନାହିଁ ।

କେନ୍ଦ୍ରାପଡ଼ାର ଛେଉପଡ଼ାର ମକଦ୍ଦମା ବିଷୟ ଅପିଲରେ ହାଇକୋର୍ଟଙ୍କ ରାୟ ରଦ ହୋଇ ଜଗନ୍ନାଥ ବାବୁଙ୍କର ଜିତି ହୋଇଅଛି ।

କୁଜଙ୍ଗର ବଗତ ଅପୀଲ ମକଦ୍ଦମା ଡିସ୍‌ମିସ୍ ହେବାର ଶୁଣାଯାଏ । ଏହା ସତ୍ୟ ହୋଇଥିଲେ କୁଜଙ୍ଗର ସମସ୍ତ ଅଶା ଏହିଠାରେ ସମାପ୍ତ ହେବ ।

ମୟୂରଭଞ୍ଜ ରାଜ୍ୟ ଷ୍ଟେଟ୍ ର ଅଫିସିଆଟିଂ ପୋଲିସ ହେଡ କନଷ୍ଟବଲ, ବାଲେଶ୍ୱର ସଦରଥାନାର ସବ୍‌ଇନ୍‌ସ୍ପେକ୍ଟରଙ୍କ ଓ ହେଡ କନଷ୍ଟବଲଙ୍କ ଗୋପନୀୟ ସାହାଯ୍ୟଦ୍ୱାରା, ଜଣମା ସଡ଼କ ପ୍ରସ୍ତୁତ କରୁଥିବା; ବାଲେଶ୍ୱର ନଗରରୁ ୩୩ ଜଣ ପ୍ରଜାଙ୍କୁ ଗିରଫ୍‌ତାର କରି ମୟୂରଭଞ୍ଜକୁ ପଠାଇ ଅଛି । ଆମ୍ଭେମାନେ ଜନରବରୁ ଶୁଣିଲୁଁ ଯେ ଉକ୍ତ ୩୩ ଜଣ ପ୍ରଜାଙ୍କୁ ଏହି ସହରରେ ଥିବା ମୟୂରଭଞ୍ଜ ରାଜାଙ୍କ ବସା କୋଠାରେ ଗିରଫତାର କରି ଏକଦିନ ରଖା ଯାଇ ତତ୍ପରଦିନ ସେମାନଙ୍କୁ ମୟୂରଭଞ୍ଜକୁ ପଠା ଯାଇଅଛି । ଏକଣସୁ ଆମ୍ଭମାନଙ୍କର ମନ୍ତବ୍ୟ ଏହି ମହାରାଜାଙ୍କଠାରୁ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ପ୍ରଜାମାନଙ୍କୁ ମହାରାଜାଙ୍କର ଗିରଫତାର କରି ନେବାର କ୍ଷମତା ନ ଥିବା ଓ ତାଙ୍କ କର୍ମଚାରୀମାନେ ଅନ୍ୟାୟ ପୂର୍ବକ ନେଇ ଯାଇ ଥିବାରୁ ପ୍ରଜାମାନଙ୍କୁ ଛଡ଼ି ଦେବା ନିମନ୍ତେ ବହୁତ ଆଜ୍ଞା ପଠାଇ ଥିଲେ । ଗତ ହାଟରେ ଉକ୍ତପ୍ରଜାମାନେ

Split by PDF Splitter
Digitized by srujanika@gmail.com

Split by PDF Splitter



ସେଠାରେ ପହୁଞ୍ଚ ଅଛନ୍ତି ଏବଂ ସେମାନଙ୍କ ପୋଷାକପରିଚ୍ଛଦରୁ ଜଣାଯାଏ ଯେ ସେଠା ତତ୍ରକର୍ମଚାରୀମାନେ ସେମାନଙ୍କୁ କଏଦ କରି ଅନେକ କଷ୍ଟ ଦେଇ ଅଛନ୍ତି । ବର୍ତ୍ତମାନ ମୋକଦ୍ଦମା ଚାଲିଅଛି ଏ ପରେ ସମସ୍ତ ବିଷୟ ଲେଖିବାର ମାନସ ରହିଲା । ଇଃ ଦଃ

ମାଳଗିରିର ରାଜା ଏଠା ଅସୁବ୍ୟୋକ୍ତ ଚିକିତ୍ସାଳୟରେ ପାଞ୍ଚବର୍ଷ ନିମନ୍ତେ ବାର୍ଷିକ ଏକଶତ ଟଙ୍କା ଲେଖାଏଁ ଦାନ କରିବାକୁ ପ୍ରତିଶ୍ରୁତ ହୋଇ ଅଛନ୍ତି ଏବଂ ତାଙ୍କ ରାଜ୍ୟ ମଧ୍ୟରୁ ଜଣେ ଛାତ୍ରକୁ ଚିକିତ୍ସା ଶିକ୍ଷା ନିମନ୍ତେ ବୃତ୍ତି ଦେଇ ପଠାଇବାକୁ କହି ଅଛନ୍ତି । ଅମ୍ଭେମାନେ ଏଥିନିମନ୍ତେ ରାଜା ସାହେବଙ୍କୁ ଧନ୍ୟବାଦ ଦେଉ ଅଛୁଁ ଏବଂ ଭରସା କରୁଁ ଯେ ରାଜା ସାହେବ ତାଙ୍କର ଅଙ୍ଗୀକାର ପାଳନରେ ଯତ୍ନବାନ ହେବେ।

ଉ : ଦ ।

ବିଲାତରେ ମୃତ ସ୍ତ୍ରୀର ଭଗିନୀ ସଙ୍ଗେ ବିବାହ ହେବାର ଆଇନ ପାର୍ଲିମେଣ୍ଟରେ ପାସ୍ ହୋଇଅଛି । ଏ ଆଇନ ଜାରି କରିବା କାରଣ ଅନେକ ଦିନରୁ ଚେଷ୍ଟା ହେଉଥିଲା ।

ଗତ ମାସ ତା ୩୦ ରିଖରେ ଦାର୍ଜିଲିଂରେ ଭୂମିକମ୍ପ ହୋଇଥିଲା । ଏ ଭୂମିକମ୍ପ ପ୍ରାୟ ଏକ ମିନିଟ ପର୍ଯ୍ୟନ୍ତ ରହିଲା ଅଥଚ କୌଣସି କ୍ଷତି ହୋଇ ନାହିଁ । ବୋଧ ହୁଅଇ ଏ ଭୂମିକମ୍ପର ବଳ ସାମାନ୍ୟ ଥିଲା ।

ଫସେଟ ସାହେବ ପାର୍ଲିମେଣ୍ଟର ସଭ୍ୟସ୍ୱରୂପ ମନୋନୀତ ହେବାର ବ୍ୟୟ ପ୍ରାୟ ଟ ୮୦୦୦୯ଙ୍କା ହୋଇଅଛି ।

ଏଥିମଧ୍ୟରେ ଅମ୍ଭମାନଙ୍କ ଲେଫ୍ଟନାଣ୍ଟ ଗବର୍ଣ୍ଣର ସର ଆସଲି ଇଡେନ ଦାର୍ଜିଲିଂରେ ଘୋଡା ଉପରୁ ପଡି ଯାଇଥିଲେ । କଥିତ ହୁଅଇ ଯେ ସାହେବ ସମ୍ପ୍ରତି କେବଳ ଅତି ସହଜରେ ରକ୍ଷା ପାଇଲେ ନୋହିଲେ ଉତ୍କଟ ଆଘାତ ପାଇଥାନ୍ତେ । ଏହି ମାସରେ ସାହେବ ଦାର୍ଜିଲିଂ ତ୍ୟାଗ କରି ପୂର୍ବାଞ୍ଚଳକୁ ଭ୍ରମଣ କରିବାକୁ ଯିବେ ।

ସାଜପୁରଠାରୁ ଏକ ବ୍ୟକ୍ତି ହିନ୍ଦୁ ପେଟ୍ରିଅଟକୁ ଲେଖି ଅଛନ୍ତି କି ଯାଜପୁର ମିଉନିସିପାଲିଟି ମଧ୍ୟରେ ଥିବା ଜମି ଏବଂ ଘର ଉପରେ ପଥକର ଓ ପ୍ରଦେଶୀୟ କରନିମିତ୍ତ ଗୃହୀତ ହେଉଅଛି । ଏକଥା ସତ୍ୟ ହୋଇଥିଲେ ସମ୍ପୂର୍ଣ୍ଣ ଆଇନ ବିରୁଦ୍ଧ ଅଟଇ । ନଗରବାସୀମାନେ ଏଥିର ପ୍ରତିବାଦ କରୁ ନାହାନ୍ତି ବଡ ଆଶ୍ଚର୍ଯ୍ୟର ବିଷୟ ଅଟଇ ।

ଅସ୍ମାନଙ୍କର ଭାବୀ ସମ୍ରାଟ ପ୍ରିନ୍ସ୍ ଅବ୍ ଓ୍ୱେଲସଙ୍କ ବାର୍ଷିକ ସମସ୍ତ ଆୟର ସମଷ୍ଟି ବାରଲକ୍ଷ ଟଙ୍କା ଅଟଇ । ଏଥି ମଧ୍ୟରେ ଚାରିଲକ୍ଷ ଟଙ୍କା ପାର୍ଲିମେଣ୍ଟ ମଞ୍ଜୁର କରିଥିବା ପେନସନ ଅଥବା ଖୋରାକି ଅଟଇ । ଏହାକୁ ଦଶଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଇବା ଅନେକ ଲୋକଙ୍କର ଇଚ୍ଛା ।

ହିନ୍ଦୁ ପେଟ୍ରିଅଟରୁ ଜଣାଯାଏ ଯେ ବେହାର ପ୍ରଦେଶରେ ପଟୁଆରୀ କାଗଜର ନିୟମ ଅବଧି ପ୍ରଚଳିତ ଅଛି କାରଣ ତାହା ବର୍ତ୍ତମାନ ରହିତ କରିବାର ପ୍ରସ୍ତାବ ହେଉଅଛି । ପଟୁଆରୀ ଉଠି ଯିବା ଅତ୍ୟନ୍ତ ଆବଶ୍ୟକ ତାହା ହେଲେ ଜମିଦାରମାନେ ଅନେକ ଅନର୍ଥକ କ୍ଲେଶରୁ ରକ୍ଷା ପାଇବେ ।

୧ । ସୁଲଭସମାଚାରରୁ ଅବଗତ ହେଲୁଁ ମହାରାଣୀ ଭାରତେଶ୍ୱରୀ ପ୍ରତିଦିନ ବେଳ ସାତଘଣ୍ଟା ସମୟରେ ଗାତ୍ରୋତ୍ଥାନ କରନ୍ତି । ସମସ୍ତ ଦିନ କାର୍ଯ୍ୟ ପାଇଁ ଉପଯୁକ୍ତରୂପେ ବିଭକ୍ତ ହୋଇଅଛି । ପ୍ରତିଦିନ ବାୟୁସେବନ ଓ ବନ୍ଧୁମାନଙ୍କ ସଙ୍ଗରେ ସାକ୍ଷାତ କରିଥାନ୍ତି । ପ୍ରତ୍ୟହ ଯେଉଁ ସମସ୍ତ କାଗଜ ଓ ଦରଖାସ୍ତରେ ତାହାଙ୍କୁ ଦସ୍ତଖତ କରିବାକୁ ହୁଏ ସେ ସମସ୍ତ ଆଦ୍ୟୋପାନ୍ତ ପାଠ କରିବାକୁ ତ୍ରୁଟି କରନ୍ତି ନାହିଁ । ତାହା ଛଡ଼ା ପ୍ରତିଦିନ ଅନ୍ୟାନ୍ୟ ଗ୍ରନ୍ଥ ମଧ୍ୟ ପଢନ୍ତି । ଭାରତବର୍ଷର କ୍ଷୁଦ୍ର, ରାଜା ଓ ଜମିଦାରମାନେ ଏ ସମ୍ବାଦରୁ ଭଲ କରି ବିବେଚନା କରନ୍ତୁ ।

୨ । ଅମ୍ଭେମାନେ ହିନ୍ଦୁପେଟ୍ରିଅଟ ପାଠ କରି ଅବଗତ ହେଲୁଁ ଯେ ଲାହୋର କାଲେଜର ଅଧ୍ୟକ୍ଷ କଲେଜର ଜଣେ ଉପରଶ୍ରେଣୀର ସଚ୍ଚରିତ୍ର ଛାତ୍ରକୁ ଅକାରଣେ ଆକ୍ରମଣ କରି ପଦାଘାତ ପର୍ଯ୍ୟନ୍ତ କରିଅଛନ୍ତି । ସେ ଶ୍ରେଣୀର ଛାତ୍ରମାନେ ଏହି ଅପମାନରେ ଏକତ୍ର ହୋଇ କଲେଜ ଛାଡି ଯାଇଅଛନ୍ତି ।

୩ । ଆଉ ଜଣେ ସାହେବ ସମ୍ପ୍ରତି ମୁସଲମାନ ଧର୍ମ ଅବଲମ୍ବନ କରି ସେଖ ମହମ୍ମଦ ଅବଦୁଲ୍ଲା ନାମ ଗ୍ରହଣ କରିଅଛନ୍ତି ।

୪ । ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କର ଅନୁରୋଧରେ ସେକ୍ରେଟେରି ଅବ୍ ଷ୍ଟେଟ ୫ ମ ଗୁର୍ଖା ପୈଦଳ ଦଳ ଭୁକ୍ତ ବ୍ରେଭେଟ ମେଜର ଜନ କୁକ୍ ସାହେବ କି ଯାହାଙ୍କର ୧୮୭୯ ସାଲର ତା ୧୯ ଡିସେମ୍ବରରେ ଆଘାତଦ୍ୱାରା କାବୁଲରେ ମୃତ୍ୟୁ ହୋଇଥିଲା, ତାହାଙ୍କର ଅବିବାହିତା ଭଗିନୀମାନଙ୍କୁ ବାର୍ଷିକ ଟ ୫୦୦ ଙ୍କାର କମ୍ପାନୀଟ ପେନସନ ଦେବାକୁ ଅନୁମୋଦନ କରିଅଛନ୍ତି ।

୫ । ପାଉଏଲ ସାହେବ ସାହଜାହାନପୁର ବନରେ ଚାରି ଗୋଟ ବ୍ୟାଘ୍ର ଶିକାର କରିଅଛନ୍ତି । ସେ ହାତୀରେ ଚଢ଼ି ବ୍ୟାଘ୍ର ଶିକାର କରିଅଛନ୍ତି ନାହିଁ । ପଦବ୍ରଜରେ ଭ୍ରମଣ କରି ଉକ୍ତ ଉତ୍ପାତକ ହିଂସ୍ରକ ଜନ୍ତୁଙ୍କୁ ଶିକାର କରନ୍ତି ।

୬ । ଏଡ୍‌କେଶନ ଗେଜେଟରୁ ଅବଗତ ହେଲୁଁ ଜଣେ ରୁଷୀୟ ଡାକ୍ତର କଳା କାଗଜରେ ଧଳା କାଳୀରେ ବହି ଛାପିବାକୁ ପରାମର୍ଶ ଦେଲେ, ତାହାର ଉଦ୍ଦେଶ୍ୟ ଏହି ଯେ ତାହା ହେଲେ ପୁସ୍ତକ ପାଠକାରୀର ଚକ୍ଷୁ ଶୀଘ୍ର ନଷ୍ଟ ହେବ ନାହିଁ ।

୨ । ପଣ୍ଡିତ ହରସହାୟ ଯେ କି ଅମ୍ଭମାନଙ୍କ ଗବର୍ଣ୍ଣମେଣ୍ଟର ନୌକରୀରୁ ଖାରଜ ହୋଇଥିଲେ, କାଶ୍ମୀରର ମହାରାଜା ତାହାଙ୍କୁ ଜମ୍ବୁର ସବ୍‌ଜଜର କର୍ମ ଦେଇଅଛନ୍ତି

୩ । ଶୁଣା ଯାଉଅଛି ଯେ ଉତ୍ତର ପଶ୍ଚିମ ପ୍ରଦେଶର ଲେଫ୍ଟନାଣ୍ଟ ଗବର୍ଣ୍ଣର ସର ଜର୍ଜ କୁପର ସାହେବ ଅବସର ଗ୍ରହଣ କରିବେ, ଏବଂ ତାହାଙ୍କ ସ୍ଥଳରେ ଏ, ସି ଲାୟାଲ ସାହେବ ନିଯୁକ୍ତ ହେବେ ।

୪ । ଗବର୍ଣ୍ଣର ଜେନରଲ ବାହାଦୁର ମଉଲବୀ ଅବଦୁଲ ଲତିଫଖାଁ ବାହାଦୁରଙ୍କୁ ନବାବ ଉପାଧି ପ୍ରଦାନ କରିଅଛନ୍ତି ।

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ କେତେକ ପଙ୍କ୍ତିକୁ ଆପଣଙ୍କ ବିଖ୍ୟାତ ପତ୍ରିକାରେ ସ୍ଥାନ ଦାନ କରି ବାଧିତ ଓ ସାଧାରଣର ଉପକାର କରିବା ହେବେ ।

କଳି ରାଜପଣ ସୁଜନେ ଦେଖ,
ପାପ ପିନ୍ଧିଅଛି ପଦର ଭେକ ।
ଶଳାଏ ମୋଡିଲେ ପ୍ରଜାଙ୍କ ବେକ,
ଲୁଟନ୍ତି କି ରଖେ ସଦରେ ଟେକ ?
ବଡ଼ ହୁଡ଼ମଡ଼ ଲୁଡ଼ାଗ୍ରବଣା,
ଲୋକ କଳିବାକୁ ଅବାରକଣା ।
କାନକୁହା କର ଦେଲେଣ୍ଟି ବଣା,
ଢିଆ ଲୋଡ଼ୁ ଲୋଡ଼ୁ ଧରଲେ ରଣା ।
ସନ୍ତ ପାଳନକୁ ପରିଦାମାନ,
ବ୍ୟବସ୍ଥାଦାତାଏ କଲେ ବିଧାନ ।
ପାପୀ ସେଥିପଛେ ରହିଲା ଲୁଚି,
ପଦାକୁ ଧରମ ଟାଣି ଆଣୁଚି ।
ସ୍ଥୂଳୋଦର ରେସାଖୋର "ହଜୁର"
ପ୍ରଜା ଧନ ମାନ କଲଟି ଚୁର ।
ଭାଗ ପାଇ କେହି ଉପରେ ତୋଷ,
ପ୍ରଜାମୁଣ୍ଡେ ଗଲା ଯାବନ୍ତ ଦୋଷ ।
ଦୁଃଖିପ୍ରଜାଙ୍କର ଗର୍ଦନ ମୋଡ଼ି,
ଅର୍ଜିଥିଲେ କେତେ ପାପକଉଡ଼ି ।
ଗୃହକୁ ଶଗଡ଼ ଦେଲେ ସଜୁଡ଼ି,
ବସି ଉଗାରନ୍ତି ଅଜୀର୍ଣ୍ଣଗୁଡ଼ି ।
ଆମିଷ ଛାଡ଼ିବ ବୋଲି କସ୍ରଡ଼ୀ,
ମତ୍ସ୍ୟରାଜପଦ ବସିଲା ମାଡ଼ି ।
ଲୁଚି ଖାଉଥିଲା ମାଛ ସଜାଡ଼ି,
ଗୋବନେତ ସବୁ ଦେଲେ କଗାଡ଼ି ।
ବଗୁଡ଼ୀ ଚଣ୍ଡିରେ ଲାଗିଲା କଣ୍ଟା,
ଦେଖ ସାଧୁଜନେ ସେ ହଟହଟା ।

ନିବେଦନ
ଆପଣଙ୍କର ବାଧ୍ୟ
ଶ୍ରୀ———

## ବିଜ୍ଞାପନ ।

କଲିକତା ଓ କଟକର ମଧ୍ୟରେ ମନୁଷ୍ୟ ଯାତାୟାତର ଜାହାଜ ଭଡ଼ା ଶ୍ଟସ୍ ଇଣ୍ଡିଆନ ଷ୍ଟିମ ନେଭିଗେସନ କମ୍ପାନୀ ପୂର୍ବେ ଯାହା ନେଉଥିଲେ ବର୍ତ୍ତମାନ ତାହା ନ୍ୟୂନ କରିବାରୁ ଉକ୍ତ କମ୍ପାନୀର ଏଜେଣ୍ଟ ଦୁଲବ୍ ବେଲଷ୍ଟିଡ କମ୍ପାନୀ ଏହାଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛନ୍ତି କି ସେମାନେ ତଳଲିଖିତ ଭାବରେ ଜାହାଜ ଭଡ଼ାର ଟିକଟମାନ ଜାରି କରିବାକୁ ପ୍ରସ୍ତୁତ ଅଛନ୍ତି ଯଥା:—

| | | |
|---|---|---|
| ପ୍ରଥମ ଶ୍ରେଣୀ କଟକରଠାରୁ କଲିକତାକୁ | | ଟ ୨୫୯ |
| ଦ୍ୱିତୀୟ ଶ୍ରେଣୀ ଏକଜଣ | ଏକଜଣ | ଟ ୧୨॥ |
| ଉପରେ ବସିବା ଲୋକ " | ଏକଜଣ | ଟ ୨୯ |

ଉପର ଲିଖିତ ଭଡ଼ା ବ୍ୟତିରେକେ କଲିକତାଠାରୁ କଟକକୁ ଯିବାର ଜାହାଜ ଭଡ଼ା ଖାଦ୍ୟସାମଗ୍ରୀ ଛଡ଼ା ତଳଲିଖିତ ରୂପେ ନିର୍ଦ୍ଧିଷ୍ଟ ଯଥା;—

| | | |
|---|---|---|
| ୧ମଶ୍ରେଣୀ | ଏକଜଣ ଦୁଇ ଚାକର ସହିତ | ଟ ୨୫୯ |
| ୨ୟ ଶ୍ରେଣୀ | " ଏକ ଚାକର " | ଟ ୧୨॥ |
| ଉପରେ ବସିବା ଲୋକ | ... ... ... | ଟ ୨୯ |

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ଶ୍ରୀ ରାଜା ବଙ୍କେ ହୁବୋଲ | କନିକା | ଟ ୧୫୯ |
| ବାବୁ ଗୋବିନ୍ଦ ନାୟକ କଟକ | " | ଟ ୩୯ |
| " ଦାଶରଥି ମାହାନ୍ତି " | " | ଟ ୨୯ |
| " ଭଗିରଥି ସଡଙ୍ଗୀ " | " | ଟ ୨୯ |
| ମୁନସି ମହମ୍ମଦ ହୋସେନ " | " | ଟ ୨୯ |
| ବାବୁ ରାଜକିଶୋର ଘୋଷ " | " | ଟ ୨୯ |
| " ଦାଶରଥି ରାଉତ " | " | ଟ ୨୯ |

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

## CORRESPONDENCE.

To

THE EDITOR OF THE UTKAL DIPICA.

SIR,

While admiring the disinterested exertions of Baboo Peari Mohan Acharji on behalf of education in this town, I am sorry I cannot congratulate him on his selection of teachers for the institution he has founded. The present Head Master whom a certain correspondent of yours has taken it into his head to extol to the skies, is a raw youth who passed his matriculation only three years ago. The correspondent above alluded to has not, I regret to say, scrupled to sacrifice truth at the altar of his idol. In saying that the Head Master distinguished himself at the F. A. examination, he evidently means to insinuate that he passed that examination very creditably; whereas the fact is that he was plucked up in the said test. I challenge your correspondent to disprove this assertion of mine.

With reference to the omission of the words "on the opposite side of the line" in the 31st. proposition of Todhunter's Elements of Euclid which your correspondent has hyperbolically styled an error, I make bold to say the discovery of the Head Master is nothing new, the said words occuring in Potts and many other editions of Euclid. Every schoolboy is aware of this fact. To make much fuss about such a trifle bespeacks a mind at once vain and incorrigibly conceited.

As regards the suggestions which the Head Master has offered I beg to say that they are not his own, I have every reason to believe that they are copied from Cassel's edition of Euclid as the following quotation from that book would show.

"The applications of the 23rd proposition of this book, is unnecessary, if the 11th or 12th propositions be employed. In the construction and demonstration, either of the cases of the 28th proposition may be used instead of the 27th proposition."

I would further add that the suggestions are not in themselves very valuable. Every School boy of average intelligence can make the suggestions if requird to do so.

In conclusion I beg to say that Mr. Todhunter has not really paid any compliment to Babu Digendranath. He has barely thanked the Babu in polite language for the trouble he took in writing to him as it behoves every gentleman to do when similarly addressed.

Why has not the error "pointed out by Babu Digendra" been published. Being of so vital importance it not only interests Mr. Todhunter but if known will render immense benefit to all the Professors & students of the Indian Colleges and Schools. Perhaps the error if it is an error at all which your correspondent makes so much of has been kept back lest the publication of it will lose the value or is it that other, Professors & Teachers of Mathematics, if they pretend to know anything of this important branch will be up with chalk and pencil to make out what important this mistake is, now that it has been known that such a one exist.

Yours

ANTI HUMBUG,

କ୍ରୋଡ଼ପତ୍ର ଶେଷ ।

Digitized by srujanika@gmail.com

Split by PDF Splitter

128

Digitized by srujanika@gmail.com

Split by PDF Splitter
REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୫ ଗ । ସ ୨୯ ଖ୍ୟା

ତା ୧୭ ଋଶ ମାହେ ଜୁଲଇ ସନ ୧୮୮୦ ମସିହା । ମୂ। ଶ୍ରାବଣ ବ ୪ ନ ସନ ୧୨୮୭ ସାଲ ଶନବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬୯
ମଫସଲଥିଁଇ ଡାକମାସୁଲ ଟ ୧୯୬

ଗତ ବର୍ଷ ବର୍ଷାକାଳରେ ଏ ନଗରରେ ବସନ୍ତରୋଗ ଆରମ୍ଭ ହୋଇ ଥିଲା । ଏ ବର୍ଷ ମଧ୍ୟ ତାହା ହୋଇଅଛି ବଡ ଦୁଃଖର ବିଷୟ ଅଟଇ । ମୋଫସଲର କେତେକ ସ୍ଥଳରେ ଅଦ୍ୟାବଧି ଏ ରୋଗର ପ୍ରାଦୁର୍ଭାବ ଊଣା ହୋଇ ନାହିଁ ଓ ଏକ୨ ଲୋକ ନାଶ ହେଉଅଛନ୍ତି । ପୁଣି ନଗରରେ କି ଘଟିବ କିଏ କହି ପାରେ ? ଏଥର ରୋଗ ପ୍ରବଳ ହେଲେ ଇଂରାଜୀ ଟିକା ବଳପୂର୍ବକ ଦିଆଇବାର ଉଚିତ । ଓଳାଉଠା ରୋଗ ମଧ୍ୟ ଏହି ସପ୍ତାହରେ ଏ ନଗରରେ ଆରମ୍ଭ ହୋଇ ଦଶ୍ୟୋଟି ବୋଦାଯେନ ଗଲେଣି କିନ୍ତୁ ଏ ରୋଗ ମଡକ ପ୍ରକାରରେ ଆରମ୍ଭ ହେବାର ଲକ୍ଷଣ ଦେଖା ଯାଇ ନାହିଁ ।

---

ଏ ସପ୍ତାହର ପ୍ରଥମରେ ବୃଷ୍ଟି ଊଣା ଥିଲା କିନ୍ତୁ ଗତ ଗୁରୁବାର ଭାରି ବୃଷ୍ଟି ହୋଇଅଛି । ଅଥଚ ପୂର୍ବ ପ୍ରାୟ ଦିବାରାତ୍ର ମେଘାଚ୍ଛନ୍ନ ନ ହୋଇ ମଧ୍ୟ୨ରେ ଖରା ଓ ଜ୍ୟୋସ୍ନା ପ୍ରତ୍ୟକ୍ଷ ହୋଇଅଛି । ଯେ ପରିମାଣରେ ବୃଷ୍ଟି ହେଲା ଯେବେ ତହିଁରେ ନଦୀ ବୃଦ୍ଧି ହୁଅଇ ତେବେ ବଡ଼ କଷ୍ଟର କଥା ହେବ । କାରଣ ଧୋଇ ଉପରେ ଧୋଇ ହେଲେ ଲୋକେ କିପରି ସମ୍ଭାଳିବେ ? ଗତ ବଢିରେ ଯେ ସମସ୍ତ ଘାଇ ମେଲା ହୋଇଅଛି ସେ ସମସ୍ତ ଯେବେ ଏଥି ମଧ୍ୟରେ ବନ୍ଦ ହେବ ତେବେ କେତେକ ରକ୍ଷା ମାତ୍ର ତହିଁର ଆଶା କରିବା ବୃଥା । ଅମ୍ଭେମାନେ ଅବଗତ ହୋଇଅଛୁଁ ଯେ ଗତବର୍ଷ କୋରକର ବନ୍ଧ ଭାଙ୍ଗି ଯାଇ ସାଇଲୋ ପ୍ରଭୃତି ଦକ୍ଷିଣାଂଶର ପ୍ରଜାଙ୍କୁ ଘାଇ ହେଇଥିଲା । ସେ ଘାଇ ବର୍ଷ ମଧ୍ୟରେ ବନ୍ଦ ହୋଇ ପାରିଲା ନାହିଁ । ପୁଣି ଏଥର ବଢିରେ ସେହି ଅଞ୍ଚଳରେ ଧୋଇ ହେଲା । ଏ ଘାଇ ଶୀଘ୍ର ବନ୍ଧାଇ ଦେବା କାରଣ ଜମିଦାରମାନେ କଲେକ୍ଟର ଓ ବାରିକମାଷ୍ଟରଙ୍କ ନିକଟରେ ଦରଖାସ୍ତ କରିଅଛନ୍ତି ଏବଂ ଆମ୍ଭେମାନେ ଆଶାକରୁଁ ଯେ ଉକ୍ତ ସାହେବମାନେ ଏ କାର୍ଯ୍ୟରେ ଯଥାଯୋଗ୍ୟ ତତ୍ପର ହୋଇ ପ୍ରଜାଙ୍କୁ ଦୁଃଖ ଉପରେ ଦୁଃଖରୁ ପରିତ୍ରାଣ କରିବେ ।

---

କାବୁଲରୁ ସଂବାଦ ଆସିଅଛି ଯେ ଚଳିତ ମାସ ପ୍ରଥମ ଦିନରେ ପାଦଖାଓସାନା ଗ୍ରାମରେ ଗୋଟିଏ ଯୁଦ୍ଧ ହୋଇ ଯାଇଅଛି । ସ୍ୟାଲୁବଖାନର ଜଣେ ହିତାକାଂକ୍ଷୀ ହସେନ ଖାନ ଜୋରମଲ ଏବଂ ଅନ୍ୟାନ୍ୟ ପାର୍ବତୀୟ ଜାତିଙ୍କୁ ଉତ୍ତେଜିତ କରି ପ୍ରାୟ ଏକସହସ୍ର ଲୋକ ଉକ୍ତ ଗ୍ରାମରେ ଜମା କରିଥିଲେ ଏବଂ ସରଦାର ହୋସେନ ଖାନ ଏବଂ ଅବ୍ଲାଙ୍କ ଉଦ୍ୟମରେ ଆଉ ଲୋକ ସେଠାରେ ମିଶିବାର କଥା ଥିଲା । ମେଜର ସ୍ମିଥ ସାହେବ ଏ ସଂବାଦ ଶୁଣିବା ମାତ୍ରକେ ମେଜର ପାଲିସରଙ୍କୁ ସେମାନଙ୍କୁ ତଡ଼ିଦେବା କାରଣ ଆଜ୍ଞା ଦେଲେ । ମେଜର ୫୫୦ ଅଶ୍ୱାରୋହୀ ସହିତ ସେଠାରେ ଉପସ୍ଥିତ ହୋଇ ଦେଖିଲେ ଯେ ଶତ୍ରୁମାନେ ଗ୍ରାମ ଛାଡ଼ି ପର୍ବତ ଆଡକୁ ପଳାଉଅଛନ୍ତି । ଆଜ୍ଞା ମାତ୍ରକେ ଅଶ୍ୱାରୋହିମାନେ ଦୌଡ଼ି ଯାଇ ପ୍ରାୟ ୮୦୦ ଲୋକଙ୍କୁ ଘେରି ଗଲେ ଅଳ୍ପକ୍ଷଣ ଯୁଦ୍ଧରେ ଶତ୍ରୁ ଅନେକ ଗୁଡିଏ ମୃତଦେହ ଛାଡ଼ି ଛିନ୍ନଭିନ୍ନ ହୋଇ ଗଲେ । ପ୍ରାୟ ଦୁଇଶତ ମୃତଦେହ ଗଣା ହୋଇଅଛି । ଇଂରେଜଙ୍କ ପକ୍ଷରୁ କେବଳ ଦୁଇଜଣ ସୱାର ପ୍ରାଣ ହରାଇଲେ କପ୍ତାନ ସିମୋର ସହିତ ୨୪ ଜଣ ସୱାର ଊଣା ଅଧିକ ଆହତ ହୋଇଅଛନ୍ତି । ସୈନ୍ୟମାନେ ସ ୧୬ ଘଣ୍ଟା ଘୋଡା ଚଢ଼ି ପ୍ରାୟ ୪୦ ମାଇଲ ଭୂମି ଭ୍ରମଣ କରି ସନ୍ଧ୍ୟା ସମୟରେ ଛାଉଣିକି ଆସିଲେ । ଶତ୍ରୁକୁ ଏକପ୍ରକାର ଉତ୍ତମ ଶିକ୍ଷା ଦେବାରୁ ଗବର୍ଣ୍ଣର ଜେନରଲ କାବୁଲ ସେନାଙ୍କୁ ଧନ୍ୟବାଦ ଦେଇଅଛନ୍ତି ।

---

### ଜମିଦାରୀର ଉନ୍ନତି ।

ଅସ୍ମଦ୍ଦେଶୀୟ ଜମିଦାରମାନେ ମନେ କରନ୍ତି ଯେ ପ୍ରଜାଙ୍କ ଉପରେ କର ବୃଦ୍ଧି କରିବା ବିନା ଜମିଦାରୀର ଆୟ ବୃଦ୍ଧି କରିବାର ଅନ୍ୟ କୌଣସି ଉପାୟ ନାହିଁ ଓ କୃଷିର ଉନ୍ନତି ଯେ କେତେଦୂର ହୋଇ ପାରେ ତାହା ସେମାନେ ସ୍ୱପ୍ନରେ ସୁଦ୍ଧା ଦେଖି ପାରି ନାହାନ୍ତି । ଇଂରାଜମାନେ ବାଣିଜ୍ୟ ବ୍ୟବସାୟ ବୁଝନ୍ତି କିନ୍ତୁ କୃଷିକଥା ଜାଣନ୍ତି ନାହିଁ ବୋଲି ଅନେକ ଲୋକର ବିଶ୍ୱାସ ଅଛି ଏ ସମସ୍ତ ଭ୍ରମ ଭାଙ୍ଗିବା ଉଦ୍ଦେଶରେ ଅମ୍ଭେ-

Digitized by srujanika@gmail.com

ମାନେ ଜଣେ ଇଂରାଜ ଜମିଦାରଙ୍କ କଥା ଲେଖୁଅଛୁଁ; ଯଥା—

ବେହାରପ୍ରଦେଶ ସାହାବାଦ ଜିଲ୍ଲାରେ ବଗ୍ରେଣ୍ଟ ଟାମସନ ସାହେବଙ୍କର କେତେଗୋଟା ଜମିଦାରୀ ଅଛି । ସେଠାରେ କ୍ଷେତରେ ଜଳ ଦେବା କାରଣ ସରକାରୀ ନାଳ ପ୍ରସ୍ତୁତ ହେବାରୁ ଜମିଦାରମାନେ ପ୍ରଥମେ ସେ ଜଳ ନେବାକୁ କୁଣ୍ଠିତ ହେଲେ । କିନ୍ତୁ ଇଂରାଜ ଜମିଦାରମାନେ ପ୍ରଥମେ ଆପଣା ଜମିଦାରୀରେ ୭୦ମାଇଲ ଶାଖାନାଳ ପ୍ରସ୍ତୁତ କରି ସମସ୍ତଙ୍କର ପଥପ୍ରଦର୍ଶକ ହେଲେ । ନାଳଜଳର ଫଳ ଦେଖି ଅନ୍ୟାନ୍ୟ ଜମିଦାରମାନେ ଏବେବେଳେ ଶାଖାନାଳ ସକାଶେ ୧୪୬ଖଣ୍ଡ ଦରଖାସ୍ତ ଦେଇ ଦଶହଜାରରୁ ଊର୍ଦ୍ଧ୍ୱ ଟଙ୍କା ସରକାରରେ ଜମା କରିଅଛନ୍ତି । ଏଥି ଉତ୍ତାରୁ ଏହି ଇଂରାଜ ଜମିଦାରମାନେ ନାଳଜଳ ବଳରେ କଳ ସୃଜନ ହୋଇପାରେ ବିବେଚନା କରି କେତେଗୁଡ଼ାଏ ଚିନୀରକଳ ନାଳକୂଳରେ ବସାଇଲେ । ଏହି ସମସ୍ତ କଳ ହେତୁ ବର୍ତ୍ତମାନ ଆଖୁର ଫସଲ ସେ ଅଞ୍ଚଳରେ ବିଶେଷ ବୃଦ୍ଧି ହୋଇଅଛି । ସନ ୧୮୭୭।୭୮ ସାଲରେ ଆଖୁ ଗୁଡ଼ର ପ୍ରମାଣ ମା୪୮୧୧ଣ ଥିଲା ସନ ୧୮୭୮।୭୯ସାଲରେ ତାହା ମା୧୫୬୬୪ଣ ପର୍ଯ୍ୟନ୍ତ ବୃଦ୍ଧି ହେଲା । ଆଖୁ ଜମିର ଜଳକର ମାଣପ୍ରତି ଟ୧୦ ହୋଇଥିବା ସତ୍ତ୍ୱେ ଏପରି ବୃଦ୍ଧି ହୋଇଅଛି । ସନ୧୮୭୭ସାଲରେ ସାହାବାଦରୁ ମ ୫୧୪୯୫ ହଣ ଗୁଡ ରପ୍ତାନି ହୋଇଥିଲା ସନ ୧୮୭୯ ସାଲରେ ସେହି ରପ୍ତାନିର ପରିମାଣ ମ୯୭୧୩୯୯ହଣ ହେଲା । ଦେଶୀୟ ଜମିଦାରଙ୍କଦ୍ୱାରା ଏପରି ଫଳ କଦାଚ ଲାଭ ହୁଅନ୍ତା ନାହିଁ । ଯାହା ହେଉ ଏହି ସମସ୍ତ ଆଦର୍ଶ ଦେଖି ଯଦ୍ୟପି ଦେଶୀୟ ଜମିଦାରମାନେ ଆପଣା କର୍ତ୍ତବ୍ୟସାଧନରେ ତତ୍ପର ହେବେ ତାହା ହେଲେ ଅସ୍ମଦେଶର ଅବସ୍ଥା ଅନେକ ଉନ୍ନତ ହେବ ସନ୍ଦେହ ନାହିଁ ।

---

## ପୁରୀ ରଥଯାତ୍ରା ।

ଗତ ବର୍ଷ ରଥଯାତ୍ରା ସମ୍ପର୍କରେ ସ୍ଥାନୀୟ ପ୍ରଧାନକର୍ମଚାରୀ ଏବଂ ଗବର୍ଣ୍ଣମେଣ୍ଟ ବଙ୍ଗାଳଙ୍କ ମଧ୍ୟରେ ଯେତେ ଘଣାଘଣି ହୋଇଥିଲା ତହିଁରୁ ଆମ୍ଭେମାନେ ଆଶା କରିଥିଲୁଁ ଯେ ସ୍ଥାନୀୟକର୍ମଚାରୀଙ୍କ ତ୍ରୁଟିରୁ ଆଉ କୌଣସି ଦୁର୍ଘଟନା ନ ହେବ କିନ୍ତୁ ବଡ଼ ଦୁଃଖର ବିଷୟ ଯେ ସେ ଆଶା ପୂର୍ଣ୍ଣ ଏକବର୍ଷ ସ୍ଥାୟୀ ହେଲା ନାହିଁ । ସେହି ଆର୍ମଷ୍ଟ୍ରଂ ସାହେବ ମାକଫ୍ରେଟ ଅଛନ୍ତି ତଥାଚ ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରାର ଉତ୍ତମ ବନ୍ଦୋବସ୍ତ ହୋଇ ନ ପାରିଲା ଏବଂ ହିନ୍ଦୁସ୍ଥାନମାନଙ୍କୁ ଅନର୍ଥକ ଦୁଃଖ ଦିଆ ଗଲା । ଜନସାଧାରଣରେ ଏହି କଥା ଉଠିଅଛି ଯେ ହାକିମମାନେ ଜଗନ୍ନାଥଙ୍କ ରଥ ବନ୍ଦ କଲେ । ପ୍ରକୃତ ଘଟନା ସମସ୍ତଙ୍କର ବୁଝିବାର ଯେ ସୁଯୋଗ ଓ କ୍ଷମତା ନାହିଁ ତାହା କହିବା ବାହୁଲ୍ୟ । ସ୍ଥୂଳ ଫଳ ନେଇ ସମସ୍ତେ ବିଚାର କରନ୍ତି ଓ ତାହା ଯେ ସାଧାରଣ ଦୁଃଖଜନକ ଅଟଇ ଏଥିରେ ସନ୍ଦେହ ନାହିଁ । ଆମ୍ଭେମାନେ ଏହି ହେତୁ ପୁନଃ ୨ କହୁଁ ଯେ ଏହି ୨ ସ୍ଥାନୀୟ ହାକିମଙ୍କ କାର୍ଯ୍ୟରେ ଗବର୍ଣ୍ଣମେଣ୍ଟଙ୍କପ୍ରତି ପ୍ରଜାଙ୍କର ସ୍ନେହ ଓ ଭକ୍ତି ଯେତେ ଊଣା ହୁଅଇ ତେତେ ଅନ୍ୟ କୌଣସିରୂପେ ଘଟଇ ନାହିଁ ।

ଏହି ରଥଯାତ୍ରା ପୁରୀର ସର୍ବାପେକ୍ଷା ପ୍ରଧାନ ପର୍ବ ଏବଂ ଏହା ସୁଚାରୁରୂପେ ନିର୍ବାହ ହେବା ପକ୍ଷରେ ଗବର୍ଣ୍ଣମେଣ୍ଟଙ୍କର ବିଶେଷ ଉଦ୍ବେଗ ଅଛି । ରଥ ତଳେ ଅନେକଥର ଯାତ୍ରୀ ମରି ପଡ଼ିବାରୁ କେତେ ବର୍ଷ ହେଲା ଗବର୍ଣ୍ଣମେଣ୍ଟ ନିୟମ କରିଅଛନ୍ତି କି ରଥ ପ୍ରସ୍ତୁତ ହେବା ଉତ୍ତାରୁ ବାରକମାଷ୍ଟର ସାହେବ ତଦାରଖ କରି ସାର୍ଟିଫିକଟ ଦେବେ ତେବେ ମାଜିଷ୍ଟ୍ରେଟ ରଥ ଟଣା ଯିବାର ଆଜ୍ଞା ଦେବେ । ଆମ୍ଭେମାନେ ଶୁଣିଲୁଁ ଯେ ରଥ ପ୍ରସ୍ତୁତ ହେଲା ଉତ୍ତାରୁ ପୁରୀର ବାରକମାଷ୍ଟର ଡେବିସ୍ ସାହେବ ତାହା ଦେଖି କେବଳ ରଥ ଅଟକାଇବା ସକାଶେ ଲୁହା ଜଞ୍ଜିରରେ ଗୋଟାଏ ଲେଖାଏ ବଡ଼କାଠ ଖୁଣ୍ଟ ଲାଇ ରଖିବାକୁ କହି ଗଲେ । ମ୍ୟାନେଜର ତଦନୁସାରେ କର୍ମ କଲେ ଚଳିତମାସ ତା ୯ ରଖ ଗୁଣ୍ଡିଚାଦିନ ସକାଳେ ପୁଲିସ ସାହେବ ଓ ବାରକମାଷ୍ଟର ସାହେବ ରଥ ନିକଟକୁ ଆସି ତଦାରଖ କରି ତାହାଙ୍କ ପ୍ରସ୍ତାବିତ କାଠରେ ମୋଟ ଜଞ୍ଜିର ଲଗାଇବାପାଇଁ ମ୍ୟାନେଜରଙ୍କୁ କହି ଗଲେ । ତହିଁ ଉତ୍ତାରୁ ବାରକମାଷ୍ଟର ସାହେବ ସେଠା ମାଜିଷ୍ଟ୍ରେଟଙ୍କ ନିକଟକୁ ରଥ ବିରୁଦ୍ଧରେ କି ରିପୋର୍ଟ କଲେ ଯେ ତଦୃଷ୍ଟିରେ ମାଜିଷ୍ଟ୍ରେଟ ରାଣୀଙ୍କି ପରୱାନାଦ୍ୱାରା ଜଣାଇଲେ ଯେ ତାହାଙ୍କ ଭିନ୍ନ ଆଜ୍ଞା ପର୍ଯ୍ୟନ୍ତ ରଥଟଣା ବନ୍ଦ ହେବ ଯେହେତୁ ବାରକମାଷ୍ଟରଙ୍କ ମତରେ ତାହା ନିରାପଦ ନୁହଇ । ସକାଳବେଳା ତଦାରଖ ସମୟରେ ବିଖ୍ୟାତ ବାବୁ ତାରକାନ୍ତ ବିଦ୍ୟାସାଗର ସେଠାରେ ଉପସ୍ଥିତ ଥିଲେ । ଏପରି ପରୱାନା ପାଇ ରାଣୀ ଏବଂ ପୁରୀବାସିଙ୍କ ସହିତ ବହୁ ସଂଖ୍ୟକ ଯାତ୍ରିଙ୍କ ମନ କିପ୍ରକାର ହେଲା ତାହା ଲେଖିବାର ପ୍ରୟୋଜନ ନାହିଁ । ମାଜିଷ୍ଟ୍ରେଟ ସାହେବ ଏଥିର ରିପୋର୍ଟ କମିଶନରଙ୍କ ନିକଟକୁ କଲେ ଓ ମ୍ୟାନେଜରର ମଧ୍ୟ ତାର ୨ ହୋଇ କଟକକୁ ଦୌଡ଼ ଥିଲେ ତାରଯୋଗେ କଲିକତାରେ କମିଶନର ସାହେବ ଏ ସଂବାଦ ପାଇ ଶ୍ରୀଯୁକ୍ତ ସୁପରେଣ୍ଟେଣ୍ଡି ଇଞ୍ଜିନିୟର ଅଥବା ଶ୍ରୀଯୁକ୍ତ ମାକମିଲନ ସାହେବଙ୍କୁ ପଠାଇ ଯାଇ ରଥ ନିର୍ମାଣରେ କିଛି ଦୋଷ ଥିଲେ ତତ୍କ୍ଷଣାତ ତାହା ସଂଶୋଧନ କରି ଯାତ୍ରା ମଧ୍ୟରେ ରଥ ଚଳାଇବାର ସୁବିଧା କରିଦେବାର ଆଜ୍ଞା ଦେଲେ ତଦନୁସାରେ ଗତ ବୁଧବାର ପ୍ରାତଃକାଳରେ ଶ୍ରୀଯୁକ୍ତ ମାକମିଲନ ସାହେବ ପୁରୀକୁ ଯାତ୍ରା କଲେ ଓ ମ୍ୟାନେଜର ମଧ୍ୟ ତହିଁ ପୂର୍ବ ରାତ୍ରରେ ସେଠାକୁ ଗଲେ ।

ଏଥି ମଧ୍ୟରେ ସନ୍ନାମହନ୍ତ ପଣ୍ଡା ପ୍ରଭୃତି ମାଜିଷ୍ଟ୍ରେଟ ସାହେବଙ୍କ ନିକଟରେ ଆବେଦନ କରିବାରୁ ସାହେବ ସ୍ଥାନିକ ପେଣ୍ଡସେସ ଇଞ୍ଜିନିୟର ନେକ ସାହେବଙ୍କୁ ରଥ ତଦାରଖ କରିବାକୁ ପଠାଇବାରେ ସେ ରଥମାନ ଦେଖି ଯାହା କିଛି ଦୋଷ ଥିଲା ସଜାଡ଼ି ଦେଲେ ଓ ଶ୍ରୀଯୁକ୍ତ ମାକମିଲନ ସାହେବ ଆଉ କିଛି ଦୋଷ ନ ଦେଖି ରଥ ଟାଣିବାର ଆଜ୍ଞା ଦେବାରୁ ଗତ ବୁଧବାର ରଥଟଣା ଆରମ୍ଭ ହେଲା ।

ଆମ୍ଭେମାନେ ଆଶା କରୁଁ ଯେ ଗବର୍ଣ୍ଣମେଣ୍ଟ ଏଥିର ବିହିତ ଅନୁସନ୍ଧାନ କରିବେ । କାରଣ ବର୍ଷକୁ ବର୍ଷ ହାକିମମାନଙ୍କର ଏପ୍ରକାର ଅନ୍ୟାୟ ହସ୍ତକ୍ଷେପଣଦ୍ୱାରା ହିନ୍ଦୁମାନଙ୍କ ଧର୍ମପ୍ରତି ବାଧା ହେବା ବଡ଼ କଷ୍ଟକର ଅଟଇ । ଯେବେ ବାରକମାଷ୍ଟର ଓ ମାଜିଷ୍ଟ୍ରେଟ ସାହେବମାନେ ପୂର୍ବରୁ ସତର୍କ ହୋଇ ଥାଆନ୍ତେ ତେବେ କଦାଚ ଏପରି ଘଟନ୍ତା ନାହିଁ । ଆମ୍ଭମାନଙ୍କ ବିବେଚନାରେ ସେମାନେ ଏ ଗୁରୁତର କାର୍ଯ୍ୟରେ ଅନୁଚିତ ଉପେକ୍ଷା ଅବହେଳା କରିଅଛନ୍ତି ।

---

## ଓଡ଼ିଶା ନାଳର ହିସାବ ।

ଓଡ଼ିଶାର ନାଳରେ ସନ ୧୮୭୮।୭୯ ପର୍ଯ୍ୟନ୍ତ ସର୍ବମୋଟ ଟ ୧୮୩୩୮୪୪୭୮ ଙ୍କା ବ୍ୟୟ ହୋଇଅଛି ଏଥିର ସୁଧ ବାର୍ଷିକ ଟ୮୦୬୫୭୩୮ଙ୍କା ଓ ନାଳ ଆରମ୍ଭ ହେଲା ଦିନଠାରୁ ଏହି ବର୍ଷ ଶେଷ ପର୍ଯ୍ୟନ୍ତ ମୋଟ ସୁଧ ଟ ୬୦୨୩୫୦୬୮ ଙ୍କା ହୋଇଅଛି ।

Digitized by srujanika@gmail.com

ଏ ପର୍ଯ୍ୟନ୍ତ ନାଳକାର୍ଯ୍ୟ ଚଳାଇବାର ବ୍ୟୟ ଟ ୧୭୮୧୪୪୦୯ ଙ୍କା ହୋଇଅଛି ତହିଁ ମଧ୍ୟରୁ ନାଲ ରାଜସ୍ୱ ମୋଟରେ ଟ ୭୦୦୩୬୮୯ ଙ୍କା ଆଦାୟ ହୋଇଅଛି । ସୁତରାଂ କାର୍ଯ୍ୟ ଚଳାଇ ବାରେ ଏ ପର୍ଯ୍ୟନ୍ତ ଟ ୧୦୮୧୧୧୬୯ ଙ୍କା କ୍ଷତି ହୋଇଅଛି ଏବଂ ଉପର ଲିଖିତ ସୁଧ ଏଥିସଙ୍ଗେ ମିଶାଇଲେ ସର୍ବସୁଦ୍ଧା ୭୧ ଲକ୍ଷ ଟଙ୍କା ନାଲ କରିବାରେ ଗବର୍ଣ୍ଣମେଣ୍ଟଙ୍କର ଅବଧି କ୍ଷତି ହୋଇ ଥିବାର ବୋଧ ହିବ ।

ଓଡ଼ିଶା ନାଳମାନଙ୍କର ବିଜ୍ଞାପନୀ ବର୍ଷର ଜମା ଖର୍ଚ୍ଚ ନିମ୍ନଲିଖିତ ପ୍ରାପ୍ତ ଅଟଇ ଯଥା;—

ଜମା

| | |
|---|---|
| ଜଳକର | ଟ ୧୭୨୯୮୪ |
| ନୌକା ମାସୁଲ | ଟ ୬୨୩୪୩ |
| ବାଜେ | ଟ ୮୫୪୭ |
| ମୋଟ | ଟ ୨୪୩୮୭୩ |

ଖର୍ଚ୍ଚ

| | |
|---|---|
| ମରାମତି ଖର୍ଚ୍ଚା | ଟ ୧୪୭୧୧୩ |
| ସ୍ଥାପନ | ଟ ୭୪୧୧୬ |
| ହତିୟାର | ଟ ୧୭୨୩୮ |
| ରାଜସ୍ୱ ଫେରତ ଦେବା | ଟ ୬୨୩ |
| ମୋଟ | ଟ ୨୩୯୦୯୦ |

ଏଥିରୁ ଦେଖାଯାଏ ଯେ ଟ ୪୭୮୩ ଲାଭ ହୋଇଅଛି ମାତ୍ର ତାହା ଆଦାୟ ହୋଇ ନ ଥିବାରୁ କିଛି ଲାଭ ନୁହଇ ।

୧୮୭୨।୭୩ ସାଲରେ ନାଲରୁ ଜଳ ଦେବାର ଆରମ୍ଭ ହୁଅଇ ସେ ବର୍ଷ ମା ୪୭୫୩ ଣ ଜମିରେ ଜଳ ଦିଆ ଯାଇଥିଲା ତହିଁ ଆରବର୍ଷ ବୃଷ୍ଟି ଊଣା ହେବାରୁ ମା ୧୨୫୭୧ ଣ ଜମିରେ ଜଳ ମାଡ ଥିଲା । ତହିଁ ଉତ୍ତାରୁ କ୍ରମଶଃ ଭୂମିର ପରିମାଣ ବୃଦ୍ଧି ହୋଇ ଗତ ତିନବର୍ଷରେ ନିମ୍ନଲିଖିତ ପ୍ରାପ୍ତ ଥିଲା ଯଥା;—

| | |
|---|---|
| ସନ ୧୮୭୬।୭୭ | ମା ୩୦୩୮୨ ଣ |
| ୧୮୭୭।୭୮ | ମା ୫୮୪୫୫ ଣ |
| ୧୮୭୮।୭୯ | ମା ୧୧୧୨୫୦ ଣ |

ସନ ୧୮୭୮।୭୯ ରେ ବୃଷ୍ଟିର ପରିମାଣ ଅଧିକ ଥିଲେହେଁ ଏତେ ଜମି ସକାଶେ ଜଳ ଯାଇଥିଲା ଏପରି ବନା ଜଳରେ ହାଇଲେବଲ ନାଲରୁ ମା ୧୧୫୭୬ ଣ ଜମିକୁ ଜଳ ଦିଆ ଯାଇଥିଲା ଏବଂ କେନ୍ଦ୍ରାପଡ଼ା ଓ ପଟାମୁଣ୍ଡାଇ ନାଲର ଅଯୋଗରେ ମା ୨୦୩୫୮ ଣରେ ପାଣି ଥପେ ମାଡ ଯାଇଥିଲା ସୁତରାଂ ମା ୧୪-୩୧୭୫ ଣ ଜମିରେ ଜଳ ଦିଆ ଯାଇ ଥିବାର ବୋଲିବାକୁ ହେବ । ଯେଉଁ ମା ୧୧୧୨୫୦ ଣ ଉପରେ ଜଳକର ବସିଅଛି ତହିଁର ଅଧିକାଂଶ ଅର୍ଥାତ ମା ୫୪୫୪୨ ଣ ପାଞ୍ଚବର୍ଷିଆ କବୁଲିଅତି ଜମି ଅଟଇ ନାଲଜଳର କାର୍ଯ୍ୟକାରିତାର ଅଧିକ ପ୍ରମାଣ ଏଥିରୁ କି ହୋଇ ପାରେ ? କେବଳ ମା ୪୭୫୨ ଣ ଉପରେ ଅର୍ଥଦଣ୍ଡ ସ୍ୱରୂପ ଟ ୩୯ ଙ୍କା ଲେଖାଁଏ ଦର ବସି ଥିଲା । ଏହି ପ୍ରକାର ଜମି ସମ୍ପର୍କରେ ଅତ୍ୟାଚାର ହେବାର ଆମ୍ଭେମାନେ ପୂର୍ବେ ଲେଖି ଥିଲୁଁ ଏବଂ ବିଜ୍ଞାପନୀରୁ ଜଣାଯାଏ ଯେ ତାହା ଗବର୍ଣ୍ଣମେଣ୍ଟଙ୍କ ବିଚାରାଧୀନରେ ଅଛି ଏବଂ ନାଲରୁ ଅଧିକା ଜଳ ଏଣେ ତେଣେ ବହି ନ ଯାଇ ନିରୂପିତ ଜଳ ନିକାସୀ ବାଟରେ ବାହାର କରି ଦେବାର ମଧ୍ୟ ଉପାୟ ହେଉଅଛି ସୁତରାଂ ଭବିଷ୍ୟତରେ ଏପରି ଅତ୍ୟାଚାର ଆଉ ନ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ।

ଯେତେ ଜମିରେ ନାଲଜଳ ମାଡ ପାରେ ଅବଧି ତହିଁରୁ ଶତକରା ମା ୩୫ ଣ ଲେଖାଁଏ କବୁଲିୟତ ହୋଇଅଛି କିନ୍ତୁ ସରବରି ନକ୍ସା ଅନୁସାରେ ସାମି ବନ୍ଦୋବସ୍ତରେ ଶତକରା ମା ୫୦ ଣ ପର୍ଯ୍ୟନ୍ତ ହେବାର ଡେପୁଟୀ ସୁପ୍ରଣ୍ଡ ସାହେବ ଆଶା କରନ୍ତି । କିନ୍ତୁ ଜଳ ବାହାର ହିବାର ନାଲ ସମସ୍ତ ଦିଗରେ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ସମସ୍ତ ଜମି[illegible]ଲର ପ୍ରଯୋଜନ ହେବ ନାହିଁ ।

ନୌକା ମାସୁଲର ଆୟ ନିମ୍ନଲିଖିତ ପ୍ରକାର ଅଟଇ ।

| | |
|---|---|
| ସନ ୧୮୭୫।୭୬ | ଟ ୧୭୩୭୭ |
| ୧୮୭୬।୭୭ | ଟ ୨୨୮୮୧ |
| ୧୮୭୭।୭୮ | ଟ ୩୩୮୪୪ |
| ୧୮୭୮।୭୯ | ଟ ୫୭୦୪୨ |

କେନ୍ଦ୍ରାପଡ଼ା ନାଲରେ ସର୍ବାପେକ୍ଷା ଅଧିକ ଆୟ ତହିଁ ତଳେ ହାଇଲେବଲ ନାଲ ଅଟଇ ଅନ୍ୟାନ୍ୟ ନାଲର ଆୟ ଅତି ଊଣା ।

ଉପରଲିଖିତ ବିବରଣରୁ ଦେଖାଯାଏ ଯେ ଗତବର୍ଷାପେକ୍ଷା ଏ ବର୍ଷ ନୌକା ମାସୁଲ ଅନେକ ବୃଦ୍ଧି ହୋଇଅଛି ମାତ୍ର ତାହା କେବଳ ସନ ୧୮୭୮ ସାଲ ତା ୧ ରଖ ନବମ୍ବରଠାରୁ ନୌକା ମାସୁଲର ଦର ଦ୍ୱିଗୁଣ ହେବା ହେତୁରୁ, ନୋହିଲେ ନାଲର କାର୍ଯ୍ୟକାରିତା ବୃଦ୍ଧି ହେତୁରୁ ନୁହଇ ଯଥା;—

| | ସନ ୧୮୭୭।୭୮ | ସନ ୧୮୭୮।୭୯ |
|---|---|---|
| ନୌକାସଂଖ୍ୟା | ୧୨୪୩୪ | ୧୪୦୪୨ |
| ବୋଝାଇ ଯେତେଟନ | ୧୦୫୨୫୭ | ୧୨୯୬୪୭ |
| ଜିନିଷର ମୂଲ୍ୟ | ୫୩୧୨୫୪୮ | ୪୦୭୫୫୦୪ |

ନାଲ ବାଟେ ଯିବା ଦ୍ରବ୍ୟର ମୂଲ୍ୟ ଟ ୧୨-୩୩୦୪୪୯ ଙ୍କା ଊଣା ପଡିଅଛି ଏଥିର କାରଣ ଏହି ଯେ ମାନ୍ଦ୍ରାଜ ଦୁର୍ଭିକ୍ଷ ହେତୁ ସନ ୧୮୭୭।-୭୮ ରେ ଅଧିକ ଚାଉଳ ରପ୍ତାନି ହୋଇଥିଲା ଏ ବର୍ଷ ସେପରି ହୋଇ ନାହିଁ ।

କଟକଠାରୁ ଚାନ୍ଦବାଲିକୁ ଯେଉଁ ଜାହାଜ ଯାତାୟାତ କରଇ ତାହାର ଫଳ ଅତି ସନ୍ତୋଷଜନକ ଅଟଇ । ଏବର୍ଷ କେବଳ ମା ୫ ସ ଉକ୍ତ ଜହାଜ ଯାତାୟାତ କରି ସମସ୍ତ ଖର୍ଚ୍ଚା ବାଦେ ଟ ୭୪୭୬୯ ଙ୍କା ନିଟ ଲାଭ କରିଥିଲା । ଖେଟ ବ୍ରାହ୍ମଣୀର ଠାବ୨ରେ ବାଲି ପଡିବାରୁ ଜାହାଜ ଗତାୟତର ବଡ ବ୍ୟାଘାତ ହୋଇଥିଲା । ସମ୍ପ୍ରତି ଗୋବରୀ ନାଲକୁ ବସୁଆ ପର୍ଯ୍ୟନ୍ତ ଖୋଲି ନେଇ ବ୍ରାହ୍ମଣୀରେ ମିଶାଇବାର ପ୍ରସ୍ତାବ ହୋଇଅଛି । ଏ ନାଲ ଫିଟିଲେ ବାଣିଜ୍ୟ ବୃଦ୍ଧି ହେବାର ଆଶା ଅଛି ।

---

## ସାପ୍ତାହିକସଂବାଦ ।

ଓଡ଼ିଶାର ଗଡ଼ଜାତର ପଶ୍ଚିମ ସୀମାରେ ବାମଡ଼ା ନାମରେ ଗୋଟିଏ ରାଜ୍ୟ ଅଛି ସେହି ରାଜ୍ୟରେ ଓଡ଼ିଶା ଭାଷା ପ୍ରଚଳିତ; ଏଣୁ ବାମଡ଼ାକୁ ଓଡ଼ିଶାର ଗୋଟିଏ ଅଂଶ ବୋଲିବାକୁ ହେବ । ସେହି ରାଜ୍ୟରେ ଗୋଟିଏ ସଧବା ସ୍ତ୍ରୀଲୋକ ସତୀ ହୋଇଅଛନ୍ତି । ରାଜା, କୁଟୁମ୍ବ ଓ ପଡିଶାମାନେ ବିଶେଷରୂପେ ବାରଣ କରିଥିଲେ; କିନ୍ତୁ ସେ ତାହା ଶୁଣିଲେ ନାହିଁ । ବାମଡ଼ାର ରାଜା, ଜାତ କୁଟୁମ୍ବମାନଙ୍କୁ ସାମାନ୍ୟରୂପ ଅର୍ଥଦଣ୍ଡ କରିଥିଲେ; ଏଥିକୁ ସମ୍ବଲପୁରର ଡେଃ କମିଶନର ଏପରି ଲଘୁଦଣ୍ଡ ଦେବାର କାରଣ ବାମଡ଼ା ରାଜାଙ୍କୁ ପଚାରନ୍ତେ ସେ ଉତ୍ତର ଦେଇ ଅଛନ୍ତି ଯେ, ସ୍ତ୍ରୀଲୋକଟି ଆପଣା ଇଚ୍ଛାରେ ସତୀ ( ଅନୁମୃତା ) ହୋଇଅଛି ଏବଂ ଅସାମୀମାନେ ବିଶେଷରୂପେ ନିଷେଧ କରିଥିଲେ । ଏହି ଦୁଇ ବିଷୟର ପ୍ରମାଣ ପାଇଥିଲୁଁ ବୋଲି ଲଘୁଦଣ୍ଡ ବିଧାନ କରିଅଛୁଁ । ସ, ବା,

ଶ୍ରୀଯୁକ୍ତ ହାଣ୍ଟର ସାହେବ ମୋଜଫରପୁରର ଏକଟିଂ କଲେକ୍ଟର ମାଜିଷ୍ଟ୍ରେଟ ନିଯୁକ୍ତ ହୋଇଅଛନ୍ତି । ସୁଖର ବିଷୟ ଅଟଇ ।

ଏଥି ମଧ୍ୟରେ ଝୋଟର ନୂତନ ଫସଲ ବାହାରିବା ନଗରରୁ ଆମଦାନି ହେଉଅଛି । ରଥଯାତ୍ରାଦିନ ଏ ଦ୍ରବ୍ୟ କଳରେ ଚପା ହେବାର ଆରମ୍ଭ ହେଲା ।

ଏକ ସମ୍ବାଦପତ୍ରରେ ଲେଖା ଅଛି କି ଦୁଇ ବନ୍ଧୁ ଏକେ ଏକତ୍ରରେ ବସି କାଫି ପିଉଥିଲେ । କାଫିର ଆସ୍ୱାଦନ ଭଲ ନ ହେବାରୁ କ ହେତୁରୁ ବଣିକଙ୍କ ସନ୍ଦେହ କରି ଖୋଜିବାରେ ପ୍ରକାଶ ପାଇଲା ଯେ କାଫି ପାତ୍ରରେ କେତୋଟି ଅସରପା ଭଜିଅଛି । ତହିଁ ସେମାନେ ବିରକ୍ତ ହୋଇ ଫେରିବାକୁ ଗଲେ । ସେମାନଙ୍କର ଶ୍ୱାସରୋଗ ଥିଲା ସକାଳେ ଉଠିବାବେଳେ ସେମାନେ ଅତ୍ୟନ୍ତ ପ୍ରକାର ଆରାମ ବୋଧ କଲେ । ଏଥିରୁ ଲୋକେ ସିଦ୍ଧାନ୍ତ କରି ଅଛନ୍ତି କି ଅସରପା କାଢ଼ା ପାନ କଲେ ଶ୍ୱାସରୋଗ ନାଶ ହେବ । ପରୀକ୍ଷାଟା ପ୍ରୀତିକର ନୁହଇ ଏଣିକି ପ୍ରତିବନ୍ଧକ ।

ବଡ଼ ସାହେବମାନେ ଶୀଘ୍ରକୁ ରକ୍ଷା ପାଇବା ଆଶାରେ

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୫ ଗ
ସଂ ୩୦ ଖ୍ୟା

ତା ୨୪ ରଖ ମାହେ ଜୁଲାଇ ସନ ୧୮୮୦ ମସିହା । ମୂ । ଶ୍ରାବଣ ବ ୧୧ ଜ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩॥
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୧
ମଫସଲପାଁଇ ଡାକମାସୁଲ ଟ ୧।୵

ବର୍ଷାଋତୁ ଆରମ୍ଭ ହେଲାଦିନୁ ଯେମନ୍ତ ଏକ ମାସ ଝଡ଼ ଲଗାଇ ରଖିଥିଲା ତେମନ୍ତ ଗତ ଆଠ ଦିନରୁ ଏକାବେଳକେ ବୃଷ୍ଟି ଛାଡ଼ିଯାଇ ଅସହ୍ୟ ରୌଦ୍ର ଓ ଗ୍ରୀଷ୍ମ ହୋଇଅଛି । ଆପାତତଃ ଏ ଖରା ଏକପ୍ରକାର ପ୍ରୀତିକର ହୋଇଅଛି ଏବଂ ଯେବେ ଏହା ଅଧିକଦିନ ନ ରହି ଯାଗଶ୍ରାବଣ ଆରମ୍ଭ ହେବ ତେବେ ବଡ଼ ଉପକାର ହେବ । ଓଲାଉଠାରୋଗ ସାମାନ୍ୟରେ ଏ ନଗରରେ ଲାଗି ରହିଅଛି ।

---

ଆମ୍ଭମାନଙ୍କର ନୂତନ କମିଶନର ଶ୍ରୀଯୁକ୍ତ ମେଟକାଫ ସାହେବ ଗତ ମାସ ତା ୨୬ ଖ ସନ୍ଧ୍ୟାସମୟରେ ପହୁଞ୍ଚି ଗତ ଶନିବାରଠାରୁ ପ୍ରତିଦିନ କଚେରୀ କରୁଅଛନ୍ତି । ସାହେବଙ୍କର କାର୍ଯ୍ୟକୌଶଳ ଓ ମିଜାଜରେ ଲୋକମାନେ ଆନନ୍ଦିତ ହେବାର ଦେଖା ଯାଏ । କଚେରୀର କାର୍ଯ୍ୟ ସାରିବାକୁ ଯେମନ୍ତ ତତ୍ପର ଲୋକଙ୍କ ଗୁହାରି ଶୁଣିବାକୁ ତେମନ୍ତ ଅଟନ୍ତି । ଆମ୍ଭେମାନେ ଶୁଣିଲୁଁ ଯେ କଚେରୀକୁ କେହି ଲୋକ ଗଲେ ଅତି ଧୀର ଓ ପ୍ରସନ୍ନଚିତ୍ତରେ ତାହାର ଗୁହାରି ଶୁଣି ଯଥାଯୋଗ୍ୟ ଆଜ୍ଞା ଦିଅନ୍ତି ଓ ଅମଲା ପ୍ରଭୃତିଙ୍କ କଥାରେ ଭୁଲନ୍ତି ନାହିଁ ।

---

ପୁରୀଠାରୁ ଗତ ରଥଯାତ୍ରା ସମ୍ପର୍କରେ ଏକ ବ୍ୟକ୍ତି ଲେଖିଅଛନ୍ତି କି ନବଦ୍ୱୀପନାରାୟଣ ଦାସ ଏବଂ ବାବୁ ତାରାକାନ୍ତ ବିଦ୍ୟାସାଗର କେତେକ ସେବକ ପ୍ରଭୃତିଙ୍କୁ ଡକାଇ ଏକ ଗୃହଚକ୍ରଯୁ ସାନରଥ ଅଥବା ଗାଡ଼ିରେ ଠାକୁରମାନଙ୍କୁ ଗୁଣ୍ଡିଚାମନ୍ଦିରକୁ ନେବାର ପରାମର୍ଶ କରିଥିଲେ । ଊନବିଂଶଶତାବ୍ଦୀର ଉନ୍ନତ ଭାବରେ ପଡ଼ି ଶ୍ରୀ ଜଗନ୍ନାଥମହାପ୍ରଭୁଙ୍କର ଭକ୍ତ ବନ୍ଧୁମାନେ ଯେ ଏକ ସମୟରେ ମହାପ୍ରଭୁଙ୍କୁ ମନୁଷ୍ୟ ଟାଣିବାର ରଥ ଛଡ଼ାଇ ଗୃହଯୋଡ଼ାର ଫିଟନଗାଡ଼ିରେ ବସାଇ ଗୁଣ୍ଡିଚାମନ୍ଦିରକୁ ନେଇ ଯିବେ ଏହା ଅସମ୍ଭବ ବା ଅସଙ୍ଗତ କଳ୍ପନା ବୋଲି ବୋଲାଯାଇ ନ ପାରେ କିନ୍ତୁ ପ୍ରାଚୀନ ଓ ଶାସ୍ତ୍ରଜ୍ଞ ବ୍ୟକ୍ତିଙ୍କ ମନରେ ଅଜହିଁ ଏକଥା ଉଦୟ ହେବାର ଶୁଣିବା ବଡ଼ କୌତୁକଜନକ ଅଟଇ । ଧନ୍ୟ କଳିକାଳ !

---

ଆମ୍ଭମାନଙ୍କର କଲେକ୍ଟର ଶ୍ରୀଯୁକ୍ତ ପସି ସାହେବ ଆଗତକାଲି କଲିକତା ଯିବେ ବୋଲି ଶୁଣାଯାଏ । କେଉଁ ବିଶେଷ କାର୍ଯ୍ୟ ସକାଶେ ଯାଉ ଅଛନ୍ତି ତାହା ଆମ୍ଭେମାନେ ଅବଗତ ନୋହୁଁ ମାତ୍ର ଶୁଣୁଅଛୁଁ ଯେ ନୂତନ ସବଡେପୁଟିଙ୍କ ବିପକ୍ଷ ଓ ସପକ୍ଷରେ ଦରଖାସ୍ତମାନ ପଡ଼ୁଅଛି । ଆମ୍ଭେମାନେ ପ୍ରଥମେ କହିଥିଲୁଁ ଯେ ବନ୍ଦୋବସ୍ତ ବଡ଼ କଠିନ କାର୍ଯ୍ୟ ଅଟଇ ଏଥି ସକାଶେ ପ୍ରବୀଣ ଡେପୁଟିକଲେକ୍ଟର ନିଯୁକ୍ତ ନ କରି ସବଡେପୁଟି ନିଯୋଗ କରିବା ଭଲ ହୋଇ ନାହିଁ । ମାକ ସାହେବ ପ୍ରଶଂସିତ ଯେମନ୍ତ ତହସିଲଦାରଙ୍କ ବିରୁଦ୍ଧରେ ରିପୋର୍ଟ କରିବାରେ ତେମନ୍ତ ସବଡେପୁଟି ନିଯୁକ୍ତ କରିବାରେ ଭାରି ତତ୍ପରତାପଣିଆ ଦେଖାଇ ଅଛନ୍ତି ଏବଂ ଏଥିପାଇଁ ଯେବେ ତାହାଙ୍କୁ ବିଶେଷ କଷ୍ଟ ଲଭିବାକୁ ହୁଅଇ ତେବେ ତହିଁରେ କାହାର ଦୋଷ ।

---

ଭାରତବର୍ଷୀୟ ସେକ୍ରେଟରୀ ଅବ୍ ଷ୍ଟେଟ ପାର୍ଲିମେଣ୍ଟ ସଭାକୁ ଜଣାଇଅଛନ୍ତି କି ଆଫଗାନସ୍ଥାନର ଯୁଦ୍ଧ ଆଗାମୀ ସେପ୍ଟେମ୍ବର ମାସରେ ଶେଷ ହେବ ବୋଲି ଗବର୍ଣ୍ଣମେଣ୍ଟ ଆଶା କରନ୍ତି । ଆମ୍ଭେମାନେ ବୋଧ କରୁଁ ସରଦାର ଅବଦୁଲରହମାନଙ୍କ ଉପରେ ଏ ଆଶା ସ୍ଥାପିତ ହୋଇଅଛି ଏଥରୁ ତାରସମ୍ବାଦରୁ ଜଣାଯାଏ ଯେ ଉକ୍ତ ସରଦାର ହିନ୍ଦୁକୁଶ ପାରି ହୋଇ ଚାରିକାରରେ ପହୁଞ୍ଚି ଅଛନ୍ତି ସେଠାରେ କେତେଦିନ ରହି କାବୁଲାଭିମୁଖରେ ଯାତ୍ରା କରିବେ । ଇଂରାଜଙ୍କ ସଙ୍ଗେ ସନ୍ଧି କରିବାକୁ ସେ ଅତ୍ୟନ୍ତ ଇଚ୍ଛୁକ ବୋଲି କଥିତ ହୁଅଇ । ଏଣେ କାନ୍ଦାହାରରୁ ସମ୍ବାଦ ଆସିଅଛି କି ଓାଲି ସେରଅଲି ଆପଣାର ଏକଦଳ ସେନାକୁ ଗିରସ୍କ ଅଞ୍ଚଳକୁ ଯିବାର ଆଜ୍ଞା ଦେବାରେ ପଦାତିକ ସୈନ୍ୟ ସମସ୍ତ ଏକମେଳ ହୋଇ ତୋପ ବନ୍ଧୁକ ବାରୁଦ ଇତ୍ୟାଦି ନେଇ ପଳାୟନ କଲେ । ଭାଗ୍ୟକୁ ଇଂରାଜ ସେନା ତାହାଙ୍କ ପଛେ ୨ ଧାବା କରି ସେମାନଙ୍କ ମଧ୍ୟରୁ ୨୦୦ ଜଣ ବଧ କରି ତୋପ ଓ ଦ୍ରବ୍ୟାଦି ସମସ୍ତ ଫେରାଇ ଆଣିଲେ । ଏଥିରୁ ସ୍ପଷ୍ଟ ଜଣା ଯାଉଅଛି କି ସେରଅଲିଙ୍କର କର୍ତ୍ତୃତ୍ୱ ନାମମାତ୍ର

Digitized by srujanika@gmail.com

କାରଣ ଇଂରାଜ ସେନା ଉପସ୍ଥିତ ଥାଉଁ ଥାଉଁ ଯେବେ ଏପରି ଘଟଣା ଏଠାରେ ବାହାରି ଆସିଲେ ସେ କ ହେବ ତାହା କିଏ କହିପାରେ । ଅଫଗାନଙ୍କର ମତ୍ସ୍ୟ ବୁଝିବା ସହଜ ନୁହଇ ।

---

### ଖାସମହାଲ ବନ୍ଦୋବସ୍ତର ସୌନ୍ଦର୍ଯ୍ୟ ।

ଅମ୍ଭେମାନେ ପୁନଃପୁନ କହୁଅଛୁଁ ଯେ ଖାସମହାଲର ବନ୍ଦୋବସ୍ତ କର୍ତ୍ତା ସଦର ପ୍ରଜା ଓ ସିକମୀ ପ୍ରଜାଙ୍କ ମଧ୍ୟରେ ଖଜଣା ନିରୂପଣ କରି ନ ଦେବାରୁ ଯେମନ୍ତ ଅନେକ ବିରୁଦ୍ଧ କାର୍ଯ୍ୟ ହୋଇଅଛି ତେମନ୍ତ ଅନେକ ଲୋକଙ୍କୁ ଅକାରଣ କଷ୍ଟରେ ପକାଇବାର ଉପାୟ ହୋଇଅଛି । ବନ୍ଦୋବସ୍ତ କର୍ତ୍ତା ଚୌହଦୀ ନିରଖରେ ସଦର ପ୍ରଜା ଉପରେ ଜମା ଧାର୍ଯ୍ୟ କଲେ କିନ୍ତୁ ସିକମୀ ପ୍ରଜାମାନେ କି ଦରରେ ଖଜଣା ଦେବେ ତାହା କିଛି ସ୍ଥିର କଲେ ନାହିଁ । ଏଥିରେ ଏକ ସଦର ପ୍ରଜା ସିକମୀ ପ୍ରଜାଙ୍କ ଉପରେ ଯଥେଚ୍ଛା ଖଜଣା ବସାଇ ଅକାରଣ ଦଣ୍ଡକା ଲାଭ କରୁଅଛନ୍ତି ଓ କେତେ ସ୍ଥଳରେ ସଦର ଓ ସିକମୀ ପ୍ରଜା ମଧ୍ୟରେ ମାମଲା ମୋକଦ୍ଦମା ଲାଗି ଏକ ପକ୍ଷର ହାନି ହେଉଅଛି । ବାବୁ ଜଗନ୍ମୋହନ ରାୟ ଡେପୁଟୀ କଲେକ୍ଟରଙ୍କ ଜମା ଖାସମହାଲ ଥିବା ସମୟରେ ସେ କେତେ ସ୍ଥଳରେ ସିକମୀ ପ୍ରଜାଙ୍କର କର ନିର୍ଣ୍ଣୟ କରି ଦେଇଥିଲେ । କିନ୍ତୁ ତାହାଙ୍କ ବଦଳି ହେବା କାଳକୁ ସେ ପ୍ରଥା ରହିତ ହେବାର ଜଣାଯାଏ କାରଣ ଅମ୍ଭେମାନେ ଦେଖିଲୁଁ ଯେ ଏକ ସ୍ଥଳରେ ସିକମୀ ପ୍ରଜାମାନେ ଗୁହାରି କରିବାରୁ କଲେକ୍ଟର ସାହେବ ଏହିପରି ମନ୍ତବ୍ୟ ପ୍ରକାଶ କଲେ କି ସଦର ଓ ସିକମୀ ପ୍ରଜାଙ୍କ ମଧ୍ୟରେ ଖଜଣା ବନ୍ଦୋବସ୍ତ ବିଷୟରେ ସେ ହସ୍ତକ୍ଷେପଣ କରି ନ ପାରନ୍ତି ମାତ୍ର ସିକମୀ ପ୍ରଜାମାନେ ପୂର୍ବ ଜମାର ଦଶଗୁଣ ଦେବାକୁ ସ୍ୱୀକୃତ ଅଛନ୍ତି ଓ ତାହା ଯଥାର୍ଥ ଥିବାରୁ ସଦର ପ୍ରଜା ତାହା ଗ୍ରହଣ ନ କରିବା ଅନ୍ୟାୟ । ଏହି ସଦର ପ୍ରଜା ଜଣେ ସରକାରୀ କର୍ମଚାରୀ ଥିବାରୁ ତାହାର ଉପରିସ୍ଥ ହାକିମଙ୍କୁ ଅନୁରୋଧ କଲେ ଯେ ସେ ମଧ୍ୟସ୍ଥ ହୋଇ ସଦର ଓ ସିକମୀ ପ୍ରଜାଙ୍କ ମଧ୍ୟରେ ବୁଝି ନିଷ୍ପତ୍ତି କରି ଦେବେ । ବନ୍ଦୋବସ୍ତ କାର୍ଯ୍ୟଟି ଅସଂପୂର୍ଣ୍ଣ ଓ ବେଆଇନ ଥିବାରୁ ଜିଲା କଲେକ୍ଟର ଏପରି ଆଜ୍ଞା ଦେଲେ କୋହିଲେ ସେ ପୂର୍ବାପର ବିଷୟ ବୁଝିଥିଲେ ଅବଶ୍ୟ ଜାଣି ପାରିଥାନ୍ତେ ଯେ ସମସ୍ତ ପ୍ରଜାର ପ୍ରଜାର ସତ୍ତ୍ୱ ଓ ଦାୟ ଆଇନାନୁସାରେ ନିର୍ଣ୍ଣୟ ହୋଇ ଥିଲେ ସେ ଏପ୍ରକାର ଅସଙ୍ଗତ ଆଜ୍ଞା ଦେବାକୁ ବାଧ୍ୟ ହୁଅନ୍ତେ ନାହିଁ । ବନ୍ଦୋବସ୍ତ କର୍ତ୍ତା ସଦର ପ୍ରଜାକୁ ଏକପ୍ରକାର ଜମିଦାର କରି ଦେଇଅଛନ୍ତି କେବଳ ଅନ୍ୟାନ୍ୟ ସ୍ଥଳ ପରି କେବଳ ମାଲିକାନା ବା ତହସିଲଖର୍ଚ୍ଚା ତାହାକୁ ନ ଦେଇ ସ୍ୱେଚ୍ଛାମତ ପ୍ରଜାଠାରୁ ଯେତେ ଅଧିକ କର ନେଇ ପାରେ ତାହା ନେବାର ସଂପୂର୍ଣ୍ଣ କ୍ଷମତା ଦେଇଅଛନ୍ତି । ଏହାକୁ କି ଠିକ ବନ୍ଦୋବସ୍ତ ବୋଲି ଯିବ ।

---

### ଗଡ଼ଜାତ ଅମଲା ।

ଉତ୍କଳଦର୍ପଣ ଗଡ଼ଜାତର ଉନ୍ନତି ପକ୍ଷରେ କିଛି ଅଭିନବ ବ୍ୟଗ୍ରଭାବ ଧାରଣ କରିଅଛନ୍ତି । ସେ ବୋଲନ୍ତି କି ଗଡ଼ଜାତରେ ହେବାର ଉପଯୁକ୍ତ ହେବା "ଏକପ୍ରକାର ଉତ୍ତମ ଅଟେ କିନ୍ତୁ ଯେତେବେଳେ ପ୍ରତ୍ୟେକ ଗଡ଼ଜାତ ରଜାମାନଙ୍କର ସମସ୍ତ କର୍ମଚାରୀ ଅଶିକ୍ଷିତ ଅଟନ୍ତି ତେତେବେଳେ ଏହା ହେବାର ଉପଯୁକ୍ତ ଓ ସୁଶିକ୍ଷିତ ହେଲେ ରାଜ୍ୟ ଶାସନର କି ଉନ୍ନତି ହୋଇ ପାରେ ?" ଦର୍ପଣର ଇଚ୍ଛା ଯେ ଏକାବେଳକେ ସମସ୍ତ ଅଶିକ୍ଷିତ ଓ ତୋଷାମଦପ୍ରିୟ କର୍ମଚାରୀମାନେ ସ୍ୱ ସ୍ୱ କାର୍ଯ୍ୟରୁ ଅପସାରିତ ହୁଅନ୍ତୁ ଓ ଏକସଙ୍ଗେ ମଧ୍ୟରେ ଗଡ଼ଜାତର ଅବସ୍ଥା ମଙ୍ଗଳକର ପଥ ହୋଇଯାଉ । ଅବଶ୍ୟ ଏ ଆଶା ମହତ୍ ଓ ପ୍ରଶଂସନୀୟ ଅଟଇ ମାତ୍ର କାର୍ଯ୍ୟତଃ ତାହା ହେବା ବଡ଼ କଠିନ ପ୍ରାୟ ଅସମ୍ଭବ । ଅବଧି ମୋଗଲବନ୍ଦୀର କଚେରୀମାନଙ୍କରୁ ଅଶିକ୍ଷିତ ଓ ତୋଷାମଦପ୍ରିୟ ଲୋକମାନେ ଅପସାରିତ ହୋଇ ନାହାନ୍ତି ଏବଂ ତୋଷାମଦରେ ଅଟେବ ବଶ ନ ହେବା ହାକିମ ମଧ୍ୟ ଅଳ୍ପ ଦେଖିବାରେ ଆସିଅଛନ୍ତି । ଅଶିକ୍ଷିତ ଅର୍ଥରେ ଲେଖା ପଢ଼ା ନ ଜାଣିବା ବ୍ୟକ୍ତି ହୋଇ ନ ପାରେ କାରଣ ଗଡ଼ଜାତ ରଜାଙ୍କର ସିରସ୍ତା ଅଛି ଲିଖଣ ଉଦ୍ଧିଆ ଜମାଖର୍ଚ୍ଚ ବାକି କାଗଜମାନ ରଖା ଯାଏ ଆଉ ବିଚାର ହେଉଥିବ ମଧ୍ୟ ରହିଛି ଓ ମାମଲା ମକଦ୍ଦମାର ବିଚାର ଅଛି । ଲେଖି ପଢ଼ି ନ ଜାଣିବା ବ୍ୟକ୍ତିଙ୍କଦ୍ୱାରା ଏ କାର୍ଯ୍ୟମାନ ଚଳଇ । ଆଉ ଉତ୍ତମରୂପେ ହାଏଲ କରିବା ଏବଂ ଦାଗ ବିନାଶ ମଧ୍ୟରେ ବିଚାର କରି ଦେବାର ଯୋଗ୍ୟ ଏକ ଅମଲା ଗଡ଼ଜାତରେ ଥିବାର ଅମ୍ଭେମାନେ ଦେଖିଅଛୁଁ । ସବୁ ଗଡ଼ଜାତର ସମସ୍ତ ଅମଲା ମୂର୍ଖ ଏପରି ଜାଣିବା ବଡ଼ ଭ୍ରମ ଅଟଇ । କିନ୍ତୁ ଯେବେ ଅଶିକ୍ଷିତ ଅର୍ଥରେ ନ୍ୟାୟାନ୍ୟାୟ ବିଚାର ଶୂନ୍ୟ ଅର୍ଥଶୋଷକ ଅବିଶ୍ୱାସୀ ବ୍ୟକ୍ତି ବୁଝାଏ ତେବେ ତହିଁ ସାଇ ଏକା ଗଡ଼ଜାତ ଦୋଷୀ ନୁହେ । ଗବର୍ଣ୍ଣମେଣ୍ଟର ଏତେ କଣ୍ଟକଣାରେ ଯେଉଁଠାରେ ଏପରି ଏହି ଲୋକ ମୋଗଲବନ୍ଦୀ କଚେରୀମାନଙ୍କରେ ଦୃଷ୍ଟି ହେଉଅଛନ୍ତି ସେ ସ୍ଥଳେ ଗଡ଼ଜାତ କଥା କିଏ ପଚାରେ । ପ୍ରଭେଦ ଏତିକି ଯେ ସରକାରୀ କଚେରୀମାନଙ୍କର ବନ୍ଦୋବସ୍ତ ଅତି ଉତ୍ତମ ଥିବାରୁ ସେମାନେ ଅନେକ ପରିମାଣରେ ଦମନ ଥାନ୍ତି ଓ ତାହାଙ୍କ ଦମନ ସକାଶେ ମଧ୍ୟ ନାନା ଉପାୟ ଉଦ୍ଭାବନ ହେଉଥାଏ । କିନ୍ତୁ ସରକାରୀ ଉଚ୍ଚ କର୍ମଚାରୀମାନଙ୍କ ପରି ଗଡ଼ଜାତ ରଜାଙ୍କର ବିଦ୍ୟା ବୁଦ୍ଧି ନାହିଁ । ସେମାନେ ତେତେ ସୁନ୍ଦର ବନ୍ଦୋବସ୍ତ କରି ପାରନ୍ତି ନାହିଁ ସୁତରାଂ ଯେଉଁ ରଜା ଯେପରିମାଣରେ ମୂର୍ଖ ସେ ଆପଣା କର୍ମଚାରୀଙ୍କଦ୍ୱାରା ସେ ପରିମାଣରେ ପ୍ରତାରିତ ହୁଅନ୍ତି । ରଜାମାନେ ଶିକ୍ଷିତ ହେଲେ ସର୍ବାପେକ୍ଷା ଭଲ ହେବ ବୋଲି ଯାହା ଦର୍ପଣ କହି ଅଛନ୍ତି ଏଥିରେ ଦ୍ୱିରୁକ୍ତି ନାହିଁ କିନ୍ତୁ ତାହା ହେବା ବହୁକାଳ ସାପେକ୍ଷ ଓ ସମସ୍ତେ ଯେ କୌଣସି କାଳେ ଯୋଗ୍ୟ ହୋଇ ପାରିବେ ଏହା ମଧ୍ୟ ଆଶା କରିବା ସହଜ ନୁହଇ । ସୁତରାଂ ରଜାମାନଙ୍କ ନିକଟରେ ଜଣେ ଲେଖାଏ ପ୍ରକୃତ ଶିକ୍ଷିତ ଓ ବହୁଦର୍ଶୀ ଲୋକ ଠିକ କର୍ଣ୍ଣଧାର ସ୍ୱରୂପ ନିଯୁକ୍ତ ରହିଲେ ଅଶିକ୍ଷିତ ଓ ତୋଷାମଦପ୍ରିୟ କର୍ମଚାରୀଙ୍କର ବ୍ୟବସାୟ ବିସ୍ତାର ହାନିକର ହୋଇ ପଡ଼ିବ ଓ ଅନେକ ଅଂଶରେ ରାଜ୍ୟର ଉନ୍ନତି ହେବ ।

---

### ସ୍ନାନ ରଥଯାତ୍ରା ।

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଶୁଭ ରଥଯାତ୍ରା କୌଣସି ମତେ ନିର୍ବାହ ହେଲା କିନ୍ତୁ ଦୁଃଖର ସହିତ ଅବଗତ ହେଲୁଁ ଯେ ହାକିମମାନେ ଏଥିରେ ଯଥାସାଧ୍ୟ ବାଧା ଦେବାକୁ ତ୍ରୁଟି କରି ନାହାନ୍ତି । ଚଳନ୍ତମାସ ତା ୧୪ ରଖରେ ବଳଦେବ ଜଉଙ୍କ ରଥ ମାର୍କଣ୍ଡ ସାହି ପାଖରେ ପହୁଞ୍ଚି ପୁଲିସ ସାହେବଙ୍କ ଆଜ୍ଞାରେ ସେହିଠାରେ ରହିଲା । ତହିଁର ଆରଦିନ ସକାଳେ ସୁଭଦ୍ରାଙ୍କ ରଥ ବଳଗଣ୍ଡିଠାରେ ପହୁଞ୍ଚିବା ମାତ୍ରକେ ପୁଲିସ ସାହେବ ରଥଟଣା ବନ୍ଦ କରି ଦେଇ ଗଲେ । ଲୋକମାନେ କଲେକ୍ଟରଙ୍କୁ ସାଇ ମାଜିଷ୍ଟ୍ରେଟଙ୍କ ନିକଟରେ ଗୁହାରି କଲେ ମାତ୍ର ସାହେବ ତାହାଙ୍କ

Split by PDF Splitter



କଥା ଗ୍ରାହ୍ୟ କଲେ ନାହିଁ ସୁତରାଂ ସମସ୍ତେ ଅତ୍ୟନ୍ତ ମନସ୍ତାପରେ ଫେରି ଆସିଲେ । ଭାଗ୍ୟରୁ ଏହି ସମୟରେ ଗବର୍ଣ୍ଣମେଣ୍ଟଙ୍କ ତାରତାର ଆଜ୍ଞା ପ୍ରବେଶ ହେଲା । ତହିଁ ମାଜିଷ୍ଟ୍ରେଟ ଏବଂ ପୁଲିସ ସାହେବଙ୍କର ନିଦ୍ରା ଭାଙ୍ଗିଲା ଏବଂ ସେ ସମୟରେ ଭାରି ବୃଷ୍ଟି ହେଉଥିଲେହେଁ ସାହେବମାନେ ତାହା ନ ମାନି ଘୋଡା ଚଢ଼ି ବଡଦାଣ୍ଡକୁ ଯାଇ ରଥ ଟଣାଇବାର ବନ୍ଦୋବସ୍ତ କଲେ । ଜଗନ୍ନାଥଙ୍କ ରଥ ମାଉସୀମାଆ ଘରଠାରେ ପହଞ୍ଚାଇ ଦେଇ ବଳଦେବ ଓ ସୁଭଦ୍ରାଙ୍କ ରଥମାନ ଗୁଣ୍ଡିଚାଘର ଦ୍ୱାରରେ ସ୍ୱଣ୍ଡ ଅଠଘଣ୍ଟା ବେଳେ ପହଞ୍ଚାଇଲେ । ରାତ୍ରରେ ମଶାଲ ଲଗାଇ ରଥଟଣା କେବେ ଦେଖା ଯାଇ ନ ଥିଲା । ସାହେବଙ୍କ ହୁକୁମ ମତେ ଗଣି ଗୋ ୫୦ ଟା ମଶାଲ ଜ୍ୱଳାଇ ଦେଇଥିଲେ । ଯେଉଁ ରଥମାନ ଦିନରେ ଟାଣିବା ଏତେ ବିପଦଜନକ ସେ ସବୁ କି ସାହସରେ ହାକିମମାନେ ରାତ୍ରରେ ଟଣାଇଲେ ତାହା ପାଠକମାନେ ବିବେଚନା କରିବେ । ଯାହା ହେଉ ସେଦିନ କୌଣସି ଦୁର୍ଘଟନା ହୋଇ ନାହିଁ । ତହିଁ ଆରଦିନ ସକାଳୁ ରଥଟଣା ଆରମ୍ଭ ହୋଇ କେବଳ ଘ ୧୧ ଟା ସମୟରେ ଶ୍ରୀ ଜଗନ୍ନାଥଙ୍କ ରଥ ଗୁଣ୍ଡିଚାମନ୍ଦିରରେ ପହଞ୍ଚିଲା । ଏଦିନ ଗୁଣ୍ଡିଚାମନ୍ଦିରରେ ଠାକୁରମାନେ ପହଞ୍ଚି ପାରି ନ ଥିଲେ ବ ୧୬ ର୍ଷ ଦାଣ୍ଡରେ ରହନ୍ତେ । କୌଣସି ମତେ ତାହା ନିବାରଣ ହୋଇଅଛି । ଏବଂ ହାକିମମାନେ ଆଉ କିଛି କଷ୍ଟ ସ୍ୱୀକାର କରିଥିଲେ ରଥ ପହଞ୍ଚିବା ମାତ୍ରକେ ପହଣ୍ଡି ବିଜେ ହୋଇଥାନ୍ତି କିନ୍ତୁ ତାହା ନ ହୋଇ ଅପରାହ୍ଣ ଘ ୩ ଟା ସମୟରେ ପହଣ୍ଡି ବିଜେ ହେଲା ଏବଂ ତଦ୍ୱାରା ଯାତ୍ରୀମାନ ବିଳମ୍ବରେ ହେବାରୁ ଯାତ୍ରିଙ୍କର ବିଶେଷ କଷ୍ଟ ହେଲା ।

ଏହିରୂପେ ଗୁଣ୍ଡିଚାଯାତ୍ରା ନିର୍ବାହିତ ହେଲା । ଏଥିର ବକ୍ତବ୍ୟ ଏହି କି ଏ ଯାତ୍ରା ନିୟମାନୁସାରେ ହେବା ପକ୍ଷରେ ଯେତେ ବ୍ୟାଘାତ ଓ ବିଳମ୍ବ ହେଲା ତହିଁର ଦାୟୀ କିଏ ? ନିରପେକ୍ଷ ଲୋକ ମାତ୍ରକେ ନିଶ୍ଚୟ କହିବ ଯେ ଏ ଦୋଷ ହାକିମଙ୍କର ଅଟଇ । ପ୍ରଥମେ ମାଜିଷ୍ଟ୍ରେଟ ସାହେବ ଏକାର୍ଯ୍ୟର ଗୁରୁତ୍ୱ ବୁଝି ଯଥା ସମୟରେ ଇହିଁପ୍ରତି ମନୋଯୋଗୀ ହୋଇ ନାହାନ୍ତି ସେ ମନୋଯୋଗୀ ହୋଇଥିଲେ ବାରକମାସ୍ତରଙ୍କ ସାର୍ଟିଫିକେଟ ଶେଷ ସମୟ ପର୍ଯ୍ୟନ୍ତ ପଡି ରହି ନ ଥାନ୍ତା ଏବଂ ଯଦ୍ୟପି ସେ ସ୍ୱୟଂ ଆସି ଖାଲି ରଥ ସିଂହଦ୍ୱାର ପର୍ଯ୍ୟନ୍ତ ଟଣା ହେବା ସମୟରେ ଦେଖି ଥାନ୍ତେ ତେବେ ରଥଗଢା କାର୍ଯ୍ୟରେ ଦୋଷ ନ ଥିବାର ବିଲକ୍ଷଣରୂପେ ଜାଣି ପାରି ଥାନ୍ତେ ଓ ପଶ୍ଚାତ୍ ବାରକମାସ୍ତରଙ୍କୁ ବାଧା ଦେବାର ଚେଷ୍ଟା କଲେ ମଧ୍ୟ ତାହା ସଫଳ ହୁଅନ୍ତା ନାହିଁ । ଦ୍ୱିତୀୟତଃ ବାରକମାସ୍ତରଙ୍କ ମହଲୁମାରୁ ଯଥାସମୟରେ ରଥ ଦେଖିବା ଓ ତହିଁରେ କିଛି ଦୋଷ ଥିଲେ ତାହା ସଂଶୋଧନ କରାଇବାର ଚେଷ୍ଟା ହୋଇ ଥାନ୍ତା । ଓଵରସିଅରପ୍ରଭୃତି ସଦରଅଫିସରୁ ଉଠି ଥିଲେ ସେ କଦାଚ ଯାତ୍ରା ସମୟରେ ବାଧା ଦେଇ ପାରନ୍ତେ ନାହିଁ ଏବଂ ତାହାଙ୍କର ତଦାରଖ ଯେ ଅତ୍ୟନ୍ତ ଅକର୍ମଣ୍ୟ ସେ ବିଷୟରେ ଦ୍ୱିମତ ନାହିଁ କାରଣ ସ୍ୱୟଂ ରଥମାନେ ନିର୍ବିଘ୍ନରେ ଚଳିସିବାଦ୍ୱାରା ତହିଁର ସାକ୍ଷ ଦେଇଅଛନ୍ତି । ଏମନ୍ତ ଗୁରୁତର କାର୍ଯ୍ୟରେ ଜଣେ ଓଵରସିୟର ଉପରେ ନିର୍ଭର କରିବା ବାରକମାସ୍ତର ସାହେବଙ୍କର ଉଚିତ ହୋଇ ନାହିଁ । ତୃତୀୟତଃ ପୁଲିସ ସାହେବଙ୍କର ଅଯଥା କର୍ତ୍ତୃତ୍ୱ କରିବାର ଉଚିତ ନ ଥିଲା । ଶାନ୍ତି ରକ୍ଷା ତାହାଙ୍କର କାର୍ଯ୍ୟ ଏଥିପାଇଁ ସେ ରଥଟଣା ସମୟରେ ଉପସ୍ଥିତ ରହନ୍ତେ ତାହାଙ୍କର ସୁବିଧା ସକାଶେ ସାଧାରଣଙ୍କର ଧର୍ମ ସମ୍ପର୍କୀୟ କାର୍ଯ୍ୟ ସ୍ଥଗିତ ରଖିବାର ଉଚିତ ହୋଇ ନାହିଁ । ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ମାନ୍ୟବର ଲେଫ୍ଟନାଣ୍ଟଗଵର୍ଣ୍ଣର ଏଥିର ତଦନ୍ତ ଆରମ୍ଭ କରିଅଛନ୍ତି ଏବଂ ଭରସା କରୁଁ ଯେ ଭବିଷ୍ୟତକୁ ଏପରି ଗୋଲଯୋଗ ନିବାରଣ ପକ୍ଷରେ ବିହିତ ଉପାୟ କରିବେ ।

ଏ ପ୍ରସ୍ତାବ ଲେଖା ହେଲା ଉତ୍ତାରୁ ଅବଗତ ହେଲୁଁ ଯେ ବାହୁଡା ଦଶମୀଦିନ ରଥମାନ ଦକ୍ଷିଣମୁଖା ହେବାର ଥିଲା ଆଉ ଗତ ବୁଧବାର ପର୍ଯ୍ୟନ୍ତ ତାହା ହୋଇ ନ ଥିଲା । ସୁତରାଂ ଠାକୁରମାନେ ଅବଧି ମନ୍ଦିରକୁ ଫେରି ଆସିବାର ସମ୍ଭବ ନୁହଇ । ଏଥିରେ ଯେ ଅନ୍ନମହାପ୍ରସାଦ ବିନା ଲୋକଙ୍କର କେତେ କଷ୍ଟ ହେଉ ଥିବ ବୋଲି ଯାଇ ନ ପାରେ । ପୁଲିସର ଶୈଥିଲ୍ୟ ଏଥିର କାରଣ ଅଟଇ ଓ କଥିତ ହୁଅଇ ଯେ ମ୍ୟାନେଜର କମିଶ୍ନର ଓ ଗଵର୍ଣ୍ଣମେଣ୍ଟଙ୍କୁ ଜଣାଇବାରୁ ପୁଲିସ ଓ ମାଜିଷ୍ଟ୍ରେଟ ଉଭୟ ତାହାଙ୍କ ଉପରେ ଖପାନ୍ୱିତ ହୋଇଅଛନ୍ତି । ପୁଲିସ କର୍ମଚାରୀମାନେ ଗୃହଣ୍ଟା ବେଳେ ଅଧି ପାଞ୍ଚଟା ବେଳେ ଫେରି ଗଲେ କଦାଚ ଏ କର୍ମ ନିର୍ବାହ ହେବାର ନୁହଇ । ଆମ୍ଭେମାନେ ଆଶା କରୁଁ କି ନୂତନ କମିଶ୍ନର ଏଥିର ବିହିତ ବନ୍ଦୋବସ୍ତ କରି ଦେବେ ।

## ସାପ୍ତାହିକ ସଂବାଦ ।

ବାଙ୍କୀ ମୋକଦ୍ଦମାର କାଗଜମାନ ସ୍ମିଥ ସାହେବ ଜଣ୍ଡେଲ ପର୍ଯ୍ୟନ୍ତ ନେଇ ଯାଇ ଥିବାର କଥିତ ହୁଅଇ ଏବଂ ଯଦ୍ୟପି ତାହା ବିଲାତ ପର୍ଯ୍ୟନ୍ତ ନ ଯିବ ତେବେ ଦୁଇ ଏକ ଦିନରେ ଫେରି ଆସିବାର ସମ୍ଭବ । ଏ ମୋକଦ୍ଦମାକୁ ସାହେବ କିପରି ନିଷ୍ପତ୍ତି କରିବେ ତାହା ଜାଣିବାକୁ ସମସ୍ତେ ବ୍ୟସ୍ତ ।

କୌଣସି ଅମଲର ମୃତ୍ୟୁ ବାକି ବଳ ଉମେଦୱାର ମାନେ ସେ କର୍ମ ପାଇଁ ଦରଖାସ୍ତ ଦେଲେ ଶ୍ରୀଯୁତ ରେଭେନସା ସାହେବ କହିଥିଲେ ଯେ ଶବଦାହ ଅର୍ଥ ନ ଲଗାଇ ଦରଖାସ୍ତ ପଠାଇଲେ ବର୍ତ୍ତମାନ ଏଥିଁ କେତେକ ଗୋଟିଏ ଘଟଣା ଘଟିଅଛି । ଏଠା କଲେକ୍ଟରୀ ସଦର କାନୁନଗୋ ଅତ୍ୟନ୍ତ ପୀଡିତ ହୋଇ ଥିବା ସମୟରେ ତାଙ୍କ କର୍ମପାଇଁ ଜଣେ ବ୍ୟକ୍ତି ସୁପାରିସ ସହିତ ଦରଖାସ୍ତ କରିଥିଲା । ଧନ୍ୟ ତାର ଭରସା ।

ଏ ଜିଲାର ଜଣେ ହେଡ କନଷ୍ଟବଲ ତାଏଦରେ [illegible] ମିଥ୍ୟାଲେଖି ଥିବା ଉତ୍ପାତ ଅପରାଧରେ ଟ ୨୫ [illegible] ହେଇ କର୍ମଚ୍ୟୁତ ହୋଇଅଛି । ପୁଲିସ କର୍ମଚାରୀ [illegible] ସାବଧାନ !

ଜର୍ମାନର ଏକ ଖଣ୍ଡ ସମ୍ବାଦ ପତ୍ରରେ ଲେଖିଅଛି ଯେ ଚୀନର ସୈନ୍ୟ ସଂଖ୍ୟା ସମ୍ପ୍ରତି ଛଅ ଲକ୍ଷ ଲୋକ । ତହିଁ ମଧ୍ୟରୁ ଦୁଇ ଲକ୍ଷ ପଦାତିକ ଏବଂ ୮୦,୦୦୦ ଅଶ୍ୱାରୋହୀ ଯୁଦ୍ଧ ନିମିତ୍ତ ପ୍ରସ୍ତୁତ ଅବଶିଷ୍ଟ ସେନା ଛାଉଣିମାନଙ୍କରେ ନିଯୁକ୍ତ । ଖ୍ରୀ ୧୮୭୦ ସାଲଠାରୁ ଏଠା ସୈନ୍ୟର ଅବସ୍ଥା ଅନେକ ଉନ୍ନତ ହୋଇଥିଲେହେଁ ଇଉରୋପୀୟ ସେନା ତୁଲ୍ୟ ନୁହଇ । ଅତଏବ ପଦାତିକ ସେନା ନିର୍ବୋଧ ଏବଂ ଉପଯୋଗୀ ଅଧିନାୟକଙ୍କଦ୍ୱାରା ଶିକ୍ଷିତ ଏବଂ ଇଉରୋପୀୟ ଅସ୍ତ୍ରରେ ଭୂଷିତ ବାକି ସବୁ ପୁରୁଣା କାଳର ତରବାରି ଓ ଧନୁଶର ପ୍ରଭୃତି ଅସ୍ତ୍ର ଧାରଣ କରନ୍ତି । ଯୁଦ୍ଧକାଳେ ସେମାନେ ନଗରରେ ୧୬୦୦୦ ସେନା ଅବସ୍ଥିତ କରନ୍ତି । ଏଥିମଧ୍ୟରୁ କେବଳ ଛଅ ପଲଟନ ତୀର ଯେଉଁମାନେ ବନ୍ଧୁକରେ ସୁସଜ୍ଜିତ ଅଛି ସମସ୍ତଙ୍କର ଅସ୍ତ୍ର ଶସ୍ତ୍ର ହାତ ଲେଖା ଏ ପୁରୁଣା କାଳର ଲମ୍ବ ବନ୍ଧୁକ ଯାହାକୁ ଦୁଇ ଜଣ ମିଶି ଫାୟର କରନ୍ତି । ଏହାଙ୍କ ସଙ୍ଗେ ୨୪ ଟା ତୋପ ଅଛି ।

ପାର୍ଲିମେଣ୍ଟର ମେମ୍ବର ହେବା ସକାଶ ବିଲାତର ଲୋକମାନେ ଯେପରି ଖର୍ଚ୍ଚ କରନ୍ତି ଶୁଣିଲେ ଆଶ୍ଚର୍ଯ୍ୟ ଲାଗଇ । ଗ୍ଲାଡଷ୍ଟୋନ ସାହେବଙ୍କର ୨୬ ହଜାର ଟଙ୍କା ବ୍ୟୟ ହୋଇ ଥିଲା ଯଦି ତାହାଙ୍କର ଉତ୍ତର ପ୍ରାୟ ୪୧ ହଜାର ଟଙ୍କା ବ୍ୟୟ କରି ପରାସ୍ତ ହେଲେ ସେକ୍ରେଟରୀ ଅବ୍ ଷ୍ଟେଟ ଓ ତାହାଙ୍କ ସଙ୍ଗୀମାନଙ୍କର ପ୍ରାୟ ଲକ୍ଷେ ଟଙ୍କା ବ୍ୟୟ ହୋଇଥିଲା । ଏତେ ଟଙ୍କା କେଉଁ ବାଟେ ଯାଏ ଓ କେବଳ ମାନ୍ୟ ସକାଶେ କି ଲୋକେ ଏତେ ବ୍ୟୟ କରନ୍ତି ?

ଲାହୋରର ଏକ ସମ୍ବାଦ ପତ୍ରରେ ଲେଖାଅଛି କି ଜଣେ କମିସରିଏଟ୍ ଗୁମାସ୍ତା ଏହି ଆଫଗାନ ଯୁଦ୍ଧରେ ପାଞ୍ଚ ଲକ୍ଷ ଟଙ୍କା ଘରକୁ ପଠାଇ ଅଛନ୍ତି । ଏହାଙ୍କର ବେତନ ମାସକୁ ଟ ୧୫୦୯ ଅଟଇ । ଏତେ ଟଙ୍କା କିପରି ପଠାଇଲେ ବୋଲି ତାହାଙ୍କୁ ପ୍ରଶ୍ନ ହେବାରେ ସେ ଉତ୍ତର କଲେ କି ତାହା କେବଳ ଦସ୍ତୁରି ସ୍ୱରୂପ ଅରଜ ଅଛନ୍ତି । ଧନ୍ୟ କମିଶରିଏଟ୍ ମହକୁମା ! ବାରିକମାସ୍ତର୍ ଏହାର କମ୍ପାନାରେ ନୁହଇ ।

ତେଲଙ୍ଗମୁରୁ ଅବଗତ ହେଲୁଁ ଯେ ତାଳଚେରର ରାଜାଙ୍କରେ ଲୋଟାଏ ପାଣିଲ ଦେଉଥାଇଅଛି ତହିଁରେ ନଗର

Digitized by srujanika@gmail.com

ଟଙ୍କା ଥିବ ଶେଷର ଇନ୍ସପେକ୍ଟରଙ୍କ ଏଥିର ତଦନ୍ତମାନ କରିବାକୁ ନିଯୁକ୍ତ ହୋଇଅଛନ୍ତି ଏବଂ ତାହାଙ୍କୁ ସାହାଯ୍ୟ କରିବା କାରଣ ସବ୍ ଓଭରସିୟର ପ୍ରାର୍ଥନା ହୋଇଅଛି ।

କାଶ୍ମିରର ମହାରାଜା ଶାଳ ତପ୍ତର ଯେଉଁ କର ନେଉଥିଲେ ତାହା ଉଠାଇ ଦେଇଅଛନ୍ତି । ଅମ୍ଭେମାନେ ଆଶା କରୁଁ ଯେ ଏହାଦ୍ୱାରା ଶାଲ ବ୍ୟବସାୟ ପୁନର୍ଜୀବିତ ହେବ ।

ଭାରତ ବନ୍ଧୋବସ୍ତ ସମ୍ବନ୍ଧରେ କେତେ ଦିନ ହେଲା କଣ ଶୁଣା ଯାଇ ନ ଥିବାରୁ ଅମ୍ଭେମାନେ ମନେ କରିଥିଲୁଁ କି ଏହା ପରିତ୍ୟକ୍ତ ହୋଇ ଅଛି ... ... ... ହୋଇ ଶୀଘ୍ର ... ... ... ... ଠିକ କାଳର ... ... ହେବ ।

୧ । ... ... ... ଲର୍ଡ ରିପନ ଶିମ୍ଲା ... ... ଅଛନ୍ତି । ସେ ଏଥିମଧ୍ୟରେ ... ... ... ହୋଇ ଅଛନ୍ତି । ଆଗାମୀ ଶୀତ କାଳକୁ ସେ ... ସେଠାରୁ ଆସିବେ ନାହିଁ ।

୨ । ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ୧୬୦୦୦୦୦୦୦ ଟଙ୍କା ... ... ୩୦୦୦୦୦୦ ... ... ... ... ... ୩୨୦୦୦୦୦୦୦ ଟଙ୍କା ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ।

୩ । ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ।

୪ । ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ।

୫ । ... ... ... ... ... ... ... ... ... ... ୫୦୦୦ ... ... ... ... ... ... ... ... ... ... ।

## ପ୍ରେରିତ ପତ୍ର ।

## TRUE JUGANNATHI.

ମହାଶୟ !

ରଥଯାତ୍ରା ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ସର୍ବପ୍ରଧାନ ଯାତ୍ରା ଅଟଇ । ସରକାର କର୍ମଚାରୀଙ୍କ ... ... ଦେଶରେ ଏ ଯାତ୍ରାରେ ... ... ... ... ଏଥିରେ ଶ୍ରୀଶ୍ରୀ ଜଗନ୍ନାଥଙ୍କର " ଅଙ୍ଗସଙ୍ଗୀ ବନ୍ଧୁ (Personal friend) " ବା " ଦୋସ୍ତ " ସେ ... ... ... ... ... ପକ୍ଷରେ ... ... ... ... ? ... ... ଜଗନ୍ନାଥ ମହାପ୍ରଭୁଙ୍କ ... ... ଯେଉଁ ଘଟନା ଆପଣ ଇତିହାସରେ ଉଲ୍ଲେଖ କରିଥିଲେ ... ... ମହାପ୍ରଭୁଙ୍କର ... ... ... ... ଅଥବା ... ... ... ଓ ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ଜଗନ୍ନାଥଙ୍କର ... ... ... ... ... ... ... ... ... ... ଜଗନ୍ନାଥଙ୍କର ପ୍ରକୃତ " ଦୋସ୍ତ " ବା ବନ୍ଧୁ ... ... ? ଏ ... ... ... ... ... ... ... ... ... ... ... ... ... ... ... ... ... ... ... ଜଗନ୍ନାଥ ମହାପ୍ରଭୁଙ୍କ ... ... ... ... । ... ... ... ... ... ଅନ୍ତର୍ଯାମୀ ଓ ସବୁ ପ୍ରଭୁ ... ... ... ... ... ... ... ... ... ... ... ... ... ... ... ... ... । ... ... ... ... ... ... ... ... ... ... ... ... ... ... ... ମହାପ୍ରଭୁଙ୍କ

ପ୍ରଭୁ ଭକ୍ତି କୌଣି ରହିଲା ! ଅକ୍ଷତ ... ... ଶ୍ରାବଣ ... ... ସନ ୧୨୮୭ ସାଲ । । ... । ... ।

## NOTICE.

The officiating Commissioner has appointed saturday between the hours of 8 and $9\frac{1}{2}$ A. M. for receiving visits from native gentlemen both official & non-official. Visits in connection with urgent public business from the former will be received throughout the week named above as a rule previous intimation being sent to the Commissioner by the intending visitor.

ଓଡ଼ିଶାର ଏକ୍‌ଟିଂ କମିସନର ସାହେବ ସରକାରୀ ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... କମିସନର ସାହେବଙ୍କ ଦେବେ ।

| | |
|---|---|
| Cuttack Commrs. Office The 19th July 1880, | By order ANNADA PRASAD GHOSE. P. Assist. Comssr. |

## ... ... ... ... ।

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... । ... ... ... ... ... ... ... ... ... । ମୂଲ୍ୟ ... ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ... ... | କଟକ | ... | ଟ ୧ |
| " ... ... | " | " | ଟ ୨ |
| " ... ... | " | " | ଟ ୨ |
| ଚୌଧୁରୀ କାଶୀନାଥ ଦାସ | " | " | ଟ ୨ |
| ବାବୁ ... ... ପ୍ରସାଦ ସିଂହ | " | " | ଟ ୨ |
| " ... ... | ... | ... | ଟ ୧।୶ |
| " ... ... | " | ... | ଟ ୶ |
| ଶ୍ରୀ ଶ୍ରୀ ... ... | | " | ଟ ୨।୶ |
| ... ... ... | ... | " | ଟ ... |
| ବାବୁ ... ପ୍ରସାଦ ସିଂହ | " | " | ଟ ... |

... ... ... ... ... ... ... ... ... ... ... ... ... ... ... ... ... ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୯. ଗ ] ସଂ ୩୧ ] ୩୧ ଉଣ ମାହେ ଜୁଲାଇ ସନ ୧୮୮୦ ମସିହା । ମୁ । ଶ୍ରାବଣ ଦ ୧୮ ଜ ସନ ୧୨୮୭ ସାଲ ଶନିବାର

{ ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଦ୍ଧିତ
ମଫସଲରେ ଡାକମାସୁଲ ୲ }

ଏ ସପ୍ତାହରେ ବୃଷ୍ଟି ଅତ୍ୟନ୍ତ ଊଣା ହୋଇ ଅଛି । ଖରା ଓ ଗ୍ରୀଷ୍ମରେ ଲୋକଙ୍କର ବିଶେଷ କଷ୍ଟ ଏବଂ କୃଷିଙ୍କର ଘୋର ଭାବନା ହୋଇଅଛି ଗତ କାଲି କିଛି ଭଲ ବୃଷ୍ଟି ହୋଇଅଛି ମାତ୍ର ପ୍ରଚୁର ଜଳର ଆବଶ୍ୟକ । ଅନେକ ସ୍ଥାନରେ ବିଲମାନ ଶୁଖିଗଲାଣି ଓ ଲୋକେ ଚାତକପ୍ରାୟ ଆକାଶକୁ ଚାହିଁ ରହି ଅଛନ୍ତି । ଇନ୍ଦ୍ରଦେବତା ଏଥର ଆଷାଢ଼ରୁ ଶ୍ରାବଣ ଏବଂ ଶ୍ରାବଣରୁ ଭାଦ୍ରପ୍ରାୟ କରି ମାସେ ଭୁଲ କରିବାର ଅନୁମାନ ହେଉ ଅଛି ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବଙ୍ଗଲାର ଜଣେ ଭୂତପୂର୍ବ ଲେପ୍ଟନେଣ୍ଟଗବର୍ଣ୍ଣର ସର ସିସିଲ ବିଡନ ସାହେବ ଗତଜମାସ ୨୧୮ରଖରେ ବିଲାତରେ ମାନବଲୀଳା ସମାପ୍ତ କଲେ । କଫରୋଗ ମୃତ୍ୟୁର ପ୍ରଧାନ କାରଣ ଅଟଇ । ଏହାଙ୍କର ବୟସ ୬୨ବର୍ଷ ହୋଇଥିଲା । ସର ବିଡନ ସାହେବ ଜଣେ ଘୋର ଯୋଗ୍ୟଲୋକ ଥିଲେ କେବଳ ଓଡ଼ିଶାର ଦୁର୍ଭିକ୍ଷରେ ସେ ଆପଣା କର୍ତ୍ତବ୍ୟ ସାଧନ କରିବାରୁ ଅକ୍ଷମ ହୋଇ ଦୁର୍ନାମ ନେଇଥିଲେ ।

---

ଗତ ଦୁଇବର୍ଷରେ ଡାକମାସୁଲ ଅନେକ ପ୍ରକାର ଊଣା ଏବଂ ଡାକଘରଦ୍ୱାରା ଅନେକ ପ୍ରକାର ନୂତନ ସୁବିଧା ସୃଷ୍ଟି କଲିବାଦ୍ୱାରା ଗବର୍ଣ୍ଣମେଣ୍ଟ ସର୍ବସାଧାରଣଙ୍କର ଯେମନ୍ତ ଘୋର ଉପକାର କରିଅଛନ୍ତି ତେମନ୍ତ ସାଧାରଣ ରାଜସ୍ୱ ମଧ୍ୟ ବୃଦ୍ଧି ହେବାର ଲକ୍ଷଣ ଦେଖାଯାଉଅଛି । ସମ୍ପ୍ରତି ବାଙ୍ଗି ଡାକମାସୁଲ ପକ୍ଷରେ ଏକ ନୂତନ ବିଧି ଗବର୍ଣ୍ଣମେଣ୍ଟ ପ୍ରସ୍ତୁତ କରି ସାଧାରଣଙ୍କର ଅଧିକ ସୁବିଧା କରି ଦେଇଅଛନ୍ତି । ଉକ୍ତ ନିୟମରେ ୪୦ ତୋଳା ପର୍ଯ୍ୟନ୍ତ କୌଣସି ପାର୍ସଲର ମସୁଲ ଟ ୦୫ ଧାର୍ଯ୍ୟ ଅଛି । ଆଗାମିମାସ ତା୧ଖଠାରୁ ୬୦ ତୋଳା ପର୍ଯ୍ୟନ୍ତ ପାର୍ସଲର ମାସୁଲ ଚାରିଅଣା ନିଆଯିବ ତହିଁ ଉପରେ ଚାଳିଶ ତୋଳା ପର୍ଯ୍ୟନ୍ତ ପୂର୍ବମତେ ଟ୦୫ ଲାଗିବ । ଏହାଦ୍ୱାରା ପାର୍ସଲର ଆୟ ଊଣା ନ ହୋଇ ଅଧିକ ହେବାର ସମ୍ଭାବନା ।

---

ଶ୍ରୀଯୁକ୍ତ ସି, ଥ୍ୟସାହେବ କମିଶ୍ନର କଟକରେ ଥିଲାବେଳେ ତାହାଙ୍କ ବିଚାର ଯେପରି କଠିନ ଦେଖାଯାଇ ଥିଲା ତହିଁରେ ଆମ୍ଭେମାନେ ମନେ କରିଥିଲୁଁ ଯେ ବାଙ୍କି ମୋକଦ୍ଦମାରେ ସାହେବ ବଡ଼ କଠିନ ଆଜ୍ଞା ଦେବେ କିନ୍ତୁ କାର୍ଯ୍ୟତଃ ବିପରୀତ ଦେଖାଗଲା ସାହେବ କଟକରୁ ଯେତେ ଅନ୍ତରକୁ ଗଲେ ତାହାଙ୍କ ବିଚାର ତେତେ ସାନ ପଡ଼ିଗଲା ଓ ବମ୍ବେଇରେ ସବୁ ଫଳ ବଡ଼ ହେବାର ସ୍ୱଭାବଟି ମଧ୍ୟ ଏହାରୁ ଛିଡ଼ିଲା ନାହିଁ । ସାହେବ ସ୍ଥିର କରିଅଛନ୍ତି କି ତହସିଲଦାରଙ୍କର ବିରୁଦ୍ଧରେ ଦଣ୍ଡ ପ୍ରମାଣ ନାହିଁ କେବଳ ସନ୍ଦେହ ହେଉଅଛି ଅତଏବ ତାହାଙ୍କୁ ବଦଳ କରିଦେବାକୁ ଯଥେଷ୍ଟ ହେବ । ଆମ୍ଭେ ଦେଖୁ ବିଚାରରେ ଏକପ୍ରକାର ମନ୍ଦ ହୋଇ ନାହିଁ ଯେଉଁ କର୍ମଚାରୀର ଚରିତ୍ର ଦଣ୍ଡନୀୟରେ ସନ୍ଦେହ ହେଲା ତାହାକୁ ବଦଳ କରିଦେବାର ଫଳ ତହିଁରେ କେବଳ ଏକସ୍ଥାନର ଲୋକଙ୍କୁ ସେ ମନ୍ଦ ଚରିତ୍ରର ଫଳ ଭୋଗ କରିବାକୁ ହେବ ନାହିଁ । ଅନ୍ୟାନ୍ୟ ସ୍ଥଳର ଲୋକ ତାହା ଭୋଗ କରିବେ ସୁତରାଂ ସମସ୍ତେ ବାଣ୍ଟିପାଇ ସନ୍ତୁଷ୍ଟ ହେବେ ।

---

ସମ୍ପ୍ରତି କଲିକତାରେ ରହିଥିବା କେତେଜଣ ଏଦେଶୀୟ ଭଦ୍ରଲୋକ ମୁଦ୍ରାଯନ୍ତ୍ର ଆଇନ ଅସ୍ତ୍ରଶସ୍ତ୍ର ବିଷୟକ ଆଇନ ଏବଂ ଦେଶୀୟ ଲୋକଙ୍କୁ ଉଚ୍ଚିତ କର୍ମଚାରୀ ଶ୍ରେଣୀଭୁକ୍ତ କରିବା ସମ୍ପର୍କରେ ଭାରତବର୍ଷର ସେକ୍ରେଟରୀ ଅବଷ୍ଟେଟଙ୍କ ନିକଟରେ ଆବେଦନପତ୍ର କରିଥିଲେ ତହିଁରେ ଲର୍ଡ ହାର୍ଟିଂଟନ ଉତ୍ତର ଦେଲେ କି ସେମାନଙ୍କ ଆବେଦନରେ ଅନେକ ସାରଯୁକ୍ତି ଥିଲେହେଁ ପୂର୍ବ ଗବର୍ଣ୍ଣମେଣ୍ଟର ବ୍ୟବସ୍ଥାମାନ ତତ୍‌ପର କରି ଲେଉଟାଇ ଦେବାକୁ ସେ ସମ୍ମତ ହୋଇ ନ ପାରନ୍ତି ଏବଂ ମୁଦ୍ରାଯନ୍ତ୍ର ବିଷୟକ ଆଇନକୁ ଶୀଘ୍ର ରଦ୍ଦ କରିବା ଲର୍ଡ ରିପନଙ୍କ ମତ ନୁହଇ । ଅନ୍ୟ ଦୁଇବିଷୟକୁ ଉତ୍ତମରୂପେ ବିବେଚନା କରିବା କାରଣ ସେକ୍ରେଟରୀ ଅଙ୍ଗୀକାର କରି ଅଛନ୍ତି । ଏଥିରୁ ପାଠକମାନେ ଦେଖିବେ ଯେ ନୂତନ ମନ୍ତ୍ରୀବର୍ଗ ଦାୟିତ୍ୱ ଗ୍ରହଣ ପୂର୍ବରେ

Digitized by srujanika@gmail.com

Split by PDF Splitter



ଯେପ୍ରକାର ଦୁଇମତ ପ୍ରକାଶକରି ଅବସର ପାଇବା ମାତ୍ରକେ ନିରପେକ୍ଷ ଭାବରେ କାର୍ଯ୍ୟ କରିବେ ବୋଲି ବ୍ୟଗ୍ରତା ଦେଖାଉଥିଲେ ଏବେ ସେତେବେଳେ ତାହା ନାହିଁ । ପରିଣାମରେ କ ହେବ ତାହା ଦେଖାଯିବା ପୂର୍ବରୁ ଏମାନଙ୍କଠାରେ ଅମ୍ଭମାନଙ୍କର କେତେ ଆଶା ପୂର୍ଣ୍ଣ ହେବ ବୋଲାଯାଇ ନ ପାରେ ।

———

ବଙ୍ଗ ପ୍ରଦେଶରେ ସନ ୧୮୭୯ ସାଲରେ ୧୨୭୪ ଜଣ ବଣଜନ୍ତୁଦ୍ୱାରା ନଷ୍ଟ ହୋଇ ଥିଲେ । ତହିଁ ପୂର୍ବବର୍ଷର ସଂଖ୍ୟା ୧୩୭୪ ଜଣ ଥିଲା । ଅଧିକାଂଶ ମୃତ୍ୟୁ ପ୍ରେସିଡେନ୍‌ସି ବିଭାଗରେ ହୋଇଥିଲା । ଓଡିଶାରେ ସନ ୧୮୭୮ ସାଲରେ ୭୪୯ ଏବଂ ସନ ୧୮୭୯ ସାଲରେ ୭୦୮ ଜଣ ନଷ୍ଟ ହୋଇଥିଲେ । ସନ ୧୮୭୯ ସାଲରେ ଏହି କାରଣରୁ ୧୨୦୪୭ ଏବଂ ସନ ୧୮୭୮ ସାଲରେ ୧୦୩୨୯ ପଶୁ ନଷ୍ଟ ହୋଇଥିଲେ । ଖ୍ରଜସାହି ଭୁତକେହାର ଏବଂ ସଦର ବିଭାଗରେ ଏଥିର ସଂଖ୍ୟା ଅଧିକ । ଏଣେ ସନ ୧୮୭୯ ସାଲରେ ୫୬୪୩ ଏବଂ ସନ ୧୮୭୮ ସାଲରେ ୪୭୫୦ ବଣଜନ୍ତୁ ମରାଗଲେ । ଏଥିରେ ବ୍ୟାଘ୍ରାଦିର ସଂଖ୍ୟା ଅଧିକ । ଅର୍ଥାତ୍ ୧୪୭୭ ଅଟଇ । ଭାଗଲପୁର ବିଭାଗରେ ଅଧିକ ଜନ୍ତୁ ମାରାଯାଇ ଅଛନ୍ତି । ଏ ସବୁ ଜନ୍ତୁର ବଧ ନିମିତ୍ତ ପାରିତୋଷିକ ଦେବାରେ ସନ ୧୮୭୯ ସାଲରେ ଟ ୨୪୧୩୦୯ ଟଙ୍କା ଏବଂ ତହିଁ ପୂର୍ବବର୍ଷରେ ଟ ୧୮୬୭୯ ଙ୍କା ବ୍ୟୟିତ ହୋଇଥିଲା । ସନ ୧୮୭୯ ସାଲରେ ୨୧୧୦୨ ଏବଂ ସନ ୧୮୭୮ ସାଲରେ ୨୪୨୭୭ ବିଷାକ୍ତସର୍ପ ମରା ଯାଇଥିଲେ ଏବଂ ଏଥିର ପାରିତୋଷିକରେ ଯଥାକ୍ରମେ ଟ ୪୩୪୧୯ ଙ୍କା ଏବଂ ଟ ୪୭୧୨୯ ଙ୍କା ଖର୍ଚ୍ଚ ହୋଇଥିଲା । ସର୍ବସୁଦ୍ଧା ହିଂସ୍ରକଜନ୍ତୁ ବଧ ନିମିତ୍ତ ଗତ ବର୍ଷ ଟ ୨୮୩୭୨୯ ଙ୍କା ଖର୍ଚ୍ଚ ହୋଇଥିଲା ।

—※—

ପୁରୀର ରଥଯାତ୍ରା ଅବଧି ଶେଷ ହୋଇ ଥିବାରୁ ଅର୍ଥାତ୍ ଠାକୁରମାନେ ମନ୍ଦିରକୁ ଫେରି ଆସିବାର ସମ୍ବାଦ ଆସି ନାହିଁ । ବାହୁଡାଦଶମିର ଏକ ସପ୍ତାହ ଆଗରୁ ରଥମାନ ଦକ୍ଷିଣମୁଖା ହୋଇ ଠାକୁରମାନେ ତହିଁ ଉପରେ ବସିଲେ ମାନ ହେଲେ ବୋଧ ହୁଅଇ ଏଥି ମଧ୍ୟରେ ମନ୍ଦିର ପର୍ଯ୍ୟନ୍ତ ଆସି ଥିବେ । ଡାକ୍ତରମାନଙ୍କ ଅନ୍ୟାନ୍ୟ ହସ୍ତକ୍ଷେପ କରିବା ଏତେ ଅଳ୍ପରେ ହେଲୁ ଯଦେ ଏବଂ କଥିତ ହୁଅଇ ଯେ ପୁଲିସ

ଏବଂ ମାନେଜରଙ୍କ ମଧ୍ୟରେ ମନାନ୍ତର ଘଟିବାରୁ ଏପରି ହେଲା । ଯାହା ହେଉ ସେ ସବୁ ବିସ୍ତାର କରି ଲେଖିବାର ପ୍ରୟୋଜନ ନାହିଁ କାରଣ ଅମ୍ଭେମାନେ ଅବଗତ ହୋଇଅଛୁଁ ଯେ ପୁରୀର ମାଜଷ୍ଟ୍ରେଟ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାନୁସାରେ କମିଶନର ସାହେବଙ୍କୁ ଯେଉଁ ରିପୋର୍ଟ କରି ଅଛନ୍ତି ତହିଁରେ ମାନେଜରଙ୍କ ଦୋଷ ଦେଇ ଅଛନ୍ତି ଓ ମାନେଜରଙ୍କୁ ତହିଁର କୈଫିୟତ ତଲବ ହୋଇଅଛି । ଅମ୍ଭେମାନେ କମିଶନର ସାହେବଙ୍କୁ ଏତିକି ପ୍ରାର୍ଥନା କରୁଁ ଯେ ଏ ଘଟଣାର ସମସ୍ତ ବୃତ୍ତାନ୍ତ ସୂକ୍ଷ୍ମରୂପେ ଅନୁସନ୍ଧାନ କରି ଯାହାର ଯେ ପରିମାଣରେ ଦୋଷ ପାଇବେ ଠିକ ତାହାଙ୍କୁ ତହିଁର ଉଚିତ ଶିକ୍ଷା ଦେବେ ଏବଂ ଉଚିତ ବିଚାର ଦ୍ୱାରା ସର୍ବସାଧାରଣଙ୍କୁ ସନ୍ତୁଷ୍ଟ କରିବେ । ଜଗନ୍ନାଥଙ୍କ ରଥଯାତ୍ରାରେ ବ୍ୟାଘାତ ଘଟିବାରୁ ସମସ୍ତ ହିନ୍ଦୁଙ୍କର ଯେ ବିଶେଷ ମନୋଦୁଃଖ ହୋଇଅଛି ଏକଥା କହିବା ବାହୁଲ୍ୟ ।

———

କାବୁଲ ଯୁଦ୍ଧର ଉପସଂହାର

କାବୁଲରୁ ତାରଯୋଗେ ସମ୍ବାଦ ଆସିଅଛି କି ସରଦାର ଅବଦୁର ରହମାନଖାନ କାବୁଲର ଅମିର ବୋଲି ଶ୍ରୀମତୀ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ସ୍ୱୀକୃତ ହେଲେ ଏବଂ ତହିଁ ଉପଲକ୍ଷରେ ଏକ ବଡ଼ ଦରବାର ଗତ ମାସ ତା ୨୨ ଘଟିକାରେ ହୋଇଥିଲା । ସର ଲେପେଲ ଗ୍ରିଫିନ ସାହେବ ଦରବାରରେ ସଭାପତି ହୋଇଥିଲେ । କାବୁଲର ପ୍ରାୟ ସମସ୍ତ ସରଦାର ଏ ସଭାରେ ଉପସ୍ଥିତ ହୋଇଥିଲେ । ଶ୍ରୀଯୁକ୍ତ ଗ୍ରିଫିନ ସାହେବ ଏକ ଦୀର୍ଘ ବକ୍ତୃତାରେ ଆଦ୍ୟନ୍ତ ସମସ୍ତ ବିବରଣ ପ୍ରକାଶ କରି ସଭାସ୍ଥ ସମସ୍ତଙ୍କୁ ଆଶ୍ୱାସ ଦେଇ କହିଲେ ଯେ ଇଂରାଜ ଗବର୍ଣ୍ଣମେଣ୍ଟ କଦାଚ କାବୁଲ ଅଧିକାର କରିବାକୁ ଆଶା କରନ୍ତି ନାହିଁ ଘଟନା କ୍ରମେ ଇଂରାଜମାନେ ଏ ଯୁଦ୍ଧରେ ପ୍ରବୃତ୍ତ ହୋଇ ରଣଭୂମିରେ ବାହୁବଳ ପ୍ରକାଶ କଲେ ଏବଂ ଆଫଗାନ ସ୍ଥାନବାସିଙ୍କର ଧନମାନ ଓ ସ୍ତ୍ରୀଲୋକଙ୍କୁ ରକ୍ଷା କରିବାକୁ କଦାଚ ତ୍ରୁଟି କରି ନାହାନ୍ତି ଏବଂ ସେମାନଙ୍କ ସୁଖବୃଦ୍ଧି ନିମିତ୍ତ ସର୍ବଦା ଚେଷ୍ଟିତ । ସମ୍ପ୍ରତି ସରଦାର ଅବଦୁର ରହମନ ଖାନଙ୍କୁ ସର୍ବପ୍ରକାରରେ ଯୋଗ୍ୟ ଦେଖି ଇଂରାଜ ଗବର୍ଣ୍ଣମେଣ୍ଟ ତାହାଙ୍କୁ କାବୁଲର ଅମିର ବୋଲି ସ୍ୱୀକାର କଲେ ଓ ଭବିଷ୍ୟ ଦରବାରରେ ସେହି ପଦସ୍ଥରେ ଶୋଭାବସ୍ଥ

ଯାଉଅଛି । ସରଦାର ଆପଣା ପ୍ରଜାମାନଙ୍କୁ ଉତ୍ତମରୂପେ ପ୍ରତିପାଳନ କଲେ ଶ୍ରୀମତୀ ଗବର୍ଣ୍ଣମେଣ୍ଟଙ୍କର ପ୍ରଧାନ ବନ୍ଧୁର କାର୍ଯ୍ୟ କରିବେ । ସରଦାରମାନେ ଅତ୍ୟନ୍ତ ମନୋଯୋଗ ପୂର୍ବକ ବକ୍ତୃତା ଶୁଣିଲେ ମାତ୍ର ସମ୍ମତି କିମ୍ବା ଅସମ୍ମତିର କିଛି ମାତ୍ର ଚିହ୍ନ ପ୍ରକାଶ କଲେ ନାହିଁ । ଏହିପରି ଦରବାର ଶେଷ ହେଲା । ତହୁଁ ଅବଦୁର ରହମାନ ନାମରେ ଖୁତବା ପଢାଗଲା ଓ ପ୍ରକାଶ୍ୟରେ ସମସ୍ତେ ତାହାଙ୍କୁ ଅମିରବୋଲି ଗ୍ରହଣ କଲେ । ଏଥିରୁ ସରଦାର ଅବଦୁର ରହମାନ ଅବଶ୍ୟ କାବୁଲକୁ ଆସି ନାହାନ୍ତି ସେ ଗ୍ରାମକର ଠାରେ ଅଛନ୍ତି ଏବଂ ସମସ୍ତ ସରଦାର ଯେ ତାହାଙ୍କର ବଶରେ ଆସି ଅଛନ୍ତି ତାହା ବୋଲାଯାଇ ନ ପାରେ । ମହମ୍ମଦଜାନଙ୍କ ସହିତ ତାହାଙ୍କର ମେଳ ହୋଇ ନାହିଁ ସେ ମଇଦାନରେ ଯୁଦ୍ଧ କରିବାର ଯୋଗ [illegible] ଅଛନ୍ତି । ଏଣେ ଇଂରାଜମାନେ ମ[illegible] ଅବଦୁର ରହମାନଙ୍କ ସୈନ୍ୟାଧ୍ୟକ୍ଷ କରି ଦେଇ ଦୁହିଁଙ୍କୁ ମିଶାଇ ଦେବାର ଚେଷ୍ଟା କରୁ ଅଛନ୍ତି । ଏ ଚେଷ୍ଟା କ ପରିମାଣରେ ସଫଳ ହେବ ଏବଂ ଅବଦୁର ରହମାନଙ୍କର ଆଜ୍ଞାନୁସାରେ ସମସ୍ତ ସରଦାର ଓ ଜାତୀୟଲୋକ ତାହାଙ୍କ ବଶରେ ଆସିବେ କି ନାହିଁ ଏ କଥା ମାତ୍ର ଅବଧି ନିଶ୍ଚୟରୂପେ ଜଣାଯାଇ ନାହିଁ । ଏହି ହେବା ପୂର୍ବରୁ ଅବଦୁର ରହମାନଙ୍କୁ କାବୁଲର ଅମିର ବୋଲି ସ୍ୱୀକାର କରିବା ବଡ଼ ଭରଭରିଆ କାର୍ଯ୍ୟ ବୋଲି ବୋଧ ହେଉଅଛି । କେବଳ ଇଂରାଜମାନେ ଅତି ଶୀଘ୍ର କାବୁଲରୁ ବାହାର ଆସିବେ ବୋଲି ଏପରି ପଡୁଅଛି ଅମ୍ଭମାନଙ୍କ ବିବେଚନାରେ ଏହି କାର୍ଯ୍ୟଟି ଅବଦୁର ରହମାନଖାନ କାବୁଲରେ ଆପଣ ଅଧିକାର ସ୍ଥାପନ କରିବାରୁ ହୋଇଥିଲେ ବିଚକ୍ଷଣତାର କାର୍ଯ୍ୟ ହୁଅନ୍ତା ।

———

ଶ୍ରୀଯୁକ୍ତ ସୁଖଶ୍ରମ ସାହେବଙ୍କ
ଭାରତ ଭ୍ରମଣ ।

ଗତବାରରେ ଦ୍ୱାଧୀଶମାନେ ଯେବେ ଇଂରାଜଙ୍କର ନିର୍ଦ୍ଧାରିତ ଶାସନ ପ୍ରଣାଳୀର ଅନୁକରଣ କରି ଏଣେ ୨ ଶ୍ରଲ୍ୟର ଶସ୍ତ୍ର ଲେଖାଏ ବାର୍ଷିକ ବାଣିଜ୍ୟପଣ୍ୟ କହାର କରନ୍ତେ ତାହ ହେଲେ ବଡ ସୁନ୍ଦର ବିଷୟ ହୁଅନ୍ତା । କେବଳ ସଭା କି ପରିମାଣରେ ଆପଣ ରାଜ୍ୟର ଉନ୍ନତ କରିଅଛନ୍ତି ଓ କେଉଁଠାରେ କେଉଁ ବିଷୟର ଆବଶ୍ୟକ ଅଛି ତାହା ବଡ ସହଜରେ ଜଣା ଯାଆନ୍ତା

Digitized by srujanika@gmail.com

Split by PDF Splitter



ଥାନ୍ତା । କିନ୍ତୁ କୌଣସି ଗଡ଼ଜାତ ରାଜାଙ୍କର ସେ ପକ୍ଷରେ ଦୃଷ୍ଟି ହୋଇ ନାହିଁ ସୁତରାଂ ଗଡ଼ଜାତର ଅବସ୍ଥା ସର୍ବସାଧାରଣଙ୍କ ସମ୍ମୁଖରେ ଆସିବାର ଏକମାତ୍ର ଉପାୟ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ଏବଂ ତାହାଙ୍କ ଅସିଷ୍ଟାଣ୍ଟଙ୍କ ବାର୍ଷିକ ଭ୍ରମଣ ବିବରଣ ଅଟଇ । ଏହି ବିବରଣ ଯେବେ ଓଡ଼ିଆ ଗବର୍ଣ୍ଣମେଣ୍ଟ ଗେଜେଟରେ ପ୍ରକାଶ ହେଉ ଥାନ୍ତା ତେବେ ଗଡ଼ଜାତ ରାଜାମାନେ ପରସ୍ପରର ଅବସ୍ଥା ଜାଣି ପାରି ଏକ ଅନ୍ୟକୁ ଜିଣିବା ସକାଶେ ଚେଷ୍ଟା କରନ୍ତେ ଓ ତଦ୍ୱାରା ସମସ୍ତଙ୍କ ଶାସନ କାର୍ଯ୍ୟ ଉନ୍ନତ ମାର୍ଗରେ ଅଗ୍ରସର ହୁଅନ୍ତା । ବର୍ତ୍ତମାନ ନିୟମାନୁସାରେ ଦେଖାଯାଏ ଯେ ଶ୍ରୀଯୁକ୍ତ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ଯେଉଁ ଗଡ଼ର କାର୍ଯ୍ୟ ଯେପରି ଦେଖି ଆସନ୍ତି ତାହା କେବଳ ସେହି ଗଡ଼ର ରାଜାକୁ ଜଣାଇ ଦିଅନ୍ତି ଏକ ରାଜାର କଥା ଅନ୍ୟ ରାଜା ଜାଣି ପାରନ୍ତି ନାହିଁ ସୁତରାଂ ସେମାନଙ୍କ ମଧ୍ୟରେ ଉତ୍ସାହଭାବ ସଞ୍ଚାରିତ ହୋଇ ପାରଇ ନାହିଁ ଯେ ଜଣେ କିଛି ଭଲ କରୁଅଛି ସେ ତହିଁପାଇଁ ସୁଖ୍ୟାତି ପାଉନି ଓ ଯେ କିଛି ମନ୍ଦ କରୁଅଛି ସେ ତହିଁପାଇଁ ଅପଯଶ ଲଭୁନି ଏତଦ ମାତ୍ର ଏକଜଣର ଶାସନ ସଂକ୍ରାନ୍ତ କୌଣସି କଥାକୁ ଅନ୍ୟ ଜଣ [illegible] ଜାଣିବାର ଉପାୟ ନାହିଁ । ଭ୍ରମଣ ବିବରଣର ସଂପୂର୍ଣ୍ଣ ପ୍ରତିଲିପି ପ୍ରତ୍ୟେକ ଗଡ଼ଜାତ ରାଜାଙ୍କୁ ପ୍ରଦତ୍ତ ହେଉଥିଲେ ସମସ୍ତେ ଉତ୍ତମ ଦୃଷ୍ଟାନ୍ତର ଅନୁଷ୍ଠାନ ଏବଂ ମନ୍ଦ କାର୍ଯ୍ୟ ତ୍ୟାଗ କରିବାରେ ଉତ୍ତେଜିତ ହୁଅନ୍ତେ । ଅମ୍ଭମାନଙ୍କ ବିବେଚନାରେ ଏହା କରିବାର ଉଚିତ ।

ଭ୍ରମଣ ବିବରଣରେ ଯେ କଥାମାନ ବର୍ଣ୍ଣିତ ହୁଅଇ ତାହା ମଧ୍ୟ ସର୍ବସାଧାରଣଙ୍କର ଜାଣିବାର ଉପାୟ ନ ଥିଲା । ମୟୂରଭଞ୍ଜ ପତ୍ରିକା ଶ୍ରୀଯୁକ୍ତ କମିଶ୍ନର ସାହେବଙ୍କ ଗତ ଭ୍ରମଣ ବିବରଣରୁ ସେ ରାଜ୍ୟର କଥାଯାକ ପ୍ରକାଶ କରିବାହେତୁ ତହିଁର ପରିଚୟ ସର୍ବସାଧାରଣଙ୍କୁ ଦେଇ ଅଛନ୍ତି । ଅମ୍ଭେମାନେ ସେ ରିପୋର୍ଟକୁ ବଡ ପ୍ରୀତ ହୋଇ ପାଠ କରୁଅଛୁଁ ଏବଂ ତହିଁର ସାରାଂଶ ଅବଶ୍ୟ ପାଠକମାନଙ୍କୁ ଜଣାଇବାର ଅବକାଶ ପାଇ ନାହୁଁ ବୋଲି ଦୁଃଖିତ ଥିଲୁଁ ମାତ୍ର ଏତେବେଳେ ଜଣାଇବାକୁ ଇଚ୍ଛୁକ ହୋଇ ଦେଖୁ ଅଛୁଁ ଯେ ତହିଁରେ ଜାଣିବା ଯୋଗ୍ୟ ସାର କଥା କିଛି ନାହିଁ । ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କ ତଦାରଖ କେବଳ ମୁଗଲବନ୍ଦିର କୌଣସି ସବ୍‌ଡିଭିଜନ ତଦାରଖ ପରି ହୋଇଅଛି । ଅର୍ଥାତ୍ ଅମୁକ ୨ ପ୍ରକାରର ମୋକଦ୍ଦମା ସଂଖ୍ୟା ଏତେ ନିଷ୍ପତ୍ତି ହୋଇ ଏତେ ବାକି ଅଛି ରେଜିଷ୍ଟ୍ରି ବର୍ତ୍ତମାନ ଯେ ଯେପରି ରକ୍ଷା ଯାଉଅଛି ଜେଲଖାନାରେ ଏତେ କଏଦୀ ସ୍କୁଲରେ ଏତେ ପିଲା ଡାକ୍ତରଖାନାରେ ଏତେ ରୋଗୀ ଇତ୍ୟାଦି । ଏ ସମସ୍ତ ନିତାନ୍ତ ନ ଜାଣିବାର ବିଷୟ ଏହା ଅମ୍ଭେମାନେ କହୁ ନାହୁଁ ବାସ୍ତବରେ ତାଲିକା ଓ ହିସାବ ବିନା ଶାସନ କାର୍ଯ୍ୟ ଚଳି ପାରଇ ନାହିଁ ସକଳ ବିଷୟର ହିସାବ ରଖିବା ଆବଶ୍ୟକ ମାତ୍ର କାର୍ଯ୍ୟର ଦୋଷ ଗୁଣ ବୁଝିବା ତଦପେକ୍ଷା ଗୁରୁତର ବିଷୟ ଅଟଇ ଓ ତାହା ବୁଝା ନ ଗଲେ ତାଲିକାରୁ କି ଜଣା ପଡ଼ିବ? ରାଜା କି ପ୍ରକାର ମାମଲା ମୋକଦ୍ଦମା ନିଷ୍ପତ୍ତି କରନ୍ତି ପ୍ରଜାମାନଙ୍କୁ କପରିମାଣରେ ସୁଖ ସ୍ୱାଧୀନତା ଦେଇଅଛନ୍ତି ରାଜ୍ୟର ଆୟରୁ ରାଜ୍ୟର ଉନ୍ନତି ନିମିତ୍ତ କେତେ ବ୍ୟୟ କରନ୍ତି କି ଲୁଟାଇ ଉଡ଼ାଇ ଦେଇଅଛନ୍ତି ଓ କି ୨ ସୁରୀତି ପ୍ରବର୍ତ୍ତ କରିଅଛନ୍ତି ଏ ପ୍ରକାର କୌଣସି କଥା ଉକ୍ତ ପ୍ରମାଣରୁ ଜଣା ପଡ଼ୁ ନାହିଁ । ସେ ସମସ୍ତ ଯେବେ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ନ ଦେଖିଲେ ତେବେ ତାହାଙ୍କ ଭ୍ରମଣଦ୍ୱାରା ଆଶାନୁରୂପ ସୁଫଳ ଫଳିବାର ସମ୍ଭାବନା ନାହିଁ ।

---

# ସାପ୍ତାହିକ ସଂବାଦ ।

ଅମ୍ଭମାନଙ୍କ କଲେକ୍ଟର ସାହେବ କିଛି କାରଣବଶତଃ ଗତ ଶନିବାର କଟକ ଯାଇ ପାରିଲେ ନାହିଁ ଅଚିରାତ ଯିବାର କଥା ଅଛି ।

ଏଠା କଲେକ୍ଟରି ସିରସ୍ତାଦାରି କର୍ମରେ ବାବୁ ଜଗମୋହନ ଲାଲ ସବ୍‌ଡେପୋଟି କର୍ମରେ ବାବୁ ଦେବିମୋହନ ମୁଖାର୍ଜୀଙ୍କ ନିଯୋଗ ଗବର୍ଣ୍ଣମେଣ୍ଟ ମଞ୍ଜୁର କରିବାରୁ ସେମାନେ ଅତି ଅପଣା ୨ ନୂତନ କର୍ମର ଭାର ନେବେ । ଡେପୁଟିଙ୍କ କର୍ମର ବନ୍ଦୋବସ୍ତ ଆଗାମୀ ମାସ ତା ୧ ଦିବସରେ ହେବ ଓ ସେପର୍ଯ୍ୟନ୍ତ ଜଗମୋହନ ବାବୁ ଇଂରେଜୀ ଓ ଦେଶୀ ଦୁଇ ସିରସ୍ତାର କର୍ମ ଚଳାଇବେ ।

ଏଠା ଥାନାର ଓଭରସିୟର ଲକ୍ଷ୍ମୀମୋହନ ବାବୁ କଣତ ଘାଟର ଇଜାରଦାର ନାମରେ ପଥିକମାନଙ୍କଠାରୁ ଅଧିକା ନେବା ଦୋଷରେ ରିପୋର୍ଟ କରିବାରୁ ତାହା ଉପରେ ଟ ୨୦ ଙ୍କା ଅର୍ଥଦଣ୍ଡ ହୋଇଅଛି ।

ଉକ୍ତ ଓଭରସିୟର ଯୋଗେ ଉକ୍ତ ଇଜାରଦାରର ଦୋଷ ମ୍ୟୁନିସିପାଲ କମିଟିକୁ ଜଣାଇବାରୁ ଇଜାରଦାର କି ସକାଶେ ଟ ୫୦ ଙ୍କା ଅର୍ଥଦଣ୍ଡ ନ ଦେବ ତହିଁର କାରଣ ଦର୍ଶାଇବାପାଇଁ କମିଟୀ ତାକୁ ତଲବ କରିଅଛନ୍ତି । ସମୟ ୨ ରେ ଘାଟ ଇଜାରଦାରମାନଙ୍କ ଉପରେ ଏହିପରି ଶାସନ ହେଉଥିଲେ ସେମାନଙ୍କର ଉତ୍ପାତ ଓ ଅତ୍ୟାଚାର [illegible] ନିବାରିତ ଥାଏ ।

ଦବାଇବା [illegible] ବାବୁ କୋର୍ଟରେ ରହିଲ କରିବାକୁ କାଗଜାତ ତଲବ ହୋଇ ନିକଟରେ ପ୍ରେରିତ ହୋଇଅଛି ।

କଣ୍ଟା ପଣପଡ଼ା ସକାଶେ ଶ୍ରୀଯୁକ୍ତ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କ ପ୍ରସ୍ତାବମତେ ଜଣେ ମାନେଜର ନିଯୁକ୍ତ ହେବା ବିଷୟର ମଞ୍ଜୁରି ଗବର୍ଣ୍ଣମେଣ୍ଟରୁ ଆସିଅଛି । ରାଜା ଏଠାରୁ ଆସି ମାନେଜର ନିଯୁକ୍ତ କରି ଦେଇ ଯିବେ ବାଙ୍କି ତେଣ୍ଟାଙ୍କ ଗଡ଼ଜାତରେ ଜଣେ ୨ ଯେଉଁ ଦେବାନ୍ ବା ମାନେଜର ନିଯୁକ୍ତ ହେଲେ ଏକ ପ୍ରକାର ସଫଳ ହୋଇ ଯିବ ।

ମଧ୍ୟ ପ୍ରଦେଶାନ୍ତର୍ଗତ ଦାମୋହ ଜିଲ୍ଲାର ପୁଲିସ ସୁପ୍ରିଣ୍ଟେଣ୍ଡେଣ୍ଟ ଜେନସ ସାହେବ ଜୀବଜନ୍ତୁ ଅନ୍ୱେଷଣ କରିବାରେ ବଡ଼ ଶ୍ରଦ୍ଧାବନ୍ତ ଥିଲେ । ଦିନକରେ ଗୋଟାଏ ଗୋଖର ସାପକୁ ଡାହାଣ ହାତରେ ଧରି ଆପଣା ବନ୍ଧୁମାନଙ୍କୁ ତାହାର ବିଷ ଦାନ୍ତ ଦେଖାଉ ଥିଲେ । ପୈକାରୁ ସାପଟି ସବଳରେ ଆପଣା ମୁଣ୍ଡ ଅଗକୁ ବାହାର କରି ସାହେବଙ୍କ ବାମ ହସ୍ତର ଦ୍ୱିତୀୟ ଅଙ୍ଗୁଳିରେ ଏକ ଚୋଟ ମାରିଲା । ସାହେବଙ୍କ ପ୍ରାଣରକ୍ଷା ନିମିତ୍ତ ଯେତେ ଉପାୟ ହେଲା କିଛି ଫଳ ହେଲା ନାହିଁ ତିନି ଘଣ୍ଟା ମଧ୍ୟରେ ତାହାଙ୍କର ପ୍ରାଣ ବାହାରି ଗଲା । ଏ ସାହେବ ଜଣେ ଉତ୍ତମ କର୍ମଶୂର ଥିଲେ ଏବ ଏହାଙ୍କ ସକାଶେ ଅନେକ ଲୋକ ଦୁଃଖିତ ଅଛନ୍ତି ।

କଲିକତାରେ ଜେଉନ ନାମରେ ଜଣେ ତାହାଙ୍କର [illegible] ନାମରେ ଜଣେ ପଦ୍ମାକରକୁ ଅତି [illegible] ପକାଇବାରେ ହାଇକୋର୍ଟଙ୍କ ବିଚାରରେ ତାହାର ଫାଶୀ ଦଣ୍ଡ ହୋଇ ଅଛି । ତାହାକୁ ଫାଶୀରୁ ମୁକ୍ତି ଦେବା ସକାଶେ ଅନେକ ଉଦ୍ୟମ ହୋଇଥିଲା କିନ୍ତୁ କିଛି ଫଳ ହେଲା ନାହିଁ । [illegible] ଲଂଗଳ କଲିକତାରେ ଫାଶୀ ପାଇ ଅଛି ।

ଏ ନଗରର ଅନ୍ତର୍ଗତ ମୁକୁନ୍ଦ [illegible] ସାଇରେ ଓଲଉଠା ଦେଖା ଯାଇ ଅଛି । ଦୁଇ ତିନି ଯାତ୍ରୀ ଓ ଜଣେ ମେଠା ନିବାସୀ ମରିଯାଇ ଥିବାର ଶୁଣିଲୁଁ । ପୂର୍ବେ [illegible] ମେଡିକାଲ [illegible] ମଧ୍ୟରୁ ଓଲଉଠାରେ ହୁଇ ଜଣଙ୍କୁ ଓଲଉଠା ହେବାରୁ ସେମାନେ ଉଦଉଠାରେ ରହିଲେ । ବର୍ଷା କାଳରେ ଓଲଉଠାର ପ୍ରାଦୁର୍ଭାବ [illegible] ବିଷୟ । ଉଃ ଦଃ

ମୟୂରଭଞ୍ଜର ଓଭରସିୟର ଓ ଦୈନିକ [illegible] ପୋଷ୍ଟର ହେଡ଼ କନେଷ୍ଟବଲ ବାଲେଶ୍ୱର ସହରରୁ ୩୩ ଜଣ ପ୍ରଜାଙ୍କୁ ଇଂରେଜ ଗବର୍ଣ୍ଣମେଣ୍ଟଙ୍କ ଅଞ୍ଚଳରେ ଗିରଫତାର କରି ନେଇ ଯାଇ ଥିବାରୁ ଏବଂ ସେଥିପାଇଁ ଗୋପନୀୟ ସାହାଯ୍ୟ ଯୋଗୁଁ ଆମ୍ଭ ଏଠା ସଦର ଥାନାର ଇଂଗ୍ରେଜ ଇନ୍‌ସପେକ୍ଟର ଦୁର୍ଗାପ୍ରସାଦ ମହାପାତ୍ର ପ୍ରଥମ ଶ୍ରେଣୀର ହେଡ଼ କନେଷ୍ଟବଲଙ୍କର ବେତନ ୨୫ ଟଙ୍କାରୁ ୨୦ ଟଙ୍କା ଓ ଥବପୁର ହେଡ଼ କନେଷ୍ଟବଲର ୨୦ ଟଙ୍କାରୁ ୧୦ ଟଙ୍କା ବେତନ ହ୍ରାସ ହୋଇ ଅଛି ଏବଂ ବର୍ତ୍ତମାନ ମୋକଦ୍ଦମା ଦାଏର ଅଛି । ଅମ୍ଭେମାନେ ଆଶାକରୁଁ ଯେ ବିଚାର ଅଦାଲତରେ ଅସାମୀମାନଙ୍କର ଉଚିତ ଦଣ୍ଡ ହେବ ।

୧ । ପୁରୁଷମାନଙ୍କର [illegible] ହେଲୁଁ ଦାର୍ଜିଲିଂ [illegible] ଲେଖି ଅଛନ୍ତି ଯେ ଜଣେ ସାହେବ ତାହାଙ୍କ ଭୃତ୍ୟମାନଙ୍କ ଦସ୍ତରେ "ପ୍ରହାରେଣ ଧନଞ୍ଜୟଃ" ହୋଇ ଅଛନ୍ତି । ସେ ଜଣେ ଦରମ ଜେଞ୍ଜ । ସେ ସେଦିନ ପ୍ରାତଃକାଳରେ ଆପଣା ସଇସକୁ ମାରି [illegible] ମାରିଥିଲେ । ସନ୍ଧ୍ୟା ସମୟରେ ସହସ୍ର [illegible] ଓ [illegible] ବୃକ୍ଷର ମିଶି ତାହାଙ୍କୁ [illegible] ଦେଇ ଅଛନ୍ତି ।

୨ । ଦେଶୀୟ ସାହିତ୍ୟ ସମ୍ବନ୍ଧରେ ଡାକ୍ତର ରାଜେନ୍ଦ୍ରଲାଲ ମିତ୍ର ଏପର୍ଯ୍ୟନ୍ତ ଯେ ବିଶେଷ ପରିଶ୍ରମ କରିଅଛନ୍ତି ତହିଁପାଇଁ ଲେପ୍ଟେଣ୍ଟ ଗବର୍ଣ୍ଣର ସାହେବ ତାହାଙ୍କୁ ଟ ୫୦୦ ଙ୍କା ଲେଖାଏ ପେନସନ ଦେବା ନିମନ୍ତେ ଅନୁରୋଧ କରିଅଛନ୍ତି ।

Digitized by srujanika@gmail.com

## ପ୍ରେରିତ ପତ୍ର ।

ମାନ୍ୟବର ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତି ଆପଣଙ୍କ ବହୁମାନ୍ୟ ପତ୍ରିକାରେ ପ୍ରକାଶ କରି ସର୍ବସାଧାରଣଙ୍କ ଗୋଚରକୁ ଆଣି ଚିରବାଧିତ କରିବା ହେବେ ।

ଆପଣଙ୍କୁ ଅବିଦିତ ନାହିଁ ଯେ 'ଉତ୍କଳମଧୁପ' ନାମକ ଖଣ୍ଡିଏ ମାସିକପତ୍ରିକା ଆପଣଙ୍କ ଛାପାଖାନାରୁ ମୁଦ୍ରିତ ହୋଇ ଓଡ଼ିଶାରେ ବିତରଣ କରୁଥିଲା । ପ୍ରାୟ ଦେଢ଼ବର୍ଷରୁ ଊର୍ଦ୍ଧ୍ୱକାଳ ତାହାର ଅଙ୍କ ମାତ୍ର ସ ହେବ ତାହାର ଦର୍ଶନ ନାହିଁ । ସୌଭାଗ୍ୟକ୍ରମେ ସମ୍ପାଦକଙ୍କ ସଙ୍ଗରେ ସାକ୍ଷାତ ହେବାରୁ ତାଙ୍କଠାରୁ ବୁଝିଲୁଁ ଯେ ମଫସଲର ଗ୍ରାହକମାନଙ୍କ କୃପାରୁ ତହିଁର କାର୍ଯ୍ୟ ବନ୍ଦ ହୋଇଅଛି । ତହିଁର ମୂଲ୍ୟବାବତରୁ ପ୍ରାୟ ଶତକଡ଼ା ପଞ୍ଚାଶଟଙ୍କା ସଦର ମଫସଲର ଗ୍ରାହକମାନଙ୍କଠାରୁ ଆଦାୟ ହୋଇ ନାହିଁ । ଶୁଣି ଦୁଃଖିତ ହେଲୁଁ ଯେ ଉପଯୁକ୍ତ ଅଞ୍ଚଳର ଗ୍ରାହକ ଭଡ଼ା ସମସ୍ତେ ଆଗେ ମୂଲ୍ୟ ପଠାଇ ନାହାନ୍ତି କମ୍ପା ତାହା ଗ୍ରହଣ କରିବାରେ ବିରତ ବା କୁଣ୍ଠିତ ହୋଇ ନାହାନ୍ତି । ଅନେକ ବଡ଼ ବଡ଼ ଧନୀ ଭଦ୍ରବ୍ୟକ୍ତିମାନେ ମଧ୍ୟ ଏହା ମାସକୁମାସ ନେଉଥିଲେ ସେମାନେ ମଧ୍ୟ ମୂଲ୍ୟ ଦେଇ ନାହାନ୍ତି । ସେ କହିଲେ ଯେ ଯେବେ ଉପଯୁକ୍ତ ଲୋକମାନଙ୍କଠାରୁ ମୂଲ୍ୟ ଆଦାୟ ହୋଇ ନ ପାରିଲା ତେବେ ନିର୍ଦ୍ଧନ ଅଳ୍ପବିଦ୍ୟ ଲୋକଙ୍କଠାରୁ ମୂଲ୍ୟ ଆଦାୟ ହେବାର ପ୍ରତ୍ୟାଶା ବା କାହିଁ ହୋଇ ପାରେ ? ଅନେକଥର ପ୍ରାର୍ଥନା କରାଗଲା ତହିଁରେ ମଧ୍ୟ ଫଳ ଫଳିଲା ନାହିଁ । ସହକାରୀ ସମ୍ପାଦକ ମହାଶୟ ଆମ୍ଭର ଅନୁପସ୍ଥିତରେ ପ୍ରାୟ ସମସ୍ତ ମୋଫସଲ ଗ୍ରାହକଙ୍କ ନିକଟକୁ ଖଣ୍ଡିଏ ଖଣ୍ଡିଏ କାର୍ଡ଼ ପତ୍ର ପଠାଇଲେ ଅବଶ୍ୟ କେହି ମୂଲ୍ୟ ପଠାଇ ନାହାନ୍ତି କମ୍ପା ଦୁଇଜଣଙ୍କୁ ଛାଡ଼ି କେହି ତହିଁର ଉତ୍ତର ସୁଦ୍ଧା ଦେଇ ନାହାନ୍ତି । ମହାଶୟ ! ଆପଣଙ୍କ ବିଚାରରେ ଆଉ ଏଭଳି ମାଇରେ ବା ଓଡ଼ିଶାର କେବେ ମଙ୍ଗଳ ଅଛି ? କହିଲ ହେଉ ମନ ହେଉଛି ଖଣ୍ଡିଏକ ଓଡ଼ିଆ ମାସିକପତ୍ର ଆମ୍ଭେମାନେ ପଢ଼ିବାକୁ ପାଉଥିଲୁଁ ? ତେ ଜାଣି ବା ତହିଁରୁ ଭଲ କଥା ବାହାରି ପାଉଥିଲା । ଯେତେବେଳେ ତାକୁ ବଡ଼ ବଡ଼ ଧନୀ ଓ ଉପଯୁକ୍ତ ଲୋକମାନେ ଉଚିତ ମୂଲ୍ୟ ଆଦାୟ ନ ଦେଇ ଅକାଳମୃତ୍ୟୁର କବଳେ କବଳିତ କଲେ ତେବେ ଆଉ ଦୋଷିବୁ କାହାକୁ ? ଏହା ମଧ୍ୟ ଆପଣ ବିଚାର କରନ୍ତୁ ଯେ ଅଦେୟ ଗ୍ରାହକଙ୍କର ନାମ ଗୁଡ଼ାଏ ଛାପାରେ ବାହାର କରି କି ଲାଭ ଅଛି ? କେଉଁଠା ଉପଯୁକ୍ତ ଲୋକେ ଏଦେଶରେ ଅଛନ୍ତି ଯେ ତୁମକୁ ଆପଣା ଘରରେ କଳଙ୍କଅଡ଼ାଏ ଦେଇ ଅମେ ସନ୍ମାନାର୍ଥ ହେବାକୁ ବସିବ ? ଉପଯୁକ୍ତ ଲୋକମାନେ ଏଥିପାଇଁ ଲଜ୍ଜିଲେ କିମ୍ବା ସାହିତ୍ୟସମାଜର କିଛି ଉନ୍ନତି ହେବ ? ସଂକ୍ଷେପରେ ଆମ୍ଭର ଏତିକ ବିନୟ ପ୍ରାର୍ଥନା ଯେ ଆପଣ ଟିକିଏ ଛାପାଇଁ ଦୟା କଲେ ଆମ୍ଭର ତରଫରୁ ଆଶା ଫଳବତୀ ହେବ କିମଧିକଂ ବହୁନା ।

ଆପଣଙ୍କର
ଜଣେ ଓଡ଼ିଆ ।

---

ମହାଶୟ !

ଅମ୍ଭେ ଢେଙ୍କାନାଳ ଯାଇଥିଲୁଁ ଯେ ଅମ୍ଭେ ଦେଖିଥିବା ଓଡ଼ିଶା ସ୍ୱାଧୀନମାନଙ୍କରେ ସେ ତନ୍ତୁପର ପ୍ରକାଶମାନ ଶ୍ରୀ ମହାରାଜାଙ୍କ କୋଠା ଓ ଫୁଲବାଗ ଉତ୍ତମରୂପେ ସୁବିଧା ହୋଇଛି ଏକ ଇଂଲିସ ଇଞ୍ଜିନିୟର ଚିନ୍ତା ଜେଲଖାନା ବାଟ ଅତି ସୁନ୍ଦରରୂପେ ସୁସଜ୍ଜିତ କରୁଛନ୍ତି ଏକ ଡାକ୍ତରଖାନା ଅଛି ନେଟିବଡାକ୍ତର ଅଛନ୍ତି ରୋଗୀମାନଙ୍କୁ ଔଷଧ ଓ ଆହାର ମଧ୍ୟ ଶ୍ରୀମହାରାଜାଙ୍କ ଦ୍ରବ୍ୟରୁ ବିତରଣ ହୋଇଛି । ଆଙ୍ଗ୍ଲୋବର୍ଣ୍ଣାକ୍ୟୁଲର ଓ ବର୍ଣ୍ଣାକ୍ୟୁଲର ଯୋଡ଼ିଏ ସ୍କୁଲରେ ଉତ୍ତମରୂପେ ପଠନକାର୍ଯ୍ୟ ଚଳୁଛି, ସେଥିରେ ଛଅଜଣ ବାଳକା ଛାତ୍ରୀ ହୋଇ ଅଛନ୍ତି, ଶ୍ରୀ ବନମାଳୀବାବୁ ହେଡମେନେଜର ହୋଇ ଉପରୋକ୍ତ ବିଷୟମାନ ଯେମନ୍ତ ଅଭ୍ୟନ୍ତରେ ପ୍ରକାଶ ହେବେ ସେହିପରି ଉତ୍ତମରୂପେ ବନ୍ଦୋବସ୍ତ କରନ୍ତି ଏ ମହାଶୟ ଦୂରଦର୍ଶୀ ସୁଜ୍ଞାନ ଅଟନ୍ତି ଶ୍ରୀବାବୁ ମହାଶୟଙ୍କୁ ମନ୍ତ୍ରୀ ସାର୍ବଭୌମ ବୋଲି କହିବାକୁ ସନ୍ଦେହ ନାହିଁ । ଶ୍ରୀ ଫକୀରମୋହନ ବାବୁ ଆସିଷ୍ଟାଣ୍ଟ ମେନେଜର ହେବାରେ । ମଣିନା ବଳୟେ ବଳୟେନ ମଣିଃ ମଣିନା ବଳୟେନ କରଃ । ସେ ଦଳମର୍ଦ୍ଦି ପ୍ରଜାମାନେ ତୁମ୍ଭେ ମୁହଁରେ ହୃଦୟରେ ଢେଙ୍କାନାଳ ଅଭ୍ୟନ୍ତରୂପେ ଶୋଭା ପାଉଛି, ଶ୍ରୀଫକୀରମୋହନ ବାବୁ କବି ସୁଚତୁରୀ ପ୍ରିୟବର ଅଟନ୍ତି । ଉଦାରଚିତ୍ତ ବିଷୟମଣିମାନଙ୍କ ସର୍ବଦା ଏହି ଶୌଭାଗ୍ୟକୁ ସଚ୍ଚୋତ୍ସବ ଇତ୍ୟାଦିରେ ବଢ଼ନ୍ତୁ ।

୨୨।୭।୮୦ ଶ୍ରୀ ନାରାୟଣ ବଡ଼ଜେନା ସାମନ୍ତ

—✻—

## NOTICE.

In the Court of the Judge of Moulmain, Mis. No. 77 of 1880.

In the Goods of Deen Bundhu Sumata, deceased. Whereas Deen Bundhu Sumata son of Madhoonaik of Cuneeka Village, Cuttack has died intestate in Moulmain leaving personal property which has come into the custody of this Court.

All persons claiming to be the heirs of the said deceased person, or to be entitled to receive charge of his effects are hereby required to attend at this Court and prove their title to the property or to receive charge thereof.

Failing wherein the Court will on the expiration of twelve months from the date of this notice report the case for the orders of the Government.

Given under my hand and the seal of the Court this 25th day of June 1880.

By order of the Court
J. Douglas Bayly
*Chief Clerk.*

---

## ଇସ୍ତାହାର ।

ଏହି ମୌଲମିନର ଜୁଡିସିଆଲ ଜଜ ସାହେବଙ୍କ ଅଦାଲତର ଘୋଷଣାକୁ କଟକ ଜିଲ୍ଲା କନିକା ନିବାସୀ ମାଧୁନାଏକଙ୍କ ପୁତ୍ର ଦୀନବନ୍ଧୁ ସାମନ୍ତ ମୌଲମିନରେ ନିଃସନ୍ତାନ ହୋଇ ମରିଯାଇ ଥିବାରୁ ତାହାଙ୍କ ପ୍ରକାଶ କରି ଯାଇ ଅଛ କି ଯଦି କୌଣସି ବ୍ୟକ୍ତି ମୃତ ବ୍ୟକ୍ତିର ଦାୟାଦ ବୋଲି ସ୍ୱତ୍ୱ ଦାବି କରୁଥାଏ ତେବେ ତାହାର ଜିନିଷ ଓ ଟଙ୍କାର ଦାବି କରିବେ ସେ ଆଜିଠାରୁ ବାରମାସ ମଧ୍ୟରେ ଆପଣା ଦାବି ଲେଖି ମୌଲମିନର ଜୁଡିସିଆଲ ଜଜ ସାହେବଙ୍କ ଅଦାଲତରେ ଉପସ୍ଥିତ ହୋଇ ପ୍ରମାଣ କରିବେ ଯଦି ତାହା ନ କରିବେ ତେବେ ଉକ୍ତ ମିଆଦ ମଧ୍ୟରେ ଦାବି ଉପସ୍ଥିତ ନ ହେଲେ ପଶ୍ଚାତ ତାହାର ଆଉ କୌଣସି ଦାବି ଗ୍ରାହ୍ୟ ହେବ ନାହିଁ ତା ୨୫ ଜୁନ ସନ ୧୮୮୦ ମସିହା ।

---

## ଗବର୍ଣ୍ଣମେଣ୍ଟ ନିଲାମ ଯେ ବିକ୍ରି ହେବ ।

ଏହି ନୂଆ ବ୍ୟାଙ୍କରେ ପ୍ରକାଶିତ ପତ୍ରବର୍ଗରେ ଉଚିତ ମୂଲ୍ୟ ବିକ୍ରୟ କରାଯିବ । ଏଥିପାଇଁ ପୃଥକ ପୃଥକ ଉକ୍ତ କୋମ୍ପାନୀ ଓ ଡେପୋଟି ଆଫିସରେ ଦେଖାଯାଇ ପାରେ । କଟକ ପ୍ରିଣ୍ଟିଂ କୋମ୍ପାନୀର ଆଫିସରେ ତଳଲିଖିତ ଦରରେ ମିଳି ପାରେ ଯଥା—

ତାକନାବୁକ କଟକ ଏଜେନସି ୫୭୦ । ୮ଅଣାଗୁଟିକ ୫ ୧୧୮ ଲା । ୧୦ ଅଣାରୁ ୫ ୨ । ମୂଲ୍ୟ ନଗଦ ।

---

ଏହି ଉତ୍କଳଦୀପିକା ପତ୍ର କଟକ ନଗରର କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୯ ଗ
ସ ୩୨ ଖ୍ୟା

ତା ୭ ରଖ ମାହେ ଅଗଷ୍ଟ ସନ ୧୮୮୦ ଇସିହା । ମୁ । ଶ୍ରାବଣ ଦ ୨୪ ଜ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨୮
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬୧
ମଫସଲପାଇଁ ଡାକମାସୁଲ ଟ ୧୮/

ଏ ସପ୍ତାହରେ ପ୍ରଚୁର ବୃଷ୍ଟି ହୋଇଅଛି । ଗତ ସପ୍ତାହରେ ବିଲଖାଲମାନ ଶୁଖି ଯିବାର କଥା ଲେଖିଥିଲୁଁ ଏଥର ସେ ସମସ୍ତ ଜଳ ପୂର୍ଣ୍ଣ ହୋଇଅଛି । ଏ ବୃଷ୍ଟି କୃଷିକର୍ମ ପକ୍ଷରେ ଆଶାନୁରୂପ ଉପକାର କରଅଛି କେବଳ ନଦୀବୃଦ୍ଧିର ଭୟ ଅଛି ଯେବେ ତାହା ଅତିରିକ୍ତ ନ ହୁଅଇ ତେବେ ସମସ୍ତ ମଙ୍ଗଳ ।

---

ଆମ୍ଭେମାନେ ଅନନ୍ଦ ସହିତ ଅବଗତ ହେଲୁଁ ଯେ କଲିକତା ଓ ବାଲେଶ୍ବର ମଧ୍ୟରେ ନ୍ୟୁମିତରୂପେ ପ୍ରତି ସପ୍ତାହ ବାଷ୍ପୀୟଜାହାଜ ଯାତାୟାତ କରୁଅଛି ଓ ତହିଁରେ ବାଲେଶ୍ବରବାସିଙ୍କର ବଡ ସୁବିଧା ହୋଇଅଛି । ସ ୧୬ ଘଣ୍ଟା ମଧ୍ୟରେ ଜାହାଜ ଯିବା ଆସିବା କରୁଅଛି । ଜାହାଜ ପ୍ରସାଦରେ ବାଲେଶ୍ବରବାସିମାନେ ବର୍ତ୍ତମାନ ମାଲଦହର ଆମ୍ବ ଖାଇ ତୃପ୍ତି ଲାଭ କରୁଅଛନ୍ତି । ଏ ବନ୍ଦୋବସ୍ତ ଚିରସ୍ଥାୟୀ ହେଲେ ବଡ଼ ସୁଖର ବିଷୟ ହେବ ।

---

ଗତ ମାସ ତା ୨୭ ରଖରେ ଏଠା ମ୍ୟୁନିସିପଲ କମିଶନରଙ୍କର ଅଧିବେଶନ ହୋଇଥିଲା ଏଠା ଖାଣ୍ଡା ତଳସ୍ଥାଳୀୟ ଗବର୍ଣ୍ଣମେଣ୍ଟଙ୍କ ତତ୍ତ୍ୱାବଧାରଣରେ ଥିଲା ମ୍ୟୁନିସିପାଲିଟି ତହିଁ ସାହାଯ୍ୟ କରୁଥିଲେ । ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ତହିଁର ଭାରଗ୍ରହଣ କରିବାକୁ ଅସମ୍ମତ ହେବାରୁ ମ୍ୟୁନିସିପାଲିଟି ତହିଁର ସମୁଦାୟ ବ୍ୟୟ ନିର୍ବାହ ପୂର୍ବକ ଆପଣା ଅଧୀନରେ ରଖିବାର ସ୍ଥିର କଲେ । ଏଥିର ବ୍ୟୟ ବାର୍ଷିକ ଟ ୧୧୬୨ ଙ୍କା ପଡିବ ।

କଦମରସୁଲ ଭିତର କବରସ୍ଥାନ ସ୍ଥାୟୀ ହୋଇ ରହିଲା, ତହିଁର ବାହାର କବରସ୍ଥାନ ଓ ନଗର ମଧ୍ୟସ୍ଥ ପଠାଣମାନଙ୍କର ଅନ୍ୟ କବରସ୍ଥାନମାନ ଓ ରୋମାନକାଥଲିକ କବରସ୍ଥାନ ଅଚଳ ମଧ୍ୟେ ରହିତ ହେଲା ।

ମ୍ୟୁନିସିପଲ ହାଟ ଓ ଶୁନନାଗୌର ଗଞ୍ଜ ଉଭୟ ସ୍ଥଳରେ ଗୃହିଲ କାରବାର ହେବାର ସ୍ଥିର ହେଲା ।

---

ବଜେଟ ହେସାବର ଭ୍ରମ ବିଷୟରେ ସରଜନ ଷ୍ଟ୍ରାଚି ଏକ ଦୀର୍ଘ କୈଫିୟତ ଲେଖି ଅଛନ୍ତି ଏବଂ ମହାମାନ୍ୟ ଗବର୍ଣ୍ଣରଜେନରଲ ତାହାକୁ ଆପଣା ମନ୍ତବ୍ୟ ସହିତ ବିଲାତର ସେକ୍ରେଟରିଙ୍କ ନିକଟକୁ ପଠାଇ ଅଛନ୍ତି ସରଜନ ଆପଣା ଦୋଷ ଲୁଚାଇବାର ଅନେକ ଚେଷ୍ଟାକରି ହେସାବ ରଖିବାର ପ୍ରଣାଳୀକୁ ଦୋଷଯୁକ୍ତ କରି ଅଛନ୍ତି ଏବଂ ତହିଁରେ ମଧ୍ୟ ଆପଣା ଅଧୀନସ୍ଥ କର୍ମଚାରିଙ୍କୁ ବଞ୍ଚାଇବାର ଚେଷ୍ଟା କରି ଅଛନ୍ତି ମାତ୍ର ତାହାଙ୍କ ଉତ୍ତରରେ ସର୍ବସାଧାରଣଙ୍କ ତୃପ୍ତି ହୋଇ ନାହିଁ ଓ ତାହାଙ୍କ ଯୋଗ୍ୟତା ପ୍ରତି ମଧ୍ୟ ସନ୍ଦେହ ହୋଇଅଛି । ବିଲାତର ମହା୨ ଚିନ୍ତାଶୀଳ ଲୋକମାନେ ଏ କୈଫିୟତ ପଢି କ ଉତ୍ତର ଦେବେ ଶୁଣିବାରେ ଆସିବ । ଏଥି ମଧ୍ୟରେ ଜନରବ ଶୁଣାଯାଏ ଯେ ଇଙ୍ଗ୍ଲଣ୍ଡର ଗବର୍ଣ୍ଣମେଣ୍ଟ ସରଜନଙ୍କୁ ସେଠା ଧନ ବିଭାଗର ମନ୍ତ୍ରୀ କରି ଦେବ ଯିବାର ମନସ୍ଥ କରି ଅଛନ୍ତି । ବୋଧ ହୁଅଇ ଉକ୍ତ ଗବର୍ଣ୍ଣମେଣ୍ଟ ପ୍ରଜାଙ୍କଠାରୁ ଇନ୍‌କମ ଟାକ୍ସ ନେବାପାଇଁ ଦୃଢ଼ସଙ୍କଳ୍ପ କରିଅଛନ୍ତି ।

---

ବଙ୍ଗପ୍ରଦେଶର ମାନ୍ୟବର ଲେପ୍ଟେନଣ୍ଟ ଗବର୍ଣ୍ଣର ସନ ୧୮୭୭ ସାଲର ଦଣ୍ଡଆଇନର ଧା ୬୪୧ ଅନୁସାରେ ଓଡିଶା ଗଡ଼ଜାତର ବର୍ତ୍ତମାନ ରାଜାଙ୍କୁ ସ୍ୱୟଂ ଅଦାଲତମାନଙ୍କରେ ଉପସ୍ଥିତ ହୋଇ ସାକ୍ଷ୍ୟ ଦେବାରୁ କ୍ଷମା ଦେଇ ଅଛନ୍ତି । ମୟୂରଭଞ୍ଜପତ୍ରିକାରେ ଲେଖା ଅଛି କି ମୟୂରଭଞ୍ଜର ମହାରାଜାଙ୍କୁ ମେଦିନୀପୁରର ଦେୱାନୀ ଅଦାଲତରେ ଖଲାତର ପକ୍ଷ ସାକ୍ଷ୍ୟ ମାନିଥିବାରୁ ମହାରାଜା ଗଡ଼ଜାତର ସୁପ୍ରିଣ୍ଟେଣ୍ଟଙ୍କୁ ଜଣାଇବାରେ ସମସ୍ତ ରାଜାଙ୍କର ଗୋଟିଏ ମର୍ଯ୍ୟାଦା ରକ୍ଷା ପାଇଲା । ବାସ୍ତବରେ ଏତେ ଦିନ ଏ ଆଜ୍ଞା ହୋଇ ନ ଥିବା ଆଶ୍ଚର୍ଯ୍ୟର ବିଷୟ ଅଟଇ । ଭଲ ଗଡ଼ଜାତର ରାଜାମାନଙ୍କୁ ଏ ମର୍ଯ୍ୟାଦା ଦିଆ ଯାଇଥିଲେ ଭଲ ହୋଇ ଥାନ୍ତା । ଯଦି ହେଉ ଗଡ଼ଜାତ ରାଜାମାନେ ସାକ୍ଷ୍ୟ ଦେବାନିମିତ୍ତ ଅଦାଲତକୁ ଆସିବାରୁ ରକ୍ଷା ପାଇଲେ ମାତ୍ର ଏ ନଗରକୁ ଆସିଲେ ତର୍ନିଜାଗାରେ ଗିରଫଦାର ହୋଇ ପାରନ୍ତି ତହିଁର କଛି ଉପାୟ ହେବ କି ?

---

Digitized by srujanika@gmail.com

Split by PDF Splitter



ଅଫଗାନ ଯୁଦ୍ଧରେ ଯେ ସମସ୍ତ ସିପାହି ଏବଂ ପଲ୍‌ଟନ ସଙ୍ଗରେ ଥିବା ଲୋକ ଅକ୍ଷମ ହୋଇ ଅଛନ୍ତି ସେମାନଙ୍କର ଏବଂ ଯୁଦ୍ଧରେ ମରିପଡ଼ିଥିବା ସିପାହିଙ୍କ ପରିବାରଙ୍କର ସାହାଯ୍ୟ ନିମିତ୍ତ ଗୋଟିଏ ପାଣ୍ଠି ସ୍ଥାପିତ ହୋଇଅଛି ଏହାର ନାମ ପେଟ୍ରିଅଟିକ୍ ଫଣ୍ଡ । ଏଥିରେ ପ୍ରାୟ ଊନଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜମା ହୋଇଅଛି ଏ ସବୁ ପଶ୍ଚିମ ପ୍ରଦେଶର ବଡ଼ ୨ ମହାରାଜାମାନେ ଦାନ କରି ଅଛନ୍ତି ଏପରି ବେହାରର ଜମିଦାରମାନେ ଟ ୭୨୦୦୦୲ ଙ୍କା ଏବଂ ଫରକାବାଦର ଲୋକମାନେ ଟ ୬୮୮୮୲ ଙ୍କା ଆପଣା ମଧ୍ୟରେ ଚନ୍ଦା କରି ଅଛନ୍ତି ଏ ଟଙ୍କାର ଯଥାବହିତ ବ୍ୟୟ ନିମିତ୍ତ ଗୋଟିଏ କମିଟି ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କ [illegible] ସ୍ଥାପିତ ହୋଇଅଛି । ଏହି କମିଟି ଯାହାକୁ ମାତ୍ର ଟଙ୍କାରୁ ଦାନର ଉପଯୁକ୍ତ ବିବେଚନା କରିବେ ତାହାକୁ ଦେବେ । ବଙ୍ଗଳା ବମ୍ବାଇ ଏବଂ ମାନ୍ଦ୍ରାଜର ସେନାର [illegible] ଟଙ୍କାରୁ ସାହାଯ୍ୟ ପାଇବାର [illegible] । ଗବର୍ଣ୍ଣମେଣ୍ଟ ଆଦେଶ କରି ଅଛନ୍ତି କି ଭାରତବର୍ଷର ସମସ୍ତ ଖଜଣାଖାନାରେ ଏ ସମ୍ପୃକ୍ତ ଦାନ ଗୃହୀତ ହୋଇ ପେଟ୍ରିଅଟିକ ଫଣ୍ଡକୁ ପ୍ରେରିତ ହେବ ।

---

ଗତ କଲିକତା ଗେଜେଟରେ ଖଜଣା ଅଦାଲତର ପାଣ୍ଡୁଲିପି ଏବଂ ଏହି ନିମିତ୍ତ ବସିଥିବା କମିଟିଙ୍କ ରିପୋର୍ଟ ପ୍ରକାଶିତ ହୋଇ ଅଛି । ପାଣ୍ଡୁଲିପିଟି ସାମାନ୍ୟ ନୁହଇ ଏହାକୁ ପଢ଼ି ଏଥିର ସାରାଂଶ ପ୍ରକାଶ କରିବା ଅଳ୍ପ କଥାରେ ହୋଇ ନ ପାରେ କିନ୍ତୁ ବାହୁଲ୍ୟକେ ବହୁତ କଥା ବର୍ତ୍ତମାନ ଆମ୍ଭମାନଙ୍କୁ କହିବାକୁ ପଡ଼ିଲା ନାହିଁ କାରଣ ଆପାତତଃ ଏ ଆଇନ ଓଡ଼ିଶାରେ ପ୍ରଚଳିତ ହେବାର କଳ୍ପନା ନାହିଁ ମାତ୍ର ଆଇନର କୌଣସି ୨ ଅଂଶ ଲେପ୍‌ଟେନାଣ୍ଟ ଗବର୍ଣ୍ଣର ଇଚ୍ଛା କଲେ ପ୍ରଚଳିତ କରି ପାରିବେ । ବୋଧ ହୁଅଇ ପ୍ରଜାଙ୍କ ଯୋତ୍‌ସତ୍ତ୍ୱ ହସ୍ତାନ୍ତର ଏବଂ ଖଜଣା ବୃଦ୍ଧିର ନିୟମମାନ କି ଯାହା ନୂତନ ଓ ବାହୁଲ୍ୟରୂପେ ଏ ଆଇନରେ ସନ୍ନିବିଷ୍ଟ ହୋଇ ଅଛି ସେହି ସମସ୍ତକୁ ଲକ୍ଷ କରି ଉକ୍ତ ନିୟମ ହୋଇ ଅଛି । ଜମିନ୍ଦାରମାନେ ଅନେକ ପରିଶ୍ରମରେ ଏ ପାଣ୍ଡୁଲିପିର ପ୍ରସ୍ତୁତ କରି ଅଛନ୍ତି । ଏଥିରେ ପ୍ରାୟ ମା ୧୬ ମ ଲାଗିଅଛି ଏବଂ ଏହି ମଧ୍ୟରେ ସେମାନଙ୍କର ୪୫ ବୈଠକ ହୋଇ ଅଛି । ମାତ୍ର ଏବେ ଶୁଣୁଅଛୁ ଏବଂ ନୂତନ ବଙ୍ଗପ୍ରସାଦ ଉକ୍ତ ବିଷୟରେ ସନ୍ଦିହାନ ଦେଖି ଶୁଣି ବୋଲି ସନ୍ଦେହ ହେଉଅଛି ଯେ ଏହି ଆଇନର ଉଦ୍ଧାର ମଧ୍ୟ ସମସ୍ତ ଜମିନ୍ଦାରଙ୍କର ସକଳ ବିଷୟରେ ଏକମତ ହୋଇ ନାହିଁ । ଏ ପାଣ୍ଡୁଲିପି ଉପରେ ବୋର୍ଡ ରେଭିନ୍ୟୁଙ୍କ ମତାମତ ଗବର୍ଣ୍ଣମେଣ୍ଟ ପ୍ରାର୍ଥନା କରି ଅଛନ୍ତି ଏବଂ ଆଶା କରନ୍ତି ଯେ ବୋର୍ଡ ଆପଣା ଅଧୀନସ୍ଥ ବହୁଦର୍ଶୀ ଓ ବିଚକ୍ଷଣ ରେଭିନ୍ୟୁ କର୍ମଚାରୀଙ୍କ ସହିତ ବିଚାର କରି ଆଗାମୀ ନବେମ୍ବର ମାସରେ ଏଥିର ରିପୋର୍ଟ ପଠାଇବେ ତାହା ହେଲେ ବଙ୍ଗଳା ବ୍ୟବସ୍ଥାପକ ସଭାର ଆଗାମୀ ଅଧିବେଶନରେ ଏ ଆଇନ ଜାରି ହୋଇ ପାରିବ । କିନ୍ତୁ ଏଡ଼େ ବୃହତ ବ୍ୟାପାର ଯେ ଏତେ ଶୀଘ୍ର ବିଧିବଦ୍ଧ ହେବ ଏମନ୍ତ ବିବେଚନା ହେଉ ନାହିଁ ଓ ମଧ୍ୟ ଏ ବିଷୟରେ ଏତେ ଚଞ୍ଚଳ ହେବା ଉଚିତ ନୁହଇ ।

---

### ବାଙ୍କୀର ମୋକଦ୍ଦମା ।

ବାଙ୍କୀ ମୋକଦ୍ଦମା ସମ୍ପର୍କରେ ଗତ ସପ୍ତାହରେ ଆମ୍ଭେମାନେ କଲେକ୍ଟର ଉପରେ ନିର୍ଭର କରି ଯାହା ଲେଖିଥିଲୁଁ ବୋଧ ହୁଅଇ ତାହା ଠିକ ନ ଥିଲା ଅଥବା ଶ୍ରୀଯୁକ୍ତ ସ୍ମିଥ ସାହେବଙ୍କ ପ୍ରସ୍ତାବରେ ନୂତନ କମିସନର ଶ୍ରୀଯୁକ୍ତ ମେଟକାଫ ସାହେବ ଏକୁଟିଆ ହୋଇ ସ୍ୱୟଂ ଶ୍ରମ ସ୍ୱୀକାର ପୂର୍ବକ ମୋକଦ୍ଦମାର ଯଥାର୍ଥ ତତ୍ତ୍ୱରେ ପ୍ରବୃତ୍ତ ହେଲେ ବାସ୍ତବରେ ଏକ ହାକିମର ଦରଖାସ୍ତ ଉପରେ ଦୋଷାରୋପ ଦେବା ବଡ଼ କଠିନ କଥା ଅଟଇ ତହିଁର ଯଥାର୍ଥ ଅନୁସନ୍ଧାନ କରି ସତ୍ୟ ବାହାର କରିବା ଉପରସ୍ଥ ହାକିମଙ୍କର ପ୍ରଧାନ କର୍ତ୍ତବ୍ୟକର୍ମ ଅଟଇ । ଯେବେ ତାହା ନ ହେବ ତେବେ ଅଧୀନ ଲୋକ ଶାସନ କାର୍ଯ୍ୟ ଚଳି ପାରିବ । ଏକପକ୍ଷରେ ଅଧୀନସ୍ଥ ହାକିମଙ୍କୁ ଅନ୍ୟାୟ ଆକ୍ରମଣରୁ ରକ୍ଷା କରିବା ଯେମନ୍ତ ଆବଶ୍ୟକ ପକ୍ଷାନ୍ତରେ ଦୁଷ୍ଟଚିତ୍ତ ହାକିମଙ୍କୁ ବହିଷ୍କୃତ କରିବା ତେମନ୍ତ ଆବଶ୍ୟକ କିନ୍ତୁ ଉଚିତ ଓ ଉପଯୁକ୍ତ ଅନୁସନ୍ଧାନ ବିନା ତାହା ହୋଇ ନ ପାରେ । ସ୍ମିଥ ସାହେବଙ୍କ ଦେଲାରେ ଏ ସ୍ଥଳରେ ମାମଲା ତେତେଦୂର ବଢ଼ିଥିଲା ତାହା ବର୍ତ୍ତମାନ ଜଣା ନ ପଡ଼େ ମାତ୍ର ସେପରି ଅଶଙ୍କା ଅସମ୍ଭବ ନୁହଇ । ଯାହା ହେଉ ବର୍ତ୍ତମାନ ଶ୍ରୀଯୁକ୍ତ ମେଟକାଫ ସାହେବ ଆପଣା ସିରସ୍ତାଦାର ବାବୁ ବଳରାମ ଘୋଷଙ୍କୁ ବାଙ୍କୀ ତହସିଲ କଚେରୀର ସର୍ଟିଫିକେଟ ପଠାଇଦେଇ ଶ୍ରୀନାଥ ବାବୁଙ୍କୁ ଉତ୍ତରରେ ଅଛନ୍ତି ଅନୁମାନ ହୁଅଇ ତାହାଙ୍କ ରିପୋର୍ଟ କମିଶ ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ ହୋଇଥିବ ଏବଂ ମୋଫସଲରେ ମାମଲା ତଦନ୍ତ ହେବା ପକ୍ଷରେ ମଧ୍ୟ ହୁକୁମ ଦେଇ ଥିବେ କାରଣ ତାହା ନ ହେଲେ ସଦରକଚେରୀରେ ବସି ସବୁ ତଦନ୍ତ ହେବାର ସମ୍ଭାବନା ନାହିଁ । ଏସମୟରେ ଆମ୍ଭମାନଙ୍କର କିଛି ପ୍ରସ୍ତାବ କରିବାକୁ ନାହିଁ । ଆମ୍ଭେମାନେ କେବଳ ଈଶ୍ୱରଙ୍କର ଆଶା କରୁଁ ଯେମନ୍ତ କି ସତ୍ୟ ଗାଧି ଉଣା ଏପରି ନ ହେବନ୍ତୁ ଯେ ଉପରସ୍ଥ ହାକିମମାନେ ଏକ ପକ୍ଷରେ ଅକାରଣ ଦୟା ଏବଂ ଅପରପକ୍ଷରେ ଘୋରତର ଅବଜ୍ଞା କରିବା ଦ୍ୱାରା ଆପଣା କର୍ତ୍ତବ୍ୟ କର୍ମରେ ତ୍ରୁଟି କରନ୍ତି ।

—*—

### ପୁରୀର ରଥଯାତ୍ରା ।

ପୁରୀର ରଥଯାତ୍ରା କୌଣସିରୂପେ ନିର୍ବାହ ହୋଇଗଲା ଠାକୁରମାନେ ଦୁଇଦିନ ହେଲା ଅର୍ଥାତ ବାହୁଡ଼ା ଦଶମି ଗତ ହେବାର ୧୯।୨୦ ଦିନରେ ମନ୍ଦିରରେ ପ୍ରବେଶ କଲେ ଓ ଯେଉଁମାନେ ରଥଯାତ୍ରା ଆରମ୍ଭଠାରୁ ଅତ୍ୟ ନାନାପ୍ରକାର ବାଧା ଦେବାରେ ଉଦ୍ୟମ ତ୍ରୁଟି କରି ନ ଥିଲେ ସେମାନଙ୍କର ଲୀଳାଖେଳାମାନ ଏବର୍ଷ ସନ୍ତୋଷେ ଶେଷ ହେଲା । ଆଗାମିରୁ ଜଗନ୍ନାଥଙ୍କର ଯାହା ଇଚ୍ଛା ଥିବ ତାହା ଘଟିବ । କିନ୍ତୁ ଗର୍ଭବାଳ ଠାକୁରମାନଙ୍କର ମନ୍ଦିରକୁ ଅନ୍ତର ରହିବା ଓ ତହିଁନିମିତ୍ତ ଅନ ମହାପ୍ରସାଦ ବନ୍ଦ ହେବାରୁ ଯାତ୍ରୀ ଓ ନଗରବାସୀ ହିନ୍ଦୁମାନଙ୍କର ଯେ ଅପର୍ଯ୍ୟନ୍ତ କଷ୍ଟ ଓ ମନୋଦୁଃଖ ହୋଇଅଛି ତାହା ବର୍ଣ୍ଣନାତୀତ ଓ ଯାହାଙ୍କ ହେତୁ ଏସମସ୍ତ ଘଟିଅଛି ସେମାନେ ସାଧାରଣଙ୍କ ନିନ୍ଦାଭାଜନ ହୋଇଅଛନ୍ତି । ଆମ୍ଭେମାନେ ବିଶ୍ୱସ୍ତସୂତ୍ରେ ଅବଗତ ହୋଇଅଛୁ ଯେ ପୁରୀର ପୁଲିସ ସାହେବ ଏଥିର ମୂଳକାରଣ ଅଟନ୍ତି ଏବଂ ମାଜିଷ୍ଟ୍ରେଟ ଆର୍ମଷ୍ଟ୍ରଂ ସାହେବ ତାହାଙ୍କ ଆପଣା କର୍ତ୍ତବ୍ୟକର୍ମ ଦେଖାଇ ନ ଦେଇ ବରଂ ତାହାଙ୍କ ବଶ୍ୟବଦନୁସାରେ ଚଳି ଅଛନ୍ତି । ଆମ୍ଭେମାନେ ଜାଣିଥିଲୁଁ ଯେ ଯାତ୍ରାପର୍ବ ସମୟରେ ଲୋକଙ୍କ ଧନ ପ୍ରାଣ ରକ୍ଷା ଏବଂ ଦୁର୍ଘଟନା ନିବାରଣ ସକାଶେ ମୂଳରେ ହାତରେ ଗବର୍ଣ୍ଣମେଣ୍ଟ ତେତେକ ଅଧିକାର ଦେଇ ଅଛନ୍ତି ହିନ୍ଦୁମାନଙ୍କ ଧର୍ମପ୍ରତି ବାଧା ଦେବା ନିମିତ୍ତ ନୁହଇ । କାଜ ପୁରୀର ପୁଲିସ ସାହେବ ଏମନ୍ତ ଭାବରେ କାର୍ଯ୍ୟ କଲେ ଯେମନ୍ତକି ରଥଯାତ୍ରାର ସମସ୍ତ କାର୍ଯ୍ୟ ତାହାଙ୍କ ଇଚ୍ଛାଧୀନରେ ଗବର୍ଣ୍ଣମେଣ୍ଟ କରି ଦେଇଥିଲେ

Digitized by srujanika@gmail.com

ଏବଂ ତାହାଙ୍କ ଇଚ୍ଛା ଓ ଅବସରମତେ ସକଳ କାର୍ଯ୍ୟ ହେବାର ଥିଲା । ଏକଦିନ ଏକସମୟରେ ରଥ ଟଣା ହେବାର ସ୍ଥିର ହୋଇ ତାହାଙ୍କୁ ସମ୍ବାଦ ଦିଆଗଲା ସେଦିନ ସେ ସମୟରେ ସେ ପୁଲିସ ଦଳକୁ ପଠାଇଲେ ନାହିଁ । ପୁଲିସ ନିରୂପିତ ସମୟରୁ ଦୁଇ ଏକ ଘଣ୍ଟା ପୂର୍ବେ ଅଥବା ପରେ ଆସିଲେ । ଯେଉଁଦିନ ପୂର୍ବେ ଆସିଲେ ସେଦିନ ରଥ ଟାଣିବାକୁ କେହି ଉପସ୍ଥିତ ନ ଥିବାରୁ କହିଲେ ଓ ଯେଉଁଦିନ ପରେ ଆସିଲେ ସେ ଦିନ ଲୋକେ 'ଗୃହଁ ଗୃହି' ଫେରି ଯାଇ ଥିବାରୁ ସେହି କଥା କହିବାକୁ ହେଲା । ଏକ୨ ଦିନ ଏମନ୍ତ ହେଲା ଯେ ପୁଲିସ ଓ ରଥ ଟାଣିବା ଲୋକ ଦୁହେଁ ଉପସ୍ଥିତ ମାତ୍ର ପୁଲିସ ସାହେବଙ୍କ ହୁକୁମ ଆସି ନାହିଁ ବୋଲି ରଥ ଟଣା ହେଲା ନାହିଁ ଓ ପୁଲିସ ସାହେବଙ୍କୁ ସମ୍ବାଦ ଦିଆଗଲେ ମଧ୍ୟ ସେ ତତ୍‌କ୍ଷଣାତ୍ ଆସିଲେ ନାହିଁ । ମାଜିଷ୍ଟ୍ରେଟଙ୍କୁ ସମସ୍ତ କଥା ଜଣାଇ ଦିଆଗଲା କିନ୍ତୁ ଯେତେଦୂର ତାହାଙ୍କର ତତ୍ପର ହେବାର ଉଚିତ ତାହା ସେ ହେଲେ ନାହିଁ । ଫଳକଥା ଏହିକି ଯାହାଙ୍କ ହାତରେ ଅଧିକାର ଅଛି ସେ ଯେବେ ଇଚ୍ଛାପୂର୍ବକ କୌଣସି କାର୍ଯ୍ୟରେ ବାଧା ଦେବାକୁ ଚେଷ୍ଟା କରନ୍ତି ତାହା ଅନେକ ପ୍ରକାରରେ ଘଟି ପାରିବ ଏବଂ ଏ ରଥଯାତ୍ରାର ସମସ୍ତ ବୃତ୍ତାନ୍ତ ଅଦ୍ୟୋପାନ୍ତ ବିଚାର କଲେ ତାହା ଯଥେଷ୍ଟରୂପେ ଅନୁଭୂତ ହେବ । ଆମ୍ଭେମାନେ ଆଶା କରୁଁ ଯେ ଶ୍ରୀଯୁକ୍ତ କମିଶ୍ନର ସାହେବ ଏସମସ୍ତ ଘଟନାର ବିଲକ୍ଷଣ ତଦନ୍ତ କରି ଯାହାର ଯେ ପରିମାଣରେ ଦୋଷ ପ୍ରକାଶ ହେବ ତାହା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ ଏବଂ ଭବିଷ୍ୟତକୁ ଏପରି ଦୁର୍ଘଟନା ନିବାରଣର ବିହିତ ଉପାୟ କରି ଦେଇ ହିନ୍ଦୁପ୍ରଜାମାନଙ୍କର ଧନ୍ୟବାଦର ପାତ୍ର ହେବେ ।

---

### କାବୁଲ ସମାଚାର ।

କାବୁଲର ଅବସ୍ଥା ପୁଣି ଭୟାନକ ହୋଇଅଛି । ଗତ ସପ୍ତାହରେ ଆମ୍ଭେମାନେ ଲେଖିଥିଲୁଁ ଯେ ସରଦାର ଅବଦୁର ରହମାନଙ୍କୁ ଇଂରାଜମାନେ ଅମିର ବୋଲି ସ୍ୱୀକାର କରି ତାହାଙ୍କ ହାତରେ ରାଜ୍ୟଭାର ଦେଇ ଶୀଘ୍ର ସୈନ୍ୟ ବାହାର ଆସିବାର ବନ୍ଦୋବସ୍ତ କରୁଥିଲେ । ଅବଦୁର ରହମାନ ଅବଶ୍ୟ କାବୁଲରେ ପହୁଞ୍ଚି ନାହାନ୍ତି ଓ ସେ କେବେ ପହୁଞ୍ଚି କପରି କାବୁଲକୁ ଆସୁଛନ୍ତି କରିବେ ଏହାକି ଦେଖିବାକୁ ବାକି ଥିଲା ଏଥିମଧ୍ୟରେ କାନ୍ଦାହାର ଅଞ୍ଚଳରେ ଏକ ଭୟାନକ ବ୍ୟାପାର ଘଟନା ହେବାରୁ କିଛିକାଳ ନିମିତ୍ତ ସରଦାର ରହମାନ ଖାନଙ୍କୁ ସର୍ବସାଧାରଣ ପାସୋରି ପକାଇ କାନ୍ଦାହାରର କଥା ଭାବୁ ଅଛନ୍ତି । ଏସପ୍ତାହ ଆରମ୍ଭରେ ସମ୍ବାଦ ଆସିଥିଲା କି ସରଦାର ଆୟୁବ ଖାନଙ୍କ ସେନା କାନ୍ଦାହାର ଦିଗକୁ ଚଢ଼ାଉ କରୁଅଛନ୍ତି ଏବଂ ତାହାଙ୍କର ଏକଦଳ ଅଗ୍ରବର୍ତ୍ତୀ ଅଶ୍ୱାରୋହୀ ଗତମାସ ତା ୨୩ ରିଖରେ ଇଂରାଜ ସେନାଙ୍କ ଦୃଷ୍ଟିପଥରେ ପଡ଼ିଥିଲେ । ଏଥିମଧ୍ୟରେ ଗତମାସ ତା ୨୮ ରିଖରେ ସିମଲାରେ ଜନରବ ଶୁଣାଗଲା କି କାନ୍ଦାହାରରେ ଭୟାନକ ଦୁର୍ଘଟନା ଘଟିଅଛି । ତହିଁ ଆରଦିନ ସମ୍ବାଦ ଆସିଲା କି ଖୁସକନାଖୁଦରେ ଜେନରଲ ବରଜ ସାହେବଙ୍କ ସମସ୍ତ ସେନା ମରି ପଡ଼ିଅଛନ୍ତି । ଏସମ୍ବାଦ ଭାରତବର୍ଷରେ ପ୍ରଚାରିତ ହେବା ପୂର୍ବେ ବିଲାତକୁ ଚାଲିଗଲା ଓ ତହୁଁ ଭାରତବର୍ଷର ସକଳ ସ୍ଥାନରେ ଏକାବେଳେ ହାହା ଚହଳ ପଡ଼ିଗଲା । ବର୍ତ୍ତମାନ ବିସ୍ତାରିତ ବିବରଣ ପ୍ରାପ୍ତ ହେବାରୁ ଜଣାଯାଏ ଯେ ଜେନରଲ ବରଜଙ୍କ ସମସ୍ତ ସେନା ନଷ୍ଟ ହୋଇ ନାହାନ୍ତି ମାତ୍ର ଘୋର ଯୁଦ୍ଧ ହୋଇଥିଲା ଓ ତହିଁରେ ଅନେକ ସେନା ଓ ସରଦାର ମରିପଡ଼ି ଅଛନ୍ତି । ଜେନରଲ ବରଜଙ୍କ ଅଧୀନରେ ସର୍ବସୁଦ୍ଧା ଅଢ଼େଇ ହଜାର ସୈନ୍ୟ ଥିଲା । ଏଥକୁ ଆୟୁବଖାନ ପ୍ରାୟ ଦଶ ବାର ହଜାର ଶିକ୍ଷିତ ଏବଂ ସେହି ସଂଖ୍ୟାର ଅଶିକ୍ଷିତ ସେନା ସଂଗ୍ରହ କରି ପର୍ବତର ପାଖେ୨ ଗୋପନଭାବରେ ଚଢ଼ାଉ କଲେ ଏବଂ ଯେଉଁ ବାଟ ଦେଇ ଆସିଲେ ସେଠା ଲୋକମାନେ ତାହାଙ୍କ ସପକ୍ଷରେ ଅସ୍ତ୍ର ଧାରଣ କଲେ । ତାହାଙ୍କର ଏତେ ସେନା ସେନି ଆସିବାର ବାର୍ତ୍ତା ଇଂରାଜମାନେ ପାଇ ନ ଥିଲେ ସୁତରାଂ ସେ ଏକାବେଳକେ ଦୃଢ଼ବଳ ହୋଇ ଖୁସକନାଖୁଦରେ ଜେନରଲ ବରଜଙ୍କ ସେନାକୁ ଆକ୍ରମଣ କଲେ ଏବଂ ଆୟୁବ ଖାନଙ୍କ ଗୋଲନ୍ଦାଜମାନେ ଏମନ୍ତ ଚମତ୍କାରରୂପେ ତୋପ ମାରିବାକୁ ଆରମ୍ଭ କଲେ ଯେ ଇଂରାଜ ସେନା କିଛିକାଳ ଯୁଦ୍ଧ ଉତ୍ତାରୁ ଛିନ୍ନଭିନ୍ନ ହୋଇ ପଳାଇଲେ । ଏଥି ସଙ୍ଗେ ସଙ୍ଗେ ଶତ୍ରୁମାନେ ତାରଡାକ କାଟି ଦେବାରୁ ସମ୍ବାଦ ଆସିବା ବନ୍ଦ ହେଲା । ଖୁସକନାଖୁଦ କାନ୍ଦାହାରରୁ ପଚାଶ ମାଇଲ ଅନ୍ତର ଅଟଇ । ଶତ୍ରୁମାନେ ଇଂରାଜଙ୍କୁ ପଚିଶମାଇଲ ବାଟ ହଟାଇ ଦେଇଥିଲେ । ବିଲାତରେ ଏସମ୍ବାଦ ପ୍ରବେଶ ମାତ୍ରକେ ଏମନ୍ତ ଭୀତଜାତ ହେଲା ଯେ ଶୀଘ୍ର ସେଠାରୁ ସୈନ୍ୟ ଆସିବାର ପ୍ରସ୍ତାବ ହେଲା । କାନ୍ଦାହାରରେ ଇଂରାଜ ସେନା ପ୍ରାୟ ଆଠହଜାର ଥିଲେ ସେମାନେ ଘଟନାସ୍ଥଳକୁ ଅଗ୍ରସର ହୋଇଅଛନ୍ତି ଏବଂ ଅନ୍ୟାନ୍ୟ ଦିଗରୁ ସୈନ୍ୟ ଯିବାର ଆରମ୍ଭ ହୋଇଅଛି । ତାରଡାକ ବନ୍ଦ ହେବାରୁ ପ୍ରଥମ ଦୁଇ ତିନଦିନ କିଛି ବିସ୍ତାରିତ ବିବରଣ ଜଣାଗଲା ନାହିଁ । ଏତେବେଳେ ସମ୍ବାଦ ଆସିଅଛି ଯେ ଆୟୁବଖାନ ୩୦୦୦୦ ସେନା ସହିତ ଜେନରଲ ବରଜଙ୍କୁ ଆକ୍ରମଣ କଲେ ଓ ତହିଁରେ ସମୁଦାୟ ପଲଟନ ମଧ୍ୟରୁ ଦୁଇ ହଜାର ଲୋକ ହାଣିଖାଇ କେବଳ ଦୁଇଶତ ଜଣ ପଳାଇ ଗଲେ । ଅତଏବ ସମୁଦାୟ ପଲଟନ ଧ୍ୱଂସ ହେବାର ସମ୍ବାଦ ନିତାନ୍ତ ଅମୂଳକ ନୁହଇ । ଏଥିପାଇଁ ବିଲାତରୁ ଏଥିମଧ୍ୟରେ ପାଞ୍ଚହଜାର [illegible] ତାହାକଠେ ବାହାର ଆସିଲେଣି ଏବଂ [illegible] ଆହୁରି ସେନା ଆସିବାର ବନ୍ଦୋବସ୍ତ [illegible] । [illegible] ଶେଷ ପର୍ଯ୍ୟନ୍ତ ଏ ଯୁଦ୍ଧର [illegible] କାବୁଲ ନଗରରେ ପ୍ରଚାରିତ ହୋଇ ନ ଥିଲା । ଅବଦୁର ରହମାନ ଏବଂ ଅନ୍ୟାନ୍ୟ ସରଦାରମାନେ ଏହା ଶୁଣିଲେ ସେମାନେ କି ଭାବ ଧାରଣ କରିବେ ଏବଂ ଆୟୁବଖାନଙ୍କର ପଶ୍ଚାତଗାମୀ ହେବାକୁ ଉତ୍ତେଜିତ ହେବେ କି ନାହିଁ ତାହା ନିଶ୍ଚୟ କରିବା କଠିନ ଅଟଇ ମାତ୍ର ଫଳ ଏହି ହେଲା କି ଆଫଗାନ ଉତ୍ପାତ ଶୀଘ୍ର ଶେଷ ହେବାର ଯେଉଁ ଆଶା ହୋଇଥିଲା ତାହା ହେଲା ନାହିଁ ବରଂ ଯୁଦ୍ଧସଜ୍ଜା ବୃଦ୍ଧି ହେବାର ସମସ୍ତ ଲକ୍ଷଣ ଦେଖା ଯାଉଅଛି ।

---

## ସାପ୍ତାହିକ ସଂବାଦ ।

ଅସ୍ମାନଙ୍କର କଲେକ୍ଟର ସାହେବ କଲିକତାରୁ ଗତ ଗୁରୁବାର ଫେରି ଆସିଲେ ।

ଗତମାସ ତା ୩୧ ରିଖରେ ଏଠା ହେଡ଼ମେଣ୍ଟ କମିଟିର ଅଧିବେଶନ ହୋଇ ଥିଲା । ଏଥିରେ ଆଗାମୀ ବର୍ଷର ଆୟ ବ୍ୟୟର ଇଷ୍ଟିମେଟ ମଞ୍ଜୁର ହୋଇ ଅଛି ।

ଗତ ସୋମବାର ଏଠାରର ଜଣେ ସୁବର୍ଣ୍ଣବଣିକ ଜାତିପୋଷରେ ଦଶବେଳେ ବୃଦ୍ଧଲୋକ ତାହାର ପ୍ରାଣ ଯାଇ୨ ଲୋକେ ତାହାକୁ ଉଠାଇଆଣିଲେ ଓ ଡାକ୍ତର ଚିକିତ୍ସା କଲେ ମାତ୍ର କିଛି ଉପକାର ହେଲା ନାହିଁ । [illegible] ଏଠା ବ୍ରାହ୍ମସମାଜର ଜଣେ ସଭ୍ୟ ହୋଇ ସ୍ୱଜାତିଙ୍କୁ [illegible] କରିଥିବାରେ ଶବ ଉଠିବା ବିଷୟ ବିଳମ୍ବ ଓ ଜଞ୍ଜାଳ

Split by PDF Splitter
Digitized by srujanika@gmail.com

ହୋଇଥିଲ ଏବ ବ୍ରାହ୍ମଗ୍ରାମାମାନେ ସେ କାର୍ଯ୍ୟ ନ କରିବାରୁ ଲୋକେ ଅସନ୍ତୁଷ୍ଟ ହୋଇ ନାନାକଥା କହିଲେ । ଉକ୍ତ ବ୍ରାହ୍ମଣମାନେ ଅଗ୍ରପଶ୍ଚାତ୍ ବିବେଚନା ନ କରି ଏକାବେଳକେ କୁଳଚ୍ୟୁତ ହେବାକୁ ଯାଇ ଏହିପ୍ରକାର ବ୍ୟବହାରରେ ପତନ୍ତ୍ର ଏବ ଏମନ୍ତ ଜନରବ ମଧ୍ୟ ଶୁଣାଯାଏ ଯେ ଏହିପରି କାର୍ଯ୍ୟ ଅନେକାଙ୍କର ଜଳ୍ପନାର ମୂଳକ ହେବୁ ଅଛଇ ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ କଟକ ଅକେଡେମିର ଭୂତପୂର୍ବ ପ୍ରଧାନ ଶିକ୍ଷକ ବାବୁ ବପିନଚନ୍ଦ୍ରପାଲ ଯେ ବର୍ତ୍ତମାନ ଶ୍ରୀହଟ୍ଟରେ ଅଛନ୍ତି ବ୍ରାହ୍ମଧର୍ମ ପରିତ୍ୟାଗ କରି ହିନ୍ଦୁଧର୍ମ ଗ୍ରହଣ କରିବାର ଯେ ଜନରବ ଉଠିଅଛି ତାହା ମିଥ୍ୟା ଅଟଇ ।

ଆଗାମୀ ଦୁର୍ଗାପୂଜା ନିମିତ୍ତ କଲିକତାର ହାଇକୋର୍ଟ ସେପ୍ଟମ୍ବର ମାସ ତା ୧୫ ରିଖଠାରୁ ନବମ୍ବର ମାସ ତା ୧୫ ରିଖ ପର୍ଯ୍ୟନ୍ତ ବନ୍ଦ ହେବ ।

ଉଲଇଖିତ କବିତାଟି ଏମନ୍ତ କୌତୁକଜନକ ହୋଇଅଛି ଯେ ମୋର ସମ୍ବରଣ କରି ନ ପାଇ ସମ୍ବାଦଦାତାଙ୍କ ଆଜ୍ଞା ଅନ୍ୟଥା କଲୁଁ । ଜଣେ ପତ୍ରପ୍ରେରକ ଏକ ସଂସ୍କୃତ ଶ୍ଳୋକ ଏହାକୁ ଅନୁବାଦ କରି ପଠାଇଥିବାର କହୁଅଛନ୍ତି ।

ଶାଶୁଙ୍କ ଉବାଚ ।

ଶୁଣ ପରାଣ ନନ୍ଦନୀ । ଶୋଦେଇ କଥା ଅଦ୍ଭୁତ ॥
ବାହାର କଥା କହେ ଚଇ । ସ୍ୱପନେ ଶୁଣ ଦେଖାଇଲି ॥
ତାହାର ଅନ୍ତର ଶତେଇ । ଥୋଇଥାଏ ବୁଲୁଥିଲେ ଦେଖେ ॥
ଗାଆନ୍ତି ଦେଖ ଲୁଟପାଟ । ତାହାର ନ ମିଳଇ ପାଟ ॥
ଅଧୂରେ ଗାଆନ୍ତି କନ୍ଦନ୍ତି । ସମସ୍ତେ ଥାନ୍ତି ହାତଯୋଡ ॥
ବୁଣ୍ଟଳନ ପରିତ୍ୟାଗ । ସଙ୍ଗେ ଗୋବନ୍ଦ ରୂପ ଧରି ॥
ବସିଲେ ଅତ୍ୟନ୍ତ ସାହସ । ହାତରେ ବେନ ହରିବଂଶ ॥
ଗୁଣେ ରମ୍ଭର ମାତ୍ରକାକୁ । ଗଲେ ହେ କାଲର ଗ୍ରାହକୁ ॥
କହେ ଗୋବନ୍ଦ ନରସିଂହ । ତତ୍ପର କାର୍ଯ୍ୟେ ମଜବୁତ ॥
ଗୋବିନ୍ଦ ମାଇଲେ ନଠାଇ । ଅମୃତ ଗଣ ପାଙ୍କ ଦେଇ ॥

ପଣ୍ଡିତ ଉବାଚ ।

ବୋଲେ ପଣ୍ଡିତ ନଇବର । କର୍ପୂର ନ ମଲ ଅସୁର ॥

ଶ୍ରୀସ୍ୱୟଂ ଉବାଚ ।

ସାହାର ଦେହେନ୍ତୁ ବୁଡାଇଣ । ଦୋକାନ ଗୃହ ନ କରନ୍ତି ॥
ଉସୁର ଅଟେ "ଓଏକାପକାର" । ବେଶାଘୋରରେ ବୁଝିଅଛ ॥
ଏଲା ର୍ଣ୍ଣରେ ସମର୍ପରେ । ସହାୟ ଠିକଣା ଖାଜରେ ॥
ତୁଳ ଅପୂରେ କଥା କହି । ଏକଥା ଜାଣନ୍ତି କେହି ॥
ଦୁହେଁ ବ ଅଛୁଁ କେମାଶୋର । ମୂ କପାଁ ହେଲ ହରିବର ॥
କହେ ଅରେକ ରେ ଖାଜନା । ମୂ ଅଛି ତହା ସ୍ୱସ୍ୱରକ୍ଷକ ॥
ଥାଅ ତୁ ଶାସ୍ତ୍ରରେ ବଡି । ମାମଲା ହେବ ଡିସମିସି ॥
ହ ହ ଭୂମିକୁ ଜଳସୂତ । ଭୂମେ ବଜ୍ରେ ମଜବୁତ ॥
କର୍ପାଁ ପାତିର ଭୂଏ କମ୍ । ଧାର୍ମିକେ ପାଲ୍ ପଦ୍ମନସ୍ ॥
ଏହି ପାଠକେ ହୁଅ ତୋଷ । ଭଣଇ ଜଗନ୍ନାଥ ଦାସ ॥

ଲଉ ଶ୍ରୀମନ୍ମହାପ୍ରଭୁଙ୍କ ମହାପ୍ରସାଦ ପାଇ ମହଂସ ସର୍ଭାଙ୍କ ସମ୍ବରଣରେ ଗୋବିନ୍ଦ ଉପାଧ୍ୟାୟଙ୍କ ପ୍ରଥମ ଅଧ୍ୟାୟ ।

ଶ୍ରୀଯୁକ୍ତ ବମ୍ଫ୍ରି ସାହେବ ଯେଉଁ ବଡ଼ ଡାକ୍ତରେ ପଦ୍ମାସନେ ମେହି ଦିନ ସହରରେ ଜ୍ୱର ରୋଗରେ ପୀଡିତ ହେଲେ । ତାହାର ଉଳ ଏହାକ ଦେହରେ କଣ ନାହିଁକି ?

ମହାଭାରତର ଗୋଟିଏ ଘଟଣା ଦୃଷ୍ଟାନ୍ତ ହୋଇ ଯାଇଅଛି । ମହମ ଖାନ ନାମରେ ଜଣେ ପେନସନ ଭୋଗୀ ତହସିଲଦାର ଆପଣା ସ୍ତ୍ରୀର ଚରିତ୍ର ପ୍ରତି ସନ୍ଦେହ କରି ଏବ ଦିନ ଥାନାନ୍ତରକୁ ଏକ ସ୍ତ୍ରୀର ସମ୍ବାଦ ପାଇଅଛି ବୋଲିକରି ଘରୁ ବାହାର ଗଲା । ସୁଯୋଗ ପାଇ ତାହାର ସ୍ତ୍ରୀ ଆପଣା ଉପପତି ଏବ ଅନ୍ୟ ଦୁଇ ଜଣ ସ୍ତ୍ରୀଙ୍କ ସଙ୍ଗେ ଅଣିଥିଲା । ମହମ ଖାନ ଅର୍ଦ୍ଧରାତ୍ରରେ ଫେରିଲେ ତାକରେ ଉପପତି ପଳାଇ ଗଲା ମାତ୍ର ସ୍ତ୍ରୀ ବନ୍ଧେଇ ରହି ଗଲେ । ମହମ ଘରେ ପଶି ଆପଣା ସ୍ତ୍ରୀ ଓ ମାତା ଓ ଅପର ଦୁଇ ସ୍ତ୍ରୀଙ୍କୁ ଅସ୍ତ୍ରାଘାତ କରି ବଧ କଲା । କାମ୍ତକରେ ଦୁଇଟି ସ୍ତ୍ରୀ ସନ୍ତାନର ମୂଳ ଅଟଇ ।

ସନ ୧୮୭୫ ସାଲ ପର୍ଯ୍ୟନ୍ତ ଭାରତବର୍ଷରେ ୮୩୪୩ ମାଇଲ ରେଲବାଟ ପିଟ ଥିଲ ଏଥିମଧ୍ୟରୁ ୬୧୦୦ ମାଇଲ ଗୋ ୮ ଟା କମ୍ପାନୀଦ୍ୱାରା ପ୍ରସ୍ତୁତ ହୋଇଅଛି ଅବଶିଷ୍ଟ ଗବର୍ଣ୍ଣମେଣ୍ଟଙ୍କର ଏଥିମଧ୍ୟରେ ୧୬୪ ମାଇଲ ସ୍ୱର୍ ନଏ ଦେଶୀୟ ରାଜାଙ୍କଦ୍ୱାରା ପ୍ରସ୍ତୁତ ହୋଇଅଛି । ଏସମସ୍ତ ରେଲବାଟରେ ଟ ୧,୨୧,୮୪,୮୫,୦୦୦୮ କା ବ୍ୟୟିତ ହୋଇଅଛି ତହିଁ ମଧ୍ୟରୁ ପ୍ରାୟ ବାଇଶ କୋଟି ଟଙ୍କା ଗବର୍ଣ୍ଣମେଣ୍ଟ ଋଣ ଦାଣ ଏବ ଦେଶୀୟ ରଜାଙ୍କ ଦାଦନ ଦ୍ୱାରା ସଂଗ୍ରହ କରିଅଛନ୍ତି ।

ହିନ୍ଦୁ ପେଟ୍ରିଅଟ୍ ଲେଖିଅଛନ୍ତି ଯେ କାଶୀମବଜାରର ମହାରାଣୀ ସ୍ୱର୍ଣ୍ଣମୟୀ ସନ ୧୮୭୧ ସାଲଠାରୁ ସନ ୧୮୭୮ ସାଲ ପର୍ଯ୍ୟନ୍ତ ଦଶ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦାନ କରିଅଛନ୍ତି । ଏ ଟଙ୍କା ଅକାଳ ଓ ସଦାବର୍ତ୍ତର ସାହାଯ୍ୟ ନିମିତ୍ତ ଏବ ଲୋକ ହିତୈଷଣର ଦୁଃଖମୋଚନ ନିମିତ୍ତ ବ୍ୟୟିତ ହୋଇଅଛି । ଏ ମହାରାଣୀଙ୍କର ଦାନ ବଙ୍ଗ ପ୍ରଦେଶର ଗୌରବ ଅଟଇ ।

ହିବାଙ୍କୁରର ନୂତନ ମହାରାଜା ଗଦିରେ ବସିବା ସମୟରେ ଗ୍ରହଣ ହଜାର ଟଙ୍କା ଆପଣା ଅଧୀନସ୍ଥ ବ୍ୟକ୍ତିଙ୍କୁ ବାଣ୍ଟି ଦେଇ ଅଛନ୍ତି ।

ଗମପୁର କୌଲସ୍ୱାର ଦେଶୀୟ ଲୋକମାନେ ମାନ୍ୟବର ଲେଫ୍ଟନେଣ୍ଟ ଗବର୍ଣ୍ଣରଙ୍କ ସମ୍ମାନ ନିମିତ୍ତ ଚେଦା ସଂଗ୍ରହ କରୁଅଛନ୍ତି । ଏ ଟଙ୍କାରେ ଓଡ଼ିଆଲିବା ପାଠ ଓ କଲେଜର ସୃଷ୍ଟି ସୁସଜ୍ଜିତ କରିବେ ଏବ କାଣ ପୋଡିବେ ଓ ଦୁଃଖିଙ୍କୁ ଦାନ ଦେବେ ।

ଅନ୍ଦାମାନ ଦ୍ୱୀପରେ ଜଣେ ଇଉରୋପୀୟ ଏବ ଜଣ ଇଂରାଜକୁ କହନ୍ତି ରହ ଦ୍ୱୀପମାନେ ଅସୁଅଛନ୍ତି ଭୂମି ବେବହର ପଥର ଦୂରରେ ସମୁଦ୍ରରେ ବୁଡାଇଲୁଁ । ଦ୍ୱୀପିମ୍ବା ଦୁଷ୍ଟ ସେ ହଙ୍କର ଗୋଷ୍ଠୀଏ ସାନ୍ତ୍ୱନାର କାରଣ ହୋଇଅଛି ।

ସାରନର ଜଜ ସାହେବଙ୍କ କଚେରୀରେ ଗ୍ରହଣର ସ୍ଥାନ ହେବ ଧରି ପଡଅଛି ।

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଗତ ଜୁନ ମାସରେ ଜଗତସିଂହପୁର ଥାନା ଅନ୍ତଃପାତୀ ଫୁଲାଙ୍ଗ ନାମକ ଗ୍ରାମରେ କେତେକ ଗୁଡିଏ ସୁରୁଚି ସମ୍ପନ୍ନ ବିଦ୍ୟାନୁରାଗୀ ନବ୍ୟଯୁବକ ମିଳି ଗୋଟିଏ ସଭା ସ୍ଥାପନ କରିଅଛନ୍ତି । ସେ ସଭାର ନାମ "ଗ୍ରାମହିତୈଷିଣୀ" ଏବ ତାହାର କାର୍ଯ୍ୟ ଏହି ଯେ ସାଧ୍ୟାନୁସାରେ ଗ୍ରାମର ଶୁଭସାଧନ କରିବା— ଏ ସଭା ସ୍ଥାପନ ବିଷୟରେ ବାବୁ ନୈତ୍ରମୋହନ ଘୋଷ, ରାମଚନ୍ଦ୍ର କାନୁନଗୋଇ, ପରମାନନ୍ଦ କାନୁନଗୋଇ, କାଳୀଚରଣ ମିଶ୍ର ପ୍ରଭୃତି ଆଦ ଏବ ପ୍ରଧାନ ଉଦ୍ୟୋଗୀ ସେ ସଭାରୁ ଗୋଟିଏ ଭଲ କାର୍ଯ୍ୟ ସମ୍ପନ୍ନ ହେବାର ଦେଖା ଯାଉଅଛୁ । ସଭ୍ୟମାନେ ସେଠା ଇଂରେଜୀ ସ୍କୁଲଗୃହ ନିର୍ମାଣ ସକାଶେ ଚତୁର୍ଦ୍ଦିଗରେ ଆବେଦନ କରି କେ, ଜି, ଗୁପ୍ତ ପ୍ରଭୃତି ମହୋଦୟମାନଙ୍କଠାରୁ ଚାନ୍ଦା ଆଦାୟ କରିଅଛନ୍ତି ଅମ୍ଭର ଏହି ପ୍ରାର୍ଥନା ଯେ ଉକ୍ତ ସଭ୍ୟମାନଙ୍କ ଆଦର୍ଶ ଧରି ଅନ୍ୟାନ୍ୟ ଗ୍ରାମମାନଙ୍କରେ ଗୋଟିଏ ଗୋଟିଏ ହିତକାରୀ ସଭା ସ୍ଥାପିତ ହେଉ ଏବଂ ଆପଣ ସେମାନଙ୍କୁ ଉତ୍ସାହବାକ୍ୟ ସିଞ୍ଚନଦ୍ୱାରା ସେମାନଙ୍କର କୃଶ ଆଶାଲତାକୁ ବର୍ଦ୍ଧିତ ଓ ଫଳପ୍ରସବିନୀ କରିବାର ଚେଷ୍ଟା କରନ୍ତୁ । ଏହାହିଁ ମୋର କରଯୋଡ଼େ ପ୍ରାର୍ଥନା ।

କେନ୍ଦ୍ରାପଡ଼ା ଏକାନ୍ତ ବଶମ୍ବଦ
୨୭।୭।୮୦ ଶ୍ରୀ ଭଗବତ୍‌ଚରଣ ଦାସ ।

## NOTICE.

A manager on Rs. 100 per month besides contributions for pension, if necessary, will be appointed by the Supdt. of the Tributary Mehals to assist the Raja of Duspalla in the management of his affairs. Applications will be received up to the 15th Instant. Preference will be given to one who besides being well-educated has thorough knowledge and experience of official work.

CUTTACK, the 2nd August 1880. N. K. DASS. Assistant Supdt.

## ବିଜ୍ଞାପନ ।

### ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଡାକ୍ତରଖାନା ଏବ ଦେଶୀୟ ଔଷଧାଳୟରେ ବିକ୍ରି ହୁଅଇ । କଲିକତା ବୋଟାନିକାଲ୍ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଉଲଲିଖିତ ଦରରେ ମିଳି ପାରେ ଯଥା;—

ଡାକମାସୁଲ ସହିତ ଏକଅଉନ୍‌ସକୁ ଟ ୭।୫୦ । ୮ ଅଉନ୍‌ସକୁ ଟ ୧୧୮ କା । ୧୬ ଅଉନ୍‌ସକୁ ଟ ୨୦୩ । ମୂଲ୍ୟ ନଗଦ ।

## ମୂଲ୍ୟ ପ୍ରାପ୍ତି ।

| | | | |
|---|---|---|---|
| ଶ୍ରୀଯୁକ୍ତ ଜେ, ବକଲ ସାହେବ | କଟକ | ଅଗ୍ରୀମ | ଟ ୬୮ |
| ବାବୁ ଜଗନ୍ନାଥ ଦାସ | ବାଲେଶ୍ୱର | „ | ଟ ୪।୵ |
| „ ଭଗୀରଥୀ ମହାନ୍ତି | କଟକ | ବକେୟା | ଟ ୨୮ |
| „ ପୁରୁଷୋତ୍ତମ ପଣ୍ଡା | „ | „ | ଟ ୩୮ |
| „ ଗଙ୍ଗାଧର ସାହୁ | „ | „ | ଟ ୩୮ |
| „ ହରେକୃଷ୍ଣ ଦାସ | ବାଲେଶ୍ୱର | „ | ଟ ୨।୵ |

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୫ ଶ
ସଂଖ୍ୟା ୩୩

ତା ୧୪ ରଖ ମାହେ ଅଗଷ୍ଟ ସନ ୧୮୮୦ ମସିହା । ମୁ । ଭାଦ୍ରବ ୧ ନ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୨୮/
ମଫସଲଘାଁଇ ଡାକମାସୁଲ ଟ ୧୯/

ଗତସପ୍ତାହରେ ଭଲ ବୃଷ୍ଟି ହୋଇ ଫସଲ ପ୍ରତି ଯଥୋଚିତ ଉପକାର କରିଅଛି । ଏଥର ଦଶ ପନରଦିନ ଆଉରି ବୃଷ୍ଟି ନ ହେଲେ କିଛି କ୍ଷତି ନାହିଁ ଓ ଅତ୍ୟନ୍ତ ନଦୀ ବୃଦ୍ଧିର ଯେ ଆଶଙ୍କା ଥିଲା ତାହା ଗତ ହୋଇଅଛି ।

---

ବାଙ୍କି ତହସିଲଦାରଙ୍କ ମୋକଦ୍ଦମା ଗତ ମଙ୍ଗଳବାରଠାରୁ ତଦନ୍ତ ହେଉଅଛି ଶ୍ରୀଯୁକ୍ତ ସୁପ୍ରିଣ୍ଟେଣ୍ଡେଣ୍ଟସାହେବ ଓ ଗଡଜାତର ଅଧିଷ୍ଠାତା ଦୁହେଁ ବସି ତହସିଲଦାରଙ୍କ ସମ୍ମୁଖରେ ସାକ୍ଷି ଯୋବାନବନ୍ଦି ନେଉ ଅଛନ୍ତି । ଜଣାଯାଏ ଯେ ଏଥର ସୁକ୍ଷ୍ମ ପରେ୨ ତଦନ୍ତ ହେଉଅଛି କାରଣ ମିସଲକୁ ଦର୍ଶକ ଅଥବା ମୋକଦ୍ଦମା ଉତ୍ଥାପନ କରିବା ବ୍ୟକ୍ତି କାହାରିକୁ ଛାଡଦିଆଯାଉ ନାହିଁ ବାଙ୍କିରୁ ନାନା୨ ଯାତ୍ରୀ ଆସି ଅଛନ୍ତି ଓ କଟକଗ ଦ୍ୱାରରେ ବସି ସାକ୍ଷିଙ୍କଠାରୁ ଯାହା ଜଣାଯିବାର ସମ୍ଭବ ତାହା ଅବଗତ ହୋଇ ଯାହାର ଫଳ ଲଭ ଅଛନ୍ତି । ଅଥବା ପ୍ରକୃତକଥା ଜାଣି ନ ପାରି ନାନାବିଧ ଗୋଳ ଉଠାଉ ଅଛନ୍ତି । ଫଳତଃ ଏତେବେଳେ ମୋକଦ୍ଦମାର ବୃତ୍ତାନ୍ତ ଗୋପନ କରିବାର କ ଉଦ୍ଦେଶ୍ୟ ଆମ୍ଭେମାନେ ବୁଝିପାରିଲୁଁ ନାହିଁ ଯାହା ହେଉ ଯେପରିଭାବରେ ମାମଲା ଚାଲୁଅଛି ଶୀଘ୍ର ଯେ ନିଷ୍ପତ୍ତି ହେବ ଏମନ୍ତ ଆଶା ଦେଖାଯାଉ ନାହିଁ ।

---

ଉତ୍କଳଦର୍ପଣରେ ଲେଖାଅଛି କି ବାଲେଶ୍ୱର ନଗର ମଧ୍ୟରେ ମିଉନିସିପାଲ ଟାକ୍ସ ଏମନ୍ତ କଠିନରୂପେ ବନ୍ଦୋବସ୍ତ ହୋଇଅଛି କି ଦୁଃଖିମାନେ ତାହା ଦେଇ ପାରୁ ନାହାନ୍ତି ଏଣେ ଉସୁଲ କାର୍ଯ୍ୟ ଭଲ ହେଉ ନାହିଁ ବୋଲି ଟାକ୍ସ ଦାରୋଗା ଉପରେ ତମ୍ବି ହେବାର ସୀମାନାହିଁ । ଜଣେ ବୃଦ୍ଧାଠାରୁ ଟାକ୍ସ ଉସୁଲ ନିମିତ୍ତ ତାହାର ୧ ଖଣ୍ଡ ସାମାନ୍ୟ କଂସା ବାସନ ଟାକ୍ସଦଫାଦାର ନେଇ ଆସିଥିଲା ଏବଂ ବୃଦ୍ଧାଟି କ୍ରନ୍ଦନକରି ତାହା ପଛେ ଦୌଡିଥିଲା । ମାଜିଷ୍ଟ୍ରେଟସାହେବ ଏହା ସ୍ୱଚକ୍ଷୁରେ ଦେଖି ବୃଦ୍ଧାକୁ ମାଲ ଫେରାଇ ଦେଲେ । ଯେବେ ଟାକ୍ସ ବନ୍ଦୋବସ୍ତ ଏତାଦୃଶ କଠିନ ବୋଲି ମାଜିଷ୍ଟ୍ରେଟ ସ୍ୱୟଂ ପ୍ରତ୍ୟକ୍ଷ କଲେ ତେବେ ଯେ ଏହାର ପ୍ରତୀକାର ନ କରି ଟାକ୍ସଦାରୋଗାପ୍ରତି ତମ୍ବି ହେଉଅଛି ଏହା ଚିତ୍ର ଅଟଇ । ଦୁଃଖିମାନଙ୍କ ଉପରେ ହୋଇଥିବା ବନ୍ଦୋବସ୍ତରେ ପୁନର୍ଦୃଷ୍ଟି ହେଲେ ଏପରି ଘଟନା ହେବ ନାହିଁ ।

---

### ଆଫଗାନ ସ୍ଥାନର ଯୁଦ୍ଧ

ସରଦାର ଅବଦୁର ରହମାନ ଖାନ ଅବଧି କାବୁଲକୁ ଆସି ନାହାନ୍ତି । ଗତ ମାସ ଶେଷ ତାରିଖରେ ସେ ଜଷ୍ଟା ହାଜିଠାରେ ଥିଲେ ଓ ଶ୍ରୀଯୁକ୍ତ ଲେପେଲ ଗ୍ରିଫିନ ସାହେବ ସେଠାକୁ ସାକ୍ଷାତ କରିବାକାରଣ ଯାଇଥିଲେ । ଦ୍ୟମତ ପରସ୍ପର ସାକ୍ଷାତ ଓ କଥାବାର୍ତ୍ତା ହେଲା । ଏଥିଉତ୍ତାରୁ ଗ୍ରିଫିନ ସାହେବ ଫେରି ଆସିଲେ ଏବଂ ଅବଦୁର ରହମାନ ଆପଣାକୁ ଅମିର ଜାଣି ଆପଣା ଅଧିକାର ସ୍ଥାପନ ବିଷୟରେ ତତ୍ପର ଅଛନ୍ତି ଇଂରାଜଙ୍କ ସେନା କାବୁଲ ଛାଡି କନ୍ଦାହାର ଦିଗକୁ ଆସୁଅଛନ୍ତି ଓ ସାମାନ ବହିବାର ସାହାଯ୍ୟ ସ୍ୱରୂପ ଅମିର ୭୦୦ଘୋଡା ଦେଇ ଅଛନ୍ତି । ମୁସକ ଆଲମର ପୁତ୍ର ମଧ୍ୟ ସେନା ସଙ୍ଗରେ ଅଛନ୍ତି । ସମ୍ପ୍ରତି ସମସ୍ତଙ୍କ ମନ କନ୍ଦାହାରରେ ନଡିରହିଅଛି ଚତୁର୍ଦ୍ଦିଗରୁ ସେନା ସେଠାକୁ ପ୍ରେରିତ ହେଉଅଛନ୍ତି । ଆୟୁବ ଖାନ କନ୍ଦାହାରରୁ ଏକଦିନର ବାଟ ଛଡାରେ ଗତଚ ମାସ ଆରମ୍ଭରେ ଥିଲେ । ଯେମନ୍ତ ଉଦ୍ୟମ ଲାଗିଅଛି ତହିଁରୁ ବୋଧ ହୁଅଇ ଯେ ଆୟୁବଙ୍କ ସଙ୍ଗେ ଥରେ ଭଲ ଯୁଦ୍ଧ ହେବ ଓ ତହିଁରେ ଯେ ସେ ଉତ୍ତମ ଶିକ୍ଷା ପାଇବେ ସେ ପକ୍ଷରେ ସନ୍ଦେହ ନାହିଁ । କନ୍ଦାହାରରେ ଗୋଳମାଳ ଲାଗି ଥିବା ସମୟରେ କାବୁଲରୁ ଇଂରାଜ ସେନା ବାହାରି ଆସିବାର ଦେଖି ଅନେକ ଲୋକ ଗବର୍ଣ୍ଣମେଣ୍ଟଙ୍କ ବିଚାରରେ ଅସନ୍ତୁଷ୍ଟ ହେଉଅଛନ୍ତି । ପ୍ରକୃତରେ ଏ କାର୍ଯ୍ୟଟା ଅତି ଅସଲଗ୍ନ ବୋଧ ହେଉଅଛି ଏବଂ ଏଥିରୁ କେବଳ ଏତିକି ଜଣାଯାଏ ଯେ ଗବର୍ଣ୍ଣମେଣ୍ଟ କାନ୍ଦାହାରକୁ ପୂର୍ବ ପ୍ରସ୍ତାବ ମତେ ସ୍ୱ ଦସ୍ତରେ ରଖିବେ ଅମିରଙ୍କୁ ତାହା ଫେରାଇ ଦେବାର ଯେ ପଛେ କଥା ହୋଇଥିଲା ଉପସ୍ଥିତ ଯୁଦ୍ଧ ତାହା ରଖିଦେଲା ନାହିଁ । ଗବର୍ଣ୍ଣମେଣ୍ଟ ଅଗ୍ରେ ଯେ ସ୍ଥାନକୁ ଯଥାର୍ଥରୂପେ ଅଧିକୃତ

Digitized by srujanika@gmail.com

କରିବେ ତହିଁକୁ ଯେପରି ହେବ । ଏସମସ୍ତ ଗୋଲମାଲ ଦେଖି କାନ୍ଦାହାରର ଓ୍ୱାଲି ସେରଅଲି ବା ଯାହାଙ୍କୁ ଗବର୍ଣ୍ଣମେଣ୍ଟ ସେଠାର ସ୍ୱାଧୀନ ସରଦାର କରିଥିଲେ ଇସ୍ତଫା ଦେଇ ଗୃହଗଲେଣି ଓ କେହି୨ କହନ୍ତି କି ଯାକୁବଖାନଙ୍କର ଯୋଗ୍ୟତା ଦେଖାଗଲେ ସେଠାରେ ସେ ସରଦାର ହୋଇପାରନ୍ତି ।

ଏ ପ୍ରସ୍ତାବ ଲେଖା ହେଲା ଉତ୍ତାରୁ ଚଳିତମାସ ତା ୮ ରିଖର ତାରସମ୍ବାଦରୁ ଅବଗତ ହେଲୁଁ ଯେ ଗତ ବୁଧବାର କାବୁଲରୁ ଇଂରାଜ ସେନା ବାହାର ଅସିବାର କଥା ଥିଲା ଏବଂ ଏହି ପରି ବନ୍ଦୋବସ୍ତ ହୋଇଥିଲା ଯେ ଏ ସେନା ବାହାର ଅସିବା ମାତ୍ରକେ ଅମିରଙ୍କ ସେନା ନଗର ମଧରେ ପ୍ରବେଶ କରିବେ ଅମିରଙ୍କୁ ଗବର୍ଣ୍ଣମେଣ୍ଟ ବାର୍ଷିକ ଯେଉଁ ସାହାଯ୍ୟ ଦେବେ ତହିଁ ମଧ୍ୟରୁ ଦ୍ୱିଲକ୍ଷ ଟଙ୍କା ମଙ୍ଗଳବାରଦିନ ଦିଆ ଯାଇ ଥିବ ଏବଂ ଗବର୍ଣ୍ଣମେଣ୍ଟଙ୍କ ନିର୍ମିତ କଣ୍ଟାମାନ ଯାହା ଏଥିପୂର୍ବେ ଭାଙ୍ଗି ଦେବାର କଥା ଥିଲା ତାହା ନ ହୋଇ ଅମିରଙ୍କୁ ଛାଡି ଦିଆ ଯିବ । ବର୍ତ୍ତମାନ ତାହାଙ୍କ ସଙ୍ଗେ କିଛି ସନ୍ଧି ହେବ ନାହିଁ କିନ୍ତୁ ତାହାଙ୍କର ଭବିଷ୍ୟତ ଆଚରଣ ଉପରେ ସବୁକଥା ନିର୍ଭର ରହିଲା । ଅମିର ବର୍ତ୍ତମାନ ସକଳଜାତୀୟ ଲୋକଙ୍କୁ ଆପଣା ପକ୍ଷକୁ ଆଣିବା ସକାଶେ ସାଧ୍ୟମତେ ଯତ୍ନ କରୁଅଛନ୍ତି ଏବଂ ଗଜନୀ ଜେଲାଲାବାଦ ଓ କାବୁଲ ନଗରୀ ଗବର୍ଣ୍ଣରମାନ ନିଯୁକ୍ତ କରିଅଛନ୍ତି । ଆୟୁବଖାଁନ କେକରାନ ପର୍ଯ୍ୟନ୍ତ ଆସିଅଛନ୍ତି କିନ୍ତୁ ଯୁଦ୍ଧ ଆରମ୍ଭ କରିବାର କିଛି ଚିହ୍ନ ଦେଖା ଯାଇ ନାହିଁ । ଖୋଷକନାଖେଦରେ ଇଂରାଜ ସେନା ୧୬୦୦ ମରି ପଡିଅଛନ୍ତି ଆୟୁବଙ୍କ ସେନା ବହୁତ ନାଶ ହୋଇଥିବାର ନିଶ୍ଚୟ ସମ୍ବାଦ ଆସିଅଛି ମାତ୍ର ଠିକସଂଖ୍ୟା ଦିଆ ଯାଇ ନାହିଁ ।

ଭୁସୌଲି ଛାଉଣିଠାରୁ ଏକଦଳ ଇଂରାଜ ସେନା ଦେଢଲକ୍ଷ ନଗଦ ଟଙ୍କା ନେଇ ଅସୁଥିଲେ ଚଳିତମାସ ତା ୮ ରିଖରେ ମରୀ ଜାତୀୟ ଲୋକମାନେ ଏହାଙ୍କୁ ଆକ୍ରମଣ କଲେ ଓ କେତେକ୍ଷଣ ଯୁଦ୍ଧ ହେବାରୁ ଏହାଙ୍କୁ ପରାସ୍ତ କରି ଟଙ୍କା ଓ ସାମାନ ସମସ୍ତ ନେଇଗଲେ । ଶତ୍ରୁ ସଂଖ୍ୟା କେତେ ଥିଲା ଏବଂ ଇଂରାଜଙ୍କ ପକ୍ଷରୁ କେତେଲୋକ ମରିପଡିଲେ ତାହା ନିଶ୍ଚୟ ଜଣାଯାଇ ନାହିଁ ।

---

### ପୁରୀର ରଥ ମାମଲା ।

ପୁରୀ ରଥଯାତ୍ରାରେ ହାକିମଙ୍କ ଅନ୍ୟାୟ ହସ୍ତକ୍ଷେପଣ ବିଷୟରେ ଗବର୍ଣ୍ଣମେଣ୍ଟ ରିପୋର୍ଟ ତଲବ କରି ଥିବାରୁ ଆମ୍ଭେମାନେ ଦୃଢ ଆଶା କରିଥିଲୁଁ ଯେ ଏ ବିଷୟର ଉତ୍ତମ ତଦନ୍ତ ହେବ ଏବଂ ସର ଏସଲି ଇଡେନ ଯେପରି ସ୍ୱବିଚାରକ ବୋଲି ପରିଚିତ ତହିଁରେ ଅଧିକ ଆଶା ଥିଲା ଯେ ସେ ଏ ଗୁରୁତର ବିଷୟକୁ ସାମାନ୍ୟରେ ଛାଡିଦେବେ ନାହିଁ ମାତ୍ର ଆମ୍ଭେମାନେ ଆଶ୍ଚର୍ଯ୍ୟ ହୋଇ ସମ୍ବାଦପତ୍ରରେ ପାଠ କଲୁଁ ଯେ ଗବର୍ଣ୍ଣମେଣ୍ଟ ଏ ବିଷୟର କିଛିମାତ୍ର ତଦନ୍ତ କଲେ ନାହିଁ । ପୁରୀର ମାଜିଷ୍ଟ୍ରେଟ ଯେଉଁ କୈଫିୟତ କମିଶନରଙ୍କ ନିକଟକୁ ପଠାଇଲେ ତହିଁର ଏକପ୍ରସ୍ଥ ନକଲ ପରବାହାରେ ଗବର୍ଣ୍ଣମେଣ୍ଟଙ୍କୁ ପଠାଇ ଦେଲେ ଓ ଲେଫ୍ଟେନାଣ୍ଟ ଗବର୍ଣ୍ଣର ସେହି ରିପୋର୍ଟ ଉପରେ ଏକତରଫା ବିଚାର କରି ତହିଁର ଧାଡିରରେ ଲେଖି ଦେଲେ ଯେ ସବୁ ଦୋଷ ମାନେଜରଙ୍କର ଅଟଇ । ଆର୍ମଷ୍ଟ୍ରଂ ସାହେବ ସତରଞ୍ଚଖେଳରେ ମଜବୁତ ଯେଣୁ ଏକ ଶ୍ରେଗାଲରେ କିସ୍ତିମାତ କଲେ ଏବଂ ମେଟକାଫଙ୍କୁ ଏମନ୍ତ ଭମାଇ ଦେଲେ ଯେ କମିଶନରଙ୍କର ରିପୋର୍ଟ ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବସ୍ତୁତଃ ହେଲେ କମିଶନର ଏଣେ ମାନେଜରଠାରୁ ଜବାବ ନେଇ ବିଚାର କରୁଅଛନ୍ତି । ତେଣେ ମେଟକାଫଙ୍କର ବିଚାର ଶେଷ ହୋଇଗଲା ଏପରି ଚମତ୍କାର ବିଚାର ଆମ୍ଭେମାନେ କେବେ ଦେଖି ନାହୁଁ । ଆପଣା୨ ଦୋଷ ସମସ୍ତେ ଘୋଡାଇବାକୁ ଚେଷ୍ଟା କରନ୍ତି । ଏହି ମାମଲାରେ ହାକିମ ଓ ମାନେଜରଙ୍କ ଉଭୟଙ୍କର ଅଥବା ଏକପକ୍ଷର ଦୋଷ ଥାଇପାରେ କିନ୍ତୁ ବିଚାରକର୍ତ୍ତାଙ୍କର କାର୍ଯ୍ୟ ଯେ କଏ ତ ପ୍ରମାଣରେ ଦୋଷୀ ତାହା ଉଭୟପକ୍ଷର କଥା ଶୁଣି ଠିକ କରିଦେବା ଓ ଯେବେ ତାହା ନ ହେଲା ତେବେ କିପରି ସେ ବିଚାରରେ ସର୍ବସାଧାରଣଙ୍କ ତୃପ୍ତି ହେବ । ବାସ୍ତବରେ ଏମନ୍ତ ଗୁରୁତର ବିଷୟକୁ ଯେପ୍ରକାର ସାମାନ୍ୟରେ ଲେଫ୍ଟେନାଣ୍ଟ ଗବର୍ଣ୍ଣର ନିଷ୍ପତ୍ତି କରିଦେଇ ଅଛନ୍ତି ତହିଁରେ ଯେ ଅବାଧ୍ୟ ହିନ୍ଦୁମାନେ ଦଣ୍ଡିତ ହୋଇ ଅଛନ୍ତି ଏହା ବୋଲିବା ବାହୁଲ୍ୟ ।

ଆମ୍ଭେମାନେ ଶ୍ରୀଯୁକ୍ତ ଆର୍ମଷ୍ଟ୍ରଂ ସାହେବଙ୍କ କୈଫିୟତ ଆଦ୍ୟନ୍ତ ପାଠ କରିଅଛୁଁ । ତହିଁରେ ଲେଖା ଅଛି ଯେ ମଇମାସ ତା ୨୧ ରିଖ ତାରୁ ଜୁଲାଇ ମାସ ତା ୭ ରିଖ ପର୍ଯ୍ୟନ୍ତ ସେ ଅନେକ ପରୱାନା ଓ ଇତ୍ତଲା ମାନେଜର ଓ ରାଣୀଙ୍କ ନିକଟକୁ ରଥ ନିର୍ମାଣ ବିଷୟରେ ପଠାଇ ଥିଲେ ମାତ୍ର ସେମାନେ କୌଣସି ଆଜ୍ଞା ମାନ୍ୟ କଲେ ନାହିଁ । ତା ୮ ରିଖରେ ସେ ଓ ପୁଲିସ ସାହେବ ଦୁହେଁ ରଥ ଦେଖିଲେ ଏବଂ ତା ୨୫ ରିଖ ଜୁନ ଉତ୍ତାରୁ ବାରକମାଷ୍ଟରଠାରୁ କିଛି ଶୁଣି ନ ଥିବାରୁ ସେ ସ୍ୱୟଂ ଯାତ୍ରା ହେବାର ଅନୁମତି ଦେଲେ କେବଳ ସେ ଗୋଟାଏ ନୂତନ କାଠ କଞ୍ଚିରେ ଦୂଲାଇବାର ଆଜ୍ଞା ଦେଲେ ମାତ୍ର ତାହା ସୁଦ୍ଧା ପ୍ରତିପାଳିତ ହେଲା ନାହିଁ କାରଣ ତହିଁ ଆରଦିନ ଦେଖାଗଲା ଯେ ନୂତନ କାଠ ପ୍ରସ୍ତୁତ ଥିଲେ ସୁଦ୍ଧା ପୁରୁଣାକାଠ ଲାଗି ଥିଲା । ଆଉ ଏ ସ୍ଥଳରେ ଲେଖା ଅଛି ଯେ ବାରକମାଷ୍ଟର ସାହେବ ସେହିଦିନ ଆସି ରଥମାନ ଆପଦଜନକ ଥିବାର ସ୍ପଷ୍ଟ ରୂପେ କହିବାରୁ ସେ ଯାତ୍ରା ବନ୍ଦ କଲେ । ପୁଣି ଏକସ୍ଥାନରେ ଲେଖା ଅଛି ଯେ କେବଳ ଦୁଇ ଏକ ଦିନର କାର୍ଯ୍ୟ ଥିଲା ଓ ତାହା ପୂର୍ବରୁ ନ ହେବା ଆଶ୍ଚର୍ଯ୍ୟର ବିଷୟ ଅଟଇ ।

ଆମ୍ଭେମାନେ ମାଜିଷ୍ଟ୍ରେଟ ସାହେବଙ୍କ ପରୱାନା ଓ ମାନେଜରଙ୍କ ଓ ରାଣୀଙ୍କର କୈଫିୟତମାନ ଦେଖିଅଛୁଁ ଓ କୌଣସି ଆଜ୍ଞା ପ୍ରତିପାଳିତ ନ ହେବାର କିଛି ନିଦର୍ଶନ ପାଉ ନାହୁଁ । ବରଂ ରଥ ନିର୍ମାଣପଥରେ କିଛି ଆଦେଶ ହୋଇ ନ ଥିବାର ପ୍ରକାଶ ପାଏ ଫଳତଃ ଯେବେ ମାନେଜର କି ରାଣୀ କୌଣସି ଆଜ୍ଞା ମାନ୍ୟ ନ କଲେ ତେବେ ପୂର୍ବରୁ ତାହା କମିଶନର କା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବା କି ମାଜିଷ୍ଟ୍ରେଟଙ୍କର କର୍ତ୍ତବ୍ୟ ନ ଥିଲା ? ସେକଥାରୁ କିଛିମାତ୍ର ଉଲ୍ଲେଖ ହେଲା ନାହିଁ । ଏପର ମାଜିଷ୍ଟ୍ରେଟଙ୍କର ରିପୋର୍ଟରୁ ଯେ ସମସ୍ତ ବିଷୟ ଜାତ ହେଉଅଛି ଗବର୍ଣ୍ଣମେଣ୍ଟ ତହିଁର କିଛିମାତ୍ର ଅନୁସନ୍ଧାନ ନ କରି ଯେ ଏତେବଡ କଥାଟିରୁ ଅବଲୀଳାକ୍ରମେ ବିଚାର କରିଦେଲେ ବଡ ଆଶ୍ଚର୍ଯ୍ୟର ବିଷୟ ଅଟଇ ସେ ସମସ୍ତ ବିଷୟ ଏହି;—ରଥରେ କ ଦୋଷ ଥିଲା ଓ ତାହା ସଂଶୋଧନ କରିବାକାରଣ କେବେ ମେନେଜରଙ୍କୁ ଆଦେଶ ହୋଇଥିଲା ଓ ପରକ୍ଷେପରେ ତାହା କେଉଁପ୍ରକାରରେ କେବେ ସଂଶୋଧିତ ହେଲା ? ବାରକମାଷ୍ଟର ତା ୨୫ ରିଖ ଜୁନରେ ଯେଉଁ ଦୋଷମାନ ଦେଖିଥିଲେ ତାହା ସେ ଅଥବା ମାଜିଷ୍ଟ୍ରେଟ ମେନେଜରଙ୍କୁ

ଜଣାଇଥିଲେ କି ନାହିଁ ? ଯେବେ ଜଣାଇ ନ ଥାନ୍ତି ତେବେ ମେନେଜର ଦୋଷୀ ହୋଇ ପାରନ୍ତି କି ନାହିଁ । ଆଉ ଯେବେ ତୁଲ ଏକ-ସଙ୍ଗାର କାର୍ଯ୍ୟ ଥିଲା ତେବେ ତାହା ଯାତ୍ରାର ପ୍ରଥମ ଦିନରେ ବସକାଶ ନ ହେଲା ଓ ତାହା ସେହୁଦିନ କଟିଲ ନେବାକାରଣ ମାଜିଷ୍ଟ୍ରେଟ ଅବା ପୁଲିସ ଚେଷ୍ଟା କରିଥିଲେ ଓ ମେନେ-ଜର କବୋଲ ଅମାନ୍ୟ ଅଥବା ଆପତ୍ତି କଲେ ।

ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଡେଭିସ୍‌ସାହେବ ବାରିକମାଷ୍ଟର ରଥର ଚକ, ଅକ୍ଷ, ଆଡ଼ ଓ ସାମନା କାଠଇତ୍ୟାଦି ସବୁ ନୂଆ ଥିବାର ସାର୍ଟିଫିକେଟ ଦେଇଥିଲେ ଏ ସମସ୍ତ ଛାମୁଚଉଷି ଜନ ଜମା ଇହିଁଉପରୁ ମେନେଜ-ରଙ୍କ ନେହୁ କହ ନାହିଁ କେବଳ ଅଟକ କାଠ ସମ୍ପର୍କରେ କେତେକ ଅନୁଚିତ ଆଦେଶ ହୋଇ-ଥିଲା ପ୍ରକୃତରେ ରଥର ବସ୍ତୁମାତ୍ର ପରିବର୍ତ୍ତନ ହୋଇ ନାହିଁ ଓ ହେବାର ସମ୍ଭବ ନ ଥିଲା କାରଣ ଠାକୁରମାନେ ଯେ ସମୟରେ ରଥରେ ବିଜେ କରିଥିଲେ କେବଳ କଥା ରଖିବାକୁ ଅଟକ କାଠ ଝୁଲାଇବା ବିଷୟରେ ନାମମାତ୍ର ପରିବର୍ତ୍ତନ ହୋଇଥିଲା ଓ ଇହିଁସକାଶେ ଯାତ୍ରା ଗୁଣ୍ଡିଚା ବନ୍ଦ ହେବାର କୌଣସି କାରଣ ନ ଥିଲା । ପୁଲିସମାନେ ବରଯୋର କରି ବନ୍ଦ କଲେ ଶେଷରେ ସେହି ରଥ ଗଲା ଓ ଆସିଲା କେହି ବ୍ୟାଘାତ ହେଲା ନାହିଁ କେବଳ କଥା ପଣ୍ଡ-ଇବେଲକୁ ସବୁଦୋଷ ମେନେଜର ମୁଣ୍ଡରେ ଗଲା । ବାସ୍ତବରେ ଯେ ପ୍ରବାଦ ଅଛି କି ବଡ଼-ଲୋକଙ୍କୁ ଉତ୍ତର ନାହିଁ ଓ ସ୍ୱର୍ଗକୁ ନିଶୁଣୀ ନାହିଁ ତାହାହିଁ ଏଠାରେ ପ୍ରତ୍ୟକ୍ଷ ହେଲା । ଯେବେ ଗବର୍ଣ୍ଣମେଣ୍ଟ କେବଳ ମାଜିଷ୍ଟ୍ରେଟଙ୍କ ରିପୋର୍ଟରେ ସନ୍ତୁଷ୍ଟ ନ ହୋଇ ତାହାଙ୍କ ପର୍ଯ୍ୟାଲୋଚନା ଓ ଇହିଁର ଉତ୍ତରମାନ ତଳବକରି ଦେଖିଆନ୍ତେ ତେବେ ଆମ୍ଭେମାନେ ନିଶ୍ଚୟକରି କହିପାରୁଁ ଯେ ଏପରି ସମସ୍ତ ବଗୁର ହୁଅନ୍ତା ନାହିଁ । ଯାହା ହେଉ ସମସ୍ତ ବୃତ୍ତାନ୍ତ ଗବର୍ଣ୍ଣମେଣ୍ଟଙ୍କୁ ଜଣା-ଇବାର ଉଚିତ ।

## ସାପ୍ତାହିକ ସଂବାଦ ।

ଇଣ୍ଡିଆର କେତେ ସମ୍ବାଦପତ୍ରମାନେ ଅଫଗାନ ଖାନକୁ ଏକ ଅଂଶ ନେବା ପାଇଁ ପରାମର୍ଶ ଦେଉଅଛନ୍ତି । କିନ୍ତୁ ପର ଅଫଗାନ ଖାନକୁ କାଣ୍ଡ ନେଇ ବଡ଼ ହେଲେ ହିଏ ମନା କରନ୍ତ ? କହିବ କିଏ ।

ଭୂଟେନର ସୁଲତାନ ଉପରେ ଓ ଏଚିନରେ ଥିବା ଅପ-ଣାର ସୈନ୍ୟ ସଂଖ୍ୟା ୫୦୦୦୦ ଜଣ ପର୍ଯ୍ୟନ୍ତ ବୃଦ୍ଧି କରିବାର ସ୍ଥିର କରି ଅଛନ୍ତି ।

ଆଇରଲଣ୍ଡର ଦୁର୍ଭିକ୍ଷ ସକାଶେ ବମ୍ବେ ବାସିମାନେ ପ୍ରାୟ ଟ ୧୪୦୦୦୧ ଙ୍କା ଚାନ୍ଦା ସଂଗ୍ରହ କରି ଅଛନ୍ତି ।

ପାରସର ଗବର୍ଣ୍ଣମେଣ୍ଟ ଅଷ୍ଟ୍ରେଲିଆନ ଗବର୍ଣ୍ଣମେଣ୍ଟଠାରୁ ଗୁଡ଼ିଏ ଲକ୍ଷ ଟଙ୍କାର କାରତୁ ତୋଟା କିଣି ଅଛନ୍ତି । ନିକଟରେ କାହାର ସଙ୍ଗେ ଯୁଦ୍ଧ କରିବେକି ?

ସମ୍ପ୍ରତି ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଭ୍ରମଣ କରୁ ଅଛନ୍ତି । କର୍ଣ୍ଣେଲ ହେବାଏହ ଅଲ ବାନା ପୂରନେ ଟିକାରିର ମହାରାଣୀ ରାସ୍ତାରେ ଏବଂ ଦଉଲଗାର ମହାରାଜା ଅପଣା ରାଜ୍ୟରେ ତାହାଙ୍କର ଅଭ୍ୟର୍ଥନା ନିମିତ୍ତ ବିଶେଷ ଆୟୋଜନ କରୁ ଅଛନ୍ତି ।

ଆମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁଁ ଯେ କପ୍ତାନ ବ୍ରୁଲକ ସାହେବ କଲିକତାରେ ବଗିରେ ଯାଉଥିବା ବେଳେ ଆଉ ଏକ ବଗିର ଧକ୍କା ତାହାଙ୍କ ବଗିରେ ଲାଗିବାରୁ ସେ ତଳକୁ ଖସି ପଡ଼ି ବଡ଼ ଆଘାତ ପାଇଲେ ଯାହାହେଉ ବର୍ତ୍ତ-ମାନ ଆରୋଗ୍ୟ ହେଉ ଅଛନ୍ତି ।

ପାୟୋନିଅରର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ନିତାନ୍ତ ପକ୍ଷରେ ୨୦୦୦୦ ସେନା ନ ହେଲେ ଅବଦୁର ରହମାନ ଖାଁ କାବୁଲକୁ ରକ୍ଷା କରି ପାରିବେ ନାହିଁ ।

ବମ୍ବେଇର ଏକ ସମ୍ବାଦ ପତ୍ରରେ ଲେଖା ଅଛି କି ମହା-ରାଜା ହୋଲକାର ଅପଣାର ଏକ ପୁତ୍ର ସକାଶେ ଆଠ ଲକ୍ଷ ଟଙ୍କାରେ ଏକ ଜମିଦାରି କ୍ରୟ କରି ଅଛନ୍ତି ।

ଟାଇମସ୍ ସମ୍ବାଦ ପତ୍ରରେ ଲେଖା ଅଛି କି ଆଏରଲଣ୍ଡରେ ବିଦ୍ରୋହ ହେବାର ସନ୍ଦେହ ହେବାରୁ ସେଠାକୁ ଇଂଲଣ୍ଡର ସୈନ୍ୟ ପ୍ରେରିତ ହୋଇ ଅଛନ୍ତି ।

ଇଂଲିସମ୍ୟାନ ଶୁଣି ଅଛନ୍ତି କି ତ୍ରିବାଙ୍କୁରର ମୃତ ମହା-ରାଜାଙ୍କ ନିଜ ତହବିଲ ୧୮ ଲକ୍ଷ ଟଙ୍କା ଥିଲା । ଏ ଟଙ୍କାରୁ ନୂତନ ମହାରାଜା କେତେକ ସାଧାରଣ ହିତକର କାର୍ଯ୍ୟରେ ବ୍ୟୟ କରିବା ନିମିତ୍ତ ସ୍ଥିର କରି ଅଛନ୍ତି । ଇହିଁ ମଧ୍ୟରେ ପ୍ରଥମ କାର୍ଯ୍ୟ ଗୋଟିଏ ସଂସ୍କୃତ ସ୍କୁଲ ସ୍ଥାପନ କରିବା ଅଟଇ । ନୂତନ ମହାରାଜା ରାଜ୍ୟଗାଦିନ ହେବା ସମୟେ ଅପଣାର କଲେକ୍ଟର ଓ ଉଚ୍ଚପଦ କର୍ମଚାରୀଙ୍କର ପରିଚୟ ଦେବାର ଦେଖି ଭଦ୍ର ଅନାଦ ବୋଧ ହେଉଅଛି ଏପରି ଡକିଲ ଅନୁକରଣୀୟ ଅଟଇ ।

ଇଣ୍ଡିଆଗେଜେଟର ଜଣେପତ୍ରପ୍ରେରକ ଲେଖିଅଛନ୍ତି ତ୍ରିପୁରାର ରାଜା ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ଯେଉଁ ଭେଟ ଦ୍ରବ୍ୟମାନ ପଠାଇ ଥିଲେ ତାହାଙ୍କୁ ତଳବଣ୍ଟିତ ସନ୍ମାନ କରିବା କାରଣ ଆଦେଶ ଦେଇଥିଲେ ଯଥା ତ୍ରିପୁରାର କେହି ରାଜବଂଶୀୟ ଇଂରେଜଙ୍କ ରାଜ୍ୟ ମଧ୍ୟରେ ବାସ କଲେ ଇଂରେଜ ଗବର୍ଣ୍ଣମେଣ୍ଟ ତାହାକୁ ଧରି ତ୍ରିପୁରା ରାଜାଙ୍କ ନିକଟକୁ ପଠାଇ ଦେବେ । ଏଥିରେ ଗବର୍ଣ୍ଣମେଣ୍ଟ ସମ୍ମତ ହୋଇ ଥିଲେ ତ୍ରିପୁରାର ବର୍ତ୍ତମାନ ନିଷ୍ଠୁର ରାଜା ଅଉ ଗୋଟିଏ ପ୍ରାଣୀ ନାଶ କରିବାର ସୁଯୋଗ ପାନ୍ତେ ।

ହେଅର୍ଡ଼ ନାମରେ ଯେଉଁ ଖଲସି ଗୋଲନ୍ଦାଜ ଖାନ କାନକ କବକ୍ଷାବଳକୁ ହତ୍ୟା କରିବାରୁ ଫାଶୀ ପାଇଲା ତାହାର ପରିବାରର ସାହାଯ୍ୟ ନିମିତ୍ତ ଚାନ୍ଦା ସଂଗୃହୀତ ହେଉ ଅଛି ଏଥିରୁ ଏଲାହାବାଦ ହେଲ୍‌ଡ୍ ସମ୍ବାଦ ପତ୍ର ଲେଖି ଅଛନ୍ତି କି ଗୋଲନ୍ଦାଜ ଖାନର ପରିବାର ସକାଶେ ଯଥା ଚାନ୍ଦା ସଂଗ୍ରହ କରିବାର ଉଚିତ । ବାସ୍ତବରେ ଯେଉଁମାନେ ଦୟା କରି ଚାନ୍ଦା ଦେଉ ଅଛନ୍ତି ସେମାନଙ୍କର ଉଚିତ ଦୁଇ ପକ୍ଷ ପ୍ରତି ସମାନ ଦୟା ଦେଖାଇବାର ଉଚିତ ।

ପ୍ରିଥାଜନମ୍ନୀ ଗ୍ଲାଡଷ୍ଟୋନ ସାହେବ ଏଥିମଧ୍ୟରେ ଜ୍ୱର ଓ କଫ ରୋଗରେ ଅତ୍ୟନ୍ତ ପୀଡ଼ିତ ଥିଲେ କିନ୍ତୁ ସେବେ ବଶ୍ୟ

ଯେ ସେ କ୍ରମଶଃ ଆରୋଗ୍ୟ ଲାଭ କରୁଅଛନ୍ତି । ସବୁ ମନ୍ତ୍ରୀଙ୍କ ପୀଡ଼ାରେ ସମସ୍ତେ ଦୁଃଖିତ ଥିଲେ ।

କଲିକତା ଚାନ୍ଦପାଲଘାଟରେ ପ୍ରବଳ ବୃଷ୍ଟି ସମୟରେ ଲୋକାଂ ଗଛମୂଳେ କେତେକଲୋକ ଛିଡ଼ା ହୋଇଥିଲେ ଏଥିମଧ୍ୟରେ ବଜ୍ର ପତନ ହେବାରୁ ସେମାନେ ଅଚେତନ ହୋଇ ପଡ଼ି ରହିଲେ ଓ ହାସପାତାଲରେ ଚିକିତ୍ସା ହେବାରୁ ଆରୋଗ୍ୟ ହେଲେ ମାତ୍ର ତାହାଙ୍କ ଦେହରେ କୌଣସି ଆଘାତ ହୋଇ ନ ଥିଲା ।

ବୃଶ୍ଚିକ ଦଂଶନର ଗୋଟିଏ ଚମତ୍କାର ଔଷଧ ଦହାର ହେରଲ୍ଡ ପତ୍ରରେ ପ୍ରକାଶିତ ହୋଇଅଛି ତୁଳସୀ ପତ୍ର ପାଣିନେଇ ଗୋଟିଏ ପଥରରେ ଘଷ, ଏହି ସେହି ଜଳରେ ୫।୭ ଗୋଟି ଗୋଲମରିଚ ନେଇ ତହିଁରେ ଘଷ । ବିଷଫଳର ଗନ୍ଧକ ସେହି ପାଣି ସଙ୍ଗରେ ଚନ୍ଦନ ତୁଲ୍ୟ ମର୍ଦ୍ଦିତ ହେଲେ ତାହାକୁ ନେଇ ବିଛା କାମୁଡ଼ା ଯାଗାରେ ଲେପ ଦିଅ ଏବଂ ଖଣ୍ଡିଏ କୁଇଲା ନିଆଁ ନେଇ ସେହି ଚନ୍ଦନ ତୁଲ୍ୟ ଲଗା ହୋଇଥିବା ଗନ୍ଧକର ଉପରି ଭାଗରେ ଅର୍ଥାତ ତାହାକୁ ଗନ୍ଧକ ଦେହରେ ନ ଛୁଆଇଁ ତାପ ଦିଅ, ଗନ୍ଧକ-ଦ୍ୱାରା ଧୂଆଁ ବାହାରୁଥିବ, ଏବଂ କେତେକ ମିନିଟ ମଧ୍ୟରେ ଜ୍ୱାଳା ବନ୍ଦ ହୋଇଯିବ ।

୧ । ସୁଲଭ ସମାଚାରରୁ ଅବଗତ ହେଲୁଁ ଆମେରିକାର ପୁଲିସମେନମାନେ ଖୋଳମାନ ନିଜର ଟ୍ରାମଗାଡ଼ିରେ କାଗଜର ଚକ ବ୍ୟବହାର କରୁ ଅଛନ୍ତି, ଏହି ଚକ ଉପରେ ଗୋଟିଏ ଲୁହାର ହାଲ ଥାଏ । ଏହିରୂପ ଉପାୟରେ ଖୁବ ଖରଚର ଲାଘବ ଓ କାର୍ଯ୍ୟର ସୁବିଧା ହେଉଅଛି । ୫୦,୦୦,୦୦୦ ମାଇଲ ସଫରରେ ଗାଡ଼ି ଗଲେ ମଧ୍ୟ ଏ ଚକର କଦାପି ଅନିଷ୍ଟ ହୁଏ ନାହିଁ ।

୨ । ସଙ୍ଗୀତଦ୍ୱାରା ଯେ କେବଳ ମନ ଭଲ ରହେ ଏମନ୍ତ ନୁହେ ଏଥିରେ ଶରୀର ସୁସ୍ଥ ଓ ସବଳ ହୁଏ । ଜଣେ ଋଷିୟାର ଡାକ୍ତର ୨୨୨ ଜଣ ସଙ୍ଗୀତ ବେତ୍ତାଙ୍କୁ ପରୀକ୍ଷାକରି ଦେଖି ଅଛନ୍ତି, ସେମାନଙ୍କ ଛାତି ଅନ୍ୟାନ୍ୟ ଲୋକଙ୍କ ଛାତିରୁ ପ୍ରଶସ୍ତ । ମନୁଷ୍ୟ ଯେତେ ସଙ୍ଗୀତ କରନ୍ତି ସେତେ ପରିମାଣରେ ତାଙ୍କର ଏହି ପ୍ରଶସ୍ତତା ବୃଦ୍ଧି ହୁଏ ।

୩ । କାଶୀଠାରୁ ଅସ୍ମମାନଙ୍କର ଜଣେ ପତ୍ରପ୍ରେରକ ଲେଖି ଅଛନ୍ତି ଯେ ଉପଯାଚ୍ଛା ଦିନ ସେଠାରେ ଅତ୍ୟନ୍ତ ଜନତା ହୋଇଥିଲା । ଶାନ୍ତିରକ୍ଷାର୍ଥେ ପୁଲିସ ଇନସ୍ପେକ୍ଟର ଉପସ୍ଥିତ ଥିଲେ । ଇନସ୍ପେକ୍ଟର ଶାନ୍ତି ରକ୍ଷା କରିବେ କଣ ତାଙ୍କର ଘୋଡ଼ା ଚମକି ଏକଜଣ ଲୋକର ପ୍ରାଣ ନାଶ ଏବଂ କେତେକଜଣକୁ ଜଖମି କରିଅଛି ।

୪ । ଆମେରିକାର ଏକାର କର୍ଣ୍ଣୀୟ ଗୋଟିଏ ବାଳକ ଗୋଡ଼ରେ ଏପରି ଘା ହେଲା ଯେ ତହିଁରେ ତାହାର ଗୋ-ଡ଼ର ସକଳ ମାଂସ ବିନଷ୍ଟ ହେଲା । ତହିଁରେ ବାଳକର ପ୍ରାଣ ସଂଶୟ ହୋଇ ଉଠିଥିଲା । ଜଣେ ଡାକ୍ତର ତାହାକୁ ଅସ୍ତ୍ରପ୍ରୟୋଗ ଆରୋଗ୍ୟ କରି ସନ୍ତି । ସନ୍ତାନର ମା, ଭାଇମାନଙ୍କର ବୋଉଅନ ଓ ପଡ଼ୋଶୀ ବନ୍ଧୁମାନେ ଅପଣା ଅପଣା ଦେହର ମାଂସ ଦେଇଥିଲେ ; କେହି ମାଂସ ସବୁ ତାହା ଗୋଡ଼ରେ ଯୋଡ଼ି ଦେବାରୁ ତାହାର ପ୍ରାଣ ରକ୍ଷା ହୋଇଅଛି ।

୫ । ନବାବ ଖାଁ ଅବଦୁଲଗନିମିଆଁଙ୍କ ଭଲ, ଯାହା-ଙ୍କରୁ ସେ ଏକ ନିଅବ ହୁକୁମ ହେଲା, ଜଜସାହେବଙ୍କ ନିକଟରେ ଅପିଲ କରିଥିଲେ । ଏହି ଅପିଲ ମକଦ୍ଦମାରେ ନବାବ ଖାଁ ନିଜେ ଅଦାଲତରେ ଉପସ୍ଥିତ ହେବାକୁ ହୋଇଥିଲା । ଏହି ମକଦ୍ଦମାରେ ଗନିମିଆଙ୍କ ସ୍ତ୍ରୀ ଓ ପୁତ୍ରଙ୍କଥ ସାକ୍ଷୀ ଥିଲେ । କିନ୍ତୁ ସେମାନଙ୍କୁ ଉପସ୍ଥିତ ହେବାକୁ ହୋଇ ନାହିଁ । ମକଦ୍ଦମାରେ ଗନିମିଆଙ୍କଠାରୁ

Split by PDF Splitter

Digitized by srujanika@gmail.com

ନର ଭକ୍ଷକ । ଅନେକମାନେ ଅରଣ୍ୟର କଥା ଜାଣନ୍ତି ନ ଥିବେ, ଏହି ସବୁ ବିଷୟରେ ସାମାନ୍ୟ ସରକାର କଥା ଶୁଣନ୍ତି ନାହିଁ, ଅପଣାର ଘର, ଅଗ୍ନିମୁଖ ଏହି ସାମାନ୍ୟ ବିଷୟ ନିମନ୍ତେ ନବାବଗାହେବଙ୍କ ଭୂଲ । ଲୋକଙ୍କ ପକ୍ଷରେ ହେଲେ ଦେଖାଯ ଅତ୍ୟନ୍ତ ଅନ୍ୟାୟ, ଏସ୍ତରେ ଅନେକମାନେ ଅତ୍ୟନ୍ତ ଦୁଃଖିତ ହେଲୁ ।

୫ । ତା ୫ ଯିଏ ଲଣ୍ଡନ ସଭ୍ୟ ପୂର୍ବରେ ଲଣ୍ଡନରେ କୋଷ୍ଟିଏ ଇସ୍ପାତର ଦୁର୍ଘଟଣା ହୋଇଯାଇଅଛି । ଶୁଣା ଯାଏ ତାହା ଜାହାଜର ଜଳରେ ଅଗ୍ନି ଲାଗି ଫାଟିଯାଏ । ସେହି ଦୁର୍ଘଟଣା ଦ୍ୱାରା ୧ ମାଇଲ ବାଟ ଯାଏ ଇସ୍ପାତର ଭୂମିକମ୍ପ ହୋଇ ଶାମୁକା ଫାଟି ଯାଇଅଛି । ନଦ ଯାଉଥିବା ବାଟର ଶାହିଲ ସବୁ ଉପରକୁ ଉଠି ସ୍ୱର୍ଗପଥେ ପଡୁଥାଏ । କେତେ ଲୋକ ମରିଅଛନ୍ତି ତାହା ଏକାଦ ପତ୍ରରେ ଅଦ୍ୟାପି ପ୍ରକାଶିତ ହୋଇ ନାହିଁ । ସବୁ ୪୭ ଖଣ୍ଡ ବାଟର ବଟା ଗୃହ ଏପରି ହୋଇ ଯାଇଅଛି ଯେ, ତାହା ଶୀଘ୍ର ମରାମତି କରାଇବାକୁ ହେବ ନ ଇସ୍ପାତର ବ୍ୟାପାର ।

୬ । ଷ୍ଟେଟ ସେକ୍ରେଟାରୀ ଷଣ୍ଡ ପାର୍ଲିମେଣ୍ଟରେ "କହି ଅଛନ୍ତି ଯେ, ଦେଓ୍ୱାନ ଓ ଫୌଜଦାରୀ ଅଦାଲତରୁ ବ୍ୟୟ ବାଦ ଯାଇ ବର୍ଷକୁ ବର୍ଷ ୨୭୦୦୦୦ ଟଙ୍କା ଲାଭ ହୁଏ ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଛତ୍ରମ ନିବାସୀ ଶ୍ରୀଯୁକ୍ତ ବାବୁ ବ୍ରଜବନ୍ଧୁ ପାଢ଼ୀ ଜମିଦାର ମହୋଦୟ ଯେପରି ଦେଶହିତୈଷୀ ତାହା ଅନେକ ଥର ପ୍ରକାଶ ହୋଇଅଛି । ବର୍ତ୍ତମାନ ସେ ଏବର୍ଷ ଜଦରଶ ବାଳକା ବଦ୍ୟାଳୟର ଗୃହ ନିର୍ମାଣ ସକାଶେ ଟ ୨୦୦୦ ଙ୍କା ଦାନ କରିଅଛନ୍ତି । କୁଜପୁର ନାମକ ତାଙ୍କର ଏକ ଜମିଦାରୀରେ ସେ ନିଜ ବ୍ୟୟ ଅନୁମାନିକ ଟ ୧୫୦୦ ଙ୍କାରେ ଓ ରୋଡ଼ସେସ ଫଣ୍ଡରୁ କିଛି ସାହାଯ୍ୟରେ ପ୍ରାୟ ଏକମାଇଲରୁ ଊର୍ଦ୍ଧ୍ୱ ଦେବ ପଥ ସଡ଼କ ନିର୍ମାଣ କରାଇ ଦେଇଅଛନ୍ତି ଉକ୍ତ ପଥ ଗ୍ରାମବାସିମାନଙ୍କ ପକ୍ଷେ ବର୍ଷାକାଳରେ ଅତ୍ୟନ୍ତ ଦୁର୍ଗମ ଥିଲା । ଶୁଣିଲୁଁ କୁଞ୍ଜଖାରଙ୍ଗା ନାମକ ଏକ ଜମିଦାରୀର ପ୍ରଜାମାନେ ଅତ୍ୟନ୍ତ ଜଳକଷ୍ଟରେ ଥିଲେ ସେମାନଙ୍କ ଅସୁବିଧା ଦୂର ସକାଶେ ପ୍ରାୟ ଟ ୮୦୦ ଙ୍କା ଖରଚରେ ଗୋଟିଏ ପୁଷ୍କରିଣୀ ଖୋଳାଇ ଦେଇଅଛନ୍ତି । ପୁଣି କନିକା ଇଲାକା ଗଡ଼ାମୁକାମରେ ଶ୍ରୀ ନୃସିଂହନାଥଙ୍କ ମନ୍ଦିର ନିର୍ମାଣ ସକାଶେ ଟ ୫୦ ଙ୍କା ଦାନ କରିଅଛନ୍ତି । ଏହି ପରି ଦେଶର ହିତକର କାର୍ଯ୍ୟର ଅନୁଷ୍ଠାନ ନିମନ୍ତେ ଅନ୍ୟାନ୍ୟ ଜମିଦାରମାନେ ମନୋଯୋଗୀ ହେଲେ ଓଡ଼ିଶାର ସାଧାରଣ ଲୋକଙ୍କର ଦୁଃଖ ଆଉ ରହିବା ନାହିଁ ।

ଈଶ୍ୱରଙ୍କଠାରେ ପ୍ରାର୍ଥନା ଯେ ଏପରି ଲୋକଙ୍କର ଶୀଘ୍ର ଦିନକୁଦିନ ଉନ୍ନତି ଓ ଯଶ ଲାଭ ହେଉ । ଇତି । ୨୫ । ୭ । ୮୦

ଆପଣଙ୍କର ବଶମ୍ୱଦ
କେହି ଗ୍ରାହକ—

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ନିବେଦନ ଏହି କି ନିମ୍ନଲିଖିତ ପ୍ରଶ୍ନାବଳୀକି ଆପଣଙ୍କ ସୁବିଖ୍ୟାତ ପତ୍ରିକାରେ ସ୍ଥାନଦାନ କରି ବାଧିତ କରିବା ହେବେ ।

ପ୍ରଶ୍ନ ଏହି ଯେ ବ୍ରାହ୍ମଣମାନଙ୍କର ଏହି ନିୟମ ଅଛି କି ଦୁଇବର୍ଷ ଦୁଇମାସ ପରେ ଚୂଡ଼ାକରଣ, ଚାରିବର୍ଷ ଦୁଇମାସ ପରେ କର୍ଣ୍ଣବେଧ ଓ ବିଦ୍ୟାରମ୍ଭ, ଛବର୍ଷ ଦୁଇମାସ ପରେ ଉପନୟନ କରିବାକୁ ହେବ । ଅତଏବ ଉକ୍ତ ବର୍ଷସଂଖ୍ୟା ଗର୍ଭସ୍ଥ ସମୟରୁ ଗଣାଯିବ କିମ୍ବା ଜନ୍ମସମୟଠାରୁ ଗଣାଯିବ । ଏହି ବିଷୟର ବିବାଦ ଭଞ୍ଜନ କରିବାକାରଣ ସର୍ବସାଧାରଣ ସ୍ମାର୍ତ୍ତ ପଣ୍ଡିତମଣ୍ଡଳୀରେ ପ୍ରାର୍ଥନା କରାଯାଉଅଛି ଯେ ପଣ୍ଡିତମହୋଦୟବର୍ଗ ଏଥିର ତତ୍ତ୍ୱାନୁସନ୍ଧାନ କରି ପ୍ରମାଣ ସହିତ ଉତ୍ତର ଏହି ପତ୍ରିକାରେ ପ୍ରକାଶ କରାଇଲେ ସର୍ବସାଧାରଣରେ ଅନେକରୂପେ ସନ୍ଦେହ ଭଞ୍ଜନ ହୋଇ ଉତ୍ତରକାଳକୁ ଆଉ ଗୋଳଯୋଗ ରହିପାରିବ ନାହିଁ । ଅନ୍ୟାନ୍ୟ ପଣ୍ଡିତମାନେ କି ଯେଉଁମାନେ ସ୍ମୃତିଶାସ୍ତ୍ରରେ ବିଶେଷ ପଣ୍ଡିତ ଥିବେ ସେମାନେ ଏଥିର ଉତ୍ତର ପ୍ରଦାନ କରି ସର୍ବସାଧାରଣରେ ପ୍ରଶଂସାସ୍ପଦ ହେବେ । ଆଉ ମଧ୍ୟ ଗଡ଼ଜାତୀୟ ରାଜାମାନେ ମାନ୍ୟବର ପଣ୍ଡିତମାନଙ୍କୁ ଶ୍ରେଣୀ କରିଲେ ଲକ୍ଷ ଉଜ୍ଜ୍ୱଳ ପଦମାନ ଦେଇ ସଙ୍ଗରେ ରଖି ଥାନ୍ତି ଯେଉଁ ପଣ୍ଡିତମାନେ ତାହାଙ୍କ ନିକଟରେ ଅଛନ୍ତି ଏହି ଉତ୍ତର ପ୍ରଦାନଦ୍ୱାରା ଦେଖାଯିବ ଅର୍ଥାତ ଯେଉଁ ରାଜାଙ୍କ ପଣ୍ଡିତ ଉକ୍ତ ବିଷୟର ଉତ୍ତର ପ୍ରମାଣ ସହିତ ପ୍ରଦାନ କରିବେ ସେହି ପଣ୍ଡିତ ଓ ରାଜା ଏ ଦୁହିଙ୍କର ପ୍ରଶଂସା ସର୍ବସାଧାରଣରେ ହୋଇ ରହିବ ।

ଆଉ ମଧ୍ୟ ବ୍ରାହ୍ମଣମାନେ ସ୍ୱଜାତିକାର୍ଯ୍ୟବଶରୁ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ହେଉ ସସ୍ତ୍ରୀକ ହୋଇ ପ୍ରବାସ କରି ପାରନ୍ତି କି ନା ଯେବେ ସସ୍ତ୍ରୀକ ହୋଇ ପ୍ରବାସ କରନ୍ତେ ତେବେ କାହିଁରେ ବାଧ୍ୟ କଣ ହେବ ଏଥିର ଦୃଢ଼ପ୍ରମାଣ ଦେବାକୁ ହେବ । ଏଥରେ ବ୍ରାହ୍ମଣଜାତୀୟମାନେ ସରକାରୀ ପୁଲିସ ନିଲିକାରେ ବା ଉପଯୋଗୀ କର୍ମରେ ନିଯୁକ୍ତ ହେଲେ ଏଥିର ବାଧ୍ୟ କଣ, ଯେବେ ସସ୍ତ୍ରୀକ ହୋଇ ପ୍ରବାସୀ ହେବା କି ଉକ୍ତ ନିଯୁକ୍ତ କରିବାରେ ଦୋଷ ଥାଏ ତେବେ ଉତ୍କଳୀୟଙ୍କ ବ୍ୟତିରେକେ ଦାକ୍ଷିଣାତ୍ୟ ବ୍ରାହ୍ମଣମାନେ ( କି ଯେଉଁମାନେ ଏପର୍ଯ୍ୟନ୍ତ ଷଟ୍‌କର୍ମ କରୁଅଛନ୍ତି ) ପାଶ୍ଚାତ୍ୟମାନେ ଓ ବଙ୍ଗୀୟମାନେ ଉପରି ଉକ୍ତ କାର୍ଯ୍ୟସବୁ କରୁଥାନ୍ତି ଇତ୍ୟାଦି ବିଷୟମାନଙ୍କର ଉତ୍ତର ସ୍ମୃତିପ୍ରମାଣ ସହିତ ପ୍ରଦାନ କରି ବାଧିତ କରିବା ହେବେ ଇତି ।

୨୯।୭।୮୦ ନିବେଦନ

ଶ୍ରୀ—

## NOTICE.

A Dewan on Rs. 80 per month will be appointed by the Superintendent of the Tributary Mehals to assist the Rajah of Baramba in the management of his affairs. Applications will be received up to the 25th instant. Preference will be given to one who besides being well-educated has thorough knowledge & experience of official work.

CUTTACK, the 4th August 1880. } N. K. DASS. *Assistant Supdt.*

ESTATE CHIMNAH JI JACHECK,
DECEASED.

Letters of Administration have been granted to undersigned.

All claims will be adjusted by, and all dues must be paid to, Babu Shem Sahu, Christianpore, Buxi Bazar, Cuttack.

W. BROOKS, } *Joint*
SHEM SAHU, } *Executors.*

CUTTACK,
*July 28th, 1880.*


## ବିଜ୍ଞାପନ ।

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ଜଣାଯାଉଛି । [illegible]

ଖରିଦ କରିବା ଲୋକମାନଙ୍କୁ [illegible] ପ୍ରତି ସେର ଦର ଯଥା:—

[illegible] ଟ ୧୫୦ ଙ୍କା । [illegible] ଟ ୧୧୦ ଙ୍କା । ୧୦ [illegible] । [illegible]


ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ [illegible]
[illegible] ମୁଦ୍ରିତ ଓ ପ୍ରକାଶିତ ହେଉ ।

Split by PDF Splitter
Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଭା ୧୯ ଗ
ସଂ ୩୪ ଖ୍ୟା

ତା ୨୧ ଦଶ ମାହେ ଅଗଷ୍ଟ ସନ ୧୮୮୦ ମସିହା । ମୁ । ଭାଦ୍ରବ ଦ ୮ କ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬୲
ମଫସଲଙ୍କ ଡାକମାସୁଲ ଟ ୧୲୵

ଲଣ୍ଡନରୁ ତାରଯୋଗେ ଚଳିତମାସ ତା ୮ ରିଖରେ ସମ୍ବାଦ ଆସିଅଛି କି ଇଉରୋପର ପ୍ରଧାନ ରାଜାମାନେ ତୁରସ୍କ ବିରୁଦ୍ଧରେ ଯୁଦ୍ଧ ସଜ୍ଜା କରିବାକୁ ସମ୍ମତ ହୋଇଅଛନ୍ତି । ଏ ପୁଣି କି ସମ୍ବାଦ ? ପୁଣି ତୁରସ୍କଯୁଦ୍ଧ ହେବ କି ? ବର୍ଲିନ ସନ୍ଧିର ନିୟମମାନ ପ୍ରତିପାଳିତ ନ ହେବାରୁ ଏପରି ବନ୍ଦୋବସ୍ତ ହୋଇ ଥିବାର ଜଣାଯାଏ କିନ୍ତୁ ତୁରସ୍କ କେଉଁ ସାହସରେ ପୁନର୍ବାର ଯୁଦ୍ଧରେ ପ୍ରବୃତ୍ତ ହେଉଅଛି ବୁଝିବା କଠିନ ।

---

ନାଗାମାନଙ୍କର ଉପଦ୍ରବ ପୁନର୍ବାର ଆରମ୍ଭ ହୋଇଅଛି । ଗତବର୍ଷ ଏମାନଙ୍କୁ ଅଧୀନ କରିବାର ଯେ ଉପାୟମାନ ହୋଇଥିଲା ଏଥିରୁ ଦେଖାଯାଏ ଯେ ସେ ସମସ୍ତ ସ୍ଥାୟୀ କାର୍ଯ୍ୟକର ହୋଇ ନାହିଁ ବରଂ ଏହାଙ୍କ ଉତ୍ପାତ ପୂର୍ବବର୍ଷଠାରୁ କିଛି ଶୀଘ୍ର ଆରମ୍ଭ ହେଲା କାରଣ ଅବଧି ଅକ୍ଟୋବର ମାସ ହେବାକୁ ଦେଢ଼ମାସ ବିଳମ୍ବ ଅଛି । ଗବର୍ଣ୍ଣମେଣ୍ଟ ସେମାନଙ୍କୁ ଅସଭ୍ୟ ଜାଣି କିଛିର ଦୟା ପ୍ରକାଶ କରୁଥିବାରୁ ଏପରି ଘଟୁଅଛି । ଅତେବ ତାହାଙ୍କୁ ଉତ୍ତମଶିକ୍ଷା ଦେବାର ଉଚିତ ।

---

ରଥଯାତ୍ରା ସମ୍ପର୍କରେ ପୁରୀ ମାଜିଷ୍ଟ୍ରେଟଙ୍କର କୈଫିୟତରୁ ଯେ ସମସ୍ତ ସଂଶୟ ଜାତ ହୋଇ ପାରେ ଗତସପ୍ତାହରେ ଆମ୍ଭେମାନେ ଲେଖିଥିଲୁଁ । ସମ୍ପ୍ରତି ଅମୃତବଜାର ପତ୍ରିକା ପାଠ କରି ଦେଖିଲୁଁ ଯେ ତହିଁରେ ସେହି ସମସ୍ତ କଥା ଅତ୍ୟନ୍ତ ସୁନ୍ଦରରୂପେ ଲେଖା ହୋଇଅଛି । ମାଜିଷ୍ଟ୍ରେଟ ଲେଖିଅଛନ୍ତି କି ମ୍ୟାନେଜର ତାହାଙ୍କର କଥା ମାନିଲେ ନାହିଁ । ଏଥିକୁ ସମ୍ପାଦକ ବୋଲନ୍ତି କି ମାଜିଷ୍ଟ୍ରେଟଙ୍କ ପରି ଭୟଙ୍କର ହାକିମଙ୍କ ଆଜ୍ଞା ନ ମାନିବା କଥା କଦାଚ ବିଶ୍ୱାସ ହୋଇ ନ ପାରେ । ମନ୍ଦିରର କର୍ମଚାରୀମାନେ କି ଏତେ ପାଗଳ ବା ଅବାଧ୍ୟ ଅଟନ୍ତି ଏବଂ ମାଜିଷ୍ଟ୍ରେଟ କି ଏମନ୍ତ ତୁଚ୍ଛ ଓ ଅକର୍ମଣ୍ୟ ଯେ କନଷ୍ଟେବଲଠାରୁ ତାହାଙ୍କୁ ଊଣା ମାନ୍ୟ ବା ଭୟ କରନ୍ତି ? ଆଉ ଯେବେ ବାସ୍ତବରେ ମ୍ୟାନେଜର ତାହାଙ୍କ ଆଜ୍ଞା ମାନି ନ ଥାନ୍ତେ ତେବେ କି ସେ ରଥଯାତ୍ରା ଯଥାର୍ଥରେ ବନ୍ଦ କରି ଦଅନ୍ତେ ଏବଂ ଏପରି କ୍ଷମତା ମାଜିଷ୍ଟ୍ରେଟଙ୍କୁ ଗବର୍ଣ୍ଣମେଣ୍ଟ ଦେଇ ପାରନ୍ତି କି ? ମୂଳକଥା ଏହି ଯେ ଆମ୍ଭମାନଙ୍କ ଶାସନକର୍ତ୍ତାମାନେ ଦେଶୀୟ ଲୋକଙ୍କୁ ଚିହ୍ନନ୍ତି ନାହିଁ । ସେମାନଙ୍କୁ ସର୍ବଦା ମନେ ରଖିବାର ଉଚିତ କି ଦେଶୀୟ ଲୋକଙ୍କ ଠାକୁର ଏବଂ ଧର୍ମପ୍ରତି କୌଣସିରୂପେ ହସ୍ତକ୍ଷେପଣ ନ କରିବା ଭଲ ।

---

ଡେଲିନ୍ୟୁସ ଥରେ ଲେଖିଥିଲେ କି ଦେଶୀୟ ଲୋକମାନେ ଏମନ୍ତ ମାମଲାପ୍ରିୟ ଯେ ମାମଲା କରିବାର ସୁଯୋଗ ନ ପାଇଲେ ତାହାଙ୍କ ସୁଖ ବହୁପରିମାଣରେ ଊଣା ହୋଇ ଯିବ । ଏଥିକୁ ଅମୃତବଜାର ପତ୍ରିକା କହୁଅଛନ୍ତି ଯେ ଦେଶୀୟ ଲୋକଙ୍କର ମାମଲାପ୍ରିୟତାରେ ଗବର୍ଣ୍ଣମେଣ୍ଟଙ୍କର ଅଲାଭ ନାହିଁ ବରଂ ତହିଁରୁ ଯେତେ ଅଧିକ ହୋଇ ପାରେ ଲାଭ କରିବାର ଉପାୟ ସର୍ବଦା ଲାଗିଅଛି । ଗବର୍ଣ୍ଣମେଣ୍ଟ ରାଜସ୍ୱ ନେଉଥିବା ସ୍ଥଳରେ ଭୂମିସଂକ୍ରାନ୍ତ ମାମଲାରେ ଖର୍ଚ୍ଚା ନେବା ଉଚିତ ନୁହଇ ମାତ୍ର ତହିଁପ୍ରତି କେହି ଦୃଷ୍ଟି କରୁ ନାହାନ୍ତି । ଅନୁମାନ ହୁଅଇ ଯଦ୍ୟପି ଗବର୍ଣ୍ଣମେଣ୍ଟ ମାମଲା ଖର୍ଚ୍ଚା ଏତାବେଳକେ ଆହୁରି ଅଧିକ ବୃଦ୍ଧି କରନ୍ତେ ତେବେ କେ ଜାଣି ଅବା ଲୋକେ ଆପଣା ଭ୍ରମ ଜାଣି ପାରି ମାମଲାରୁ କ୍ଷାନ୍ତ ରହନ୍ତେ । ଆମ୍ଭେମାନେ ସ୍ୱୀକାର କରୁ କି ମାମଲାର ଖର୍ଚ୍ଚା ବୃଦ୍ଧିଦ୍ୱାରା ଲୋକଙ୍କର ମାମଲାପ୍ରବୃତ୍ତି ଦମନ ନ ହୋଇ ବରଂ ବୃଦ୍ଧି ହେଉଅଛି । ଧନବାନ୍ ଓ ବଳଶ୍ରୁ ଲୋକ ଅନ୍ୟାୟାଚରଣ କରିବାର ବିଶେଷ ସୁବିଧା ପାଉଅଛି କାରଣ ନିର୍ଦ୍ଧନ ବ୍ୟକ୍ତି ଖର୍ଚ୍ଚା ଭୟରେ ମାମଲାରେ ପଶିବାକୁ ସାହସ କରୁ ନାହିଁ । କୌଣସି ଲାଭର ଆଶା ବିନା ମୋକଦ୍ଦମା ହେବା ଅସମ୍ଭବ ସୁତରାଂ ମାମଲା ଉପରେ ଖର୍ଚ୍ଚା ବୃଦ୍ଧି କରିବା କେବଳ ଦୁଃଖିଙ୍କୁ ଧନବାନ୍ ବ୍ୟକ୍ତିଙ୍କ କରତଳରେ ରଖିବା ଭିନ୍ନ ଅନ୍ୟ କିଛି ନୁହଇ ଏବଂ ଏହି ଯୁକ୍ତିଦ୍ୱାରା ମାମଲା ଉପରେ ଅଗଣ୍ଡୁଆ ଖର୍ଚ୍ଚା ନେବା ଆହୁରି ଅନ୍ୟାୟ ଅଟଇ । ମାମଲାରେ ଯାହାର ଜାଏଲ ହେବ ତାହାଠାରେ ପଛେ ଖର୍ଚ୍ଚା ଆଦାୟ କଲେ ତହିଁରେ କିଛି ଦୋଷ ପ୍ରବର୍ତ୍ତିବ ନାହିଁ ।

---

Digitized by srujanika@gmail.com

## କାବୁଲ ସମାଚାର ।

କାବୁଲରୁ ଏ ସପ୍ତାହରେ ସମ୍ବାଦ ଆସିଅଛି ଯେ ଅମିର ଅବଦୁର ରହମାନଖାନ ଗତ ତା ୧୧ ରିଖରେ ଶେରପୁରରେ ପ୍ରବେଶ ହେଲେ ଏକାବେଳକେ କାବୁଲକୁ ଯାଇଥାନ୍ତେ କିନ୍ତୁ କୋହିସ୍ତାନୀମାନେ ଗତ ରବିବାର ଶୁଭଦିନ ଥିବାର କହିବାରୁ ସେଦିନ ପର୍ଯ୍ୟନ୍ତ ତାବୁଲ ପ୍ରବେଶ କରିବା ସ୍ଥଗିତ ରହିଲା । ଇଂରାଜମାନେ ଯେଉଁ କେଲ୍ଲା କାବୁଲରେ ନିର୍ମାଣ କରିଥିଲେ ତହିଁ ମଧ୍ୟରୁ ଗୋଟିଏ ମାତ୍ର ନଷ୍ଟ ହୋଇ ନାହିଁ ସେ ସମସ୍ତ ଅର୍ପିତ ହେବାରୁ ଅମୀର ଖୁସି ହୋଇଅଛନ୍ତି ଏବଂ ଆମ୍ଭ ଗବର୍ଣ୍ଣମେଣ୍ଟଙ୍କର ଏତାଦୃଶ ଉଦାରକାର୍ଯ୍ୟରେ ତାହାଙ୍କର ଏମନ୍ତ ବିଶ୍ୱାସ ଜନ୍ମିଅଛି ଯେ ସେ ପୂର୍ବପ୍ରାପ୍ତ ଆନୁକୂଲ୍ୟ ନିମିତ୍ତ କତିପୟସଂଖ୍ୟକ ଅଶ୍ୱାରୋହୀ ଲଙ୍କର ସଙ୍ଗେ ନେଇ ରହିଲେ ନାହାନ୍ତି । ଅମୀରଙ୍କ ସଙ୍ଗେ ଦେଖା କରି ଜେନେରଲ ଷ୍ଟିୱାର୍ଟ ସସୈନ୍ୟରେ କାବୁଲରୁ ବାହାର ଅସିଲେ ଯୁସୁଫଖାନ ଏବଂ ଅନ୍ୟ ସରଦାରମାନେ ତାହାଙ୍କ ସଙ୍ଗରେ ତିନମାଇଲ ପର୍ଯ୍ୟନ୍ତ ବାଟ କଢାଇ ଦେବାପାଇଁ ଆସିଥିଲେ । ସୈନ୍ୟମାନେ ଉତ୍ତମ ଅବସ୍ଥାରେ ଏବଂ ଶାନ୍ତଭାବରେ ଫେରି ଅସିଲେ କୌଣସି ଗୋଳମାଳ ହୋଇ ନାହିଁ । ସୈନ୍ୟଙ୍କ ସାମାନ ବହିବା ନିମିତ୍ତ ଅମୀର କେତେକ ପଶୁ ସାହାଯ୍ୟ ଦେଇଅଛନ୍ତି । ନଗରବାସିମାନେ ନୂତନ ଅମୀରଙ୍କ ଅଧୀନରେ ନିରୁଦ୍ବେଗରେ ବାସ କରୁଅଛନ୍ତି ଓ ଖୁସବନା ଯୁଦ୍ଧରେ ଲୋକଙ୍କ ମନ ଯେପରି ବିଚଳିତ ହେବାର ଶଙ୍କା ଥିଲା ତାହା ହୋଇ ନାହିଁ । ଆପାତତଃ ବୋଧ ହୁଅଇ ଯେ ଇଂରାଜଙ୍କ ଫେରି ଅସିବା ବଡ ସନ୍ତୋଷଜନକ ହୋଇ ଅଛି ଏବଂ ଏହି ବନ୍ଦୋବସ୍ତ ଦୀର୍ଘସ୍ଥାୟୀ ହେବ । ଆମ୍ଭେମାନେ ଏକାନ୍ତ ଆଶା କରୁଁ ଯେ ଏହି ବନ୍ଦୋବସ୍ତ ସାର୍ଥକ ହେଉ ।

କାନ୍ଦାହାରର ନୂତନ ସମ୍ବାଦ କିଛି ନାହିଁ । ଆୟୁବଖାନ ଉକ୍ତ ନଗରର ଅତି ନିକଟରେ ଅଛନ୍ତି କିନ୍ତୁ କେଉଁଦିନ ଯୁଦ୍ଧ ଆରମ୍ଭ କରିବେ ତାହା କିଛି ନିଶ୍ଚୟ ଜଣା ନାହିଁ । ଏଣେ ଇଂରାଜ ସେନା ନିରବେ କାନ୍ଦାହାରରେ ପହଞ୍ଚୁ ଅଛନ୍ତି ଏବଂ ଉକ୍ତ ନଗରକୁ ରକ୍ଷା କରିବାର ସମସ୍ତ ବନ୍ଦୋବସ୍ତ ଜେନେରଲ ଫାଏର ସାହେବ ଶୀଘ୍ର କରିବାରେ ତ୍ରୁଟି କରୁ ନାହାନ୍ତି ।

## ଖୋର୍ଦ୍ଧା ବନ୍ଦୋବସ୍ତ ।

ବଙ୍ଗଳାଗବର୍ଣ୍ଣମେଣ୍ଟ ଏ ବନ୍ଦୋବସ୍ତ ସମ୍ପର୍କରେ ଏକ ଦୀର୍ଘ ନିର୍ଦ୍ଧାରଣପତ୍ର ଲେଖି ଗତ ମାସ ତା ୨୮ ରିଖର କଲିକତା ଗେଜେଟରେ ତାହା ପ୍ରକାଶ କରାଇଅଛନ୍ତି । ଆମ୍ଭେମାନେ ଖୋର୍ଦ୍ଧା ବନ୍ଦୋବସ୍ତର ସକଳ ବିଷୟ ଜାଣିବାକୁ ବଡ ବ୍ୟଗ୍ର ଥିଲୁଁ ତହିଁର କାରଣ ଏହି ଯେ ଆମ୍ଭମାନଙ୍କର ଭୂତପୂର୍ବ କମିଶନର ଶ୍ରୀଯୁକ୍ତ ସବକନା ସାହେବ ପୁନଃପୁନ କହୁଥିଲେ ଯେ କଟକ ଓ ଖୋର୍ଦ୍ଧା ଖାସମହାଲର ବନ୍ଦୋବସ୍ତକାର୍ଯ୍ୟ ଅତି ସାବଧାନ ଓ ଚମତ୍କାରରୂପେ କରିବା ସକାଶେ ଉପାୟ କରୁଅଛନ୍ତି ଏବଂ ଏ ଦୁଇ ସ୍ଥାନର ବନ୍ଦୋବସ୍ତ ଓଡିଶାପ୍ରଦେଶର ବନ୍ଦୋବସ୍ତର ଆଦର୍ଶ ସ୍ୱରୂପ ହେବ ଅର୍ଥାତ୍ ଭବିଷ୍ୟତର ବନ୍ଦୋବସ୍ତକର୍ତ୍ତାମାନେ ଏହି ଅନୁକ୍ରମେ ଓଡିଶାପ୍ରଦେଶର ବନ୍ଦୋବସ୍ତ କରିବେ । ଏଥିରୁ କଟକ ଖାସମହାଲର ବନ୍ଦୋବସ୍ତ ଶେଷ ହେବାରେ ତହିଁର ଯେ ଫଳ ଦେଖାଗଲା ତାହା ପାଠକମାନଙ୍କୁ ଜଣାଇ ଅଛୁଁ ଏବଂ ତହିଁ ଲାଗି ଉଭୟ ସରକାର ଓ ପ୍ରଜାଙ୍କର ଯେ କଷ୍ଟ ହୋଇଅଛି ତାହା ସମସ୍ତେ ପ୍ରତ୍ୟକ୍ଷ କରୁଅଛନ୍ତି । ଯେବେ ଏହି ଆଦର୍ଶରେ ସମୁଦାୟ ଓଡିଶାର ବନ୍ଦୋବସ୍ତ ହୁଅନ୍ତା ତାହା ହେଲେ ପ୍ରଜାଙ୍କର କି ଦଶା ହୁଅନ୍ତା ତାହା ଅନୁଭବ କରିବା କଠିନ ନୁହଇ କିନ୍ତୁ ଖୋର୍ଦ୍ଧା ବନ୍ଦୋବସ୍ତର ନିୟମମାନ ଏହି ନିର୍ଦ୍ଧାରଣପତ୍ରରେ ପାଠ କରି ଆମ୍ଭମାନଙ୍କର ବିଶ୍ୱାସ ହେଉଅଛି ଯେ କଟକ ଖାସମହାଲର ବନ୍ଦୋବସ୍ତ ଓଡିଶାର ଆଦର୍ଶ ନ ହୋଇ ଖୋର୍ଦ୍ଧାର ବନ୍ଦୋବସ୍ତ ହେବ ଓ ତହିଁରେ ପ୍ରଜାଙ୍କର ଦୁଃଖ ଅନେକ ଲାଘବ ହେବ ସନ୍ଦେହ ନାହିଁ । ଦୁଃଖର ବିଷୟ ଯେ ବୋର୍ଡର ମେମ୍ବର ଶ୍ରୀଯୁକ୍ତ ଡାମ୍ପିୟର ସାହେବ କଟକ ବନ୍ଦୋବସ୍ତ ଶେଷ ହେଲା ଉତ୍ତାରୁ ଏଠାକୁ ଆସିଥିବା ହେତୁରୁ ହେଉ ଅଥବା ଗୋଟିଏ ନଗରର ବନ୍ଦୋବସ୍ତକୁ ସାମାନ୍ୟ ବିବେଚନା କରିବାରୁ ହେଉ ଏ ବନ୍ଦୋବସ୍ତର ଦୋଷମାନ ହୃଦୟଙ୍ଗମ କରି ସୁଦ୍ଧା ତହିଁର କିଛି ପ୍ରତୀକାର କଲେ ନାହିଁ ମାତ୍ର ଖୋର୍ଦ୍ଧାର ବନ୍ଦୋବସ୍ତପ୍ରଣାଳୀ ଯେ ତାହାଙ୍କ କଷ୍ଟଦର୍ଶିତା ବିବେକ ଓ ନ୍ୟାୟପରତାରୁ ଅନେକାଂଶରେ ଉତ୍କୃଷ୍ଟ ହୋଇଅଛି ତହିଁର ଭୂରି ପ୍ରମାଣ ଗବର୍ଣ୍ଣମେଣ୍ଟଙ୍କ ନିର୍ଦ୍ଧାରଣରୁ ପ୍ରକାଶ ପାଉଅଛି । ସେ ଏଠାକୁ ଆସି ସମସ୍ତ ବୁଝି ବନ୍ଦୋବସ୍ତର ପ୍ରକୃତ ନିୟମମାନ ଶ୍ରୀଯୁକ୍ତ ଟେଲର ସାହେବଙ୍କୁ ବୁଝାଇ ଦେଇ ଯିବାରୁ ସାହେବ ତଦନୁସାରେ କର୍ମ କରି ପ୍ରଶଂସାର ଭାଜନ ହୋଇଅଛନ୍ତି । ମାନ୍ୟବର ଡାମ୍ପିୟର ସାହେବ ଏଠାକୁ ଆସି ନ ଥିଲେ ସ୍ଥାନୀୟ କର୍ମଚାରୀମାନେ କଟକ ପରି ଖୋର୍ଦ୍ଧାରେ ମୁଦା ଦଅଁ ଗଢୁ ଗଢୁ ମାକଡ ଗଢି ଥାନ୍ତେ ।

ଯେହେତୁ ଖୋର୍ଦ୍ଧାର ବନ୍ଦୋବସ୍ତର ନିୟମମାନ ବୋର୍ଡ ଓ ଗବର୍ଣ୍ଣମେଣ୍ଟ ଯଥାଯୋଗ୍ୟ ମନୋଯୋଗ ଓ ବିବେଚନାପୂର୍ବକ ସ୍ଥିର କରିଅଛନ୍ତି ତାହା ଯେ ଓଡିଶାର ଭବିଷ୍ୟତ ବନ୍ଦୋବସ୍ତର ଆଦର୍ଶ ହେବ ଏଥିରେ ସନ୍ଦେହ ନାହିଁ । ଅତଏବ ଏ ବନ୍ଦୋବସ୍ତର ନିୟମମାନ ସର୍ବସାଧାରଣଙ୍କର ଜାଣିବାର ଅତ୍ୟନ୍ତ ଆବଶ୍ୟକ ବୋଲି ଆମ୍ଭେମାନେ ଯଥାସାଧ୍ୟ ସେ ସମସ୍ତ ବିବୃତ କରିବାର ଇଚ୍ଛା କରୁଁ ଓ ଯେ ସବୁ ସମାଲୋଚିତ ନିର୍ଦ୍ଧାରଣରେ ବାହୁଲ୍ୟରୂପେ ଲେଖା ଥିବାରୁ ତହିଁର ସାରାଂଶ ଉଦ୍ଧୃତ କରୁଅଛୁଁ । ଉକ୍ତ ନିର୍ଦ୍ଧାରଣ ଶ୍ରୀଯୁକ୍ତ ଟେଲର ସାହେବଙ୍କ ରିପୋର୍ଟ ଉପରେ ଲେଖା ଯାଇଅଛି ଓ ତାହା ପାଠ କରିବାରେ ଜଣାଯାଏ ଯେ ସାହେବ ପ୍ରଶଂସିତଙ୍କର ନିଜର ମତ ଯାହା ହେଉ ସେ ଖୋର୍ଦ୍ଧାର ପ୍ରକୃତ ଅବସ୍ଥା ଅନୁସନ୍ଧାନ କରିବାରେ କିଛି ମାତ୍ର ତ୍ରୁଟି କରି ନାହାନ୍ତି ଏବଂ ବନ୍ଦୋବସ୍ତ ସମ୍ପର୍କୀୟ ସମସ୍ତ କଥାମାନ ବିସ୍ତାରିତରୂପେ ଜଣାଇବାରେ ଗବର୍ଣ୍ଣମେଣ୍ଟ ଉପଯୁକ୍ତ ଆଜ୍ଞା ଦେବାକୁ ସକ୍ଷମ ହୋଇଅଛନ୍ତି ।

ଶ୍ରୀଯୁକ୍ତ ଟେଲରସାହେବ ପ୍ରଥମେ ଖୋର୍ଦ୍ଧା ବନ୍ଦୋବସ୍ତର ଇତିହାସ ଲେଖିଅଛନ୍ତି । ବିଦ୍ରୋହ ହେତୁ ସନ ୧୮୦୪ ସାଲରେ ଖୋର୍ଦ୍ଧା ଦେଶ ଇଂରାଜଙ୍କ ହସ୍ତଗତ ହେଲା ଏବଂ ସନ ୧୮୧୮ ସାଲରେ ପୁଣିଥରେ ଗବର୍ଣ୍ଣମେଣ୍ଟଙ୍କ ହାତରେ ଅସିଲା ଏଥିପୂର୍ବ ଏହା ସମ୍ବଲପୁରର ରାଣୀ ମୁକ୍ତାଦେଈଙ୍କର ଜାଗିର ଥିଲା । ସନ ୧୮୧୮ ସାଲରେ ଫଷ୍ଟରସାହେବ ଖୋର୍ଦ୍ଧାର ଡେପୁଟୀକଲେକ୍ଟର ହୋଇ ଗୋଟିଏ ବନ୍ଦୋବସ୍ତ କଲେ ଏବଂ ସନ ୧୮୨୦ ସାଲରେ ଉଇଲକିନସନ ସାହେବ ପୂର୍ବଜମା ସ୍ଥିର ରଖି କେବଳ ନୂଆ ଆବାଦଜମି ଉପରେ କର ଧାର୍ଯ୍ୟ କଲେ । ଏହାଙ୍କ ସମୟରେ ଖୋର୍ଦ୍ଧାର ଜମା ଟ୫୧୦୪୦୨ଙ୍କା ହୋଇଥିଲା ଏବଂ ଏହି ଜମା ସନ ୧୮୩୭ ସାଲ ପର୍ଯ୍ୟନ୍ତ ରହିଲା । ପାଞ୍ଚଗଡର ଜମା ଏହି କାଳରେ ଟ୫୧୬୦୦୪ ହୋଇଥିଲା । ସନ ୧୮୩୭

Digitized by srujanika@gmail.com

ସାଲରେ ଖୋରଧାର ପ୍ରକୃତ ବନ୍ଦୋବସ୍ତ ହେଲା । ଏଥିରେ ଖୋରଧା ଓ ପାଇକଗଡ଼ର ମୋଟ ଜମା ଟ ୧୫୦୪୬୮୯ ଙ୍କା ହେଲା । ସନ ୧୮୩୮।୩୯ ସାଲରେ ଲାଖରାଜ ଓ ଟଙ୍କୀ ଜମିର ତଦାରଖ ହେଲା ଏବଂ ତହିଁରେ କେତେ ଜମି ବାଜେୟାପ୍ତ ହେବାରୁ ତାହା ମିଶି ଉକ୍ତ ଦୁଇ ଗଡ଼ର ମୋଟ ଜମା ଟ୧୫୬୦୨୭୯ ଙ୍କା ହୋଇଥିଲା । ଏ ବନ୍ଦୋବସ୍ତର ମିଆଦ ସନ ୧୮୫୭ ସାଲରେ ଶେଷ ହେବାର ଥିବାରୁ ତହିଁ ପୂର୍ବରୁ ପୁନର୍ବାର ଖୋରଧା ବନ୍ଦୋବସ୍ତର ଉଦ୍ୟମ ଲାଗିଲା ମାତ୍ର କେବଳ ନୂତନ ଆବାଦୀ ଜମି ଜରିପ ଓ ବନ୍ଦୋବସ୍ତ ହୋଇ ମୋଟ ଜମା ଟ୧୬୬୮୪୫୯ ଙ୍କା ହେଲା ଓ ଏହି ବନ୍ଦୋବସ୍ତ ସନ ୧୮୮୦ ମସିହା ଅକ୍ଟୁବର ମାସ ତା ୧ ରିଖ ପର୍ଯ୍ୟନ୍ତ ସ୍ଥିର ରହିଲା ।

ଶେଷଲିଖିତ ବନ୍ଦୋବସ୍ତ ଉପରୁ ଅର୍ଥାତ ସନ ୧୮୫୮ ସାଲରେ ଏ ମାହାଲର ଏକ ଅଂଶ ଶ୍ରୀ ଜଗନ୍ନାଥଙ୍କ ସେବା ସକାଶେ ଦିଆଯାଉଥିବା ନଗଦଟଙ୍କା ବଦଳରେ ପୁରୀରାଜାଙ୍କୁ ଦିଆଗଲା ଏବଂ ସେ ସମୟର କମିଶ୍ନର ଶ୍ରୀଯୁକ୍ତ କୋବର୍ଣ୍ଣ ସାହେବଙ୍କର ମାନସ ଥିଲା ଯେ ଉକ୍ତ ଜମିର ଖଜଣା ବୃଦ୍ଧି ଯାହା ହେବ ତହିଁର ସମ୍ପୂର୍ଣ୍ଣଫଳ ଶ୍ରୀଜଗନ୍ନାଥ ପାଇବେ । ତହିଁଉତ୍ତାରୁ ସନ୧୮୬୩ ସାଲରେ ମନ୍ଦିରର ବରକନ୍ଦାଜଙ୍କ ବେତନ ନିମିତ୍ତ ଆଉ କିଛି ଭୂମି ଦିଆଗଲା । ବର୍ତ୍ତମାନ ଟେଲରସାହେବ ପ୍ରସ୍ତାବ କରିଥିଲେ ଯେ ଏ ଜମି ସବୁ ଗବର୍ଣ୍ଣମେଣ୍ଟ ଫେରି ନେଇ ପୂର୍ବେ ଯେତେଟଙ୍କା ମନ୍ଦିରକୁ ଦିଆଯାଉଥିଲା ତେତିକି ବାର୍ଷିକ ସ୍ଥିର ଆମଦାନୀ ହେବାଭଳି ଟଙ୍କା ମର-ଫତଦାରଙ୍କ ଜମା କରି ଦେଲେ ଭଲ ହେବ । ପୂର୍ବେ ଯେ ଜମି ଦିଆଯାଇଥିଲା ତାହା ବଡ ଭ୍ରମ ଥିଲା । ଏହା ପ୍ରଜାଙ୍କ ପ୍ରତି କଷ୍ଟକର ମନ୍ଦିରପ୍ରତି ଅଲାଭକର ଏବଂ ଗବର୍ଣ୍ଣମେଣ୍ଟପ୍ରତି ଅପକାରକ ଥିଲା । ବଙ୍ଗଳା ଗବର୍ଣ୍ଣମେଣ୍ଟ ଏହି ପ୍ରସ୍ତାବରେ ଐକ୍ୟ ହୋଇ ଗବର୍ଣ୍ଣମେଣ୍ଟଇଣ୍ଡିଆକୁ ଲେଖିଲେ ମାତ୍ର ଶେଷଲିଖିତ ଗବର୍ଣ୍ଣମେଣ୍ଟ ତହିଁରେ ସମ୍ମତ ନ ହୋଇ ଉତ୍ତର ଦେଲେ ଯେ ସନ ୧୮୫୭ ସାଲର ବନ୍ଦୋବସ୍ତକୁ ସ୍ଥିର ରଖିବା ଆବଶ୍ୟକ ବୋଲି ସନ ୧୮୭୪ ସାଲରେ ସ୍ଥିର ହୋଇଅଛି ତାହା ପରିବର୍ତ୍ତନ କରିବାର କୌଣସି ହେତୁ ନାହିଁ ଓ ସେ ବନ୍ଦୋବସ୍ତ ସମାଜର ଏକ ବୃହତ ଏବଂ ପ୍ରଧାନଶ୍ରେଣୀର ଇଚ୍ଛାନୁସାରେ ହୋଇଅଛି ଅତଏବ ଟେଲର ସାହେବଙ୍କ ପ୍ରସ୍ତାବ ପରିତ୍ୟକ୍ତ ହେଲା ଏବଂ ମନ୍ଦିରକାର୍ଯ୍ୟ ସକାଶେ ଦିଆଯାଇଥିବା ଜମି ପ୍ରତି ଏହି ବନ୍ଦୋବସ୍ତର କୌଣସି ସମ୍ପର୍କ ନାହିଁ ବୋଲି ଗବର୍ଣ୍ଣମେଣ୍ଟ ସ୍ପଷ୍ଟ ଆଜ୍ଞା ଦେଲେ । ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ବିଚାରରେ ହିନ୍ଦୁସମାଜ ଯେ ଆନନ୍ଦିତ ହେବେ ଏଥିରେ ସନ୍ଦେହ ନାହିଁ ମାତ୍ର ମାନ୍ୟବର ଇଡେନସାହେବଙ୍କପରି ବିଚକ୍ଷଣବ୍ୟକ୍ତିଯେ ଟେଲର ସାହେବଙ୍କ କଥାରେ ଭୁଲି ଯାଇଥିଲେ ବଡ ଆଶ୍ଚର୍ଯ୍ୟର ବିଷୟ ଅଟଇ ।

କ୍ରମଶଃ

---

# ସାପ୍ତାହିକ ସଂବାଦ ।

ଏ ସପ୍ତାହରେ ପ୍ରଚୁର ବୃଷ୍ଟି ହୋଇଅଛି । ଅଥଚ ଅବାରିତ ଆକାଶ ମେଘାଚ୍ଛନ୍ନ ଥିବା ଦିନ ପଡଇ ନାହିଁ । ପ୍ରତିଦିନ ସକାଳରେ ଶୀତ ଓ ରାତ୍ରରେ ଜ୍ୟୋତ୍ସ୍ନା କେବଳ ଅପରାହ୍ନରେ ଏକ୨ ଘଣ୍ଟା ମୁଷଳଧାରରେ ବୃଷ୍ଟି । ଶସ୍ୟାଦି ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଏବଂ କୌଣସି ରୋଗର ପ୍ରାଦୁର୍ଭାବ ନାହିଁ । ମୋଫସଲର ଦୂର ଏବଂ ଆସନ୍ନ ସ୍ଥାନରୁ ସାମାନ୍ୟରୂପ ଓଲାଉଠାର ଖବର ଆସି ଅଛି ।

ଶ୍ରୀଯୁକ୍ତ କମିଶ୍ନର ସାହେବ ଗତ ଶୁକ୍ରବାର ପୁରୀ ଅଞ୍ଚଳକୁ ନୌକାରୋହଣରେ ଯାତ୍ରା କଲେ । ସ୍ୱୟଂ କଣାରକ ପ୍ରଭୃତି କେତେ ସ୍ଥାନ ଦର୍ଶନ କରିବାଉଦେଶରେ ଯାଇ ଅଛନ୍ତି କୌଣସି ବିଶେଷ କାର୍ଯ୍ୟ ହେତୁ ଯାଇଥିବାର ଜଣା ଯାଇ ନାହିଁ ।

ଏଠା କଲେକ୍ଟରୀ ହେଡ କରଣି କର୍ମରେ ବାବୁ ହରିଶ ଚନ୍ଦ୍ର ମୁଖୋପାଧ୍ୟା ଓ ତାଙ୍କ କର୍ମରେ ମେଦନୀପୁର ହେଡ କରଣି ମୁନସି ମଜଫର ହୁସେନ ନିଯୁକ୍ତ ହୋଇ ଅଛନ୍ତି । ହରିଶ ବାବୁ ବର୍ତ୍ତମାନ ଲାଇସେନ୍ସ ଟାକ୍ସ ଧାର୍ଯ୍ୟ କାର୍ଯ୍ୟରେ ନିଯୁକ୍ତ ଥିବାରୁ କଷ୍ଟମ ହେଡ କରଣି ବାବୁ ବେଣୀମାଧବ ବାନାର୍ଯ୍ୟା କଲେକ୍ଟରୀ ହେଡ କରଣି କର୍ମରେ ଓ କଷ୍ଟମରେ ମୁନସି ଗଜନଫର ହୁସେନ ଏକଟିଂ ନିଯୁକ୍ତ ହୋଇ ଅଛନ୍ତି । ହରିଶ ବାବୁ ଟାକ୍ସ କାର୍ଯ୍ୟ ଶେଷ କଲେ ନୂତନ କର୍ମରେ ଉପସ୍ଥିତ ହେବେ । ଏ ବନ୍ଦୋବସ୍ତ ଅତି ଉତ୍ତମ ଓ ସର୍ବ ସନ୍ତୋଷଜନକ ହୋଇ ଅଛି ।

କଲେକ୍ଟର ସାହେବ ସଦର କାନୁନଗୋ କର୍ମର ଯେପରି ବନ୍ଦୋବସ୍ତ କରି ଅଛନ୍ତି ତାହା ସର୍ବ ସନ୍ତୋଷଜନକ ହୋଇ ନାହିଁ । ତାଙ୍କ କଚେରୀର କେତେକ ଉପଯୁକ୍ତ ଅଧଃସ୍ଥ ଅମଲା ସେ କର୍ମର ପ୍ରାର୍ଥୀ ଥିଲେ ମାତ୍ର କଲେକ୍ଟର ସାହେବ କଟକ ତହସିଲର କାନୁନଗୋ ଜଗନ୍ନାଥ ପଢ଼ିଆଙ୍କୁ ସେ ପଦ ପ୍ରଦାନ କରିବାରୁ ଅମଲାମାନଙ୍କର ମନୋବେଦନା ଯଥାର୍ଥମତେ ହୋଇ ଅଛି । ପଢ଼ିଆଙ୍କୁ ଏକର୍ମ ଦେବାର କାରଣ ଏହି ଯେ ସେ ପରିଶ୍ରମୀ ଓ ସତ୍ ଲୋକ ଅଟନ୍ତି ଓ ସଭକାସ କର୍ମ ସନ୍ତୋଷଜନକମତେ ନିର୍ବାହ କରନ୍ତି ଅଧଃସ୍ଥ ଅମଲଙ୍କ ମଧ୍ୟରେ ସେ ଏପରି ଜଣେ କେହି ନାହାନ୍ତି ଏହା ବୋଲି ଯାଇ ନ ପାରେ ଯେବେ ନାହାନ୍ତି ତେବେ ତାହାଙ୍କୁ କର୍ମରେ ଉଠାଇବାର ଉଚିତ ନୁହଇ ସତ୍ୟ ଅଟଇ, ତଥାପି କାର୍ଯ୍ୟକୁଶଳତା ସମସ୍ତ ବିବେଚନା କରିବାର ଉଚିତ । କଲେକ୍ଟର ସାହେବ ଏଥିରେ କେବଳ ପ୍ରଥମ ଗୁଣଟିର ଅଧିକ ପକ୍ଷପାତ କରିଥିବାର ପରିଚୟ ଦେଇ ଅଛନ୍ତି ।

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଜଣାଉଅଛୁଁ ଯେ ଏଠା କ[illegible]ରଙ୍କ ପର୍ସନାଲ୍ ଅଶିଷ୍ଟାଣ୍ଟ ବାବୁ କୈଲାସ ଚନ୍ଦ୍ର ଘୋଷ କଠିନ ପୀଡ଼ା ହେତୁରୁ ଏକ ବର୍ଷର ଫର୍ଲୋ ଦେଇ ଛୁଟୀ ନେଇ ଥିଲେ ଗତ ଶୁକ୍ରବାର ମାନବଲୀଳା ସମାପ୍ତ କଲେ । ଜ୍ୱର ସେଥି ମୃତ୍ୟୁର ସାକ୍ଷାତ କାରଣ ହେଉ ଅଛି ହୋଇଲେ ସେ ବହୁ କାଳରୁ ଗୁରୁତର ପୀଡ଼ାର କ୍ଲେଶଭୋଗ କରୁ ଥିଲେ । ଆପଣା ପରିଶ୍ରମ ଓ କାର୍ଯ୍ୟ କୌଶଳଦ୍ୱାରା ସାମାନ୍ୟ ପଦରୁ ଉଚ୍ଚ ପଦକୁ ଆରୋହଣ କରିବାର ଗୋଟିଏ ଜୀବନ୍ତ ଉଦାହରଣ ଏ ବାବୁ ଥିଲେ ।

ଝୁଲଣ ଯାତ୍ରା ଗତ କାଲି ଶେଷ ହେଲା । ନଗରର ପ୍ରଧାନ ଦେବାଳୟମାନଙ୍କରେ ଯଥାରୀତିରୂପେ ଯାତ୍ରା ହୋଇ ଥିଲା କୌଣସିଠାରେ କିଛି ବିଶେଷ ଆଡ଼ମ୍ବର ଦେଖା ଯାଇ ନାହିଁ ।

ଗତ କାଲି ଏଠା [illegible]ଶାଗାର ପୋଦ୍ଦାରଙ୍କ ଭ୍ରମରେ ଟେଲିଗ୍ରାଫ ଅଫିସର ଉପରିସ୍ଥ ଟ ୬୭ ଙ୍କାର ବିଲ ଆଣି ଟ ୮୭ ଙ୍କା ନେଇ ଗଲା କିନ୍ତୁ ତାହାର କିଛି କ୍ଷଣ ବାଦ ଖଜାଞ୍ଚୀଖାନାର ହିସାବ ନ ମିଳିବାରୁ ଉକ୍ତ ଉପରିସ୍ଥ ଟ୮୭ଙ୍କା ନେଇ ଯାଇ ଥିବାରୁ ତାକୁ ତଲାସ କରିବାରେ ସେ ଟ ୮୭ ଙ୍କା ନେବାର ଖାଜାଞ୍ଚୀଙ୍କପାଖରେ କହିବାର ଶୁଣିଲୁଁ କିନ୍ତୁ ଜଃ ମାଜଷ୍ଟ୍ରେଟ ଓ ଡେଃ କଲେକ୍ଟର ଶୀତଳ ବାବୁଙ୍କ ନିକଟରେ ଯୋବାନବନ୍ଦୀ ସମୟରେ ଟ ୬୭ ଙ୍କା ନେବାର କହିବାରୁ ସେ ବର୍ତ୍ତମାନ ହାଜତରେ ଅଛି । ଟେଲିଗ୍ରାଫ ମାଷ୍ଟର ଟ୬୭ଙ୍କା ବିଲ ମୋତାବକ ପାଇ ଥିବାର କହିଲେ ।

ଉ, ଦ,

ଆଜିକାଲି ମଦଉମାନଙ୍କର ମୃଦର ଶ୍ୱଚ୍ଛପଦୀ ସ୍ୱେଚ୍ଛାଚାର ହେଉଅଛି । ଏମାନେ ଦିବାରାତ୍ର ସର୍ବତ୍ର ଘୂରି ମଧ୍ୟ ବାଲ୍ୟ ପତିରେ କଟେପିଲ ଅଣି ପୁରସ୍କାର ପାଇବାରେ ତୃପ୍ତ ହେଉ ନାହାନ୍ତି । ଗବର୍ଣ୍ଣମେଣ୍ଟ ଯେମନ୍ତ ଏମାନଙ୍କୁ ମାଦକ ଦ୍ରବ୍ୟ ବ୍ୟବହାର କରିବା ନିମନ୍ତେ ଶିକ୍ଷା ଦେଉଅଛନ୍ତି ସେହିପରି ଲୋକଗାରର ଫଦାନ୍ତି କରି ଦେଉଅଛନ୍ତି, କେବଳ ଏମାନଙ୍କ ପରିବାରଙ୍କୁ ପ୍ରତିପୋଷଣ କରିବାର କିଛି ଉପାୟ କରି ଦେଲେ ଆଉ କୌଣସି କଥାରେ ଦୁଃଖ ରହନ୍ତା ନାହିଁ । ପ୍ରାୟ ସର୍ପ ପୁରସ୍କାରରେ ମାସିକ ଟ ୨୦ ଙ୍କା ଲେଖାଏଁ ଗବର୍ଣ୍ଣମେଣ୍ଟଙ୍କର ପଡୁ ଅଛି । ଉ, ଦ,

ଇଣ୍ଡିପେଣ୍ଡେଣ୍ଟ ଶୁଣିଅଛନ୍ତି କି ବଙ୍ଗଳା ଗବର୍ଣ୍ଣମେଣ୍ଟ ପ୍ରତ୍ୟେକ କମିଶ୍ନରଙ୍କ ଏଲକାରେ ଜଣେ ଲେଖାଏ କୋର୍ଟ୍ ଅବ୍ ଓ୍ୱାର୍ଡ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ କରିବାର କଳ୍ପନା କରୁଅଛନ୍ତି । ଏମାନଙ୍କ ବେତନ ମାସକୁ ଟ ୧୦୦୦ଙ୍କା ବା ୧୨୦୦ ଟଙ୍କା ହେବ । ଏମାନେ କି କାର୍ଯ୍ୟ କରିବେ ଓ କେଉଁ ଦିନ ସେମାନଙ୍କୁ ଏ ଶୁଭସମାଚାର ଦିଆଯିବ ପ୍ରକାଶ ପାଇ ନାହିଁ ।

କାବୁଲ ବାଟରେ ମରୁମାନେ ଯେଉଁ ସ୍ଥଳରେ ଗବର୍ଣ୍ଣମେଣ୍ଟଙ୍କର ଦସ୍ତୁର ଟଙ୍କା ଲୁଟି ନେଲେ ତହିଁରେ ଇଂରେଜଙ୍କ ପକ୍ଷରୁ ୧୨ ଜଣ ସିପାହି ଓ ୨୦ ଜଣ କୁଲି ମରି ପଡି ଥିବାର ବର୍ଣ୍ଣିତ ହୁଅଇ ।

ମଧ୍ୟପ୍ରଦେଶରୁ ଖବର ଆସିଅଛି ଯେ ସେ ପ୍ରଦେଶର ସକଳ ସ୍ଥାନରେ ସୁକାଳିକ ହୋଇଅଛି ବର୍ଷା ସଦା ହେଉଅଛି ଏବଂ ବାୟୁ ଶୀତଳ ଅଛି । ବୁଣାବୁଣି କର୍ମ ଶେଷ ହେଲାଣି । କେବଳ ପଶୁ ମଡ଼କ ଲାଗି ରହିଅଛି ।

ଏ ବର୍ଷ ନୀଳ ଚାଷର ଅବସ୍ଥା ଉତ୍ତମ ହୋଇଅଛି । ଅନୁମାନ ହୁଅଇ ଏ ବର୍ଷ କୋଡ଼ିଏ ହଜାର ମହଣ ଉତ୍ପନ୍ନ ହେବ ଗତ ବର୍ଷ କେବଳ ୧୪୦୦୦ ମହଣ ହୋଇଥିଲା ।

କାଶ୍ମୀରର ଦୁର୍ଭିକ୍ଷ ଶେଷ ହେବାର ଜଣା ଯାଏ କାରଣ ସେଠାର ଦାତବ୍ୟାଗାରମାନ ବନ୍ଦ ହୋଇ କେବଳ ଗୋଟିଏ ମାତ୍ର ଖୋଲା ଅଛି ଏବଂ ତହିଁରେ ପ୍ରାୟ ୫୦୦ ଜଣ ଦରିଦ୍ର ଗ୍ରାସାଚ୍ଛାଦନ ପାଉଅଛନ୍ତି ।

Split by PDF Splitter
Digitized by srujanika@gmail.com

ଏକ ସମ୍ବାଦପତ୍ରରେ ଲେଖାଅଛି ଯେ କଲେକ୍ଟର ପର-ଲୋକଗତ ଗୁଣବନ୍ତ ମହାଶୟଙ୍କ ପକ୍ଷରୁ କୋଟିଏ ଟଙ୍କା ମୋକଦ୍ଦମା ଜଜକୋର୍ଟରେ ଉପସ୍ଥିତ ହେବ ଏଥିପାଇଁ ସାହେବଙ୍କ କୋର୍ଟ କରେ ବାରିଷ୍ଟର ନିଯୁକ୍ତ ହୋଇଅଛନ୍ତି । ମୋକଦ୍ଦମାର ଦାବି ଅଠକୋଟି ଟଙ୍କା ଓ ତାହା ସଙ୍ଗୀଙ୍କର ସୁଧ ହୋଇ କହୁଥିବୁ ତୁଅରୁ । ଗବର୍ଣ୍ଣମେଣ୍ଟ ଏ ଟଙ୍କା ଦେଇ ଅଛନ୍ତି । ଏହି ମୋକଦ୍ଦମାରେ ଗୁଣବନ୍ତଙ୍କ ପକ୍ଷରୁ ଦେବା ଅଧିକମିକ ଅଛିକି ନାହିଁ ଏହାର ବିଚାର ହେବ । ପାଞ୍ଚବର୍ଷ ଉତ୍ତାରୁ ପୁଣି ମହାଶୟଙ୍କ କଥା କେଉଁ ମନ ଅନୁବର୍ତ୍ତନ କରିବ ?

ମାନ୍ଦ୍ରାଜରେ ଜଣେ ଦେଶୀୟ ଖ୍ରୀଷ୍ଟିୟାନ ତାହାର ଧର୍ମ-ଯାଜକୀୟ ସୂତ୍ର ଉଚ୍ଛେଦ କରୁଥିବାରୁ ମହାରାଣୀଙ୍କ ସରକାରଙ୍କ ସେ ଅପରାଧୀ ହୋଇ କାରାବାସ ଦଣ୍ଡ ଲଭିଥିବ । କିନ୍ତୁ ଲେଫ୍ଟେଣ୍ଟ ସାହେବଙ୍କ ଅନୁଗ୍ରହରେ ସେ ଖଲାସ ପାଇଲା । ମହାରାଣୀ ଆଜ୍ଞା ଦେଇଅଛନ୍ତି ଯେ ଖ୍ରୀଷ୍ଟିୟାନ ଧର୍ମ ପ୍ରଚାର-କମାନେ ଉତ୍ତଙ୍କଳରୁ ଶ୍ରୀକୃଷ୍ଣ ସମ୍ବନ୍ଧ ପୁସ୍ତକମାନ ବନ୍ଦ କରି ପାରିବେ ନାହିଁ ।

ମାନ୍ଦ୍ରାଜ ଏଥିନିମନ୍ତେ ଲେଖାଅଛି ଯେ ସେଠାର ଜଣେ ହିନ୍ଦୁ ଦେଶୀୟ ଖ୍ରୀଷ୍ଟିୟାନ ପରମାର୍ଥିକ ଗୋଷ୍ଠ ଅଦାଲତରୁ ସାକ୍ଷ୍ୟ ଦେବାକୁ ଯାଇ ବାଇବଲ ଛୁଇଁ ଶପଥ କରିବାକୁ ଅସ୍ୱୀକାର କଲେ ଏବଂ ପରିଶେଷରେ ସାଧାରଣ ପ୍ରତିଜ୍ଞା କଲେ । ବାଇବଲ ପ୍ରତି ତାହାଙ୍କର ମନ କାହିଁକି ଉଠିଗଲା ।

କଲିକତାର ଏକ ସମ୍ବାଦ ପତ୍ରରେ ଲେଖାଅଛି କି ପାଞ୍ଚଜଣ ହିନ୍ଦୁ ଜଣ ଏବଂ ପଣ୍ଡିତମାନଙ୍କର ଏକ ଦଳ ମୁସଲମାନ ଏକ କଲିକତାର ଏକ ଜଣ ହିନ୍ଦୁ କୁଞ୍ଜନାଥ ମିତ୍ର ବାରିଷ୍ଟର ହୋଇ ଅଛନ୍ତି । ମୁସଲମାନଙ୍କ ମଧ୍ୟରେ ଇଉରୋପୀୟ ଶିକ୍ଷାର ବୃଦ୍ଧି ଦେଖିବା ଆହ୍ଲାଦର ବିଷୟ ଅଟଇ ।

ଚୀନର ମନ୍ତ୍ରୀ ଶୀଘ୍ର ରୁଷିୟାର ରାଜଧାନୀରେ ଉପସ୍ଥିତ ହେବାର ସମ୍ବାଦ ଅଛି । ଚୀନ ଓ ରୁଷିୟା ମଧ୍ୟରେ ଯୁଦ୍ଧ ହୋଇ ନଲେ କୋଟିଏ ଉପଲକ୍ଷ ସୂତ୍ର ପୁଣି ଶୀଘ୍ର ପାଇବ ।

ପୁନା ସର୍ବଜନିକ ସଭାର ସ୍ଥାପନକର୍ତ୍ତା ଗଣେଶ ବାସୁ-ଦେବ ଯୋଶୀ ସଂସାରରୁ ଅନ୍ତର ହୋଇ ଥିବାର ସମ୍ବାଦ ଆସିଅଛି । ତାହାଙ୍କ ଶବ ସତ୍କାର ସମୟରେ ପୁନାର ପ୍ରଧାନ କର୍ମ୍ମିମାନେ ଉପସ୍ଥିତ ଥିଲେ ଏବଂ ତାହାଙ୍କ ସମ୍ମାନ ନିମିତ୍ତ ପୁସ୍ତକାଳୟ ବନ୍ଦ ଏବଂ ଅନେକ ଦୋକାନ ବନ୍ଦ ହୋଇଥିଲା ।

କଥିତ ହୁଅଇ ଯେ ଲଣ୍ଡନ ନଗରର ଲୋକଙ୍କ ମଧ୍ୟରେ ଶୀତ ଜ୍ୱର [illegible] ବ୍ୟାପ୍ତ ହେଉଅଛି, ଅର୍ଥାତ ଶତ ଜଣ ମରନ୍ତି ମଧ୍ୟରେ ଏକ ଶହ ଜଣ ଏହି ଜ୍ୱର ଦ୍ୱାରା ମରି ଯାଉଛନ୍ତି । ଅତ୍ୟନ୍ତ ଏହା ଏ ଦୁର୍ଘଟଣାର ହେତୁ ଅଟଇ ।

## ପ୍ରେରିତପତ୍ର ।

ମାନନୀୟ ଶୀଳ ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଏ ଅଧୀନର ନିମ୍ନସ୍ଥ ପଂକ୍ତିଗୁଡ଼ିକୁ ଆପଣଙ୍କ ପତ୍ରିକାର ଏକପାର୍ଶ୍ୱରେ ସ୍ଥାନଦାନ ପୂର୍ବକ ବାଧିତ କରିବା ହେବେ ।

। ପ୍ର । ବୋଦଣ୍ଡା । ମୌ । ସିଦ୍ଧେଶ୍ୱରପୁର ନିବାସୀ ଶ୍ରୀ ଜମିଦାର ରୌଥୁସ୍ତ ନରସିଂହ ପଟ୍ଟନାୟକ ଅଙ୍କଲୁ ପ୍ରାୟ ଏକବର୍ଷ ହେବ ଗ-ବର୍ଣ୍ଣମେଣ୍ଟ ସାହାଯ୍ୟରେ ଗୋଟିଏ ମଧ୍ୟମଶ୍ରେଣୀ ଇଂରେଜୀ ବିଦ୍ୟାଳୟ ସ୍ଥାପନ କରି ଏବଂ ଉକ୍ତ ସ୍କୁଲର ଗୃହ ଓ ଉପକରଣ ପଦାର୍ଥମାନ ନିଜ ବ୍ୟୟରେ ପୂରଣ କରି ଉକ୍ତ ଅଞ୍ଚଳ ନିବାସିମା-ନଙ୍କର ଗୋଟିଏ ପରମୋପକାର ସାଧନ କରି-ଅଛନ୍ତି । ପୂର୍ବୋକ୍ତ ବାବୁ ମହାଶୟ ତାହାଙ୍କର ବିଦ୍ୟାନୁରାଗ, ଲୋକଙ୍କରେ ପ୍ରକାଶପାଳନ ଓ ଗୋଟିଏ ହିତକର କାର୍ଯ୍ୟଦ୍ୱାରା ସମସ୍ତଙ୍କର ପ୍ରଶଂସା ଯୋଗ୍ୟ ହୋଇଅଛନ୍ତି । ସମ୍ପାଦକ ମହାଶୟ । ଆପଣ ମଧ୍ୟ ଓଡ଼ିଶାର ଏହିପରି ଗୋଟିଏ ବ୍ୟକ୍ତିବର୍ଗଙ୍କର ବିଷୟ ପତ୍ରିକାସ୍ଥ କରି ସେମାନଙ୍କର ଉତ୍ସାହ ବର୍ଦ୍ଧନ କରନ୍ତୁ । ଏହି ମୋହର ଏକାନ୍ତ ପ୍ରାର୍ଥନା ।

କଟକ ୧୬।୮।୮୦ } ବଶମ୍ବଦ ଶ୍ରୀଦାମୋଦର ନନ୍ଦ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଏହି କଟକରେ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟା-ସାଗର, ବାବୁ ମହେନ୍ଦ୍ରଚନ୍ଦ୍ର ରାୟ, ବାବୁ ଜଗମୋହନ ରାୟ ପ୍ରଭୃତି ଭଦ୍ର ଲୋକମାନେ ଦାନ ସଂଗ୍ରହ କରି ଗୋଟିଏ ବଙ୍ଗଳା ପୁସ୍ତକର ଲାଇବ୍ରେରୀ ସ୍ଥାପନ କରିଥିଲେ; ଉକ୍ତ ଲାଇବ୍ରେରୀରେ ପ୍ରାୟ ୩।୪ ସହସ୍ର ଟଙ୍କାର ପୁସ୍ତକମାନେ ସଂଗ୍ରହ କରି ସାଧାରଣ ଲୋକମାନଙ୍କର ଗୋଟିଏ ପ୍ରଧାନ ଅଭାବ ମୋଚନ କରିଥିଲେ କିଛିକାଳ ପରେ ବିଦ୍ୟାର ଜାହାଜ ମେଃ ଆରମଷ୍ଟ୍ରଂ ସାହେବ କଟକ ନିବାସୀ ବାବୁ ଈଶାନଚନ୍ଦ୍ର ବାନାର୍ଜ୍ଜୀଙ୍କ ପୁତ୍ର କାଳୀପଦ ବନ୍ଦ୍ୟୋପାଧ୍ୟାୟଙ୍କ ଅଧିକାରରେ ଦେଇ ଯାଇ ଏହି ସାଧାରଣଙ୍କ ସମ୍ପତ୍ତି ତାଙ୍କ ହସ୍ତରେ ଅର୍ପଣ କରିଥିଲେ । ବର୍ତ୍ତମାନ ଉକ୍ତ ସାଧାରଣଙ୍କ ଅର୍ଥରେ ସଂଗୃହୀତ ପୁସ୍ତକମାନ କାଳୀ ବାବୁ ସ୍ୱୋପାର୍ଜ୍ଜିତ ସମ୍ପତ୍ତି ସଦୃଶ ଭୋଗ ଦଖଲ କରୁଅଛନ୍ତି । ସାଧାରଣର ସମ୍ପତ୍ତିରୁ ସାଧାରଣଙ୍କୁ ବଞ୍ଚିତ କରି, ସେ ସ୍ୱୋପାର୍ଜ୍ଜିତ ଅଥବା ପୈତୃକ ସମ୍ପତ୍ତିର ସଦୃଶ ଆତ୍ମ ଭୋଗ କରିବା ଏବଂ ଯଥେଚ୍ଛାନୁ-ସାରେ ଉକ୍ତ ବହୁମୂଲ୍ୟର ପୁସ୍ତକମାନ ନଷ୍ଟ କରିବାର ତାଙ୍କର କି ଅଧିକାର ଅଛି । ଯାହା ହେଉ ଏପରି ଗର୍ହିତ କାର୍ଯ୍ୟ ଏପରି ନ୍ୟାୟବିରୁଦ୍ଧ କାର୍ଯ୍ୟ, ସଭ୍ୟସମାଜରେ ପ୍ରଚଳିତ ହେବା ସାଧା-ରଣ ଆଶ୍ଚର୍ଯ୍ୟର ବିଷୟ ନୁହେ ? ଯାହା ହେଉ ଏହି ବିଷୟ ଆମ୍ଭମାନଙ୍କ ସ୍ଥାନୀୟ କର୍ତ୍ତୃପକ୍ଷୀୟ-ମାନଙ୍କର ବିଶେଷତଃ ମାନନୀୟ ମେଜିଷ୍ଟ୍ରେଟ ମେଃ ଫିସି ସାହେବଙ୍କର ଏ ବିଷୟର ଅନୁସ-ନ୍ଧାନ ନେବା ଏବଂ ସାଧାରଣଙ୍କ ସମ୍ପତ୍ତି କାଳୀ ବାବୁ ସ୍ୱୟଂ ପରିପାକ କରି ନ ପାରିବାର କୌ-ଣସି ବ୍ୟବସ୍ଥା କରିବାର ଉଚିତ ।

ଦ୍ୱିତୀୟତଃ କାଳୀ ବାବୁଙ୍କର ଆଉ ଗୋଟିଏ ଆଶ୍ଚର୍ଯ୍ୟ କାର୍ଯ୍ୟ ଦେଖି ଆମ୍ଭେମାନେ ଆଶ୍ଚର୍ଯ୍ୟ ହେଉଅଛୁଁ । 'ହୁଗେଲିସିଟିପ୍ରେସ' ନାମରେ ଗୋ-ଟିଏ ପ୍ରେସ ସାଧାରଣ ଲୋକମାନଙ୍କର ସାହାଯ୍ୟ-ରେ ଖରଦ ହୋଇ ତାହା ସାଧାରଣଙ୍କ ସମ୍ପତ୍ତି-ରେ ଗଣ୍ୟ ନ ହୋଇ ବର୍ତ୍ତମାନ କାଳୀ ବାବୁ ତାହା ସ୍ୱୋପାର୍ଜ୍ଜିତ ସମ୍ପତ୍ତିର ନ୍ୟାୟ ବ୍ୟବହାର କରୁଅଛନ୍ତି । ବର୍ତ୍ତମାନ ତାହା ସାଧାରଣଙ୍କ ସମ୍ପତ୍ତି ତାହା ତାହାକୁ ଜାଣିବାକୁ ମଧ୍ୟ ଦେଉ ନାହାନ୍ତି । ସ୍ଥାନୀୟ କର୍ତ୍ତୃପକ୍ଷୀୟମାନେ ଏ ପ୍ରେସ କାହାର ଜାଣନ୍ତି ? କାଳୀ ବାବୁ କାହାକରେ ପରିଚୟ ଦେଉଅଛନ୍ତି ? ଯାହା ହେଉ କାଳୀ ବାବୁଙ୍କ ଏପରି ପଦ୍ଧତିରୁ ଫିରନ୍ତୁ ଆମ୍ଭମାନଙ୍କ ବହୁକଥ କରଣା ଅଛି କରି ସାଧାରଣର ସାଧାରଣ ପ୍ରେସର ବିଷୟରେ ମନୋଯୋଗୀ ହେବା ଉଚିତ ।

ତୃତୀୟତଃ ଉର୍ଦ୍ଦୁ ସ୍କୁଲ ଯେତେବେଳେ ଉଠି ଗଲା ସେତେବେଳେ ଉକ୍ତ ସ୍କୁଲର କାହାକୁ ବିକ୍ରି ଦେଇଥିଲା ? ଉକ୍ତ ସ୍କୁଲରେ ଗବର୍ଣ୍ଣମେଣ୍ଟର ଏତେ ଥିଲା ଆମ୍ଭେମାନେ ସ୍ଥାନୀୟ ଇନ୍-ସ୍ପେକ୍ଟରଙ୍କୁ ଅନୁରୋଧ କରୁଁ ସେ ଯେମନ୍ତ ତାହାର ତଦନ୍ତ କରନ୍ତୁ ତାହାଙ୍କୁ ଏ ବିଷୟରେ ଜଣେଷ୍ଣୁ ଦେଖିଲେ ଅବଶ୍ୟ ଆମ୍ଭେମାନେ ଏ କଥା ଲେଫ୍ଟେନାଣ୍ଟ ସାହେବଙ୍କର କର୍ଣ୍ଣରେ ତୋଳାଇବାରେ ତ୍ରୁଟି କରିବା ନାହିଁ । — କ୍ରମଶଃ

କଟକ ୧।୮।୮୦ } ନିବେଦକ ଶ୍ରୀ ଗୋପୀନାଥ ବନ୍ଦ୍ୟୋପାଧ୍ୟାୟ,

---

## ବିଜ୍ଞାପନ ।

ଗବର୍ଣ୍ଣମେଣ୍ଟ ସିକ୍ରେଟାରୀ ସେକ୍ରେଟାରିଏଟ୍ ।

ଏହା ବଙ୍ଗଦେଶରେ ସୁପରିଚିତ ସମ୍ବାଦପତ୍ର [illegible] ଯୋଗ୍ୟ ହୋଇ ଆସୁଅଛି । କଲିକତାର ପ୍ରଧାନ ପ୍ରଧାନ ପ୍ରେସର ଏବଂ ଦେଶୀୟ ଭାଷାଭାଷୀମାନେ ପଢ଼ନ୍ତି । ଉତ୍ତର ବଙ୍ଗର ବୋର୍ଡ ଅଫ ରେଭିନ୍ୟୁ ସମ୍ପାଦକ ଏହାର ନିମିତ୍ତ ପାଇବେ ।—

ଭାଦ୍ରମାସର ସକାଳ ୧୦ଟାଠାରୁ ଖୋଲା ଥିବା । ଅଗ୍ରିମ ୫ ୧୧୯ ଟା । ୧୧ ଅଲଗା ୫ ୨ ଟା । ମୂଲ୍ୟ ଦେବେ ।

---

ଶ୍ରୀ ଏହି ଉତ୍କଳଦୀପିକା ସପ୍ତାହ କଟକ ପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଖ ୧୫ ଶ | ସଂ ୩୫ ସଂଖ୍ୟା

ତା ୨୮ ଦିନ ମାହେ ଅଗଷ୍ଟ ସନ ୧୮୮୦ ମସିହା । ମୁ । ଭାଦ୍ରବ ଦି ୧୫ ନ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୭୲
ମଫସଲପାଇଁ ଡାକମାସୁଲ ଟ ୧୷

ବିଲାତର ଏକ ତାରସମ୍ବାଦ ଅନୁସାରେ ଲର୍ଡ ନର୍ଥବ୍ରୁକ୍ ପାର୍ଲିମେଣ୍ଟ ସଭାରେ ପ୍ରକାଶ କଲେ କି ସମ୍ପ୍ରତି ମାନ୍ଦ୍ରାଜ ସକାଶେ ଜଣେ ଗବର୍ଣ୍ଣର ନିଯୁକ୍ତ କରିବା ଉଚିତ ହେବ ନାହିଁ ମାତ୍ର ମାନ୍ଦ୍ରାଜ ଓ ବମ୍ବାଇ ନିମିତ୍ତ ଲେଫ୍ଟନାଣ୍ଟ ଗବର୍ଣ୍ଣର ନିଯୋଗ କରିବା ପ୍ରସଙ୍ଗ ଭବିଷ୍ୟତରେ ବିଚାର କରିବାର ପ୍ରୟୋଜନ ହେବ । ଭବିଷ୍ୟତ କାର୍ଯ୍ୟ ଆମ୍ଭମାନଙ୍କ ବିବେଚନାରେ ବର୍ତ୍ତମାନ ହେବାର ଉଚିତ ଏଥିରେ ବହୁତ ବ୍ୟୟ ଲାଘବ ହେବ ଅଥଚ ଆଜିକାଲି ରେଲ-ୱେ ଓ ତାରଡାକ ପ୍ରଭାବରେ ଶାସନ-କାର୍ଯ୍ୟର କିଞ୍ଚିନ୍ମାତ୍ର ବ୍ୟାଘାତ ହେବ ନାହିଁ ।

---

ପ୍ରଧାନମନ୍ତ୍ରୀ ଗ୍ଲାଡଷ୍ଟୋନ ସାହେବଙ୍କ ନୂତନ ବଜେଟକୁ ହାଉସ୍ ଅବ୍ କମନସ୍ ମଞ୍ଜୁର କଲେ । ଇଂଲଣ୍ଡ ଭାରତବର୍ଷକୁ ଅଫଗାନ ଯୁଦ୍ଧର ବ୍ୟୟ ନିମିତ୍ତ କି ସାହାଯ୍ୟ ଦେବେ ତାହା ଏଥିରେ ନିରୂପଣ ହେବ ବୋଲି ସମସ୍ତଙ୍କର ଆଶା ଥିଲା ମାତ୍ର ତାହା କିଛି ଏ ବଜେଟରୁ ଜଣାଗଲା ନାହିଁ । ସର୍ ଜର୍ଜ୍ କାମ୍ପଲ ଏ ସମ୍ପର୍କରେ ପ୍ରଶ୍ନ କରିଥିଲେ ମାତ୍ର ଗ୍ଲାଡଷ୍ଟୋନ ସାହେବ ଉତ୍ତର କଲେ କି ଅଫଗାନ ଯୁଦ୍ଧର ବ୍ୟୟ ନିଶ୍ଚୟରୂପେ ଜଣାଯିବା ପର୍ଯ୍ୟନ୍ତ କୌଣସି ତର୍କବିତର୍କ ହୋଇ ନ ପାରେ । ଅଫଗାନ ଯୁଦ୍ଧର ବ୍ୟୟ ଯଦ୍ୟପି କି ନିଶ୍ଚୟ ହୋଇ ନାହିଁ ମାତ୍ର ସେ ସମ୍ବନ୍ଧରେ ତର୍କ ହେଉଅଛି ଇଣ୍ଡିଆରେ ଜଣାଯାଏ ଯେ ଆଗାମୀ ଅକ୍ଟୋବର-ରେ ଯେବେ ଅଫଗାନସ୍ଥାନରୁ ସମସ୍ତ ସେନା ବାହାର ଅସିବେ ତେବେ ଯୁଦ୍ଧର ବ୍ୟୟ ୧୭ କୋଟି ଟଙ୍କା ପର୍ଯ୍ୟନ୍ତ ହେବ ବିଳମ୍ବ ହେଲେ ୨୦ କୋଟି ଟଙ୍କା ପର୍ଯ୍ୟନ୍ତ ହୋଇ ପାରେ ।

---

ସିମଲାରୁ ଅସିଥିବା ଏକ ତାରସମ୍ବାଦରୁ ଜଣାଯାଏ ଯେ ବର୍ତ୍ତମାନ ସକାଶ ଗବର୍ଣ୍ଣମେଣ୍ଟ ଗଣ୍ଡାମକ ସନ୍ଧିର ନିୟମାନୁସାରେ ଖାଇବର ଘାଟି-କୁ ଆପଣା ହସ୍ତରେ ରଖିବାର ସ୍ଥିର କରିଅଛନ୍ତି । ଏଥିକୁ ଗଣ୍ଡାମକର ସନ୍ଧି ୟାକୁବ ଖାନଙ୍କ ସଙ୍ଗେ ହୋଇଥିଲା ଏବଂ ସେ ପଦଚ୍ୟୁତ ହୋଇ ଧରା ହୋଇ ଅସିବାରୁ ସେ ସନ୍ଧି ରହିତ ହେବାର ଅନୁଭବ ହୁଅଇ ଏବଂ ବିଲାତର ସେକ୍ରେଟରୀ ମଧ୍ୟ ଏହି କଥା କହିଅଛନ୍ତି । ପୁନଶ୍ଚ ସେହି ସନ୍ଧି ଅନୁସାରେ କାର୍ଯ୍ୟ ହେବ କିପରି ? ତେବେ କି ସେ ସନ୍ଧି ରହିତ ହୋଇ ନାହିଁ । ଅଫଗାନସ୍ଥାନ ସମ୍ପର୍କରେ ଗବର୍ଣ୍ଣମେଣ୍ଟଙ୍କର ବଡ଼ତ୍ର ଚିତ୍ରକମାନ ଦେଖିବାରେ ଅସୁଅଛି । ଏତେ ଅସ୍ଥିରତା କେବେ ନ ଥିଲା ।

---

ଓଡିଶାର କମିଶନରଙ୍କ ପ୍ରସ୍ତାବ ଏବଂ ଶିକ୍ଷା-ବିଭାଗର ଡାଇରେକ୍ଟରଙ୍କ ଅନୁରୋଧ କ୍ରମେ ବଙ୍ଗଳା ଗବର୍ଣ୍ଣମେଣ୍ଟ ନିମ୍ନଲିଖିତ ପୁସ୍ତକମାନ ଓଡିଆଭାଷାରେ ପ୍ରସ୍ତୁତ ହେବା ନିମିତ୍ତ ଟ ୩୫୦୦୲ ଙ୍କା ମଞ୍ଜୁର କରିଅଛନ୍ତି ଯଥା; ସେକ୍ସ-ପିଅର୍ ତୃତୀୟଖଣ୍ଡ ପ୍ରଶ୍ନାବଳୀ ସହିତ, ବୀଜଗଣିତ ତ୍ରିକୋଣମିତି ଏବଂ ଭୂମିତିତତ୍ତ୍ୱ । କେଉଁ ପୁସ୍ତକ ନିମିତ୍ତ କେତେ ବ୍ୟୟ ମଞ୍ଜୁର ହୋଇ-ଅଛି ବୋଧହୁଅଇ ଜଏଣ୍ଟଇନସ୍ପେକ୍ଟର ତାହା ଜଣାଇବେ ଏ ସବୁପୁସ୍ତକର ବାସ୍ତବରେ ଭାରି ଅଭାବ ଅଛି ଏବଂ ଏସବୁ ପ୍ରକାଶ କରିବା ଭାରି ବ୍ୟୟସାଧ୍ୟ ଏବଂ ଓଡିଶାର ବର୍ତ୍ତମାନାବସ୍ଥାରେ ଉଣା ବିକ୍ରୟ ହେବୁ ଅଲାଭକର ଥିବାରୁ ଗବ-ର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ବିନା ହୋଇ ପାରନ୍ତା ନାହିଁ ଗବର୍ଣ୍ଣମେଣ୍ଟ ବର୍ତ୍ତମାନ ସେ ପକ୍ଷରେ ମନୋଯୋଗୀ ହେବାର ଦେଖି ଆମ୍ଭେମାନେ ଆନନ୍ଦିତ ହେଲୁଁ ଏବଂ ଆମ୍ଭେମାନେ ଆଶା କରୁଁ କି ଶ୍ରୀଯୁକ୍ତ କମିଶନର ସାହେବ ଏବଂ ଜଏଣ୍ଟ ଇନସ୍ପେକ୍ଟର ଏପରି ବନ୍ଦୋବସ୍ତ କରିବେ ଯହିଁରେ କି ଏ ପୁସ୍ତକମାନଙ୍କ ମୁଦ୍ରା-ଙ୍କନ ବିଷୟରେ ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତୃତ୍ୱ ରହିବ ଓ ଗ୍ରନ୍ଥକାରଙ୍କ ହେଳାରୁ କୌଣସି ସମୟରେ ଅପ୍ରାପ୍ତ ହେବ ନାହିଁ ।

---

### ଭାରତବର୍ଷର ବଜେଟ ।

ଏ ବଜେଟ ଗତତ ମାସ ତା ୧୬ ଘଣ୍ଟରେ ବିଲାତର କମନସଙ୍କ ସଭାରେ ଉପସ୍ଥିତ ହୋଇ ଥିଲା । ଲର୍ଡ୍ ହାର୍ଟିଂଟନ ଆୟ ବ୍ୟୟର ବିସ୍ତାରିତ ବର୍ଣ୍ଣନା କରି ସାର କହିଲେ ଯେ ସିବିଲ୍ ଏନ୍ତା-ଜାରେ ବ୍ୟୟ ଲାଘବ ହେବାର ଆଶା ନାହିଁ ଏବଂ ଅଫଗାନ ଯୁଦ୍ଧ ହେତୁରୁ ସୈନିକ ବିଭାଗ ପ୍ରତି ଉଦାରଭାବ ଧାରଣ କରିବାର ଅନାବଶ୍ୟକ ।

Digitized by srujanika@gmail.com

ଦୁର୍ଭିକ୍ଷ ନିବାରଣ ଫଣ୍ଡର ପ୍ରସ୍ତାବ ପରିତ୍ୟକ୍ତ ହେଲା କାରଣ କହି ସକାଶେ ଯେଉଁ ଟଙ୍କା ଅଲଗା ରଖା ଯାଇଥିଲା ତାହା ଋଣ କରିବାର ଆବଶ୍ୟକ ହେଲା । ଲର୍ଡ଼୍ ରିପନଙ୍କ ମତରେ ଆୟ ବ୍ୟୟ ବିଷୟରେ ନୂତନ ଗଡ଼ ଆରମ୍ଭ କରିବାର ସମୟ ଉପସ୍ଥିତ ହୋଇଅଛି ଅତଏବ ସମ୍ପ୍ରତି ଲାଇସେନ୍‌ସ ଟାକ୍‌ସ ଉଠାଇ ଦେବା ଅସମ୍ଭବ । ଅଫଗାନ ଯୁଦ୍ଧର ବ୍ୟୟ ନିର୍ଣ୍ଣୟ କରିବାରେ ଯେଉଁ ଭ୍ରମ ହୋଇଥିଲା ତାହା ହେସାବ ପଦ୍ଧତି ରକ୍ଷିବାର ଦୋଷରୁ ଘଟିଥିଲା । ଅଫଗାନ ଯୁଦ୍ଧର ମୋଟ ବ୍ୟୟ ୫୮ କୋଟି ଟଙ୍କା ଧରାଗଲା ଓ ତାହା କରିବାରେ ନିଲଜଅର୍ଦ୍ଧ ସାଇକୋଟି ଟଙ୍କା ହେଉଅଛି । ପୂର୍ବ ଗବର୍ଣ୍ଣମେଣ୍ଟଙ୍କ ଅଭିଧାନ ହେଲା ଓ ଅନନ୍ତାରୁ ଯୁଦ୍ଧର ଇଷ୍ଟିମେଟ୍ ଏଥିପୂର୍ବ ବିସ୍ତର ଭଣା ହୋଇ ଥିଲା । ବର୍ତ୍ତମାନ ଇଂଲଣ୍ଡର ଖଜଣାଖାନାରୁ ଯାହା ସାହାଯ୍ୟ ଦିଆଯିବ ତାହା ସାମୟିକ ଅଟଇ ଯୁଦ୍ଧର ଠିକ୍ ବ୍ୟୟ ଜଣାଯିବା ପର୍ଯ୍ୟନ୍ତ କୌଣସି ନିଶ୍ଚିତ ପ୍ରସ୍ତାବ ହୋଇ ପାରିବ ନାହିଁ । ଇଂଲଣ୍ଡ ଯାହା ଦେବେ ତାହା ଭାରତବର୍ଷକୁ ଦାନସ୍ୱରୂପ ଦେବେ ନାହିଁ ମାତ୍ର ନ୍ୟାୟପୂର୍ବକ ଦେବେ । ଏଥିଲୁ ଷ୍ଟାନ୍‌ହୋପ୍ ଉର୍ଦ୍ଧ କଲେ ଯେ ତାହା ହେଲେ ଅଫଗାନ ଯୁଦ୍ଧର ସମସ୍ତ ବ୍ୟୟରୁ ଭାରତବର୍ଷକୁ ନିସ୍ତାର ଦେବାକୁ ପଡ଼ିବ । ଭାରତବର୍ଷର ବ୍ୟୟ ଭଣା କରିବା ବିଷୟରେ ଓଟ୍ଲୋ ସାହେବ ପ୍ରସ୍ତାବ କରିଥିଲେ ମାତ୍ର ତାହା ସ୍ଥିର ରହି ପାରିଲା ନାହିଁ । ଫସେଟ ସାହେବ ଗୋଟିଏ ଷଲ୍ କମିଟି ନିଯୁକ୍ତ କରିବାର ପ୍ରସ୍ତାବ କଲେ ଏଥି-ଉତ୍ତାରୁ ଅନ୍ୟ ଏକଦିନକୁ ବଜେଟର ଉର୍ଦ୍ଧ ବିତର୍କ ସ୍ଥଗିତ ରହିଲା ।

ଉପରଲିଖିତ ବିବରଣରୁ ପାଠକମାନେ ଦେଖିବେ ଯେ ନୂତନ ପାର୍ଲିମେଣ୍ଟଠାରୁ ଆମ୍ଭେମାନେ ଯେ ସମସ୍ତ ଉପକାର ପାଇବାର ଆଶା କରିଥିଲୁଁ ସେ ସମସ୍ତ କ୍ରମଶଃ ବିଫଳ ହେଉଅଛି । ସିବିଲ୍ ଏଣ୍ଡବାର ବ୍ୟୟ ଭଣା ହେବ ନାହିଁ ଲାଇସେନ୍‌ସ ଟାକ୍‌ସ ଉଠିବ ନାହିଁ ଅଥଚ ଯହିଁ ନିମିତ୍ତ ତାହା ବସିଥିଲା ଅର୍ଥାତ୍ ଦୁର୍ଭିକ୍ଷ ନିବାରଣ ପାଣ୍ଠି ତାହା ଉଠିଗଲା । ଅଫଗାନ ଯୁଦ୍ଧର ବ୍ୟୟ ଇଂଲଣ୍ଡ କେତେ ସହିବ ତାହା ଶୀଘ୍ର ମୀମାଂସା ହେବାକୁ ନାହିଁ । କେବଳ ଭାରତବର୍ଷୀୟ ମନ୍ତ୍ରୀ କଷ୍ଟ ଦେବାର ଭରସା ଦେଉଅଛନ୍ତି । କେବେ ଗତ ଗବର୍ଣ୍ଣମେଣ୍ଟଙ୍କଠାରୁ ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ଅଧିକ କ କଲେ ଓ ଏମାନେ ସମସ୍ତ ଯାଇବା ପୂର୍ବରୁ ଯେ ସମସ୍ତ ନୀତିପୂର୍ଣ୍ଣ କଥାମାନ କହୁଥିଲେ ସେସବୁ କେଉଁ ଆଡ଼େ ଗଲା । ଅଥବା ଏତେ ଶୀଘ୍ର ଆମ୍ଭମାନଙ୍କର ମତ ପ୍ରକାଶ କରିବା ଅବିଧେୟ ଅଟଇ । ଦଶ ଆଉ କଣ୍ଟକ ଦେଖା ଯାଉ ପୁଣି ସମାଲୋଚନା କରିବା ।

---

## ପଥକର ଇଷ୍ଟିମିଟ ।

ଆଗାମୀ ବର୍ଷ ସକାଶେ ପଥକର ଆୟ ବ୍ୟୟର ଇଷ୍ଟିମିଟ ରୋଡସେସ୍ କମିଟିଦ୍ୱାରା ସ୍ଥିର ହୋଇଥିବାର ଏଥି ପୂର୍ବେ ପାଠକମାନଙ୍କୁ ଜଣାଇ ଅଛୁଁ ବର୍ତ୍ତମାନ ତହିଁର ସଂକ୍ଷେପ ବିବରଣ ଲେଖୁ ଅଛୁଁ ଯଥା;—

### ଆୟ

| | |
|---|---|
| ସର୍ବୋଚ୍ଚ ଦର ଅର୍ଥାତ୍ ଟଙ୍କାରେ ଦୁଇ ପଇସା ଲେଖାଏ ପଥକର | ଟ ୫୪୯୦୦ |
| ପିଆଦା ମିଥବ | ଟ ୨୦୦୦ |
| ଗବର୍ଣ୍ଣମେଣ୍ଟ ଦର | ଟ ୧୦୦୦ |
| ବିବିଧ ଆୟ | ଟ ୬୨୦ |
| ମୋଟ | ଟ ୫୮୮୨୦ |
| ତହବିଲ ବାକି | ଟ ୨୫୦୦୦ |
| ମୋ ପ ୨ ୬ ଆୟ | ଟ ୮୩୮୨୦ |

### ବ୍ୟୟ

| | |
|---|---|
| ଅମଲେଖାନ | |
| ପଥକର ମହକୁମା | ଟ ୪୯୫୨ |
| ଚିଠିବିଟ ଇଞ୍ଜିନିୟର ଓ ତାଙ୍କ ଅମଲ | ଟ ୧୧୨୬ |
| ଡାକବଙ୍ଗଳା ଏବଂ ତାଙ୍କ ଅମଲ | ଟ ୬୦୦ |
| ଫାରମ ଛପା ଇତ୍ୟାଦି | ଟ ୧୧୧ |
| | ୬୮୮୯ |

### ମରାମତି କର୍ମ

| | |
|---|---|
| ସଡ଼କ ମରାମତି | ଟ ୨୩୬୦୪ |
| ଗ୍ରାମରାସ୍ତା | ଟ ୪୨୦୦ |
| ଅବଶ୍ୟଭାବୀ କର୍ମ ସକାଶେ ସଞ୍ଚୟ | ଟ ୪୧୨୨ |
| ବିଭେଦ ମରାମତି ଦୁଷ ସେପଣ ଇତ୍ୟାଦି | ଟ ୧୧୪୪ |
| | ଟ ୩୩୦୭୦ |

### ନୂତନ କର୍ମ

| | |
|---|---|
| ସଡ଼କ ଓ ପୁଲ ପ୍ରସ୍ତୁତ | ଟ ୨୨୩୧୯ |
| ଗ୍ରାମରାସ୍ତା | ଟ ୮୦୦୦ |
| ଉଦ୍ୟାନ ଇତ୍ୟାଦି | ଟ ୧୨୫୦ |
| | ଟ ୩୨୦୬୯ |
| ଅନ୍ୟାନ୍ୟ କର୍ମ | ଟ ୨୪୬୧ |
| ମୋ ବ୍ୟୟ | ଟ ୮୪୪୨୦ |

ଉପର୍ଯ୍ୟୁକ୍ତ ଇଷ୍ଟିମିଟରେ ପ୍ରକାଶ ଯେ ଆଗାମୀ ବର୍ଷ ମଧ୍ୟ ସର୍ବୋଚ୍ଚ ଦରରେ ପଥକର ସ୍ଥାପିତ ହେବ । ଆଗେ ଉକ୍ତ ଦରରେ ଇଷ୍ଟିମିଟ ପ୍ରସ୍ତୁତ ହୋଇ ପରେ ଦର ଧାର୍ଯ୍ୟ ହେବାର ଗବର୍ଣ୍ଣମେଣ୍ଟ ଯେ ନିଷେଧ କରି ଦେଇଅଛନ୍ତି ତହିଁରେ ପ୍ରତିବର୍ଷ ସର୍ବୋଚ୍ଚ ଦର ଧାର୍ଯ୍ୟ ହେଉଥିବ ଆମ୍ଭେ ଗତବର୍ଷରୁ କହି ଆସି ଅଛୁଁ ଯେ ଏହି ଉଦ୍ଦେଶ୍ୟରେ ଗବର୍ଣ୍ଣମେଣ୍ଟ ଉକ୍ତ ନିଷେଧ କରିଥିବାର ଅନୁମାନ ହେଉଅଛି । ସେ ଯାହା ହେଉ ବର୍ଷକୁ ବର୍ଷ ୨୦।୨୫ ହଜାର ଟଙ୍କା ବଳୁଥିବା ସ୍ଥଳେ ଉଚ୍ଚ ଦରରେ ପଥକର ନେବାର କିଛି ଆବଶ୍ୟକତା ଦେଖା ଯାଉ ନାହିଁ । ରୋଡ଼-ସେସ୍ କମିଟି ଯେତିକି ବ୍ୟୟ କରି ପାରିବେ ସେତିକି କର ନେବାର ଉଚିତ । ଅନର୍ଥକ ଦୁଃଖୀ ପ୍ରଜାଙ୍କୁ ଭିଡ଼ାଇବାର ଉଚିତ ନୁହେ । ଏ ବର୍ଷ ଯଦି ୨୫ ସହସ୍ର ଟଙ୍କା ବଳିବ ଆଗାମୀ ବର୍ଷ ମଧ୍ୟ ସେତିକି ବଳିବାର ସମ୍ଭବ । ତାହା ହେଲେ ଟ ୫୮୦୦୦୯ କା ଖର୍ଚ୍ଚ ହେବ ଏଥିରୁ ଏ ବର୍ଷର ବଳକା ଟ ୨୫୦୦୦୯ କା କାଟି ଦେଲେ ବାକି ଟ ୩୩୦୦୦ ଆବଶ୍ୟକ ଏହା ସ୍ୱଳ୍ପତାରୁ ଦରରେ ଅନାୟାସେ ଉଠି ପାରେ । ଆମ୍ଭେମାନେ ଏ ବିଷୟ ଗତ ବର୍ଷରୁ ପୁନଃପୁନ କହୁଅଛୁଁ ମାତ୍ର କମିଟି ତହିଁପ୍ରତି କିଛି ବିବେଚନା କରୁ ନାହାନ୍ତି ।

ବର୍ଷ ମଧ୍ୟରେ କଟକରୁ ଗଞ୍ଜାମ ପର୍ଯ୍ୟନ୍ତ ସଡ଼କ ମରାମତି ସକାଶେ ସବୁଠାରୁ ଅଧିକ ଟଙ୍କା ଅର୍ଥାତ୍ ଟ ୬୦୦୦୯ କା ଦିଆ ଯାଇଅଛି । ବର୍ତ୍ତମାନ ଏ ରାସ୍ତାରେ ଗତାୟାତ ବେଶୀ ହେଉଅଛି ତାହା ଉତ୍ତମ ଅବସ୍ଥାରେ ରଖିବାର ଅତି ଆବଶ୍ୟକ । ସେ ସଡ଼କକୁ କ୍ରମେ ପକ୍କା କରି ଦେଲେ ଅତ୍ୟନ୍ତ ଭଲ ହେବ । ବନ୍ତବରୁଦ-ଠାରୁ ନାଉଆମୁହଁ ପର୍ଯ୍ୟନ୍ତ ସେ ସଡ଼କ ବର୍ଷା-ଦିନେ ଫାଟି ଯାଏ ଓ ଗତାୟାତରେ ବଡ଼ କଷ୍ଟ ହୁଏ କଦାଚିତ୍ ପକ୍ଷରେ ସେତିକ ପକ୍କା କରିବା ଅଥବା ତହିଁ ଉପରେ ବାଲି ପକାଇ ତାହା ସୁଧାରିବାର ଆବଶ୍ୟକ । ଭରସା କରୁଁ ଯେ ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ସାହେବ ଏଥିପ୍ରତି ମନୋଯୋଗୀ ହେବେ । ଗ୍ରାମରାସ୍ତା ପାଇଁ ଅନେକ ଟଙ୍କା ଦିଆ ହୋଇଅଛି ମାତ୍ର ଆମ୍ଭେମାନେ ପୂର୍ବରୁ ଦେଖି ଆସୁଅଛୁଁ ଯେ ଏ ଟଙ୍କାର ଅଧିକାଂଶ ବ୍ୟୟ ହୁଏ ନାହିଁ । ଆଗାମୀ ବର୍ଷ ଯେପରି ଅଧିକ ବ୍ୟୟ ହୁଏ ସେପରି ବ୍ୟବସ୍ଥା କଲେକ୍ଟର ଓ ଇଞ୍ଜିନିୟର ସାହେବ କରନ୍ତୁ ।

---

## ଖୋରଧା ବନ୍ଦୋବସ୍ତ ।

( ଗତ ପ୍ରକାଶିତ ଉତ୍ତାରୁ )

ଶ୍ରୀ ଟେଲର ସାହେବଙ୍କ ରିପୋର୍ଟର ବ୍ୟାପ୍ତ-ବ୍ଲିଜରେ ନାନା ପ୍ରକାର ବିଷୟର ବର୍ଣ୍ଣନା

Split by PDF Splitter

Digitized by srujanika@gmail.com

15

ଏବଂ ବର୍ତ୍ତମାନ ବନ୍ଦୋବସ୍ତରେ କେଉଁ ହକସ୍ୱତ୍ୱ ପକ୍ଷରେ କି କଥା କହିବାର ଉଚିତ ଏହି ସମସ୍ତ ଲେଖା ଅଛି ଏବଂ ଗବର୍ଣ୍ଣମେଣ୍ଟବଙ୍ଗାଳ ଯେଉଁ ହକସ୍ୱତ୍ୱ ପ୍ରତି ଯେ ଆଜ୍ଞା ଦେଇ ଅଛନ୍ତି ତାହା ବର୍ତ୍ତମାନ ଲେଖୁଅଛୁ ।

୧ ମ । ଲାଖରାଜବାହାଲି ହକସ୍ୱତ୍ୱ । ଏହା ଦୁଇପ୍ରକାରର ଯଥା;—

( କ ) ବ୍ରହ୍ମୋତ୍ତର ଓ ଦାନ କି ଯାହା ପ୍ରଥମେ ଲୋକବିଶେଷକୁ ସମ୍ପୂର୍ଣ୍ଣ ମାଲିକୀ ହକସ୍ୱତ୍ୱ ସହିତ ଦିଆ ହୋଇଥିଲା । ଟେଲର ସାହେବ ପ୍ରସ୍ତାବ କରିଥିଲେ କି ବ୍ରାହ୍ମଣର ପ୍ରତିପୋଷଣ ନିମିତ୍ତ ଦିଆ ହୋଇଥିବା ଜମି ବର୍ତ୍ତମାନ ଅନ୍ୟଜାତିସ୍ଥ ବ୍ୟକ୍ତି ଦଖଲରେ ଦେଖା ଗଲେ ବାଜ୍ୟପ୍ତ ହୋଇ ପାରେ ।

( ଖ ) ଦେବୋତ୍ତର ସଦାବର୍ତ୍ତ ଇତ୍ୟାଦି

ଓଡ଼ିଶାର ଅନ୍ୟାନ୍ୟ ସ୍ଥାନ ପରି ଖୋରଧାରେ ଏପ୍ରକାର ଜମି ଅନେକ ହସ୍ତାନ୍ତର ଓ ଅପବ୍ୟୟ ହୋଇଅଛି ମାତ୍ର କମିଶନର ଓ ବୋର୍ଡ ବିବେଚନା କରନ୍ତି କି ଏଥିର ଭଲପ୍ରତିକାର ହେବା ଆବଶ୍ୟକ ବନ୍ଦୋବସ୍ତ ସଙ୍ଗେ ତାହାଁର କିଛି ସମ୍ପର୍କ ନାହିଁ । ଲେପ୍ଟନେଣ୍ଟଗବର୍ଣ୍ଣର ଏଥିରେ ଐକ୍ୟ ହୋଇ ଧାର୍ଯ୍ୟ କଲେ କି ଗବର୍ଣ୍ଣମେଣ୍ଟ ଯେସ୍ଥଳେ ଲାଖରାଜ ବାହାଲ କରିଅଛନ୍ତି ସେ ସ୍ଥଳେ ପଶ୍ଚାତ ତାହା ଯେପ୍ରକାରେ ଜନେକା ହସ୍ତାନ୍ତରିତ ହେଉ ରାଜସ୍ୱ ବିଷୟରେ ତାହାଁ ସଙ୍ଗେ ଗବର୍ଣ୍ଣମେଣ୍ଟଙ୍କର କିଛି ସମ୍ବନ୍ଧ ନାହିଁ । ବ୍ରହ୍ମୋତ୍ତର ଓ ଦେବୋତ୍ତର ପକ୍ଷରେ ଲୋକଙ୍କର ଯେ କିଛି ଭୟ ଥିଲା ତାହା ଏହାଦ୍ୱାରା ଭାଙ୍ଗିଗଲା ।

୨ ୟ । ଲାଖରାଜ ଅଥବା ଟଙ୍କୀ ହକସ୍ୱତ୍ୱ କି ଯାହା ବାଜ୍ୟାପ୍ତି ଆଇନାନୁସାରେ ତଦାରଖରେ ଆସି ନାହିଁ ।

ଏପ୍ରକାର ହକସ୍ୱତ୍ୱ କେବଳ ଗଡ ହଲଦିଆରେ ଅଛି ଓ ତାହା ମୋଟରେ ଖଣ୍ଡାଏତି ହକସ୍ୱତ୍ୱ ବୋଲି ସ୍ଥିର ହୋଇଥିବାରୁ ତହିଁ ଅନ୍ତର୍ଗତ କୌଣସି ହକସ୍ୱତ୍ୱର ଅନୁସନ୍ଧାନ ବର୍ତ୍ତମାନ ଅନାବଶ୍ୟକ ଅଟଇ ।

୩ ୟ । ବାହାଲୀ ହକସ୍ୱତ୍ୱ କି ଯହିଁ ଉପରେ ଚିରକାଳନିମିତ୍ତ ଅଳ୍ପ ଜମା ଧାର୍ଯ୍ୟ ହୋଇଅଛି ।

ପ୍ରଥମଶ୍ରେଣୀର ଭୂମି ବିଷୟରେ ଯେ ନିୟମ ହୋଇଅଛି ଏହି ଶ୍ରେଣୀ ପକ୍ଷରେ ତାହାର ପ୍ରବର୍ତ୍ତିବ ।

୪ ର୍ଥ । ରୁପାଟଙ୍କା ହକସ୍ୱତ୍ୱ ।

ଶ୍ରୀ ଟେଲର ସାହେବଙ୍କ ପ୍ରସ୍ତାବ ଏହି କି ଏପ୍ରକାର ହସ୍ତକତ୍ୱ ମଧ୍ୟରୁ ଘରବାଡ଼ି ପୁଷ୍କରଣୀ ଜଙ୍ଗଲ ପଡ଼ିଆ ଇତ୍ୟାଦି ଛାଡ଼ି ଦେଇ କେବଳ କୃଷିଜମି ଉପରେ ତହିଁର ନିକଟବର୍ତ୍ତୀ ରଇତି ଜମିର ଖଜଣା ବୃଦ୍ଧିର ଅନୁପାତରେ ଅଧିକା ଜମା ଧାର୍ଯ୍ୟ କରିବେ ଏବଂ ଗବର୍ଣ୍ଣମେଣ୍ଟ ତହିଁରେ ଐକ୍ୟ ହୋଇଅଛନ୍ତି ।

୫ ମ । ବାଜ୍ୟାପ୍ତି ହକସ୍ୱତ୍ୱ କି ଯାହା ପୂର୍ବେ ବାହାଲ ଅଥବା ଅଳ୍ପ କରଯୁକ୍ତ ଥିଲା ଏସବୁ ଜମି ଶେଷ ହେଉଥିବା ବନ୍ଦୋବସ୍ତରେ ଅର୍ଦ୍ଧ ଜମା ଦେଉଥିଲା ଏବଂ ନୂତନ ବନ୍ଦୋବସ୍ତରେ ଏଥି ଉପରେ ପୂର୍ଣ୍ଣ ଜମା ବସିବବୋଲି ଲାଖରାଜ ତଦାରଖର ସର୍ତ୍ତ ଅନୁସାରେ ସ୍ଥିର ହୋଇଥିଲା ମାତ୍ର ବୋର୍ଡଙ୍କ ପ୍ରସ୍ତାବମତେ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି କି ବର୍ତ୍ତମାନର ବନ୍ଦୋବସ୍ତରେ ଏହି ଜମି ରଇତି ହୋଇ ଥିଲେ ତହିଁ ଉପରେ ଯେଉଁ ଜମା ଧାର୍ଯ୍ୟ ହୁଅନ୍ତା ତହିଁର ଏକଶ୍ରେଣୀ ତଳର ଜମା ଏପ୍ରକାର ଜମି ଉପରେ ବସିବ ଅର୍ଥାତ ଲାଖରାଜ ବାଜ୍ୟାପ୍ତି ପ୍ରଥମଶ୍ରେଣୀର ଜମି ଉପରେ ରଇତି ୨ ୟ ଶ୍ରେଣୀର କର ବସିବ ।

୭ ମ । ଖଣ୍ଡାଏତି ଓ ପୁଲିସ ଜାଗିର କି ଯାହା ବାଜ୍ୟପ୍ତ ଯୋଗ୍ୟ ନୁହଇ ମାତ୍ର ସନ୍ତତିକ୍ରମରେ ଚିରକାଳ ନିମିତ୍ତ ଅଜମାରେ ଭୋଗ ହୁଅଇ ଏ ଶ୍ରେଣୀର ଜାଗିରଦାରଙ୍କ ଦାୟିତ୍ୱ ଏବଂ କାର୍ଯ୍ୟ ବିଷୟରେ ନିଶ୍ଚିତ ନିୟମ ହେବ ଓ ତଦନୁସାରେ ଯେପ୍ରକାର କବୁଲିୟତ ଏମାନଙ୍କଠାରୁ ନିଆଯିବ ବୋର୍ଡ ତାହା ପ୍ରସ୍ତୁତ କରି ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁର ସକାଶ ପଠାଇବେ ।

୮ ମ । ଅନ୍ୟ ଜାଗିର ଜମି କି ଯହିଁର ଅଧିକାରୀଙ୍କର ହସ୍ତାନ୍ତର କରିବାର କ୍ଷମତା ନାହିଁ ଓ ଦୁଷ୍କରତ ହେତୁ ମାକୁଲ ହୋଇ ପାରନ୍ତି ।

ଏଥିମଧ୍ୟରେ ନାନା ପ୍ରକାର ଛୋଟ ଛୋଟ ଜାଗିରଦାରମାନେ ଅଛନ୍ତି । ଦଳବେହେରା ଦଳେଇ ପ୍ରଭୃତିଙ୍କ କଥା ପୂର୍ବରୁ ନିଷ୍ପତ୍ତି ହୋଇଅଛି ସେମାନେ ସରବରାହକାରୀ କର୍ମ କରିବେ । ପାଇକମାନଙ୍କର ଜାଗିର ବାହାଲ ରହିବ ଓ ସେମାନେ ଜଙ୍ଗଲ ଜଗିବାର କର୍ମ କରିବେ । ଯେ ଅସ୍ୱୀକାର କରିବ ତାହାର ଜମି ରଇତିରୂପେ ବନ୍ଦୋବସ୍ତ ହେବ । ଗ୍ରାମ ଚୌକିଦାରଙ୍କର ଜାଗିର ଦଳବେହେରା ପ୍ରଭୃତିଙ୍କ ନିୟମାଧୀନ ହେବ ଓ କେତେ ସ୍ଥଳରେ ସେମାନେ କେବଳ ପୋଇଦାର ରଇତ ପ୍ରକାର ହୋଇ ବର୍ତ୍ତମାନ ବନ୍ଦୋବସ୍ତରେ କିଛି ଭାଗ ଜମା ଦେବେ । ତଣ୍ଡକାରଙ୍କ ଜାଗିର ବାହାଲ ରହିବ । ଚୌକିଦାରୀ ଜାଗିର ଏକାବେଳକେ ଉଠି ଯିବ ଓ ଗ୍ରାମବାସିମାନେ ଚୌକିଦାରର ବେତନ ଦେବେ । ଏ ସମସ୍ତ ଜାଗିର ଉପରେ ପୂରା ରଇତି ଜମା ବସିବ କେବଳ ଚୌକିଦାରଙ୍କ ସଂଖ୍ୟା ଓ ବେତନ ସ୍ଥିର ହେବା ପର୍ଯ୍ୟନ୍ତ ଇହାଙ୍କ ଜାଗିରଜମି ସେମାନେ ଭୋଗ କରୁଥିବେ ଓ ଖଜଣା ଉସୁଲ ହେବ ନାହିଁ । କେବଳ ଘଣ୍ଟୁଆଙ୍କ ଜାଗିର ବାହାଲ ରହିବ ମାତ୍ର ପାଞ୍ଚମାଣରୁ ଅଧିକ କେହି ପାଇବ ନାହିଁ । ଲର୍ଡ଼୍ୟାଜମାଢ଼ ଅର୍ଥାତ ବଢ଼େଇ କମାର କୁମ୍ଭାର ଘାଟୁଆଙ୍କ ଜାଗିର ପ୍ରତି ଏହି ନିୟମ ହେଲା ଯେ ବର୍ତ୍ତମାନ ଯେଉଁମାନେ ଏପ୍ରକାର ଜମି ଭୋଗ କରୁଅଛନ୍ତି ସେମାନେ ବଞ୍ଚିଥିବା ପର୍ଯ୍ୟନ୍ତ ଭୋଗ କରିବେ ମାତ୍ର ତାହାଙ୍କ ଉତ୍ତରାଧିକାରୀମାନେ ପୋତଦାର ପ୍ରଜା ସ୍ୱରୂପ କର ଦେବେ । କେବଳ ଯେଉଁମାନେ ଗ୍ରାମବାସିଙ୍କର ଯଥାର୍ଥ କର୍ମ କରିବେ ସେମାନେ କର୍ମ କରୁଥିବା ପର୍ଯ୍ୟନ୍ତ ଜାଗିର ଭୋଗ କରିବେ ।

୯ ମ । ମିରାଦାର ।

ଉକ୍ତ ଜାତିର ପ୍ରଜାମାନଙ୍କୁ ଘର ବାଡ଼ି ଜମି ଅନୁଗ୍ରହ ପୂର୍ବକ ବିନା କରରେ ଦିଆ ଯାଇଥିଲା ଗବର୍ଣ୍ଣମେଣ୍ଟ ଏ ସମସ୍ତ ବାଜ୍ୟାପ୍ତ କରି ପାରନ୍ତି ମାତ୍ର ୭୫ ବର୍ଷ ସେମାନେ ନିଷ୍କର ଭୋଗ କରି ଥିବାରୁ ତାହାଙ୍କ ପ୍ରତି ଦୟା କରିବାର ଆବଶ୍ୟକ ଅତଏବ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇ ଅଛନ୍ତି କି ଏ ଜମି ଉପରେ ଚିରକାଳ ନିମିତ୍ତ ଅର୍ଦ୍ଧଜମା ବସିବ ଓ ସାମ୍ନା ବନ୍ଦୋବସ୍ତରେ ତହିଁର କିଛି ପରିବର୍ତ୍ତନ ହେବ ନାହିଁ । ଗୃହନିର୍ମାଣ ଅଥବା ଘରବାଡ଼ି ଜମିର ଖଜଣା ବର୍ତ୍ତମାନ ଅତି ଉଚ୍ଚ ଅଛି ଓ ଯେହେତୁ ଅଳ୍ପ ଦର ହେଲେ ନାନା ପ୍ରକାର ବ୍ୟବସାୟିମାନେ ଘର କରି ରହିବାକୁ ପ୍ରବୃତ୍ତ ହେବେ ଏବଂ ଚୌକିଦାରୀ ଖର୍ଚ୍ଚ ସେମାନଙ୍କୁ ଦେବାକୁ ପଡ଼ିବ ଅତଏବ ଗବର୍ଣ୍ଣମେଣ୍ଟ ଏପ୍ରକାର ଜମିର ଦର ଯାହା ଟେଲର ସାହେବ ସ୍ଥିର କରି ଥିଲେ ତହିଁର ଅଧେ ଅର୍ଥାତ ପ୍ରଥମଶ୍ରେଣୀ ଗୃହନିର୍ମାଣର ଦର ମାଣକୁ ଟ ୧୬ ଏବଂ ଶେଷ ଅଥବା ପଞ୍ଚମଶ୍ରେଣୀର ଦର ଟ ୬୮ କା ଧାର୍ଯ୍ୟ କରି ଅଛନ୍ତି । କ୍ରମଶଃ

———

ଏ ସପ୍ତାହରେ ଅଫଗାନସ୍ଥାନ ଯୁଦ୍ଧର ସମ୍ବାଦର ଏହି କି କାବୁଲ ଏଲାକାରୁ ଇଂରାଜ ସେନା ବାହାରି ଆସୁଅଛନ୍ତି ମାତ୍ର କନ୍ଦାହାରରେ ସ୍ଥାନିକଗାନ ଯୁଦ୍ଧଲାଗି ଘଡ଼ନାହାନ୍ତି । ସେ ଉକ୍ତ ନଗରର ଭିତରେ ଘେର ରହିଅଛନ୍ତି ଏବଂ ସାମାନ୍ୟରେ ଯୁଦ୍ଧ ଆରମ୍ଭ ହୋଇଅଛି । ଏଥିମଧ୍ୟରେ ଗୋଟିଏ ବଡ଼ ଯୁଦ୍ଧ ହେବାର ସମ୍ପୂର୍ଣ୍ଣ ଲକ୍ଷଣ ଦେଖାଯାଏ ଏବଂ ସେହି ସମ୍ବାଦକୁ ସମସ୍ତେ ଚାହିଁ ରହିଅଛନ୍ତି ।

---

# ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ ଜଳ ଗୁଦାମର ବୃଷ୍ଟି ବନ୍ଦ ଓ ଖରା ହେବାରେ ସୁନ୍ଦ କଣା ଭାଦ୍ରବ ପୁଣି ବୃଷ୍ଟି ଆରମ୍ଭ ହେଲାଣି ଓ ବ୍ରାହ୍ମଣୀ ବୈତରଣୀ ମହାନଦୀ ପ୍ରଭୃତି ସମସ୍ତ ନଦୀ ବୃଦ୍ଧି ହୋଇଅଛି । କଟକର ବୃଦ୍ଧି ଜଳ ଦେବାକୁ ସମସ୍ତେ ଲୋଡୁଅଛନ୍ତି ।

ଶ୍ରୀ ବୈଦ୍ୟନାଥ କାଶୀନାଥଦାସ ଏହି ଭାଗାଙ୍କ ସୁତରାଂ ଶ୍ରୀ ବୈଦ୍ୟନାଥ ଧାମ ଗଡ଼ ଭୂବନେଶ୍ୱର ତୀର୍ଥକୁ ଯାତ୍ରା କଲେ । ଏମାନେ ବାହାର ଯାଇ ନ ପାରି ଆପଣା ସ୍ୱଦେଶାମତେ ଯଜ୍ଞକରିବାରେ ଜଳକୁ ଦେବେ ଓ ସେଠାରୁ ରେଳ ପ୍ରସାଦରେ ଭ୍ରମଣ କରିବାର କୌଣସି ଲୋଡ଼ ନାହିଁ । ଉକ୍ତ ସ୍ଥାନରେ ସମ୍ବାଦ ଜାହାଜ ବଡ଼ ଦୂରବସ୍ଥା ଅଛି ।

ବାବୁ ଜଗବନ୍ଧୁ ଘୋଷଙ୍କ ଘରେ ଗିରା ଜାରଣ ଗବର୍ଣ୍ମେଣ୍ଟ ... ଦେଇ ଅଛନ୍ତି । ... ବନ୍ଦୋବସ୍ତ ହୋଇ ... [illegible]

[illegible]

ଶିଷ୍ଟ ହୋଇଅଛନ୍ତି । ଏହିପରି ଦାନ ଯେଉଁମାନେ କରନ୍ତି ତାହାଙ୍କର ଟଙ୍କା ଜମାଇବାର ସାର୍ଥକ ହୋଇଲେ ଟଙ୍କା ରଖିବା ମାତ୍ର ରଖିବା ସମାନ ।

କମ୍ପେଲେଣ୍ଟ ଶୁଣି ଗଲୁ କି ଷ୍ଟେକମାନଙ୍କ ସଙ୍ଗରେ ରୁଷିଆର ଏକ ମୁଖ ଏଥିମଧ୍ୟରେ ହୋଇଥିବା ତାହିଁରେ ରୁଷୀୟ ଜେନରଲ ସ୍କୋବେଲଫ ଖାନେବଙ୍କର ଏକାହାର ଅନେକ ମନ୍ତ୍ର ପଢ଼ିଲେ ।

ମହାରାଣୀ ସ୍ୱର୍ଣ୍ଣମୟୀ କଲିକତା ଲୁଥରାଣ୍ଟ ଶବ୍ଦ ର ନିର୍ମାଣ ନିମିତ୍ତ ଏକ ସହସ୍ର ଟଙ୍କା ଦାନ କରିଅଛନ୍ତି । ମହାରାଣୀଙ୍କର ଦାନର କଥା ବଙ୍ଗଳାରେ ଉଲ୍ଲେଖ ଉଚିତ ।

କୌଷ୍ଟୁଭର ଭୌମିକ ବରେଶ୍ୱର ... ପ୍ରକାରର ପୁସ୍ତକାଳୟ ନିମିତ୍ତ ଏକ ସହସ୍ର ଟଙ୍କା ଦାନ କରିଅଛନ୍ତି । ଓଡ଼ିଶାର ଧନୀମାନଙ୍କର ନାମ ଏପ୍ରକାରେ ଲେଖିବାକୁ କେବେ ଆମ୍ଭେମାନେ ସକ୍ଷମ ହେବୁଁ ।

ଆମେରିକାରେ ଯେଉଁ ବସ୍ତା ... ମାନେ ପ୍ରସ୍ତୁତ କରି ଅଛନ୍ତି ଅମିର ଅବଦୁର ରହମାନ ତାହାକୁ ଦେଖି ... ଇଂରାଜ ସେନା ... ଦେଶୀୟଙ୍କ ପକ୍ଷରେ ଏହା ... [illegible]

[illegible]

କଷ୍ଟର ଦୂର ହେବ ଯେ ଶରୀର ଅବସ୍ଥାର ଉନ୍ନତି କରି ନିରନ୍ତର ଘାସ ଲଗାଇବାକୁ ଉଚିତ ତାହାର ।

ଦରବାର ମହାରାଜା ... ପୁସ୍ତକ ରଚନା ନିମିତ୍ତ ... ପଣ୍ଡିତମାନେ ... ଆଗାମୀ ଫେବ୍ରୁଆରୀ ତା ୧ ରିଖ ମଧ୍ୟରେ ଏ ସମସ୍ତ ପୁସ୍ତକର ହସ୍ତଲିପି ... ପଠାଇବାକୁ ହେବ ଯଥା— ବୈଜ୍ଞାନିକ ବିଷୟର ... ପୁସ୍ତକ ନିମିତ୍ତ ଟ ୨୦୦, ... ନିମିତ୍ତ ଟ ୧୫୦ ... ନିମିତ୍ତ ଟ ୧୫୦ ଏବଂ ... ନିମିତ୍ତ ଟ ୧୦୦ । ... ମହାରାଜା ଏପ୍ରକାର ... ମନୋଯୋଗୀ ହେଲେ ତାହାଙ୍କର ... ସାର୍ଥକ ହେବ ଓ ତାହାଙ୍କ ହେତୁ ଓଡ଼ିଶାରେ ନୂତନ ପୁସ୍ତକ ଦେଖିବାରେ ଆସିବ ।

[illegible]

NOTICE.

Wanted a 2nd Clerk for the Gurjat Police office at Rs. 25 per mensem. The post will be held out for a competition on the 1st Proximo. No application will be received after the 31st Instant.

| | |
|---|---|
| Gurjat Police office<br>CUTTACK<br>20th August 80. | H. A. COMB'S<br>*District Supdt of Police.* |

---

Wanted a Head Master for the aided middle English School at Jenkia in Pooree, Salary Rs. 20. Applications to be received until the 31st Instant. None need apply who has not passed the University Entrance Examination and has not acquired experience in teaching.

| | |
|---|---|
| CUTTACK,<br>21st Agst. 80. | *By order*<br>BHUVANESWAR DUTT,<br>*Head Clerk.*<br>*Joint Inspector Office.* |

---

ଗବର୍ଣ୍ମେଣ୍ଟ ବିଜ୍ଞାପନ ... [illegible]

---

[illegible]

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୫ ଶ । ସଂଖ୍ୟା ୩୨ ଶ

ତା ୪ ଦିନ ମାହେ ଡିସେମ୍ବର ସନ ୧୮୮୦ ମସିହା । ମୂ । ଉତ୍ତର ଦ ୨୨ ଜ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬୯
ମଫସଲପାଇଁ ଡାକମାସୁଲ ଟ ୧୲୵

ଆମ୍ଭେ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲୁଁ ଯେ ଏଠା ଜେଲଖାନାରେ ତଫାକାଗଜ ପ୍ରସ୍ତୁତ ହୋଇ ସୁଲଭମୂଲ୍ୟରେ ବିକ୍ରୟ ହେଉଅଛି । ଜେଲଦାରୋଗା ଅନୁଗ୍ରହପୂର୍ବକ ଦୁଇଖଣ୍ଡ ନମୁନା ପଠାଇ ଦେଇଥିଲେ । ଆମ୍ଭେମାନେ ପରୀକ୍ଷା କରି ଦେଖିଲୁଁ ଯେ ଉକ୍ତ କାଗଜ ଉତ୍କୃଷ୍ଟ ହୋଇଅଛି । ଏକହାତ ମୋଟ ଅନ୍ୟତ୍ର ପାତଲ। ଦର ମଧ୍ୟ ସୁଲଭ ହୋଇଅଛି କାରଣ ପ୍ରଥମହାତ ଦସ୍ତା ଟ ୦୷୵ ୬ ଏବଂ ଦ୍ୱିତୀୟହାତ ଟ ୦୷ ମାତ୍ର । ଓଡ଼ିଶାରେ ଏହାକୁ ଗୋଟିଏ ନୂତନ କାର୍ଯ୍ୟ ବୋଲିବାକୁ ହେବ । ଭରସା କରୁଁ ସର୍ବସାଧାରଣ ଏହା ବ୍ୟବହାର କରିବାଦ୍ୱାରା ଉତ୍ସାହ ପ୍ରଦାନ କରିବେ ।

---

ଆମ୍ଭମାନଙ୍କ ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କ ଗତ ଗସ୍ତରେ ଗୋଟିଏ ମହତ୍କାର୍ଯ୍ୟ ସାଧିତ ହୋଇଅଛି ସେ ଦରଭଙ୍ଗାର ମହାରାଜା ଏବଂ ତାହାଙ୍କ ଭାଇ ମଧ୍ୟରେ ଯେ ବିବାଦ ଥିଲା ତାହାକୁ ହଲକୋର୍ଡ଼ ଏହିପରି ଭାଙ୍ଗି ଦେଇଅଛନ୍ତି କି ମହାରାଜାଙ୍କ ଭାଇ ନଗଦ ଅଢ଼େଇଲକ୍ଷ ଟଙ୍କା ଏବଂ ବାର୍ଷିକ ଏକଲକ୍ଷ କୋଡ଼ିଏହଜାର ଟଙ୍କା ଉତ୍ପନ୍ନ ହେବା ଭଳି ଖଣ୍ଡିଏ ଗ୍ରାମ ପାଇବେ । ହାକିମମାନେ ମଫସଲ ଗସ୍ତ ସମୟରେ ଯେବେ ହଲକୋର୍ଡ଼ଦ୍ୱାରା ଏପ୍ରକାର ବିବାଦମାନ ଭାଙ୍ଗିବାକୁ ପ୍ରବୃତ୍ତ ହେବେ ତେବେ ଯେ କେତେ ଉପକାର ହେବ ବୋଲି ଯାଇ ନ ପାରେ । ପୂର୍ବର ହାକିମମାନେ ଏହି ପ୍ରକାର କାର୍ଯ୍ୟଦ୍ୱାରା ସର୍ବସାଧାରଣଙ୍କର ଭକ୍ତିଭାଜନ ହେଉଥିଲେ ବର୍ତ୍ତମାନ ହାକିମଙ୍କର ଏ କାର୍ଯ୍ୟପ୍ରତି ଆଦୌ ମନୋଯୋଗ ନାହିଁ । ଆମ୍ଭେମାନେ ଭରସା କରୁଁ ଯେ ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କର ଏ କାର୍ଯ୍ୟଟିକୁ ଜିଲ୍ଲା ହାକିମମାନେ ଅନୁସରଣ କରିବେ । ତାହଦ୍ୱାରା ଅସ୍ମଦ୍ଦେଶୀୟଙ୍କର ବିଲକ୍ଷଣ କ୍ଷତି ହେଉଅଛି ।

---

କୃଷି ଏ ଦେଶର ପ୍ରଧାନ ବ୍ୟବସାୟ ଏବଂ ପ୍ରଧାନ ଜୀବିକା ହେଉଅଛି ଏଥିପାଇଁ ନାନା ସ୍ଥାନର ଗବର୍ଣ୍ଣମେଣ୍ଟ ଲୋକଙ୍କୁ କୃଷିଶିକ୍ଷା ଦେବା ନିମିତ୍ତ ନାନା ଉପାୟ କରୁଅଛନ୍ତି । ଗତ କଲିକତା ଗେଜେଟରେ ଦେଖିଲୁଁ ଯେ ଆମ୍ଭମାନଙ୍କ ଲେଫ୍ଟନାଣ୍ଟ ଗବର୍ଣ୍ଣର ବଙ୍ଗଳା ବେହାର ଏବଂ ଓଡ଼ିଶାର ଲୋକଙ୍କୁ କୃଷିବିଦ୍ୟା ଶିଖାଇବାନିମିତ୍ତ ଗୋଟିଏ ନୂତନ ନିୟମ ପ୍ରଚଳିତ କରିଅଛନ୍ତି ଅର୍ଥାତ୍ ଇଂଲଣ୍ଡର ରଏଲ ଏଗ୍ରିକଲଚରଲ କଲେଜରେ ଅଧ୍ୟୟନ କରିବା ନିମିତ୍ତ ଦୁଇଗୋଟି ବୃତ୍ତି ସ୍ଥାପନ କରିଅଛନ୍ତି । ପ୍ରତ୍ୟେକ ବୃତ୍ତିର ବାର୍ଷିକ ମୂଲ୍ୟ ଟ ୨୦୦୦ ଟଙ୍କା ଏବଂ ଅଢ଼େଇବର୍ଷ ପର୍ଯ୍ୟନ୍ତ ପ୍ରାପ୍ତବ୍ୟ। ଏପରି ଏକହଜାର ଟଙ୍କା ଲେଖାଏ ଯିବା ଆସିବାର ଖର୍ଚ୍ଚ । ଉପରଲିଖିତ ଭିନ୍ନବିଭାଗର ଲୋକଙ୍କ ମଧ୍ୟରୁ ଯେଉଁମାନେ ବିଜ୍ଞାନଶାଖାରେ ବି, ଏ, ପରୀକ୍ଷା ଦେଇଥିବେ ସେହିମାନେ ଏହା ତାହା ପାଇବାକୁ ଯୋଗ୍ୟ ହେବେ । ଆଗାମୀ ଜନଓରୀ ମାସଠାରୁ ଏ ବୃତ୍ତି ଦିଆ ଯିବ । ଶିକ୍ଷାବିଭାଗର ଡିରେକ୍ଟରଙ୍କଠାରେ ଆବେଦନ କରିବାକୁ ହେବ ଏବଂ ଆବେଦନକାରଙ୍କ ମଧ୍ୟରୁ ଲୋକ ନିର୍ବାଚନ କରି ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବା ସକାଶେ ଗୋଟିଏ କମିଟୀ ନିଯୁକ୍ତ ହୋଇଅଛି । ଏ ଗୋଟିଏ ମଙ୍ଗଳକର ବିଧାନ ଅଟଇ । ଓଡ଼ିଶାରୁ କେହି ଯିବାକୁ ସାହସ କରିବେ କି ?

---

ଗତମାସ ତା ୨୫ ରଖରେ ଏଲ୍ଲାହାବାଦରୁ ସମ୍ବାଦ ଆସିଥିଲା କି ୯୦୦ ମୁର ଡାକାୟତ ଲୋକ କଟ ଓ ଶିବ ନଗରମାନ ଏଥି ମଧ୍ୟରେ ଲୁଟି କରିଥିଲେ । କଟରୁ ଗୋ ୨୦ ଟା ବଳଦ ଏବଂ ଶିବରୁ ନଗଦ ଦେଡଲକ୍ଷ ଟଙ୍କା ଲୁଟି ନେଲେ । ତହିଁ ଉତ୍ତାରୁ ସେମାନେ କଟାକରରେ ଅନ୍ୟ ଲୁଟିର ପରାମର୍ଶ କରୁଥିଲେ । ଏକସପ୍ତାହ ହେଲା ସେମାନେ ଏ କାର୍ଯ୍ୟରେ ପ୍ରବୃତ୍ତ ହୋଇଅଛନ୍ତି । ଏମାନଙ୍କୁ ଅଯୃତ୍ତ କରିବା କାରଣ ୨୧୬ ଜଣ ବେଲୁଚ ନିଯୁକ୍ତ ହୋଇଅଛନ୍ତି ।

କାନ୍ଦାହାରରୁ ଆସିଥିବା ଗତମାସ ତା ୨୫ ରଖର ସଂବାଦରୁ ଜଣାଯାଏ ଯେ ନଗରର ପୂର୍ବଭାଗସ୍ଥ ଏକ ଗ୍ରାମରେ ଉକ୍ତମାସ ତା ୧୬ ରଖରେ ଏକସାମାନ୍ୟ ଯୁଦ୍ଧ ହୋଇଥିଲା । ତହିଁରେ ଯେଉଁ ଶିକ୍ଷା ଦିଆ ଗଲା ତଦ୍ଦ୍ୱାରା ସେ ଅଞ୍ଚଳରୁ ଅନ୍ୟ ଉପଦ୍ରବ ନିବାରଣ ହୋଇ ଥିଲେହେଁ ଇଂରାଜଙ୍କର ଅନେକ ଗୁଡ଼ିଏ ଲୋକ ମରି

Digitized by srujanika@gmail.com

Split by PDF Splitter



ପଡଲେ । ଅର୍ଥାତ ୯୮୦ ଜଣ ସିପାହୀ ଏବଂ ୭ ଜଣ ସରଦାର ମରା ପଡଲେ ଏବଂ ଗୃରଜଣ ସରଦାର ସାଂଘାତିକ ଆଘାତ ପାଇଲେ । ଶତ୍ରୁ ପକ୍ଷରୁ ନଗର ମଧ୍ୟରେ ତୋପ ଗୁଳିମାନ ଆସିବାର ବନ୍ଦ ନାହିଁ କିନ୍ତୁ ତଦ୍ଦ୍ୱାରା କିଛି କ୍ଷତି ହେଉ ନାହିଁ । ଏଥିରୁ ଜଣାଯାଏ ଯେ ୟୁଉବ ଖାନ କାନ୍ଦାହାର ଛଡାଇ ନେବାକୁ ଭଗ୍ନ ଆଶା ହୋଇଅଛନ୍ତି । ଏବଂ ଇଂରାଜଙ୍କର ଅନେକ ସେନା ସେ ନଗର ରକ୍ଷା ସକାଶେ ଏକତ୍ରିତ ହେଉଅଛନ୍ତି । ସୁତରାଂ ଆଫଗାନ ଯୁଦ୍ଧ ଶେଷ ହେବାର ବୋଲା ଯାଇ ନ ପାରେ ।

---

## ଗବର୍ଣ୍ଣମେଣ୍ଟ ଜମିଦାର ।

ମେଦିନୀପୁର ଜିଲ୍ଲା ଅନ୍ତର୍ଗତ କାନ୍ଥି ମହକୁମାରେ ପୂର୍ବେ ଯେତେବେଳେ ସରକାରଙ୍କ ପକ୍ଷରୁ ଲବଣ ପ୍ରସ୍ତୁତ ହେଉଥିଲା ସେତେବେଳେ ଅନେକ ଜାଲପାଇ ଜମି ସରକାରଙ୍କ ଖାସ ଦଖଲରେ ଥିଲା । ନିମକୀ ଉଠି ଯିବାରୁ ଗବର୍ଣ୍ଣମେଣ୍ଟ ସେ ଜମିକୁ ପ୍ରଥମେ ଅଳ୍ପ ଜମାରେ ରଇୟତ ଲଗାଇ ଦେଲେ । ଗତ ଦୁଇବର୍ଷ ହେଲା ଗବର୍ଣ୍ଣମେଣ୍ଟ ସେ ସମସ୍ତ ଜମିର ସାନ ବନ୍ଦୋବସ୍ତ କରି ଅତ୍ୟନ୍ତ ଅଧିକ ଖଜଣା ବସାଇଲେ ଏଥିରେ ପ୍ରାୟ ୧୨ ହଜାର ପ୍ରଜାଙ୍କର ଅତ୍ୟନ୍ତ କଷ୍ଟ ହେଲା । ପ୍ରଜାମାନେ ଏପ୍ରକାର ଅତିରିକ୍ତ କରଭାରରୁ ମୁକ୍ତ ହେବାର ଅନ୍ୟ ଉପାୟ ନ ଦେଖି ବର୍ତ୍ତମାନ ଦେଓ୍ୟାନୀ ଅଦାଲତର ସାହାଯ୍ୟ ନେଇଅଛନ୍ତି । ପ୍ରାୟ ତିନିହଜାର ପ୍ରଜା ଗବର୍ଣ୍ଣମେଣ୍ଟଙ୍କ ବିରୁଦ୍ଧରେ ନାଲିଶ କରିଅଛନ୍ତି । ଏଥିରେ ଯେ ପ୍ରଜାଙ୍କର ଭୟାନକ କ୍ଷତି ହେଉଅଛି ତାହା କହିବା ବାହୁଲ୍ୟ କାରଣ ସେମାନେ ଆପଣା ଜୀବନଧାରଣର ଉପାୟ କୃଷିବାସ ଛାଡି ମାମଲାରେ ବନ୍ଦ ହୋଇ ରହିଅଛନ୍ତି ପୁଣି ଗବର୍ଣ୍ଣମେଣ୍ଟଙ୍କ ସଙ୍ଗେ ସମକକ୍ଷ ହୋଇ ଲଢିବା କାରଣ ଅନେକ ଖର୍ଚ୍ଚାନ୍ତ ହୋଇ କଲିକତାରୁ ବାରିଷ୍ଟର ଅଣାଇଅଛନ୍ତି । କାନ୍ଥିର ପ୍ରଜାମାନଙ୍କ ସାହସକୁ ଧନ୍ୟ ବୋଲିବାକୁ ହେବ ଯେ ସେମାନେ ଓଡିଶା ପ୍ରଜାଙ୍କ ପରି କର୍ତ୍ତବ୍ୟ ଭ୍ରାନ୍ତ ନ ହୋଇ ଆପଣା ସ୍ୱତ୍ୱାଧିକାର ରକ୍ଷାପକ୍ଷରେ ଉଚିତ ଉପାୟ ଅବଲମ୍ବନ କଲେ ମାତ୍ର ପ୍ରଜାଙ୍କ ପକ୍ଷରେ କିମ୍ବା ଗବର୍ଣ୍ଣମେଣ୍ଟଙ୍କ ପକ୍ଷରେ ଏ କଥା ଶୋଭନୀୟ ନୁହଇ ପୁଣି ଗବର୍ଣ୍ଣମେଣ୍ଟ ସ୍ୱକଗଜେଣ୍ଟର ପ୍ରଜା ସାମାନ୍ୟ ଜୀବ ଅଟଇ ରାଜା ବିରୁଦ୍ଧରେ ପ୍ରଜା ଲଢି କେତେବେଳେ ଯଶଃ ପାଇବାର ସମ୍ଭାବନା ନାହିଁ ଏଣୁ କରି ଗବର୍ଣ୍ଣମେଣ୍ଟଙ୍କର ଅଧିକ କର୍ତ୍ତବ୍ୟ ଯେ ପ୍ରଜାମାନେ ଦେଇ ପାରିବା ଭଳି କର ତାହାଙ୍କ ଉପରେ ବସାଇ ସେମାନଙ୍କୁ ପୁତ୍ର ପରି ଆପଣା କୋଳକୁ ଟାଣି ନେଉନ୍ତୁ । ଅଦାଲତକୁ ପଠାଇ ଖର୍ଚ୍ଚାନ୍ତ କରାଇବାରେ କି ଫଳ ହେବ ? ଗବର୍ଣ୍ଣମେଣ୍ଟଙ୍କର ସକଳସ୍ଥାନରେ ସୁବିଚାର ଆପଣା ପ୍ରଜା ପ୍ରତି ଏତେ କଠିନ କାହିଁକି ?

---

## ସରକାରୀ ଜାହାଜର ବନ୍ଦୋବସ୍ତ ।

ନାନାଯୋଗୁଁ ଓଡିଶାରେ ରେଲବାଟ ହେଲା ନାହିଁ ଏବଂ ନାଲଦ୍ୱାରା ଗଞ୍ଜାମରୁ କଲିକତା ପର୍ଯ୍ୟନ୍ତ ଯାତାୟାତର ଯେ ସୁବିଧା ହେବାର ଥିଲା ଏବଂ ଯହିଁପାଇଁ ବଙ୍ଗଳାର ଲେଫ୍ଟନେଣ୍ଟ ଗବର୍ଣ୍ଣର ଭାରି ବ୍ୟଗ୍ର ହୋଇ ଥିଲେ ତାହା ମଧ୍ୟ ଦେଖିବାରେ ଆସିଲା ନାହିଁ । ତେବେ କଟକଠାରୁ ଚାନ୍ଦବାଲି ପର୍ଯ୍ୟନ୍ତ ସରକାରୀ ଜାହାଜ ଯାତାୟାତ କରିବାର ଯେଉଁ ବନ୍ଦୋବସ୍ତ ହୋଇଅଛି ଏବଂ ଯହିଁରେ ଗବର୍ଣ୍ଣମେଣ୍ଟଙ୍କର ଲାଭ ହେବାର ଏଥି ମଧ୍ୟରେ ଦେଖାଯାଇଅଛି ତଦ୍ଦ୍ୱାରା ସର୍ବସାଧାରଣଙ୍କର ଗୋଟିଏ ଭାରି ଉପକାର ହୋଇଅଛି ଏବଂ ଯେବେ ଗବର୍ଣ୍ଣମେଣ୍ଟ କର୍ମଚାରୀମାନେ ଯଥୋଚିତ ମନୋଯୋଗୀ ହୁଅନ୍ତି ତେବେ ଏ ବନ୍ଦୋବସ୍ତଦ୍ୱାରା ଯେମନ୍ତ ଲୋକଙ୍କର ବହୁତ ସୁବିଧା ତେମନ୍ତ ସରକାରଙ୍କର ବହୁତ ଲାଭ ହେବ । ଏହି ଜାହାଜବାଟହେତୁ ସମ୍ପ୍ରତି କଟକ ଓ କଲିକତା ଚାରି ପାଞ୍ଚଦିନ ଛଡାରେ ରହିଅଛି ଏବଂ ଏଥିପାଇଁ ଜାହାଜ ଭ୍ରମଣରେ ନାନାକଷ୍ଟ ଥିଲେହେଁ ଲୋକେ ଆଗ୍ରହପୂର୍ବକ ଯାତାୟାତ କରୁ ଅଛନ୍ତି । ସମ୍ପ୍ରତି ଏ ବାଟରେ ଭ୍ରମଣପ୍ରତି ଯେ ସମସ୍ତ ଅସୁବିଧା ଅଛି ତାହା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଆଶା କରୁଁ ଯେ ଶୀଘ୍ର ଏଥିର ଉଚିତ ଉପାୟ ଅବଲମ୍ବିତ ହେବ ।

ପ୍ରତ୍ୟେକ ଲକ୍ଷୁଲଠାରେ ପଥିକମାନଙ୍କ ବ୍ୟବହାର ନିମିତ୍ତ ଖଣ୍ଡିଏଲେଖାଁଏ ଗୃନାଘର ହେବାର ଆବଶ୍ୟକ ଯେ ସେମାନେ ଜାହାଜକୁ ଚାହିଁ ବସିବାବେଳେ ଖରା ବର୍ଷାରୁ ରକ୍ଷା ପାଇବେ । କାରଣ ଜାହାଜ ପହଞ୍ଚିବାର ସମୟ ଠିକ ନ ଥିବାରୁ ପଥିକମାନେ ଦୀର୍ଘକାଳ ଅପେକ୍ଷା କରି ରହନ୍ତି । ଚାନ୍ଦବାଲିରେ ଦୀର୍ଘକାଳ ଜାହାଜ ନ ଅଟକି କେନ୍ଦ୍ରାପଡାରେ ଅଟକିବାର ଉଚିତ କାରଣ ଏଠାରେ ଆହାରର ସମସ୍ତ ଦ୍ରବ୍ୟ ପ୍ରାପ୍ତ ହୁଅଇ ମାତ୍ର ଚାନ୍ଦବାଲି ଜୟୁବଳାରିର ସ୍ଥାନ ନ ଥିବାରୁ ପଥିକମାନେ ବଡ କଷ୍ଟଭୋଗ କରନ୍ତି । ବର୍ତ୍ତମାନ କେବଳ କଲିକତା ଯାତାୟାତର ସୁବିଧା ଦୃଷ୍ଟିରେ ସପ୍ତାହରେ ଏକଥର ଚାନ୍ଦବାଲିକୁ ଜାହାଜ ଯାଉଅଛି କିନ୍ତୁ ଯେବେ ଉକ୍ତ ଦିନରେ ସପ୍ତାହ ମଧ୍ୟରେ ଦୁଇଥର ଜାହାଜ ଯାତାୟାତ କରିବ ତେବେ ମନୁଷ୍ୟ ଓ ବାଣିଜ୍ୟ ଉଭୟ ପକ୍ଷରେ ବହୁତ ସୁବିଧା ହେବ ଏବଂ ଜାହାଜ ବାଟର ଦୁଇପାଖର ଲୋକମାନେ ଇଚ୍ଛା ମଧ୍ୟରେ ଗମନାଗମନ କରିବାକୁ ବିଶେଷ ସୁଯୋଗ ପାଇବେ । ଏ ସମସ୍ତ ଉପାୟ କରିବାରେ ଗବର୍ଣ୍ଣମେଣ୍ଟଙ୍କର କିଛି ଅଧିକା ବ୍ୟୟ ହେବ ସତ୍ୟ ମାତ୍ର ଆମ୍ଭମାନଙ୍କ ଦୃଢବିଶ୍ୱାସ ଯେ ତଦ୍ଦ୍ୱାରା ଅଧିକ ଲାଭ ହେବ । ଆଉ ହାଇଲେବଲ କେନାଲ ଯେତେଦୂର ଫିଟିଅଛି ତହିଁ ମଧ୍ୟରେ ଗମନାଗମନ ସକାଶେ ଖଣ୍ଡିଏ ଧୂଆଁକଳ ଯାହାଜ ନିଯୁକ୍ତ କରିବାର ଉଚିତ ଟଣା ବୋଟ ତେତେ ଶୀଘ୍ର ଯାଏ ନାହିଁ ବୋଲି ଲୋକେ ତହିଁରେ ଭ୍ରମଣ କରିବାକୁ ସୁଖ ପାନ୍ତି ନାହିଁ ସୁତରାଂ ସେ ନାଲଦ୍ୱାରା ଗମନାଗମନର ସୁବିଧା ହେଉ ନାହିଁ ।

---

## ଖୋରଧା ବନ୍ଦୋବସ୍ତ ।

(ଗତପ୍ରକାଶିତ ପରରୁ)

୧୦ ମ । ରଇତ ।

ଖୋରଧାର ତ ଖୋଦକାସ୍ତ ତ ପାହିକାସ୍ତ ଅଧିକାଂଶ ପ୍ରଜାଙ୍କର ଯୋତସ୍ୱତ୍ୱ ଅଛି । ଲେଫ୍ଟନେଣ୍ଟ ଗବର୍ଣ୍ଣରଙ୍କର ଅଭିପ୍ରାୟ ଏହି ଯେ ସମସ୍ତ ପ୍ରଜାଙ୍କର ଏହା ସ୍ୱାଭାବିକ ସ୍ୱତ୍ୱ ଥିଲା ତେବେ ଅନେକ ସମୟରେ ସେମାନେ ଏହା ସ୍ଥାପନ ବା ପ୍ରକାଶ କରିବାକୁ ଅକ୍ଷମ ଥିଲେ । ଆହୁରି ଦେଖାଯାଏ ଯେ ଖୋରଧା ରଇୟତମାନେ ଆପଣା ୨ ଇଚ୍ଛାନୁସାରେ ଆପଣା ଯୋତଭୂମି ବିକ୍ରୟ ବନ୍ଧକ ଏବଂ ବଣ୍ଟନ କରି ପାରନ୍ତି । ସନ ୧୮୭୪ ସାଲର ଗବର୍ଣ୍ଣମେଣ୍ଟ ଅଙ୍କିତମେ କାଳପଟ୍ଟା ସମ୍ବନ୍ଧେ ହସ୍ତାନ୍ତର ସ୍ୱତ୍ୱ ଚଳିତ ହୋଇଅଛି । ଅନ୍ୟାନ୍ୟ ପ୍ରଜାଙ୍କର ମଧ୍ୟ ଏହି ସ୍ୱତ୍ୱ ଅଛି ଏବଂ ଏହାଦ୍ୱାରା କୌଣସି ଅନିଷ୍ଟ ଘଟିନାହିଁ ବରଂ ଟେଲରସାହେବଙ୍କ ରିପୋର୍ଟରୁ ଜଣାଯାଏ ଯେ ସନ ୧୮୬୨ ସାଲରୁ ବଣ୍ଟନ ବନ୍ଧ ପ୍ରଚଳିତ ଥିଲେହେଁ କେବେହିଁ ରଇତର ଯୋତଭୂମି ଊଣା ନ ହୋଇ ବୃଦ୍ଧି ହେବାର ଦେଖାଯାଏ । ସମ୍ପ୍ରତି ଗବର୍ଣ୍ଣମେଣ୍ଟ ଏହି ନିୟମ କଲେ ତ ଯୋତସ୍ୱତ୍ୱ ବିଶିଷ୍ଟ ପ୍ରଜାମାନେ କେବଳ

Digitized by srujanika@gmail.com